DHARITRI
ଭୁବନେଶ୍ୱର, ଗୁରୁବାର, ଜୁଲାଇ ୭/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, July 7/2022 | Page 14 | ₹ 7.00 | ★★★★★★
୪୮ଶ ଭାଗ ୨୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଲୁକ୍‌କୁ ନେଇ ଚର୍ଚ୍ଚା**
'ପୋନ୍ନିୟିନ ସେଲବାନ' ଚଳଚ୍ଚିତ୍ରର ପୋଷ୍ଟରରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଲୁକ୍ ନେଇ ଫିଲ୍ମ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଜୋର୍ ଧରିଛି। ୧୦

୧୪ **ଧାୱନ ଅଧିନାୟକ**
ୱେଷ୍ଟଇଣ୍ଡିଜ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ କ୍ରିକେଟ ସିରିଜ ପାଇଁ ଶିଖର ଧାୱନ ଭାରତୀୟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି।



# ମାଟ୍ରିକ ପାସ୍ ହାର ୯୦.୫୫%



ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପରେ ଖୁସି ମନାଉଛନ୍ତି ଭୁବନେଶ୍ୱର ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର।

- ୮,୧୧୯ ପିଲାଙ୍କୁ ଏ-୧ ଗ୍ରେଡ୍
- ଜଗତ୍‌ସିଂହପୁରରେ ସର୍ବାଧିକ ୯୬.୩୬% ରେଜଲ୍ଟ
- ଛାତ୍ରୀଙ୍କ ପାସ୍ ହାର ୯୨.୩୭%, ଛାତ୍ରଙ୍କ ୮୮.୭୭%
- ତିନୋଟି ସ୍କୁଲରେ ଫଳ ଶୂନ
- ୧୧ରୁ ରିଚେକିଂ ଆବେଦନ

**ଭୁବନେଶ୍ୱର (ବ୍ୟୁରୋ)/ କଟକ ଅଫିସ, ୬।୭**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ପାସ୍ ହାର ୯୦.୫୫ ପ୍ରତିଶତ ରହିଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କଟକ ସ୍ଥିତ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା କରିଥିଲେ। ଚଳିତ ବର୍ଷ ୫ଲକ୍ଷ ୬୮ହଜାର ୮୧୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୫ଲକ୍ଷ ୧୭ ହଜାର ୮୪୭ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ୮,୬୯୯ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ୪୫,୦୯୧ ପିଲା ଏଥର ପରୀକ୍ଷା ଦେଇ ନାହାନ୍ତି। ସେପଟେ ଏଥର ବି ଝିଅମାନେ ପୁଅଙ୍କୁ ପଛରେ ପକାଇଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨,୬୦,୯୭୦ ଜଣ ଛାତ୍ରୀ ଥିବାବେଳେ ୨,୫୬,୮୭୭ ଜଣ ଛାତ୍ର ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ☞ପୃଷ୍ଠା-୪



ଶିବରାମ ପାତ୍ର (୫୯୮)
ନୀଳକଣ୍ଠନଗର ଏସ୍‌ଏସ୍‌ଭିଏମ୍, ବ୍ରହ୍ମପୁର



ପ୍ରତ୍ୟୁଷ କୁମାର ଦାଶ (୫୯୬)
ଭୁବନେଶ୍ୱର ୟୁନିଟ୍-୮ ଏସ୍‌ଏସ୍‌ଭିଏମ୍



ଶାଶ୍ୱତ ସାହୁ (୫୯୫)
ନୀଳକଣ୍ଠନଗର ଏସ୍‌ଏସ୍‌ଭିଏମ୍, ବ୍ରହ୍ମପୁର



ସ୍ୱରୂପା ଜେନା (୫୯୪)
ଜଳେଶ୍ୱର ହାଇସ୍କୁଲ, ବାଲେଶ୍ୱର

# ଦେଢ଼ବର୍ଷରେ ୧୩ ଥର ବୃଦ୍ଧି

## ପୁଣି ୫୦ଟଙ୍କା ବଢ଼ିଲା ଘରୋଇ ଏଲ୍‌ପିଜି ଗ୍ୟାସ୍ ମୂଲ୍ୟ

**ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଏବଂ ବେକାରି ହାର ବୃଦ୍ଧି ଭଳି ପ୍ରମୁଖ ସମସ୍ୟାର ସମାଧାନ ଦିଗରେ କେନ୍ଦ୍ର ସରକାରଙ୍କ ବିଫଳତା ବାରି ହେଉଛି। କିନ୍ତୁ ୧୪.୨ କେ.ଜି.ର ଘରୋଇ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ (ଏଲ୍‌ପିଜି) ସିଲିଣ୍ଡର ମୂଲ୍ୟ ନିୟମିତ ବ୍ୟବଧାନରେ ବଢ଼ିଚାଲିଛି। ଫଳରେ ଦରବୃଦ୍ଧି ଜନିତ ଘୋର ଦୁର୍ଦ୍ଦଶାରେ ଘାଣ୍ଟି ହେଉଥିବା ଜନସାଧାରଣଙ୍କ ଉପରେ ଲଦି ହୋଇଯାଇଛି ଅତିରିକ୍ତ ବୋଝ। ଏହା ଉପଭୋକ୍ତାଙ୍କ ଉପରେ କେନ୍ଦ୍ର ସରକାରଙ୍କ ଯୋଜନାବଦ୍ଧ ମହଙ୍ଗା ମାଡ଼ ବୋଲି ଅନେକେ କ୍ଷୋଭ ପ୍ରକାଶ କରି କହୁଛନ୍ତି। କାରଣ ୨୦୨୧ରୁ ଅଦ୍ୟାବଧି ଦେଢ଼ବର୍ଷ ମଧ୍ୟରେ ୧୩ ଥର ରନ୍ଧନ ଗ୍ୟାସ ମୂଲ୍ୟବୃଦ୍ଧି ଘଟିଲାଣି। ଏଥିଯୋଗୁ ଜୁଲାଇ ୬ ସୁଦ୍ଧା ଏଲପିଜି ନୂଆଦିଲ୍ଲୀରେ ୩୫୯ ଏବଂ ଭୁବନେଶ୍ୱରରେ ୩୫୮.୫ ଟଙ୍କା ମହଙ୍ଗା ହେଲାଣି।**

**ଭୁବନେଶ୍ୱର,୬।୭(ବ୍ୟୁରୋ)**

ଶେଷ ଥର ପାଇଁ ଗତ ମେ ୭ ତାରିଖରେ ୧୪.୨ କେ.ଜି. ଘରୋଇ ଏଲ୍‌ପିଜି ସିଲିଣ୍ଡର ଉପରେ ୫୦ ଟଙ୍କା ବୃଦ୍ଧି ଘଟିଥିଲା। ୨ ମାସ ପରେ ପୁଣି ବୁଧବାର ଏହି ସିଲିଣ୍ଡର ମୂଲ୍ୟ ୫୦ ଟଙ୍କା ବଢ଼ିଛି। ସଦ୍ୟ ଦରବୃଦ୍ଧି ଫଳରେ ଭୁବନେଶ୍ୱରରେ ୧୪.୨ କେ.ଜି. ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୦୨୯ ଟଙ୍କାରୁ ୧୦୭୯ ଟଙ୍କାରେ ପହଞ୍ଚିଛି। ସେହିପରି ମାଲକାନଗିରିରେ ୧୦୮୨.୫୦ ଟଙ୍କା ଏବଂ କାଳିମେଳାରେ ଅତିରିକ୍ତ ୨୦ ଟଙ୍କା ଅଧିକ ପରିବହନ ଖର୍ଚ୍ଚ ନିଆଯାଉଛି। ଅପରପକ୍ଷରେ ୫ କେ.ଜି. ବିଶିଷ୍ଟ ଘରୋଇ ସିଲିଣ୍ଡର ଉପରେ ୧୮ ଟଙ୍କା ବଢ଼ିଥିବାବେଳେ ୧୯ କେ.ଜି. ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ପିଛା ମୂଲ୍ୟ ୮.୫୦ ଟଙ୍କା କମିଛି। ଏହାଦ୍ୱାରା ୫ କେ.ଜି. ଘରୋଇ ସିଲିଣ୍ଡରର ମୂଲ୍ୟ ୩୯୭ ଟଙ୍କା ହୋଇଥିବାବେଳେ ୧୯ କେ.ଜି. ସିଲିଣ୍ଡରର ମୂଲ୍ୟ ୨୧୬୦.୫୦ ଟଙ୍କା ହୋଇଛି। ଚଳିତବର୍ଷ ୪ ଥର ଏବଂ ଗତ ମେ ମାସଠାରୁ ଅଦ୍ୟାବଧି ୩ ଥର ଘରୋଇ ଏଲ୍‌ପିଜି ମୂଲ୍ୟବୃଦ୍ଧି ଘଟିଲାଣି। ସେହିଭଳି ନୂଆଦିଲ୍ଲୀରେ ୧୪.୨ କେ.ଜି. ଏଲ୍‌ପିଜି ସିଲିଣ୍ଡର ଉପରେ ୫୦ ଟଙ୍କା ବୃଦ୍ଧି ପାଇ ୧୦୫୩ ଟଙ୍କାରେ ବିକ୍ରି କରାଯାଉଛି। ☞ପୃଷ୍ଠା-୪

> ଏଲ୍‌ପିଜି ଦର ବୃଦ୍ଧି ଭାଜପା ନେତୃତ୍ୱାଧୀନ ସରକାରଙ୍କ ଜନବିରୋଧୀ ନିଷ୍ପତ୍ତି। କେନ୍ଦ୍ର ମୁଦ୍ରାସ୍ଫୀତି ଜରିଆରେ ଲୋକଙ୍କ ବଜେଟ ଉପରେ ବୁଲ୍‌ଡୋଜର ଚଢ଼ାଉଛି। ସରକାର କେବଳ ହେଡ୍‌ଲାଇନ୍ସ ମ୍ୟାନେଜ୍ କରୁଛନ୍ତି। କିନ୍ତୁ ଅର୍ଥନୀତିର ପରିଚାଳନା କରିପାରୁ ନାହାନ୍ତି।
> -ରାହୁଲ ଗାନ୍ଧୀ, କଂଗ୍ରେସ ନେତା






## ପିଟି ଉଷା, ଇଲାଇୟାରାଜା ରାଜ୍ୟ ସଭାକୁ ମନୋନୀତ

**ନୂଆଦିଲ୍ଲୀ, ୬।୭**

କିମ୍ବଦନ୍ତୀ ଆଥ୍‌ଲେଟ୍ ପି. ଟି. ଉଷା ଏବଂ ସଙ୍ଗୀତ ଉସ୍ତାଦ ଇଲାଇୟାରାଜା ବୁଧବାର ରାଜ୍ୟ ସଭାକୁ ମନୋନୀତ ହୋଇଛନ୍ତି। ଧର୍ମସ୍ଥଳ ମନ୍ଦିର ପ୍ରଶାସକ ତଥା ମାନବ ହିତୈଷି ବୀରେନ୍ଦ୍ର ହେଗଡେ ଏବଂ ବିଶିଷ୍ଟ ପଟ୍ଟକଥା ଲେଖକ ଭି. ବିଜୟେନ୍ଦ୍ର ପ୍ରସାଦଙ୍କୁ ମଧ୍ୟ ପାର୍ଲାମେଣ୍ଟର ଉଚ୍ଚସଦନକୁ ପଠାଯିବା ପାଇଁ ☞ପୃଷ୍ଠା-୪

## ତହସିଲଦାର, ଅତିରିକ୍ତ ତହସିଲଦାର ନିଲମ୍ବିତ

**ମୃତବ୍ୟକ୍ତିଙ୍କ ନାଁରେ ଜମି ବିକ୍ରି ମାମଲା**

**ବଲାଙ୍ଗୀର ଅଫିସ, ୬।୭**

ଜଣେ ମୃତବ୍ୟକ୍ତିଙ୍କ ନାଁରେ ଜମି ହଡ଼ପ ମାମଲାରେ ରାଜ୍ୟ ସରକାର ବୁଧବାର ବଲାଙ୍ଗୀର ତହସିଲଦାର ମଘବନ ବାଗ ଏବଂ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ଅନ୍ୟପକ୍ଷେ ବଲାଙ୍ଗୀର ସଦର ଥାନା ପୋଲିସ ଏହି ମାମଲାରେ ବଲାଙ୍ଗୀର ତହସିଲ ଅଫିସ୍‌ର ରେକର୍ଡ ☞ପୃଷ୍ଠା-୪

## ଟଙ୍କା ଭର୍ତ୍ତି ଏଟିଏମ୍ ଗାଡ଼ି ନେଇ ଡ୍ରାଇଭର ଫେରାର

**ଖଡ଼ିଆଳ,୬।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଷ୍ଟେଟ ବ୍ୟାଙ୍କ ଶାଖାରୁ ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭରିବାକୁ ଯାଉଥିବା ଟଙ୍କା ଭର୍ତ୍ତି ଏଟିଏମ୍ ଗାଡ଼ିକୁ ନେଇ ଡ୍ରାଇଭର ଫେରାର ହୋଇଛନ୍ତି। ଗାଡ଼ିରେ ୫୭ ଲକ୍ଷ ୧୨ ହଜାର ଟଙ୍କା ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଖଡ଼ିଆଳ ଥାନାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଆମେରିକା ଗଣତନ୍ତ୍ର ସଙ୍କଟରେ








ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା ବୁଧବାର ୮୭ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଟୁଇଟ୍ କରିବା ସହ ଫୋନ୍ କରି ତାଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଛନ୍ତି। ତିବ୍ବତ ନାଗରିକମାନେ ବିଶ୍ୱବ୍ୟାପୀ ଏହି ଶାନ୍ତି ନୋବେଲ ବିଜେତାଙ୍କ ଜନ୍ମଦିନ ପାଳିଛନ୍ତି। ଦଲାଇ ଲାମା ଦଶନ୍ଧି ଧରି ଚାଇନାର ଅଗଣତାନ୍ତ୍ରିକ, ଧର୍ମ ବିରୋଧୀ, ଅମାନବୀୟ କାର୍ଯ୍ୟକଳାପକୁ ସର୍ବସମ୍ମୁଖକୁ ଆଣିବା ସହ ଅହିଂସା ଓ ଶାନ୍ତିପୂର୍ଣ୍ଣ ଢଙ୍ଗରେ ବିରୋଧ ଜାରି ରଖିଛନ୍ତି।



## ସଂକ୍ଷେପରେ

### ରୁଷିଆ ମିଶାଇଲ ମାଡ଼ରେ ବ୍ରାଜିଲ ମଡେଲଙ୍କ ମୃତ୍ୟୁ

**କିଭ୍, ୬।୭:** ବ୍ରାଜିଲର ଜଣେ ମଡେଲ ଥାଲିଟୋ ଡୋ ଭାଲ୍ଲେ ସ୍ୱେଚ୍ଛାକୃତ ଭାବେ



ୟୁକ୍ରେନ୍ ସୈନ୍ୟଙ୍କ ସହ ରୁଷିଆ ବିରୋଧରେ ଲଢୁଥିବାବେଳେ ମସ୍କୋ ମିଶାଇଲ ମାଡ଼ରେ ତାଙ୍କ ମୃତ୍ୟୁ ଘଟିଛି। ସେ ଖର୍କିଭର ଏକ ବଙ୍କରରେ ଥିବାବେଳେ ରୁଷୀୟ ସୈନ୍ୟ ମିଶାଇଲ ଆକ୍ରମଣ କରିଥିଲେ। ଏହି ୩୯ ବର୍ଷୀୟା ସ୍ନାଇପର ପୂର୍ବରୁ ଇରାକ୍‌ରେ ଇସ୍‌ଲାମିକ୍ ଷ୍ଟେଟ୍ ବିରୋଧରେ ଯୁଦ୍ଧ ଲଢ଼ିଥିଲେ। ଇରାକ୍‌ର କୁର୍ଦ୍ଦିସ୍ତାନରେ ସଶସ୍ତ୍ର ସୈନ୍ୟଙ୍କଠାରୁ ସେ ଯୁଦ୍ଧ ତାଲିମ ନେଇଥିଲେ। ସେହିପରି ଆଉ ଜଣେ ବ୍ରାଜିଲ ଫାଇଟର ଡୋଗଲାସ୍ ବୁରିଗୋଙ୍କ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ରେ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ପୂର୍ବ ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣ ଜାରି ରଖିଛି। ଲୁହାନ୍‌ସ୍କ ପରେ ଏବେ ଡୋନେସ୍କକୁ ଦଖଲ କରିବାକୁ ମସ୍କୋ ଲକ୍ଷ୍ୟ ରଖିଛି।

### ମୁସଲମାନ ଧର୍ମଗୁରୁଙ୍କୁ ହତ୍ୟା



**ମୁମ୍ବାଇ, ୬।୭:** ମହାରାଷ୍ଟ୍ରର ନାଶିକ୍‌ରେ ମଙ୍ଗଳବାର ଜଣେ ମୁସଲମାନ ଧର୍ମଗୁରୁ ଖ୍ୱାଜା ସୟଦ୍ ଚିସ୍ତିଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଆଫଗାନିସ୍ତାନର ଏହି ଧର୍ମଗୁରୁ ସୁଫି ବାବା ନାମରେ ପରିଚିତ ଥିଲେ। ହତ୍ୟାକାରୀ ସୁଫି ବାବାଙ୍କ ମୁଣ୍ଡକୁ ଗୁଳି କରି ତାଙ୍କରି ଏକ କାର୍‌ରେ ଫେରାର ହୋଇଯାଇଛନ୍ତି। ତାଙ୍କ ଡ୍ରାଇଭର ମୁଖ୍ୟ ଅଭିଯୁକ୍ତ ହୋଇଥିବା କୁହାଯାଉଛି। ସନ୍ଦିଗ୍ଧଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସୟଦ୍ ଚିସ୍ତି ନାଶିକ୍‌ର ୟୋଲା ସହରରେ କିଛି ବର୍ଷ ହେଲା ରହୁଥିଲେ। ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ଜଣାପଡିନାହିଁ। ଆଫଗାନିସ୍ତାନ ନାଗରିକ ହୋଇଥିବାରୁ ସେ ଭାରତରେ ଜାଗା କିଣିପାରି ନ ଥିଲେ। ତେବେ ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଜମି ରଖିବାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି।

### ସ୍ପାଇସ୍‌ଜେଟ୍‌କୁ କାରଣ ଦର୍ଶାଅ ନୋଟିସ୍

**ନୂଆଦିଲ୍ଲୀ, ୬।୭:** ସ୍ପାଇସ୍‌ଜେଟ ବିମାନରେ ଲଗାତର ୧୮ ଦିନ ମଧ୍ୟରେ ଯାନ୍ତ୍ରିକ ତ୍ରୁଟି ନେଇ ୮ଟି ଘଟଣା ସାମ୍ନାକୁ ଆସିବା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବୁଧବାର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ବିମାନରେ ସୁରକ୍ଷା ନିୟମନ୍ତ୍ରଣ ବ୍ୟବସ୍ଥା ସୁଚାରୁଭାବେ ପାଳନ କରାଯାଉ ନ ଥିବା ଡିଜିସିଏ କହିଛି। ଘଟଣା ନେଇ ସ୍ପାଇସ୍‌ଜେଟ୍ ପରିଚାଳନା ନିର୍ଦ୍ଦେଶକ ଅଜୟ୍ ସିଂ ନିଜକୁ ଦାୟୀ କରିବା ସହ ଏୟାରଲାଇନ୍ସରେ ଶତପ୍ରତିଶତ ସୁରକ୍ଷା ବ୍ୟବସ୍ଥା ଥିବା ସେ କହିଛନ୍ତି।



ଶ୍ରୀନଗରରେ ଜଣେ କଶ୍ମୀର ପକ୍ଷୀ ଧରାଳୀ ନିଜ ଛାତ ଉପରେ ପାରାଗୁଡ଼ିକୁ ଖାଇବାକୁ ଦେଉଛନ୍ତି।

# ଆଜି ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ବାହାଘର



ଡା. ଗୁରପ୍ରୀତ କୌର



ଭଗୱନ୍ତ ସିଂ ମାନ୍

**ଚଣ୍ଡିଗଡ଼, ୬।୭:** ପଞ୍ଜାବ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି)ନେତା ଭଗୱନ୍ତ ସିଂ ମାନ୍ (୪୮) ଦ୍ୱିତୀୟଥର ପାଇଁ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ପଞ୍ଜାବର ଡା. ଗୁରପ୍ରୀତ କୌରଙ୍କୁ ସେ ଗୁରୁବାର ବିବାହ କରିବେ। ଚଣ୍ଡିଗଡ଼ରେ ହେବାକୁ ଥିବା ମାଙ୍ଗଳିକ କାର୍ଯ୍ୟରେ ଉଭୟଙ୍କ ପରିବାର ଓ ସମ୍ପର୍କୀୟ ଯୋଗଦେବେ। ଏ ନେଇ ବହୁ ରାଜନୈତିକ ଦଳର ନେତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ସାମିଲ ହେବେ। ଗୁରପ୍ରୀତ ଭଗୱନ୍ତ ସିଂ ମାନ୍‌ଙ୍କ ଭଉଣୀଙ୍କର ଜଣେ ଭଲ ବନ୍ଧୁ। ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଭଲ ସମ୍ପର୍କ ରହିଛି। ମା' ଓ ଭଉଣୀଙ୍କ ବୁଝାଶୁଝା ପରେ ମାନ୍ ଏହି ବାହାଘର ପାଇଁ ରାଜି ହୋଇଥିବା କୁହାଯାଉଛି। ମାନ୍ ଓ ଗୁରପ୍ରୀତଙ୍କୁ ଅନେକ ସମୟରେ ବହୁସ୍ଥାନରେ ଏକାଠି ଦେଖାଯାଇଥିବାବେଳେ ଦୁହିଁଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ମଧ୍ୟ ହେଉଥିଲା। ସୂଚନାଯୋଗ୍ୟ ମାନ୍‌ଙ୍କର ଏହା ଦ୍ୱିତୀୟ ବିବାହ। ୨୦୧୫ରେ ପ୍ରଥମ ସ୍ତ୍ରୀ ଇନ୍ଦରଜିତ କୌରଙ୍କୁ ମାନ୍ ଛାଡ଼ପତ୍ର ଦେଇଥିଲେ। ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି। ମାନ୍‌ଙ୍କଠାରୁ ଅଲଗା ହେବାପରେ ଇନ୍ଦରଜିତ ପୁଅ ଝିଅଙ୍କ ସହ ଆମେରିକାରେ ରହୁଛନ୍ତି। ମାନ୍ ହାସ୍ୟାଭିନେତାରୁ ରାଜନେତା ପାଲଟିବା ପରେ ପରିବାରକୁ ସମୟ ଦେଇ ନ ପାରିବାରୁ ବିବାହ ବିଚ୍ଛେଦ ହୋଇଥିଲା ବୋଲି ମାନ୍ ପୂର୍ବରୁ କହିଥିଲେ। ତେବେ ୨୦୨୨ ମାର୍ଚ୍ଚ୧୬ରେ ପଞ୍ଜାବର ଖଟକର କଲନୀ ଗ୍ରାମରେ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଉକ୍ତ ଉତ୍ସବରେ ମାନ୍‌ଙ୍କ ଝିଅ ସୀରତ (୨୧) ଏବଂ ପୁଅ (୧୭) ଦିଲ୍‌ଶାନଙ୍କୁ ଦେଖିବାକୁ ମିଳିଥିଲା।

# ବଢ଼ିଲା ବୋରିସ୍‌ଙ୍କ ସଙ୍କଟ

**ଲଣ୍ଡନ, ୬।୭**



ଋଷି ସୁନକ



ସାଜିଦ୍ ଜାଭିଦ୍



ୱିଲ୍ କୁଇନ୍ସ



ଲଉରା ଟ୍ରୋଟ୍

ବ୍ରିଟେନ ଅର୍ଥମନ୍ତ୍ରୀ ଋଷି ସୁନକ ଓ ସ୍ୱାସ୍ଥ୍ୟମନ୍ତ୍ରୀ ସାଜିଦ୍ ଜାଭିଦ୍‌ଙ୍କ ପରେ ଆଉ ଦୁଇଜଣ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ଶିଶୁ ଓ ପରିବାର ମନ୍ତ୍ରୀ ୱିଲ୍ କୁଇନ୍ସ ଏବଂ ପରିବହନ କନିଷ୍ଠ ମନ୍ତ୍ରୀ ଲଉରା ଟ୍ରୋଟ୍। କଞ୍ଜରଭେଟିଭ୍ ପାର୍ଟିର ଏହି ୪ ହାଇପ୍ରୋଫାଇଲ ମନ୍ତ୍ରୀ ନିଜ ପଦ ଛାଡ଼ିବା ପରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ଲକ୍‌ଡାଉନ୍ ପାର୍ଟିକୁ ନେଇ ନିକଟରେ ଅନାସ୍ଥା ଭୋଟର ସମ୍ମୁଖୀନ ହୋଇଥିବା ବୋରିସ୍ ବୁଧବାର ହାଉସ୍ ଅଫ୍ କମନ୍ସରେ ପୁଣି ଥରେ ହଟହଟା ହୋଇଛନ୍ତି। ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ ତଥା ଭାରତୀୟ ବଂଶୋଦ୍ଭବ ଋଷି ସୁନକ ଏବଂ ପାକିସ୍ତାନ ମୂଳର ସାଜିଦ୍ ଜାଭିଦ୍ ମଙ୍ଗଳବାର ବୋରିସ୍‌ଙ୍କ କ୍ୟାବିନେଟରୁ ଇସ୍ତଫା ଦେଇ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନବାଚୀ ଉଠାଇଥିଲେ। ପ୍ରଧାନମନ୍ତ୍ରୀ କେବଳ ବ୍ରିଟେନବାସୀଙ୍କ ଆସ୍ଥା ହରାଇଛନ୍ତି ତାହା ନୁହେଁ, ବରଂ କ୍ୟାବିନେଟ ସହଯୋଗୀମାନେ ମଧ୍ୟ ତାଙ୍କ ଉପରେ ଆଉ ଭରସା କରିପାରୁ ନାହାନ୍ତି ବୋଲି ଉଭୟେ କହିଥିଲେ। ଏହାର ୨୪ ଘଣ୍ଟା ନ ବିତୁଣୁ ୱିଲ୍ କୁଇନ୍ସ ଏବଂ ଲଉରା ଟ୍ରୋଟ୍‌ଙ୍କ ଇସ୍ତଫା ବୋରିସ୍‌ଙ୍କ ସଙ୍କଟ ବଢ଼ାଇଛି। ଏଥିସହ ୫୮ ବର୍ଷୀୟ ବୋରିସ୍‌ଙ୍କୁ ହଟାଇ ତାଙ୍କ ସ୍ଥାନରେ ଟୋରି ପାର୍ଟିର ନୂଆ ନେତା ଚୟନ ପାଇଁ ଦାବି ଉଠିଲାଣି। ଶାସକ ଦଳର ନୂଆ ନେତା ବାଛିବାର ତାତ୍ପର୍ଯ୍ୟ ହେଉଛି, ବୋରିସ୍‌ଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ହଟାଇବା। କରୋନା ମହାମାରୀ ସମୟରେ ସରକାରୀ ଲକ୍‌ଡାଉନ ଜାରି କରାଯାଇଥିବାବେଳେ ଖୋଦ୍ ପ୍ରଧାନମନ୍ତ୍ରୀ ଏହାକୁ ଏକାଧିକ ଥର ଉଲ୍ଲଂଘନ କରିଥିଲେ। ସେତେବେଳେ ବି ତାଙ୍କ ଇସ୍ତଫା ଦାବି ଜୋର ଧରିଥିଲା। କିନ୍ତୁ ସେ ଇସ୍ତଫା ନ ଦେଇ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ପସନ୍ଦ କରିଥିଲେ। ତାଙ୍କ ଦଳର ୪୧ % ଏମ୍‌ପି ବୋରିସ୍‌ଙ୍କ ନେତୃତ୍ୱ ବିରୋଧରେ ଭୋଟ ଦେଇଥିଲେ। ଖୁବ କମ୍ ବ୍ୟବଧାନରେ ବୋରିସ୍ ବର୍ତ୍ତିଯାଇଥିଲେ ହେଁ ଏବେ ଆଉ ଏକ ବିବାଦୀୟ ଘଟଣା ତାଙ୍କ ପ୍ରଧାନମନ୍ତ୍ରୀ ପଦ ଛଡ଼ାଇନେବା ଭଳି ସ୍ଥିତି ଉପୁଯାଇଛି।

ଇତିମଧ୍ୟରେ ଇରାକ୍ ଜନ୍ମିତ ନଧିମ ଜହାୱି(୫୫)ଙ୍କୁ ନୂଆ ଅର୍ଥମନ୍ତ୍ରୀ ନିଯୁକ୍ତ କରାଯାଇଛି। ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ତାଙ୍କ ନିଯୁକ୍ତି ଉପରେ ମୋହର ମାରିଥିବା ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ କୁହାଯାଇଛି। ସେହିପରି ବୋରିସ୍‌ଙ୍କ ଆଉଜଣେ ବିଶ୍ୱସ୍ତ ମାଇକେଲ ଡୋନେଲାନ୍‌ଙ୍କୁ ଜହାୱିଙ୍କ ସ୍ଥାନରେ ଶିକ୍ଷାମନ୍ତ୍ରୀ କରାଯାଇଛି।

## ମନ୍ତ୍ରୀ ଗୋଷ୍ଠୀ ଦୁଇ ଭାଗ



ବୋରିସ୍ ଜନ୍‌ସନ

ଋଷି ସୁନକ ବ୍ରିଟେନ ଅର୍ଥମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରଠୁ ଅଦ୍ୟାବଧି ୩୮ ମନ୍ତ୍ରୀ ଓ ସହଯୋଗୀ ପଦ ଛାଡ଼ିଥିବା କୁହାଯାଉଛି। କ୍ୟାବିନେଟ ଛାଡ଼ିଥିବା ମନ୍ତ୍ରୀଙ୍କ ତାଲିକାରେ ମାଇକେଲ ଗୋଭ୍ ଏବଂ କ୍ୱାସି କ୍ୱାର୍ଟେଙ୍ଗ ରହିଛନ୍ତି। ଏପରି କି ନୂଆ ଅର୍ଥମନ୍ତ୍ରୀ ନଧିମ ଜହାୱି ମଧ୍ୟ ଇସ୍ତଫା ଦେବାକୁ ବୋରିସ୍ ଜନ୍‌ସନଙ୍କ ଉପରେ ଚାପ ବଢ଼ାଇଛନ୍ତି। କିନ୍ତୁ ବୋରିସ୍ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବାକୁ ମନା କରି ଦେଇଛନ୍ତି। କଞ୍ଜରଭେଟିଭ୍ ପାର୍ଟିରେ ବିଦ୍ରୋହ ଯୋଗୁ ବୋରିସ୍ ସରକାର ବସ୍ତୁତଃ ଦୁଇ ଭାଗ ହୋଇଯାଇଛି। ଗୋଟିଏ ଗୋଷ୍ଠୀର ମନ୍ତ୍ରୀମାନେ ବୋରିସ୍‌ଙ୍କୁ ଇସ୍ତଫା ଦେବାକୁ କହିବା ପାଇଁ ୧୦ ଡାଉନିଂ ଷ୍ଟ୍ରିଟ୍‌ରେ ଡେରା ପକାଇଥିବାବେଳେ ଆଉ ଏକ ଗୋଷ୍ଠୀ ପ୍ରଧାନମନ୍ତ୍ରୀ ପଦ ନ ଛାଡ଼ିବା ଲାଗି ତାଙ୍କୁ ପ୍ରବର୍ତ୍ତାଉଛନ୍ତି।

## ସେକ୍ସ ସ୍କାଣ୍ଡାଲକୁ ନେଇ ଝଡ଼



କ୍ରିଶ୍ ପିଞ୍ଚର

ଦେଶ ଚଳାଇବାରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ସାମର୍ଥ୍ୟ ଉପରେ ଉଠିଛି ପ୍ରଶ୍ନ। ଏହି ପ୍ରଶ୍ନ କୌଣସି ବିରୋଧୀ ଏମ୍‌ପି ନୁହଁନ୍ତି ବରଂ ତାଙ୍କ କଞ୍ଜରଭେଟିଭ୍ ପାର୍ଟିର ଆଇନପ୍ରଣେତାମାନେ ଉଠାଇଛନ୍ତି। ୪ ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେବା ପଛରେ ଏକ 'ସେକ୍ସ ସ୍କାଣ୍ଡାଲ'କୁ କାରଣ ରୂପେ ଦର୍ଶାଯାଉଛି। ଜୁନ୍ ୩୦ରେ 'ଦ ସନ୍'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ କ୍ଷମାତାସୀନ କଞ୍ଜରଭେଟିଭ୍ ପାର୍ଟିର ଏମ୍‌ପି କ୍ରିଶ୍ ପିଞ୍ଚର ଲଣ୍ଡନର ଏକ ପ୍ରାଇଭେଟ କ୍ଲବ୍‌ରେ ୨ ଜଣ ପୁରୁଷଙ୍କୁ ଆପତ୍ତିଜନକ ଭାବେ ସ୍ପର୍ଶ କରିଥିଲେ। ବୋରିସ୍ ଜନ୍‌ସନ୍ ଗତ ଫେବୃୟାରୀରେ ପିଞ୍ଚରଙ୍କୁ ପାର୍ଟିରେ ଡେପୁଟି ଚିଫ୍ ହୁଇପ୍ ନିଯୁକ୍ତ କରିଥିଲେ। ଖବରକାଗଜରେ ତାଙ୍କ ଯୌନ କେଲେଙ୍କାରୀ ପ୍ରଘଟ ହେବା ପରେ ପିଞ୍ଚରଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ସେ ନିଶାସକ୍ତ ଅବସ୍ଥାରେ ଏପରି କରିଥିବା ବିବାଦ ଉଠିବାରୁ ପିଞ୍ଚର ଭୁଲ୍ ସ୍ୱୀକାର କରିଥିଲେ। କିନ୍ତୁ ଏହାର କିଛି ଦିନ ଭିତରେ ବ୍ରିଟେନ ଗଣମାଧ୍ୟମରେ ସମାନ ଅଭିଯୋଗ ସମ୍ବଳିତ ଏକାଧିକ ରିପୋର୍ଟ ପୁଣି ପ୍ରକାଶ ପାଇଥିଲା। ପିଞ୍ଚରଙ୍କ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଅନ୍ୟୂନ ୬ ଜଣ ବ୍ୟକ୍ତିଙ୍କ ମାମଲା ସାମ୍ନାକୁ ଆସିଥିଲା। ଫଳରେ ପିଞ୍ଚରଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ସେ କ୍ଷମା ମାଗିବା ସହ ତଦନ୍ତରେ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଦେଖିବାକୁ ଗଲେ ଏହି ମାମଲାରେ ବୋରିସ୍ ପ୍ରତ୍ୟକ୍ଷ ଭାବେ ଜଡ଼ିତ ନୁହନ୍ତି। କିନ୍ତୁ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଡାଉନିଂ ଷ୍ଟ୍ରିଟ୍‌ର ଯେପରି ଆଭିମୁଖ୍ୟ ରହିବା କଥା ତାହା ଦେଖିବାକୁ ମିଳି ନ ଥିଲା। ଏଥିଯୋଗୁ ଯୌନ କେଲେଙ୍କାରୀରେ ସମ୍ପୃକ୍ତ ଏମ୍‌ପିଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ କୋହଳ ମନୋଭାବ ତାଙ୍କୁ ବିବାଦ ଭିତରକୁ ଟାଣିନେଇଛି।

**ଏମ୍‌ପିଙ୍କ ପକ୍ଷରୁ ବିଦ୍ରୋହ ଆଶଙ୍କା**

### ଲୋକ ସଭାରେ ନୂଆ ସଚେତକ ନିଯୁକ୍ତ କଲେ ଉଦ୍ଧବ

**ମୁମ୍ବାଇ, ୬।୭:** ମହାରାଷ୍ଟ୍ର ବିଧାନସଭାରେ ଉଦ୍ଧବ ଠାକ୍ରେଙ୍କ ନେତୃତ୍ୱାଧୀନ ଶିବସେନା ସଂଖ୍ୟାଲଘୁରେ ପରିଣତ ହେବା ପରେ ଏମ୍‌ପିମାନଙ୍କ ପକ୍ଷରୁ ବିଦ୍ରୋହ ଆଶଙ୍କା କରି ଲୋକ ସଭାରେ ଜଣେ ନୂଆ ସଚେତକଙ୍କୁ ନିଯୁକ୍ତ କରିଛି। ଏ ନେଇ ଦଳର ବରିଷ୍ଠ ନେତା ସଞ୍ଜୟ ରାଉତ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ବୁଧବାର ପତ୍ର ଲେଖି ଅବଗତ କରାଇଛନ୍ତି। ପୂର୍ବରୁ ଉଚ୍ଚ ସଦନରେ ଭାବନା ଗୱାଲି ଚିଫ୍ ହୁଇପ୍ ଥିବାବେଳେ ତାଙ୍କ ସ୍ଥାନରେ ରଞ୍ଜନ ଭିଚାରେଙ୍କୁ ମୁଖ୍ୟ ସଚେତକ ନିଯୁକ୍ତ କରାଯାଇଥିବା ରାଉତ ଉଲ୍ଲେଖ କରିଛନ୍ତି। ଗତମାସରେ ଏକନାଥ ଶିନ୍ଦେଙ୍କ ବିଦ୍ରୋହ ଶିବସେନାକୁ ବିଭାଜନମୁହାଁ କରାଇଥିଲା। ଶିନ୍ଦେ ୫୫ରୁ ୪୦ ବିଧାୟକଙ୍କୁ ନିଜ ସପକ୍ଷକୁ ଆଣିବାରେ ସଫଳ ହୋଇ ମୁଖ୍ୟମନ୍ତ୍ରୀ ଆସନ ଦଖଲ କରିଛନ୍ତି। ଅବିଭକ୍ତ ଶିବସେନାର ଲୋକ ସଭାରେ ୧୯ ଓ ରାଜ୍ୟ ସଭାରେ ୩ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଶିନ୍ଦେଙ୍କ ଆଡ଼କୁ ଢଳୁଥିବାରୁ ଉଦ୍ଧବଙ୍କ ପାଇଁ ଦଳ ସମ୍ଭାଳିବା କାଠିକର ପାଠ ହୋଇପଡ଼ିବ। ତେଣୁ ଉଦ୍ଧବ ଗୋଷ୍ଠୀ ପକ୍ଷରୁ ମଧ୍ୟ ବାଚସ୍ପତିଙ୍କୁ ପତ୍ର ଜରିଆରେ ଜଣାଯାଇଛି।

### ସଲମାନଙ୍କ ଓକିଲଙ୍କୁ ହତ୍ୟା ଧମକ

**ମୁମ୍ବାଇ, ୬।୭:** ଅଭିନେତା ସଲମାନ ଖାନ୍‌ଙ୍କ ଓକିଲ ହସ୍ତିମାଲ ସାରସ୍ୱତଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ହତ୍ୟା ଧମକ ମିଳିଛି। ସୋମବାର ଏକ ବେନାମି ଚିଠି ହସ୍ତିମାଲଙ୍କ ଚାମ୍ବର ବାହାରେ ମିଳିଥିଲା। ପଞ୍ଜାବୀ ସିଙ୍ଗର ମୂସେୱାଲାଙ୍କ ପରି ତୁମର ଅବସ୍ଥା ହେବ। ଶତ୍ରୁର ବନ୍ଧୁ ଆମ ଶତ୍ରୁ। ଆମେ କାହାରିକୁ ଛାଡ଼ିବୁ ନାହିଁ ବୋଲି ଉକ୍ତ ଚିଠିରେ ଲେଖାଥିବା ଖବର ପ୍ରକାଶ ପାଇଛି। ପୋଲିସ ତଦନ୍ତ ଚଳାଇ ଥିବାବେଳେ ହସ୍ତିମାଲଙ୍କ ସୁରକ୍ଷା ବଢ଼ାଇ ଦିଆଯାଇଛି।

# କାଳୀ ବିବାଦ: ଅଡୁଆରେ ମହୁଆ

**କୋଲକାତା, ୬।୭**




ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ଲୀନା ମାନିମେକଲାଇ କାନାଡାରେ ପ୍ରଦର୍ଶିତ କରିଥିବା ଏକ ଫିଚର ମୁଭି 'କାଳୀ' ପୋଷ୍ଟରକୁ ନେଇ ଏବେ ବିବାଦ ତେଜିବାରେ ଲାଗିଛି। ହିନ୍ଦୁ ଦେବୀ କାଳୀଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ରାଙ୍କ ପାଇଁ ଅଡୁଆ ବଢ଼ିଛି। କାଳୀ ଜଣେ ମାଂସଖିଆ ଏବଂ ମଦ ଗ୍ରହଣ କରୁଥିବା ଦେବୀ ବୋଲି ମହୁଆ ଏକ ଜାତୀୟ ଗଣମାଧ୍ୟମ କାର୍ଯ୍ୟକ୍ରମରେ କହିବା ପରେ ତାଙ୍କୁ ଗିରଫ ପାଇଁ ଦାବି ହୋଇଛି। ମହୁଆ ଧର୍ମୀୟ ଭାବାବେଗକୁ ଆଘାତ ଦେଇଥିବା ଅଭିଯୋଗରେ ମଧ୍ୟପ୍ରଦେଶର ଭୋପାଳରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଏଥିସହ ପଶ୍ଚିମବଙ୍ଗ ଭାଜପା ନେତା ରାଜଶ୍ରୀ ଲାହିରି ଓ ଅନ୍ୟ ଜଣେ ନେତାଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ମହୁଆଙ୍କ ବିରୋଧରେ ଆଉ ଦୁଇଟି ମାମଲା ହୋଇଛି। ୧୦ ଦିନ ମଧ୍ୟରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ପଶ୍ଚିମବଙ୍ଗ ଭାଜପା ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି। ମହୁଆଙ୍କ ମନ୍ତବ୍ୟ ହିନ୍ଦୁଙ୍କ ଭାବାବେଗକୁ ଆଘାତ ଦେଇଛି। କୌଣସି ମୂଲ୍ୟରେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି।

ମହୁଆଙ୍କ ବିରୋଧରେ କେବଳ ପଶ୍ଚିମବଙ୍ଗରେ ଶତାଧିକ ମାମଲା ରୁଜୁ ହୋଇଥିବା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି। ପ୍ରଫେଟ୍ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ପାଇଁ ଭାଜପାରୁ ନିଲମ୍ବିତ ହୋଇଥିବା ନୂପୁର ଶର୍ମାଙ୍କୁ ଗିରଫ ପାଇଁ ଟିଏମ୍‌ସି ଜୋରଦାର ଦାବି ଉଠାଉଥିବାବେଳେ ଏବେ ନିଜ ଦଳର ଏହି ନେତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ଦୋହରା ନୀତିର ପରିଚୟ ଦେଉଛି ବୋଲି ଭାଜପା ବିଧାୟକ ଶୁଭେନ୍ଦୁ ଟିଏମ୍‌ସିକୁ ସମାଲୋଚନା କରିଛନ୍ତି। ଟିଏମ୍‌ସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ଉପରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଭାଜପା ନେତା ରତିନ୍ଦ୍ର ବୋଷ ଦାବି କରିଛନ୍ତି।

## ପ୍ରଦର୍ଶନୀ ହଟାଇଲା କାନାଡା ମ୍ୟୁଜିୟମ୍

**ଟରଣ୍ଟୋ, ୬।୭**

କାନାଡା ମ୍ୟୁଜିୟମରେ ପ୍ରଦର୍ଶିତ ଲୀନା ମାନିମେକଲାଇଙ୍କ 'କାଳୀ' ଫିଲ୍ମ ପୋଷ୍ଟରରେ ଜଣେ ମହିଳା କାଳୀଙ୍କ ବେଶରେ ସିଗାରେଟ୍ ଟାଣୁଥିବା ଫଟୋକୁ ନେଇ ବିରୋଧ ଜାରି ରହିଛି। ତୀବ୍ର ସମାଲୋଚନା ପରେ ଟରଣ୍ଟୋରେ ଥିବା ଆଗା ଖାନ୍ ମ୍ୟୁଜିୟମ୍ ଫିଲ୍ମ ପ୍ରେଜେଣ୍ଟେଶନକୁ ହଟାଇଛି। ଏଥିସହ ହିନ୍ଦୁ ଏବଂ ଅନ୍ୟ ସମ୍ପ୍ରଦାୟ ଲୋକଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥିବା କହି ସଂଗ୍ରହାଳୟ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି। ଏହାପୂର୍ବରୁ ବିବାଦୀୟ 'କାଳୀ' ପୋଷ୍ଟରକୁ ଆଗା ଖାନ୍ ମ୍ୟୁଜିୟମ୍‌ରୁ ହଟାଇବା ପାଇଁ କାନାଡାରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ଅଟ୍ଟାୱା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ।

## ସତକୁ ସାହାରା ଦରକାର ନାହିଁ



**ଟିଏମ୍‌ସି ଟୁଇଟର ହ୍ୟାଣ୍ଡେଲକୁ ଅନ୍‌ଫଲୋ କଲେ ମହୁଆ**

ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରାଙ୍କ ବିରୋଧରେ ଭାଜପା ପକ୍ଷରୁ ବିଭିନ୍ନ ଥାନାରେ ମାମଲା ରୁଜୁ ପରେ ସେ ପ୍ରତିକ୍ରିୟା ରଖିଛନ୍ତି। ଏକ ଟୁଇଟରେ ମହୁଆ ଲେଖିଛନ୍ତି, 'ବ୍ରିଙ୍ଗ୍ ଇଟ୍ ଅନ୍ ବିଜେପି! ମୁଁ ଜଣେ କାଳୀ ଭକ୍ତ। ମୁଁ କାହାରିକୁ ଭୟ କରେ ନାହିଁ। ତୁମ ଅଜ୍ଞାନତା, ଗୁଣ୍ଡା, ପୋଲିସ ଏପରି କି ସମାଲୋଚନାକୁ ମୋର ଡର ନାହିଁ। ସତକୁ କାହାର ସାହାରା ଦରକାର ପଡ଼େନି' ବୋଲି ସେ ଏଥିରେ ଲେଖିଛନ୍ତି। ଅନ୍ୟପକ୍ଷରେ ମହୁଆଙ୍କ ମନ୍ତବ୍ୟକୁ ଟିଏମ୍‌ସି ନିନ୍ଦା କରିବା ସହ ଦଳ ତାହାକୁ କୌଣସିମତେ ସମର୍ଥନ କରେ ନାହିଁ ବୋଲି କହିଛି। ଫଳରେ ମହୁଆ ବୁଧବାର ଦଳର ଅଫିସିଆଲ ଟୁଇଟର ହ୍ୟାଣ୍ଡେଲକୁ ଅନ୍‌ଫଲୋ କରିଦେଇଛନ୍ତି। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଟୁଇଟର ହ୍ୟାଣ୍ଡେଲ ଏବଂ ମମତା ବାନାର୍ଜୀଙ୍କୁ ସେ ଏହି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଫଲୋ କରୁଛନ୍ତି। ବିବାଦ ଉପରେ ମହୁଆ ଆଉ ଏକ ଟୁଇଟ୍ କରି କହିଛନ୍ତି, ସଂଘୀମାନେ(ଆର୍‌ଏସ୍‌ଏସ୍ ସଦସ୍ୟ) ମିଛ କହିଦେଲେ ଭଲ ହିନ୍ଦୁ ହୋଇପାରିବ ନାହିଁ। କୌଣସି ଫିଲ୍ମ ପୋଷ୍ଟରକୁ ସେ ସମର୍ଥନ କରିନାହାନ୍ତି କି ସିଗାରେଟ୍ ଟାଣିବା ସମ୍ପର୍କରେ କିଛି ମନ୍ତବ୍ୟ ଦେଇନାହାନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ଜୁଲାଇ, ୨୦୨୨



**ରବି ସେଠୀ ପୁରୀ ଜିଲା କଂଗ୍ରେସର ନୂଆ ସଭାପତି**

ଭୁବନେଶ୍ୱର,(ବ୍ୟୁରୋ): କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବାକୁ ପିସିସି ସଭାପତି ଶରତ ପଟ୍ଟନାୟକ କେତେଜଣ ନେତାଙ୍କ ହାତରେ ପୁରୀ ଜିଲା ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ରବିନ୍ଦ୍ର କୁମାର ସେଠୀଙ୍କୁ ପୁରୀ ଜିଲା କଂଗ୍ରେସ କମିଟି ମଧ୍ୟବର୍ତ୍ତୀକାଳୀନ ସଭାପତି ଭାବେ ନିଯୁକ୍ତ କରିଛନ୍ତି। ସେହିପରି ଲଲାଟେନ୍ଦୁ ଦାଶ ଏବଂ ସୁଜିତ ମହାପାତ୍ରଙ୍କୁ ମଧ୍ୟବର୍ତ୍ତୀକାଳୀନ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦେଇଛନ୍ତି। ଉକ୍ତ ନେତୃବୃନ୍ଦ ପୁରୀ ଜିଲା କଂଗ୍ରେସ କମିଟିର ସ୍ଥାୟୀ ସଭାପତି ନିଯୁକ୍ତି ପର୍ଯ୍ୟନ୍ତ ଏହି ଦାୟିତ୍ୱ ସମ୍ଭାଳିବେ ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ସଂଖ୍ୟାଲଘୁଙ୍କୁ ପ୍ରାର୍ଥୀ କରିପାରେ ଏନ୍‌ଡିଏ



ମୁକ୍ତାର ଅବ୍ବାସ ନକ୍‌ଭି | ଅମରିନ୍ଦର ସିଂ | ଆରିଫ୍ ମହମ୍ମଦ ଖାନ୍ | ନଜ୍‌ମା ହେପ୍‌ତୁଲ୍ଲା

## ଉପରାଷ୍ଟ୍ରପତି ନିର୍ବାଚନ

**ନୂଆଦିଲ୍ଲୀ,୬।୭**

ଉପରାଷ୍ଟ୍ରପତି ନିର୍ବାଚନକୁ ମାସେ ବାକି ଥିବାବେଳେ କେନ୍ଦ୍ରମନ୍ତ୍ରୀ ମୁକ୍ତାର ଅବ୍ବାସ ନକ୍‌ଭି ବୁଧବାର ନିଜ ପଦ ଛାଡ଼ିଛନ୍ତି। ତାଙ୍କ ସହ ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ରାଜ୍ୟ ସଭା ସଦସ୍ୟ ତଥା ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟ୍‌ରୁ ଇସ୍ତଫା ଦେଇଛନ୍ତି। ଏହି ଇସ୍ତଫା ପରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ଭାଜପା ନେତା ନକ୍‌ଭିଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର୍ ଧରିଛି।

ପାର୍ଲାମେଣ୍ଟର ଉଭୟ ଗୃହରେ ଭାଜପାର ମୋଟ ୩୯୫ ସଦସ୍ୟ ଅଛନ୍ତି। ତେବେ କେନ୍ଦ୍ରମନ୍ତ୍ରୀ ମୁକ୍ତାର ଅବ୍ବାସ ନକ୍‌ଭିଙ୍କ ରାଜ୍ୟ ସଭା କାର୍ଯ୍ୟକାଳ ଶେଷ ହେବା ପରେ ସଂସଦରେ ଗୈରିକ ଦଳର ମୁସଲମାନ ସଦସ୍ୟଙ୍କ ସଂଖ୍ୟା ଶୂନରେ ପହଞ୍ଚିଛି। ଭାଜପା ସଂଖ୍ୟାଲଘୁ ସମୁଦାୟକୁ ପାର୍ଲାମେଣ୍ଟରେ ଉପଯୁକ୍ତ ପ୍ରତିନିଧିତ୍ୱ ଦେଉନାହିଁ ବୋଲି ବିରୋଧୀ ସମାଲୋଚନା କରୁଥିବାବେଳେ ମୋଦି ସରକାର ନକ୍‌ଭିଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିପାରନ୍ତି। ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭାଜପା ପାଖରେ ପର୍ଯ୍ୟାପ୍ତ ସଂଖ୍ୟାବଳ ଥିବାରୁ ଦଳ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଇବା ଭଳି ବିସ୍ମୟକର ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚମକାଇ ଦେଇପାରନ୍ତି। ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ପରେ ନକ୍‌ଭି ଭାଜପା ମୁଖ୍ୟାଳୟକୁ ଯାଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସାକ୍ଷାତ୍ କରିଛନ୍ତି। ଦେଶରେ ଷୋଡ଼ଶ ଉପରାଷ୍ଟ୍ରପତି ନିର୍ବାଚନକୁ ମାସେ ବାକି ଥିବାବେଳେ ଏହି ପଦବୀ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନକ୍‌ଭିଙ୍କୁ ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି। କାରଣ ନିକଟରେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ରାଜସ୍ଥାନରୁ ଭାଜପାର ଅନେକ ନେତା ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବାବେଳେ ଦଳ ନକ୍‌ଭିଙ୍କୁ ପୁନର୍ବାର ଟିକେଟ ଦେଇ ନ ଥିଲା। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚାରେ ଥିବା ଅନ୍ୟ ୨ ମୁସଲମାନ ନେତା ହେଲେ କେରଳ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ନଜ୍‌ମା ହେପ୍‌ତୁଲ୍ଲା। ସେହିପରି ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ୍ ଅମରିନ୍ଦର ସିଂଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଶିଖ୍ ସମୁଦାୟର ଅମରିନ୍ଦର ହେଉଛନ୍ତି ଉପରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ଥିବା ଚତୁର୍ଥ ନେତା, ଯିଏକି ଶାସକ ଦଳର ନୁହନ୍ତି, ବରଂ ଭାଜପାର ସହଯୋଗୀ ପଞ୍ଜାବ ଲୋକ କଂଗ୍ରେସର ଅଧ୍ୟକ୍ଷ। ଅମରିନ୍ଦର ଅସ୍ତ୍ରୋପଚାର ସାରି ବିଦେଶରୁ ଫେରିବା ପରେ ଭାଜପାରେ ତାଙ୍କ ଦଳର ବିଲୟ ଘଟିପାରେ।

### କେନ୍ଦ୍ରମନ୍ତ୍ରୀ ନକ୍‌ଭି, ଆର୍‌ସିପି ସିଂ ଇସ୍ତଫା ଦେଲେ

ରାଜ୍ୟ ସଭାରେ କେନ୍ଦ୍ରମନ୍ତ୍ରୀ ମୁକ୍ତାର ଅବ୍ବାସ ନକ୍‌ଭି ଏବଂ ରାମଚନ୍ଦ୍ର ପ୍ରସାଦ ସିଂଙ୍କ କାର୍ଯ୍ୟକାଳ ଶେଷ ହେବାର ଦିନକ ପୂର୍ବରୁ ବୁଧବାର ଉଭୟେ କ୍ୟାବିନେଟ୍‌ରୁ ଇସ୍ତଫା ଦେଇଛନ୍ତି। ଦୁହେଁ ନିଜ ନିଜ ଇସ୍ତଫାପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦେଶ ପ୍ରତି ନକ୍‌ଭି ଏବଂ ଆର୍‌ସିପି ସିଂଙ୍କ ଅବଦାନକୁ କ୍ୟାବିନେଟ ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଛନ୍ତି। ଭାଜପାର ମୁସ୍‌ଲିମ ଚେହେରା ତଥା ରାଜ୍ୟ ସଭାରେ ଦଳର ଉପନେତା ନକ୍‌ଭି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ଥିବାବେଳେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏମ୍‌ପି ଆର୍‌ସିପି ସିଂ ଇସ୍ପାତ ମନ୍ତ୍ରୀ ଥିଲେ। ଉଚ୍ଚ ସଦନରେ ଜଣଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱରେ ରହିପାରିବେ। କିନ୍ତୁ ତାଙ୍କୁ ଏହି ଅବଧି ମଧ୍ୟରେ ରାଜ୍ୟ ସଭା କିମ୍ବା ଲୋକ ସଭାକୁ ନିର୍ବଚିତ ହୋଇ ଯିବାକୁ ପଡ଼ିବ। ଏପରି ହେଲେ ସମ୍ପୃକ୍ତ ଇସ୍ତଫାଦାତାଙ୍କୁ ମନ୍ତ୍ରୀ ପଦ ପାଇଁ ପୁଣି ଥରେ ଶପଥ ନେବାକୁ ପଡ଼ିଥାଏ।

କେନ୍ଦ୍ରମନ୍ତ୍ରୀ ଆର୍‌ସିପି ସିଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରୁଥିଲେ। ମୋଦି ସରକାର ଗତବର୍ଷ ଜୁଲାଇ ୭ରେ ତାଙ୍କୁ ଇସ୍ପାତ ମନ୍ତ୍ରୀ କରିଥିଲେ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆର୍‌ସିପି ସିଂଙ୍କ ବଢ଼ିଚାଲିଥିବା ଘନିଷ୍ଠତାକୁ ଦେଖି ନିକଟରେ ନୀତୀଶ ପୁନର୍ବାର ନିର୍ବାଚିତ ହେବା ଲାଗି ଆର୍‌ସିପିଙ୍କୁ ଟିକେଟ ଦେଇ ନ ଥିଲେ। ତ୍ରିପୁରାର ମାଣିକ ଶାହା ରାଜ୍ୟ ସଭାରୁ ଇସ୍ତଫା ଦେଇ ମୁଖ୍ୟମନ୍ତ୍ରୀ ହେବା ପରେ ନିକଟରେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଖାଲିପଡ଼ିଥିବା ତାଙ୍କ ଆସନରେ ଭାଜପା ଜଣଙ୍କୁ ଟିକେଟ ଦେଇପାରେ। ଏହାକୁ ବାଦ୍ ଦେଲେ ଆଗାମୀ କିଛି ମାସ ମଧ୍ୟରେ ରାଜ୍ୟ ସଭାର କୌଣସି ଆସନ ପାଇଁ ନିର୍ବାଚନ ହେବାର ନାହିଁ। ଇତିମଧ୍ୟରେ ନକ୍‌ଭିଙ୍କ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ଦିଆଯାଇଛି। ସେହିପରି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଆର୍‌ସିପି ସିଂଙ୍କ ଇସ୍ପାତ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ବର୍ତ୍ତମାନର ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୦ରେ ଶେଷ ହେବ। ନୂଆ ଉପରାଷ୍ଟ୍ରପତି ୧୧ ତାରିଖରେ ଶପଥ ନେବେ। ତେଣୁ ଆସନ୍ତା ଅଗଷ୍ଟ ୬ରେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦ ଲାଗି ନିର୍ବାଚନ କରାଯିବା ନେଇ ମଙ୍ଗଳବାର ଭାରତର ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ଅନୁସାରେ ଉପରାଷ୍ଟ୍ରପତି ପଦ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହେଉଛି ଜୁଲାଇ ୧୯। ଏହାର ଦିନକ ପରେ ଅର୍ଥାତ୍ ୨୦ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ୨୨ ତାରିଖ ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ।




## ଦ୍ରୌପଦୀଙ୍କ ପାଇଁ ବିଜେଡିର ଜୋର୍‌ଦାର କ୍ୟାମ୍ପେନ୍

### କଂଗ୍ରେସର ବିଧାୟକମାନଙ୍କୁ ଭେଟିଲା ବିଜେଡି ଟିମ୍

**ଭୁବନେଶ୍ୱର,୬।୭(ବ୍ୟୁରୋ)**

ରାଷ୍ଟ୍ରପତି ନିର୍ବାଚନ ପାଇଁ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ପ୍ରାର୍ଥୀ କରାଯାଇଛି। ଏହିକ୍ରମରେ ଦ୍ରୌପଦୀଙ୍କୁ ସମର୍ଥନ ଲାଗି କ୍ୟାମ୍ପେନ ଆରମ୍ଭ ହୋଇଛି। ତେବେ ବିଜେଡି ରାଜ୍ୟରେ ଏହି କ୍ୟାମ୍ପେନକୁ ବ୍ୟାପକ କରିବାରେ ଲାଗିଛି। ଆସନ୍ତା ୮ରେ ସମର୍ଥନ ମାଗିବା ଲାଗି ଦ୍ରୌପଦୀଙ୍କ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ଥିବାବେଳେ ଏହା ପୂର୍ବରୁ କଂଗ୍ରେସ ବିଧାୟକଙ୍କୁ ଭେଟି ସମର୍ଥନ ଲୋଡ଼ିବାରେ ଲାଗିଛି ବିଜେଡି। କଂଗ୍ରେସ ବିଧାୟକ ରାଜନ ଏକ୍କାଙ୍କୁ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ବୁଧବାର ସାକ୍ଷାତ୍ କରିଥିଲେ। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ସ୍ନେହାଙ୍ଗିନୀ ଛୁରିଆ ଏବଂ ବିଧାୟକ ରାଜକିଶୋର ଦାସ ପ୍ରମୁଖ ରାଜନଙ୍କୁ ଭେଟି ଦ୍ରୌପଦୀଙ୍କୁ ସମର୍ଥନ ଦେବା ଲାଗି ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ବିଜେଡି ନେତୃବୃନ୍ଦ ଏହି ବାର୍ତ୍ତା ଦେଇଥିବା ଜଣାଇଥିଲେ। ଏକ୍କା ଜଣେ ଆଦିବାସୀ ହୋଇଥିବାରୁ ଭୋଟ ଦେବାକୁ ବିଜେଡି ଅନୁରୋଧ କରିଥିବା ଜଣାପଡ଼ିଛି। ଅନ୍ୟପଟେ କଂଗ୍ରେସ ଏବଂ ଭାଜପାର ବିଚାରଗତ ଭିନ୍ନତା ରହିଛି। ତେଣୁ ବିରୋଧୀ ମେଣ୍ଟର ରାଷ୍ଟ୍ରପତି ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ସମର୍ଥନ କରିବେ ବୋଲି ଏକ୍କା କହିଥିଲେ। ଏହିକ୍ରମରେ ବିଜେଡି ନେତାମାନେ କଂଗ୍ରେସର ଅନ୍ୟ ବିଧାୟକଙ୍କୁ ମଧ୍ୟ ଭେଟି ସମର୍ଥନ ଲୋଡ଼ିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଏହି ପ୍ରସଙ୍ଗରେ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କୁ ଭେଟିଥିବା ବେଳେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟି ଦ୍ରୌପଦୀଙ୍କୁ ସମର୍ଥନ ଲାଗି ଅନୁରୋଧ କରିଥିଲେ। ସେହିପରି ବିଜେଡିର ଏକାଧିକ ନେତୃମଣ୍ଡଳୀ ଯାଇ ବିଧାୟକ ସୁର ରାଉତରାୟ, ମହମ୍ମଦ ମୋକିମ, ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କୁ ଭେଟିଛନ୍ତି।

## ୧୭ ଜିଲାର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଏବେ ଦୁର୍ନୀତିର ଗନ୍ତାଘର: ଭାଜପା

**ଭୁବନେଶ୍ୱର,୬।୭(ବ୍ୟୁରୋ):** ଶାସକ ଦଳର ହସ୍ତକ୍ଷେପ ଯୋଗୁ ରାଜ୍ୟର ସମବାୟ ଆନ୍ଦୋଳନ ପ୍ରାୟତଃ ଧ୍ୱଂସ ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷପାତିତା ଏବଂ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ୧୭ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଭାଜପା ନେତା ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ବିଜେଡିର ସୁରକ୍ଷାବଳୟ ଭିତରେ ଥିବା ଅପରାଧୀ ତତ୍ତ୍ୱ ବ୍ୟାଙ୍କ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ସୁନ୍ଦରଗଡ଼ ଜିଲା ସମବାୟ ବ୍ୟାଙ୍କ। ବ୍ୟାଙ୍କ ସିଇଓ ସୁରେଶ ଦାସଙ୍କ ନିଯୁକ୍ତି ପ୍ରଥମରୁ ବେଆଇନ ସତ୍ତ୍ୱେ ତାଙ୍କୁ ପୁନଃନିଯୁକ୍ତି ଦିଆଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିବାଦୀୟ ସିଇଓଙ୍କ ନିଯୁକ୍ତି ପରଠାରୁ ଚାଷୀମାନେ ଠିକଣା ସମୟରେ କୃଷି ଋଣ ନ ପାଇ ହଇରାଣ ହୋଇଛନ୍ତି। ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ଆଧାରରେ ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଭବାନୀ ଶଙ୍କର ମାଝି ଏବଂ ସିଇଓ ସୁରେଶ ଦାସଙ୍କ ବିରୋଧରେ ୪ କୋଟି ୫୬ ଲକ୍ଷ ଟଙ୍କା ହଡପ ଘଟଣା ଧରାପଡ଼ିଛି। ଏହି ଦୁର୍ନୀତିକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବ୍ୟାଙ୍କ କର୍ମଚାରୀ ଓ ଅଡିଟ୍ ଅଧିକାରୀଙ୍କୁ ଆକ୍ରୋଶମୂଳକ ଭାବେ ବଦଳି କରାଯାଇଛି ବୋଲି ପ୍ରଦୀପ କହିଛନ୍ତି।




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48.

**SKY AUTOMOBILES**
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 8093027882. NARSINGHPUR: 8093027882. KAMAKHYANAGAR: 8093027882. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. #Gold voucher is applicable on select models/variants only. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st July, 2022.

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୫,୬୭,୦୦,୩୧୪ | ୬୩,୬୪,୮୮୬ | ୫୩,୦୯,୯୧,୨୦୩ |
| ଭାରତ | ୪,୩୫,୪୭,୮୦୯ | ୫,୨୫,୨୭୦ | ୪,୨୯,୦୭,୩୨୭ |
| ଓଡ଼ିଶା | ୧୨,୯୧,୫୧୮ | ୯୧୨୬(+୫୩) | ୧୨,୮୦,୫୩୨ |

ବୁଧବାର ରାତି ୯ଟା ୩୦ ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ସ୍ମିତପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଜଳେଶ୍ୱର ବିଡିଓ ନିଲମ୍ବିତ

ଭୁବନେଶ୍ୱର,୬।୭(ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବାଲେଶ୍ୱର ଜିଲା ଜଳେଶ୍ୱର ବିଡିଓ ଅଶ୍ୱିନୀ କୁମାର ଦାସଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ପୂର୍ବରୁ ଦାସଙ୍କ ନାମରେ ଆପରାଧିକ ମାମଲା ବିଚାରାଧୀନ ଥିଲା। ନିଲମ୍ବନ ଅବଧି ମଧ୍ୟରେ ଦାସଙ୍କ ହେଡ୍‌କ୍ୱାର୍ଟର୍ସ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ନିର୍ଦ୍ଧାରଣ କରାଯାଇଛି।

# ମୌସୁମୀ ଅଧିବେଶନ ପ୍ରଥମ ପର୍ଯ୍ୟାୟ ଶେଷ

ଭୁବନେଶ୍ୱର,୬।୭(ବ୍ୟୁରୋ)

ଚଳିତ ମୌସୁମୀ ଅଧିବେଶନର ପ୍ରଥମ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ବଜେଟ ଆଲୋଚନା ବିରତି ପାଇଁ ଜୁଲାଇ ୭ରୁ ୧୨ଯାଏ ବିଧାନସଭା ସାମୟିକ ଭାବେ ବନ୍ଦ ରହିବ। ଆସନ୍ତା ୧୩ରୁ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ସୂଚନାଯୋଗ୍ୟ, ଏହି ଅଧିବେଶନ ଜୁଲାଇ ୨ରୁ ଆରମ୍ଭ ହୋଇଛି। ଆସନ୍ତା ଅଗଷ୍ଟ ୪ ଯାଏ ଚାଲିବ। ଏଥିରେ ମୋଟ ୨୪ଟି କାର୍ଯ୍ୟଦିବସ ରହିଛି। ପ୍ରଥମ ପର୍ଯ୍ୟାୟରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଆଗତ ହେବା ସହ ୩ଟି ବିଲ୍ ପାରିତ ହୋଇଛି।



## classifieds Everyday
0674-2580101, 2549302

### real estate

### SALE

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରତାରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଛି। 9994968742. D-73267

ଭୁବନେଶ୍ୱର IIT ଅରଗୁଳ ରେଲ୍‌ୱେ ଷ୍ଟେସନ୍ ନିକଟରେ Road, ଇଲେକ୍ଟ୍ରିପୋଲ୍, Plantation ଥାଇ well developed ପ୍ଲଟ୍ sqft.-270/-ରେ କିଣନ୍ତୁ। 8018603523, 9348767829. D-73273

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271

Duplex sale at Bhubaneswar @ 45 lakhs and apartment @ 42lakhs. 9439206202. D-73275

ନନ୍ଦନକାନନ Backside ଚନ୍ଦକା-ତ୍ରିଶୂଳିଆ ବାଇପାସ୍ Road ପାଖରେ well developed ସ୍ଥିତିବାନ plots sqft. 900/- ରେ କିଣନ୍ତୁ- 9348767829, 8018603523. D-73272

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 9668344479, 9437607388. D-73268

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272. D-73277

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186. D-73929

### to-let

Rent new 1BHK, Dadabari for Salaried people, Siddhamahavir, Puri-2. 9902406161. D-907

### healthcare

Relax, refresh your body, mind at Saikrupa Spa with best therapies. 8984068077. D-805

Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73836

### business

Pay Day Investments. Investment starting from Rs. 10K. Monthly guaranteed income/ return 3%. Return paid on Weekly Basis.Bank to Bank Transfer. - 9078020885. D-73330

### LOST

I Tusar Kant Patnaik, S/o- Late Srikrushna Patnaik, Plot No.- 1592/1593, Chintamaniswar Temple Area, near fishery lane-11, P.S.- Laxmisagar, PO.- Budheswari, Bhubaneswar- 751006, Dist.- Khordha, Odisha declare that while I was moving from my resident carrying the original sale deed bearing No.- 6725, dtd. 30.09.1988 which had been purchased in my name situated in Mouza- Laxmisagar, Unit-30, Bhubaneswar, Khata No.-262, Plot No.- 1592 & 1593 area No.-131 has been lost some where on the way from Saheed Nagar to Chintamaniswar on dt. 29.06.2022 at about 9pm while I was travelling in Mo-Bus. If anyone misuses the same I will in no way be responsible. D-922

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT



By virtue of an affidavit before Executive Magistrate, Bhubaneswar I have changed my surname from Bhoi to Behera. Henceforth I Shall be known, called and identified as KARTTIK Behera instead of KARTTIK Bhoi for all purposes. D-73930

By virtue of an affidavit before the Notary Public, Cuttack my actual name is Jaganath Prasad Sahoo but in my HSC and Gas Book has been recorded as Jaganath Prasad Sahu instead of Jaganath Prasad Sahoo. Henceforth Jaganath Prasad Sahu and Jaganath Prasad Sahoo both are same and one person. D-915

By virtue of an affidavit before Notary Public, Bhubaneswar I Sangeeta Behera changed my name to Sangeeta Falguni Sahu after marriage to Falguni Chandra Sahu. Henceforth I shall be known as Sangeeta Falguni Sahu for all purposes. D-71039

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣ୍ଟା ଫିରିକି,**
**ଏତେ ଗୁଣ ବୋଲି ଜାଣିଥିଲି କି ?**

କାହାର କି ଗୁଣ ଅଥବା ଖୁଣ ଅଛି ତାହା ହଠାତ୍ ଜଣାପଡ଼ି ନ ଥାଏ। ତେବେ ସମୟ ଆସିଲେ ବଳେ ତାହା ଜଣାପଡ଼ିଯାଇଥାଏ। ଯାହାର ପ୍ରକୃତି ମନ୍ଦ ତାହା ଦିନେ ନା ଦିନେ ଧରା ପଡ଼ିଯାଇଥାଏ। ଉପରକୁ ଭଦ୍ର ଜଣାପଡୁଥିବା ବ୍ୟକ୍ତିଙ୍କ ଭିତିରିଆ ମନ୍ଦ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କୁଲାରେ କାଟିଲି ଲାଉ;**
**ସବୁଦିନ କଥା ମନରେ ଅଛି,**
**ଏକାଦିନେ ନେବି ଦାଉ।**

ଅନ୍ୟାୟରେ ଅନ୍ୟ ଦ୍ୱାରା ପ୍ରତାରିତ ହେଲେ, ହିନସ୍ତା ଭୋଗିଲେ ମନରୁ ସେସବୁ ସହଜରେ ଭୁଲି ହୋଇ ନ ଥାଏ। ବେଳ ଆସିଲେ ବା ସୁଯୋଗ ମିଳିଲେ ଏସବୁର ପ୍ରତିଶୋଧ ନେବା ପାଇଁ ହଟହଟା ହୋଇଥିବା ବ୍ୟକ୍ତି ମନସ୍ଥ କରିଥିବା ସ୍ଥଳେ ପ୍ରତିହିଂସା ପରାୟଣାତା ବଜାୟ ରଖିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ତହସିଲଦାର, ଅତିରିକ୍ତ ...

କିପର ତଥା ବରିଷ୍ଠ ରାଜସ୍ୱ ସହକାରୀ ମକରଧ୍ୱଜ କାଲସାଏ (୪୬)ଙ୍କୁ ଗିରଫ କରିଛି। ଏହି ଜମି ହଡ଼ପ ମାମଲାରେ ପୂର୍ବରୁ ପୋଲିସ ୩ଜଣଙ୍କୁ ଗିରଫ କରିଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଜମି ହଡ଼ପ ସଂକ୍ରାନ୍ତରେ ଏକ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ଅତିରିକ୍ତ ଜିଲାପାଳ ଏବଂ ଉପଜିଲାପାଳଙ୍କୁ ନେଇ ଦୁଇଜଣିଆ ତଦନ୍ତ କମିଟି ଗଠନ କରାଯାଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ରିପୋର୍ଟକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯାଇଥିଲା। ଉକ୍ତ ରିପୋର୍ଟ ଆଧାରରେ ରାଜ୍ୟ ସରକାର ତହସିଲଦାର ବାଗ ଏବଂ ଅତିରିକ୍ତ ତହସିଲଦାର ରାଉତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି। ତହସିଲଦାର ବାଗ ଏବଂ ଅତିରିକ୍ତ ତହସିଲଦାରଙ୍କ ନିଲମ୍ବନ ପରେ ଏହି ଦୁଇ ଅଧିକାରୀଙ୍କ ଅଡୁଆ ବଢ଼ିଛି। ଏମାନଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ହୋଇଥିଲା। ଛୁଟିଦିନରେ ତହସିଲଦାର ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇ ଜଣେ ମୃତବ୍ୟକ୍ତିଙ୍କ ଦେଢ଼ ଏକର ଜମିକୁ ବିକ୍ରି କରାଯାଇଥିଲା। ଏପରିକି ସମ୍ପୃକ୍ତ ଜମିକେତ୍ରାଙ୍କୁ ପଟ୍ଟା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ବଲାଙ୍ଗୀର ସହର ଉପକଣ୍ଠ ଧୁମାମରା ଗ୍ରାମର ଅବଦୁଲ ଷାଣ୍ଢ ଗତ ଜୁନ୍ ୧୬ ତାରିଖରେ ସଦର ଥାନାରେ ତାଙ୍କ ବାପା ହର୍ଷ ଷାଣ୍ଢଙ୍କ ନାଁରେ ଥିବା ଦେଢ଼ ଏକର ଜମି ବିକ୍ରି କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏହି ଘଟଣାରେ ବଲାଙ୍ଗୀର ତହସିଲଦାର, ଅତିରିକ୍ତ ତହସିଲଦାର, ସବ୍‌ରେଜିଷ୍ଟ୍ରାରଙ୍କ ସମେତ ୯ ଜଣଙ୍କ ବିରୋଧରେ ସେ ଅଭିଯୋଗ କରିଥିଲେ। ସଦର ଥାନା ପୋଲିସ ଏକ ମାମଲା(୨୪୯/୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ୨୦୦୫ ମସିହାରୁ ଜମି ମାଲିକ ହର୍ଷ ଷାଣ୍ଢଙ୍କ ମୃତ୍ୟୁ ଘଟିଥିବା ସତ୍ତ୍ୱେ ତାଙ୍କ ନାଁରେ ଜଣେ ବ୍ୟକ୍ତିଙ୍କୁ ଠିଆ କରାଇ ୨୦୨୧ ଡିସେମ୍ବର ୧୧ରେ ସେଲଡିଡ୍ ତିଆରି କରାଯାଇଥିଲା। ଶିକାବେହେଙ୍ଗା ଗ୍ରାମର ଉତ୍ତମ ନାଗ ନାମକ ଜଣେ ବ୍ୟକ୍ତି ନିଜକୁ ହର୍ଷ ଷାଣ୍ଢ ଭାବେ ପରିଚୟ ଦେଇ ଏବଂ ଜାଲ୍ କାଗଜପତ୍ର ଦେଇ ସବ୍‌ରେଜିଷ୍ଟ୍ରି ଅଫିସରେ ୫୦ ଡିସମିଲ ଜମିର ସେଲଡିଡ୍‌ରେ ଦସ୍ତଖତ କରିଥିଲେ। ବଲାଙ୍ଗୀର ଗୋପବନ୍ଧୁନଗରର ମାଧବ ପୃଷ୍ଟି ନାମକ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ଲବଣୀ ପୃଷ୍ଟିଙ୍କ ନାଁରେ ଏହି ୫୦ ଡିସିମିଲ ଜମି କିଣିଥିଲେ। ୨୦୨୨ ମାର୍ଚ୍ଚ ୩ ତାରିଖରେ ଏହି ସେଲଡିଡ୍ କରାଯାଇଥିଲା। ତହସିଲ ଅଫିସରୁ ୫୦ ଡିସିମିଲ ଜମିର ପାର୍ଚ୍ଚା ବାହାରିବା ପରିବର୍ତ୍ତେ ଲବଣୀ ପୃଷ୍ଟିଙ୍କ ନାଁରେ ୧.୪୯ ଏକର ଜମିର ପାର୍ଚ୍ଚା ତିଆରି ହୋଇଯାଇଥିଲା। ଏହି ଜମି କେଳେଙ୍କାରୀରେ ତହସିଲଦାର ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ଜମି କିଣିଥିବା ଲବଣୀ ପୃଷ୍ଟିଙ୍କ ସ୍ୱାମୀ ମାଧବ ପୃଷ୍ଟି, ନକଲି ଜମି ମାଲିକ ସାଜିଥିବା ଉତ୍ତମ ନାଗ ଏବଂ ସାକ୍ଷୀ ହୋଇଥିବା ଦେବରାଜ ରାଉତଙ୍କୁ ପୋଲିସ ପୂର୍ବରୁ ଗିରଫ କରି ଜେଲକୁ ପଠାଇ ସାରିଛି। ବୁଧବାର ରେକର୍ଡ କିପର ମକରଧ୍ୱଜ କାଲସାଏଙ୍କୁ ଗିରଫ କରାଯିବା ପରେ ଏହି ଜମି ବିକ୍ରି ଘଟଣାରେ ଗିରଫଦାରି ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଏହି ଘଟଣାରେ ଆହୁରି କେତେଜଣ ଅଧିକାରୀ ଓ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବାକି ରହିଛି।

### ଦେଢ଼ବର୍ଷରେ ...

ଦେଶର ଅନ୍ୟ ପ୍ରମୁଖ ସହର ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇରେ ଏହାର ମୂଲ୍ୟ ଯଥାକ୍ରମେ ୧୦୫୨.୫ଟଙ୍କା, ୧୦୭୯ ଟଙ୍କା ଏବଂ ୧୦୬୮.୫ ଟଙ୍କା ରହିଛି। ଗୋଟିଏ ପଟେ ଗ୍ୟାସ୍ ଦର ବଢ଼ଧରଣର ବୃଦ୍ଧି ପାଉଛି, ଅନ୍ୟ ପଟେ ଉପଭୋକ୍ତାଙ୍କୁ ସିଲିଣ୍ଡର ପିଛା ରିହାତି ଆକାରରେ ସରକାର ମାତ୍ର ୧୩.୯୫ ଟଙ୍କା ଦେଉଥିବା ଜଣାପଡ଼ିଛି। ଇଣ୍ଡିଆନ ଅଏଲ କର୍ପୋରେଶନ (ଆଇଓସି)ର ତଥ୍ୟ ଅନୁଯାୟୀ ନୂଆଦିଲ୍ଲୀରେ ୨୦୨୧ ଫେବୃୟାରୀ ୪ରେ ୨୫ ଟଙ୍କା ବୃଦ୍ଧି ପୂର୍ବରୁ ଜାନୁୟାରୀରେ ୧୪.୨ କେ.ଜି. ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୬୯୪ ଟଙ୍କା ଥିଲା। ସେହି ସମୟରେ ଭୁବନେଶ୍ୱରରେ ମୂଲ୍ୟ ୭୨୦.୫ ଟଙ୍କା ରହିଥିଲା। ନୂଆଦିଲ୍ଲୀରେ ଏହି ଦର ୨୦୨୧ ଜୁନ୍ ସୁଦ୍ଧା ୮୩୪.୫ ଟଙ୍କା ଏବଂ ବର୍ଷ ଶେଷ ସୁଦ୍ଧା ୮୯୯.୫ ଟଙ୍କାରେ ପହଞ୍ଚିଥିଲା। ୨୦୨୧ ଜାନୁୟାରୀରୁ ୨୦୨୨ ଜୁଲାଇ ୬ ମଧ୍ୟରେ ମୂଲ୍ୟ ନୂଆଦିଲ୍ଲୀରେ ୩୫୯ ଟଙ୍କା ଏବଂ ଭୁବନେଶ୍ୱରରେ ୩୫୮.୫ ଟଙ୍କା ବଢ଼ିଲାଣି।

### ପିଟି ଉଷା, ଇଲାଇୟାରାଜା ...


ପି. ଟି. ଉଷା


ଇଲାଇୟାରାଜା

ମନୋନୀତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପି. ଟି. ଉଷା ଏକ ପ୍ରେରଣା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଇଲାଇୟାରାଜାଙ୍କ ସୃଜନଶୀଳ ପ୍ରତିଭା ପିଢ଼ି ପରେ ପିଢ଼ିକୁ ଆକର୍ଷିତ କରିଛି। ତାଙ୍କ କାର୍ଯ୍ୟ ଅନେକ ଭାବନାକୁ ସୁନ୍ଦର ଭାବେ ପ୍ରତିଫଳିତ କରେ ବୋଲି ମୋଦି ଟୁଇଟ୍ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମାଟ୍ରିକ ପାସ୍‌ହାର ...

୯୨.୩୭ ପ୍ରତିଶତ ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୮୮.୭୭ ପ୍ରତିଶତ ରହିଛି। ତେବେ ୧,୧୭୦ଟି ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ତିନୋଟି ସ୍କୁଲରେ ପରୀକ୍ଷା ଫଳ ଶୂନ ରହିଛି। ରେଜଲ୍ଟ ଶୂନ ହୋଇଥିବା ସ୍କୁଲ ମଧ୍ୟରେ ମାଲକାନଗିରିର ୨ଟି ଏବଂ ଅନୁଗୋଳର ଗୋଟିଏ ସ୍କୁଲ ରହିଛି। ଅନୁଗୋଳର ପ୍ରୋଜେକ୍ଟ ବାଳିକା ଉଚ୍ଚ ବିଦ୍ୟାଳୟ, ରେଙ୍ଗାଲି ଡ୍ୟାମ୍ ସାଇଡ ଯେଉଁଠାରେ ମାତ୍ର ୨ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ ସେମାନେ ଫେଲ୍ ହୋଇଛନ୍ତି। ଏଥିସହ ମାଲକାନଗିରିର ସରକାରୀ ୟୁଜି ହାଇସ୍କୁଲ ବୁରୁଡି, ସରକାରୀ ୟୁଜି ହାଇସ୍କୁଲ କୋଟପାଲି ଜଣେ ଲେଖାଏ ପିଲା ପରୀକ୍ଷା ଦେଇଥିଲେ ସେମାନେ ଫେଲ୍ ହୋଇଛନ୍ତି। ପରୀକ୍ଷା ଦେଇ ପାସ୍ ହେବାରେ ଚଳିତ ବର୍ଷ ସର୍ବକାଳୀନ ରେକର୍ଡ ହୋଇଥିବା କୁହାଯାଉଛି। ଜଗତ୍‌ସିଂହପୁର ଜିଲାରେ ସର୍ବାଧିକ ୯୬.୩୬ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ ୯୪.୫୫ ପ୍ରତିଶତ ସହ କଟକ ଦ୍ୱିତୀୟ ଏବଂ ୯୩.୮୫ ପ୍ରତିଶତରେ ପୁରୀ ଜିଲା ତୃତୀୟ ସ୍ଥାନରେ ରହିଛି। ଚଳିତ ବର୍ଷ ଏ-୧ ଗ୍ରେଡ୍‌ରେ ୮,୧୧୯ ଛାତ୍ରୀଛାତ୍ର, ଏ-୨ଗ୍ରେଡ୍‌ରେ ୫୪,୮୮୯, ବି-୧ ଗ୍ରେଡ୍‌ରେ ୧ ଲକ୍ଷ ୨୦ ହଜାର ୩୧୨, ବି-୨ ଗ୍ରେଡ୍‌ରେ ୧ଲକ୍ଷ ୪୨ ହଜାର ୫୯୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧.୪୨ ପ୍ରତିଶତ ପରୀକ୍ଷାର୍ଥୀ ୯୦ ଶତକଡ଼ାରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ଏଥର ସି- ଗ୍ରେଡ୍‌ରେ ୧,୧୬,୭୩୫ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଡି-ଗ୍ରେଡ୍‌ରେ ୬୦,୦୧୫ ଜଣ ଏବଂ ଇ-ଗ୍ରେଡରେ ୧୫,୧୭୮ ଜଣ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ମଧ୍ୟମାରେ ୮୦.୦୬ ପ୍ରତିଶତ ପାସ ହାର ରହିଥିବାବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୭୯.୭୮ ପ୍ରତିଶତ ପାସ୍ ହାର ରହିଛି। ପରୀକ୍ଷା ଫଳଘୋଷଣା ସମୟରେ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ବୋର୍ଡ ସଭାପତି ରାମାଶିଷ ହାଜରାଙ୍କ ସମେତ ବୋର୍ଡର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୋର୍ଡ ପକ୍ଷରୁ ଦିଆଯାଇଥିବା ମାର୍କରେ କେହି ଅସନ୍ତୁଷ୍ଟ ଥିଲେ ରିଚେକିଂ ପାଇଁ ଆବେଦନ କରିପାରିବେ। ଆସନ୍ତା ୧୧ତାରିଖରୁ ରିଚେକିଂ ଆବେଦନ ଆରମ୍ଭ ହେବ। ୧୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ରିଚେକିଂ ଆବେଦନ କରିପାରିବେ ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କରୋନା ସଂକ୍ରମଣ ଯୋଗୁ ଗତ ବର୍ଷ ଅଫ୍‌ଲାଇନ୍ ପରୀକ୍ଷା ହୋଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ଫଳ ପ୍ରକାଶ କରାଯାଇଥିଲା। ଫଳ ପ୍ରକାଶନ ପରେ ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା ହୋଇଥିଲା। ତେବେ ଏଥର କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ଅଫ୍‌ଲାଇନ ମୋଡ୍‌ରେ ପରୀକ୍ଷା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏପ୍ରିଲ୍ ୨୮ରୁ ମେ' ୭ ଯାଏ ମାଟ୍ରିକ ପରୀକ୍ଷା ଚାଲିଥିଲା। ମେ' ୨୧ରୁ ରାଜ୍ୟର ୫୮ଟି କେନ୍ଦ୍ରରେ ଖାତାଦେଖା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ନୂଆ ପଦ୍ଧତିରେ ମୂଲ୍ୟାୟନ କରାଯାଇଛି। ଇଣ୍ଟରନାଲ୍ ଆସେସ୍‌ମେଣ୍ଟ, ସମ୍ମେଟିଭ ଆସେସ୍‌ମେଣ୍ଟ-୧ ଓ ୨ର ରେଜଲ୍ଟ ଆଧାରରେ ପିଲାଙ୍କୁ ମାର୍କ ଦିଆଯାଇଛି।

### ଟଙ୍କା ଭର୍ତ୍ତି ଏଟିଏମ୍...

ଅଭିଯୋଗ ପରେ ନୂଆପଡ଼ା ଓ ବଲାଙ୍ଗୀର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଖଡ଼ିଆଳ ଷ୍ଟେଟ ବ୍ୟାଙ୍କରେ ସିଏମ୍‌ଏସ୍ କମ୍ପାନୀର (ଏଟିଏମ୍) ଗାଡି ନିୟୋଜିତ ହୋଇଛି। ବୁଧବାର ଅପରାହ୍ନ ସାଢ଼େ ୧ଟାରେ ୫୭ ଲକ୍ଷ ୧୨ ହଜାର ଟଙ୍କା ବାହାର କରି ବୋଡ଼େନ ଓ ସିନାପାଲି ବ୍ଲକର ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭରିବାର ଥିଲା। ଏଟିଏମ୍ ଗାଡ଼ି (ନଂ.ଓଆରବିକ୍ୟୁ-୬୧୯୦)ରେ ଟଙ୍କା ରଖିବା ପରେ ଦୁଇଜଣ କର୍ମଚାରୀ ବ୍ୟାଙ୍କ ଭିତରକୁ କୌଣସି କାର୍ଯ୍ୟ ପାଇଁ ଯାଇଥିଲେ। ଏଟିଏମ୍ ଗାଡିର ଗାର୍ଡ ପରିସ୍ରା କରିଯିବା ବେଳେ ଡ୍ରାଇଭର ଟଙ୍କା ଭର୍ତ୍ତି ଥିବା ଗାଡିକୁ ନେଇ ଫେରାର ହୋଇଯାଇଥିଲେ। ବ୍ୟାଙ୍କ କର୍ମଚାରୀ ଫେରି ଆସି ବ୍ୟାଙ୍କ ସାମ୍‌ନାରେ ଗାଡି ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ୨ କର୍ମଚାରୀ ଓ ଗାର୍ଡ ଆସି ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ନୂଆପଡ଼ା-ବଲାଙ୍ଗୀର ଜିଲା ସୀମାନ୍ତ ସନ୍ଧିବାହାଲି ଓ ଭରୁଆକାନି ମଝିରେ କେବଳ ଗାଡ଼ିକୁ ଜବତ କରିଥିବା ବେଳେ ଡ୍ରାଇଭର ଟଙ୍କା ଧରି ଫେରାର ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ଘଟଣାରେ ୨ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କୁ ବନ୍ଧୁମାନଙ୍କ ସହ ଆକସ୍ମିକ ଯାତ୍ରା କରିବାର ସୁଯୋଗ ଜୁଟିବ। ସକାଳୁ ସକାଳୁ ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରିନେବାର ପ୍ରଯତ୍ନ କରିବେ। ଦିନ ମଧ୍ୟରେ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିଯାଇପାରେ।

**ବୃଷ** କୌଣସି ନୂତନ ଯୋଜନା କରିବା ଲାଗି ମନ ବଳାଇ କୃତକାର୍ଯ୍ୟ ହେବେ। ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇପାରେ। ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** କର୍ମକ୍ଷେତ୍ରରେ ବିଚାରଧାରାର ବିଭିନ୍ନତା ମାନସିକ ଅସ୍ଥିରତାର କାରଣ ହେବ। କହିବାକୁ ଇଚ୍ଛା ଥାଇ ମଧ୍ୟ ବନ୍ଧୁଙ୍କୁ ମନକଥା ପ୍ରକାଶ କରିପାରିବେ ନାହିଁ। ଜମିଜମା ସମ୍ପର୍କିତ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ଆଇନ, ଅଦାଲତ କ୍ଷେତ୍ର ତଥା ମାଲିମକଦ୍ଦମାରେ ବିଚାର ବିଳମ୍ବ ହେବାରୁ ବ୍ୟସ୍ତତା ପ୍ରକାଶ କରିବେ।

**କର୍କଟ** ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆକସ୍ମିକ ଭାବେ ଜଣେ ପୁରୁଣା ବନ୍ଧୁଙ୍କ ଦେଖାପାଇ ମନ ହାଲୁକା କରିବେ।

**ସିଂହ** ଆଜି ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧହେବେ। ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ପ୍ରକାର ଫନ୍ଦିଫିକର କରିବାକୁ ପଡ଼ିପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଅର୍ଥାଭାବ କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ।

**ତୁଳା** ସୁଖ, ସୌହାର୍ଦ୍ଦ୍ୟ ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧହେବେ। କୌଣସି ଜିନିଷ କ୍ରୟ ସକାଶେ ହଠାତ୍ ମୋଟାଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ର, ସଭାସମିତି, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ଅତୀତ ଘଟଣା ମନକୁ ଆଲୋଡ଼ିତ କରିବ। ଅନୁରାଧା ନକ୍ଷତ୍ର ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ ତାହା ସମସ୍ୟା ସୃଷ୍ଟିର କାରଣ ହେବ। ଏମିତି କେତେକ ପରିସ୍ଥିତି ଭିତରେ ଚଳିବାକୁ ବାଧ ହେବେ, ଯଦ୍ୱାରା କି ଜାଣିଶୁଣି ସବୁକଥାରେ ନୀରବ ରହିବାକୁ ପଡ଼ିବ।

**ଧନୁ** ଆଜି କର୍ମକ୍ଷେତ୍ରରେ ବନ୍ଧୁକୃତ ଅପମାନଜନକ ସ୍ଥିତିର ସମ୍ମୁଖୀନ ହେବେ। ଜମିଜମା କାରବାର କିମ୍ବା ରେଜିଷ୍ଟ୍ରେଶନ ସମ୍ପର୍କିତ ସମସ୍ୟାକୁ ନେଇ ବିବ୍ରତ ରହିପାରନ୍ତି। କ୍ରୀଡ଼ା, କଳା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସଫଳତା ଯୋଗୁ ମନ ଖୁସି ରହିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭାସମିତି ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ମକର** ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଆଜି ସକାଳ ସମୟରେ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକସ୍ତରରେ ଟେନ୍‌ସନ ଲାଗି ରହିବ। ଟିକିଏ କଥାରେ ରାଗିଯାଇ ଯାହାତାହା କହିବା କାରଣରୁ କିଛି ସମସ୍ୟା ଆସିପାରେ।

**କୁମ୍ଭ** ସମସ୍ୟା ପ୍ରତିହତ କରି କର୍ମକ୍ଷେତ୍ରରେ ନିଜ ସ୍ଥିତି ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ବି ଆପଣଙ୍କର କୌଣସି ଅସୁବିଧା ହେବନାହିଁ। ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପାରିବାରିକସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ** ବିଭିନ୍ନ ପ୍ରକାର ସମସ୍ୟା ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବାର ଆଶଙ୍କା ରହିଛି। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା ବ୍ୟସ୍ତତାର କାରଣ ହୋଇପାରେ।

ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। –ଶ୍ରୀମା

# ଆମେରିକା ଗଣତନ୍ତ୍ର ସଙ୍କଟରେ



ଜର୍ଜ ସୋରସ

୧୭୭୬ରେ ଆମେରିକାରେ ଗଣତନ୍ତ୍ର ପ୍ରତିଷ୍ଠା ହେବାଠାରୁ ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଲଗାତର ବିକଶିତ ହୋଇଆସିଛି। କିନ୍ତୁ ଏବେ ଏହାର ଗଣତନ୍ତ୍ର ଗମ୍ଭୀର ରୂପେ ସଙ୍କଟଗ୍ରସ୍ତ। ଦେଶ ଓ ବିଦେଶରେ ପରସ୍ପର ସହ ଜଡ଼ିତ ବହୁ ଅବ୍ୟବସ୍ଥିତ କାର୍ଯ୍ୟକଳାପ ବା ଘଟଣାଗୁଡ଼ିକ ଏହି ସଙ୍କଟ ପାଇଁ ଦାୟୀ। ଚାଇନାରେ ଶି ଜିନ୍‌ପିଙ୍ଗଙ୍କ ନେତୃତ୍ୱାଧୀନ ଦମନକାରୀ ଶାସନ ଓ ବିଶ୍ୱରେ ଏକ ଏକଚ୍ଛତ୍ରବାଦ ଜାରି କରିବାକୁ ଚାହୁଁଥିବା ଭ୍ଲାଡିମିର ପୁଟିନ୍‌ଙ୍କ ରୁଷିଆ ପକ୍ଷରୁ ଆମେରିକା ଉପରେ ବିପଦ ସୃଷ୍ଟି ହୋଇଛି। କିନ୍ତୁ ଦେଶ ଭିତରେ ଗଣତନ୍ତ୍ରର ଶତ୍ରୁମାନଙ୍କ ପକ୍ଷରୁ ଆମେରିକା ପ୍ରତି ଅଧିକ ବିପଦ ସୃଷ୍ଟି ହେବା ଚିନ୍ତାର କାରଣ। ଏମାନଙ୍କ ମଧ୍ୟରେ ସୁପ୍ରିମକୋର୍ଟ ଅନ୍ୟତମ, ଯାହା ଉପରେ ଚରମ ଦକ୍ଷିଣପନ୍ଥୀ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିର ପ୍ରାଧାନ୍ୟ ରହିଛି। ରିପବ୍ଲିକାନ୍ ପାର୍ଟି କୋର୍ଟରେ ସେହି ଚରମ ଦକ୍ଷିଣପନ୍ଥୀ ବିଚାରପତିମାନଙ୍କୁ ଅବସ୍ଥାପିତ କରିଥିଲା। ସେମାନଙ୍କ ନିଷ୍ପତ୍ତି ରୋଏ ବନାମ ୱାଡେ ମାମଲାକୁ କେବଳ ଓଲଟପାଲଟ କରିନାହିଁ, ବରଂ ମହିଳାଙ୍କ ଗର୍ଭପାତକୁ ସ୍ୱୀକୃତି ଦେଇଥିବା ୧୯୭୩ର ଏହି ଐତିହାସିକ ମାମଲାର ରାୟକୁ ବଦଳେଇ ଦେଇଛି।

ସଂଖ୍ୟାଧିକ ବିଚାରପତିଙ୍କ ନ୍ୟାୟିକ ରାୟକୁ ଲିପିବଦ୍ଧ କରିଥିବା ସାମୁଏଲ ଅଲିଟୋ ଜୋର୍ ଦେଇ କହନ୍ତି ଯେ, ଚତୁର୍ଦ୍ଦଶ ସଂଶୋଧନ ୧୮୬୮ରେ ସ୍ଥିରୀକୃତ ସଂଶୋଧନରେ ସ୍ୱୀକୃତ ଅଧିକାରଗୁଡ଼ିକୁ ସୁରକ୍ଷା ଦିଏ। କିନ୍ତୁ ଏହି ଯୁକ୍ତି ସେବେଠାରୁ ସ୍ୱୀକୃତ ହୋଇଆସିଥିବା ଅନ୍ୟ ଅଧିକାରଗୁଡ଼ିକ ଉପରେ ବିପଦ ସୃଷ୍ଟି କରେ। ସେହିସବୁ ଅଧିକାରଗୁଡ଼ିକ ମଧ୍ୟରେ ରହିଛି ଗର୍ଭନିରୋଧ ଅଧିକାର, ସମଲିଙ୍ଗୀ ବିବାହ ଏବଂ ଏଲଜିବିଟିଙ୍କ ସବୁ ଅଧିକାର। ଏହି କାରଣଗୁଡ଼ିକୁ ବିଚାରକୁ ନେଲେ ତାର୍କିକ ନିଷ୍କର୍ଷରେ ପହଞ୍ଚିବା ଯେ, କୋର୍ଟର ଉକ୍ତ ରାୟ ଆନ୍ତଃ ଜାତି ବିବାହକୁ ବନ୍ଦ କରିବାକୁ ଅନୁମତି ଦେଇପାରେ, ଯାହାକୁ କେତେକ ରାଜ୍ୟ ୧୯୬୭ ପର୍ଯ୍ୟନ୍ତ କରିଥିଲେ। ଏହା ମଧ୍ୟ ସ୍ପଷ୍ଟ ଯେ, କୋର୍ଟର ଏହି ରାୟ କାର୍ଯ୍ୟନିର୍ବାହୀ ଶାଖା ଉପରେ ଏକ ମୁହାଁମୁହିଁ ଯୁଦ୍ଧ ଆରମ୍ଭ କରିବାକୁ ଚାହେଁ। ଏବେ କୋର୍ଟର ଅବଧି ଠିକ୍ ଶେଷ ହେବା ବେଳକୁ ଆଉ ଏକ ସବୁଠୁ ପରିଣାମୀ ରାୟରେ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଆବଶ୍ୟକ ନିୟମଗୁଡ଼ିକ ଜାରି କରିବାକୁ ଏନ୍‌ଭାଇରନମେଣ୍ଟ ପ୍ରୋଟେକ୍‌ସନ ଏଜେନ୍ସିଙ୍କୁ ମନା କରିଦିଆଯାଇଛି। ତେବେ ଏବକାର କୋର୍ଟଙ୍କ ନିଷ୍ପତ୍ତିଗୁଡ଼ିକର କାରଣ ଜାଣିବାକୁ ବାକି ନାହିଁ। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ପ୍ରୋତ୍ସାହିତ ସମର୍ଥନ ଏବଂ ଡେମୋକ୍ରାଟିକ ପାର୍ଟିର ଦୁର୍ବଳତା କାରଣରୁ ଏହା ଘଟୁଛି। ବନ୍ଧୁକ ଆଇନଗୁଡ଼ିକ ଉପରେ ବିଚାର କରାଯାଉ। କୋର୍ଟର ଦକ୍ଷିଣପନ୍ଥୀ ବିଚାରପତିମାନେ ଭଲ ଭାବେ ବନ୍ଧୁକ ସମର୍ଥକ ଲବିକୁ ଶୁଣନ୍ତି। ଏଣୁ ଏବେ ବ୍ୟାପୁଥିବା ସାମୂହିକ ଗୁଳିକାଣ୍ଡଗୁଡ଼ିକ ବିରୋଧରେ ଜାତୀୟ ସ୍ତରରେ ଏଭଳି ବିରୋଧାଭାବ ସୃଷ୍ଟିକଲା ଯେ, କିଛି ରିପବ୍ଲିକାନ ସମର୍ଥକ ଏକ ନୂତନ ସଂଘୀୟ ବନ୍ଧୁକ ଆଇନକୁ ସମର୍ଥନ କଲେ। ଏପରି କି କୋର୍ଟ ମଧ୍ୟ ଗୁପ୍ତରେ ହ୍ୟାଣ୍ଡଗନ୍ ରଖିବା ଉପରେ କଡ଼ା କଟକଣା ଲଗାଇଥିବା ଏକ ଦୀର୍ଘଦିନର ନ୍ୟୁୟର୍କ ଲ'କୁ ରଦ୍ଦ କରି ନ୍ୟାଶନାଲ ରାଇଫଲ ଆସୋସିଏଶନର କ୍ଷତିପୂରଣ କରିବାରେ ସହାୟକ ହେଲେ।




ଆମେରିକାରେ ସବୁଠୁ ସମ୍ମାନସ୍ପଦ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସୁପ୍ରିମକୋର୍ଟ ଅନ୍ୟତମ। ଏବକାର ରାୟରେ ସଂଖ୍ୟାଧିକ ଚରମପନ୍ଥୀଙ୍କ ଗ୍ରହଣୀୟତା ହାର ସବୁଠୁ କମ୍ ରହିଛି ଓ କୋର୍ଟର ଏଭଳି ରାୟକୁ ରେକର୍ଡ ହାରରେ ନାପସନ୍ଦ କରାଯାଇଛି। ଏହି ରାୟ ଯାହା ଗର୍ଭଧାରଣ ଅଧିକାରକୁ କ୍ଷୁଣ୍ଣ କଲା ସେଥିରୁ ଜଣା ପଡ଼ିଲା ଯେ, ସଂଖ୍ୟାଧିକ ରକ୍ଷଣଶୀଳ ବିଚାରପତିଙ୍କ ରାୟ କୋର୍ଟର ବୈଧାନିକତାକୁ ଅଣଦେଖା କରିଛି। ଦୁର୍ଭାଗ୍ୟବଶତଃ ଏହି ସଂଖ୍ୟାଧିକ ଦୀର୍ଘଦିନ ପାଇଁ ସଂଖ୍ୟାଲଘୁ ଭାବେ ରହିବାର ସମ୍ଭାବନା ରହିଛି। କାରଣ,ସଂଖ୍ୟାଧିକ ଚରମପନ୍ଥୀମାନେ ଯୁବକ ଏବଂ ୬ ଜଣରେ ସେମାନଙ୍କ ସଂଖ୍ୟା ୩। ଏଥିପାଇଁ ସୁପ୍ରିମକୋର୍ଟରେ ଲଗାମ ଲଗାଇବା ବା ଏହାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଏକ ବାଟ ରହିଛି। ଅଚାନକ କାର୍ଯ୍ୟାଳୟରୁ ରିପବ୍ଲିକାନ ପାର୍ଟିକୁ ବାହାରକୁ ଫିଙ୍ଗି ଦେବାକୁ ପଡ଼ିବ। ଫଳରେ ସୁପ୍ରିମ୍‌କୋର୍ଟର ସୁରକ୍ଷା ପାଇଁ ପ୍ରଦତ୍ତ ଅଧିକାରଗୁଡ଼ିକୁ ବୈଧାନିକ ଉପାୟରେ ସୁରକ୍ଷିତ ରଖିବାକୁ ଏହା କଂଗ୍ରେସକୁ ଅନୁମତି ଦେବ। କଂଗ୍ରେସ ପଦକ୍ଷେପ ନେବା ବି ଦରକାର। ଏହା ପ୍ରଥମେ ମହିଳାଙ୍କ ଗର୍ଭପାତ ଅଧିକାରର ସୁରକ୍ଷା କରିବା ଉଚିତ। ଯଦି ଏହି ଆଇନକୁ ବିରୋଧ କରି ସଂଶୋଧନ କରାଯାଏ ତେବେ ତାହାର ସୁରକ୍ଷା ହୋଇପାରିବ। କିନ୍ତୁ ଯେତେବେଳେ ଦକ୍ଷିଣପନ୍ଥୀ ରିପବ୍ଲିକାନମାନଙ୍କ ବିରୋଧରେ ଏକ ଐତିହାସିକ ବିଜୟ ଲାଗି ସଂଗଠିତ ହେବା କଥା ଉଠେ, ସେତେବେଳେ ବିରୋଧୀମାନେ ପ୍ରାୟତଃ ବହୁ ବୃହତ ବାଧା ସାମ୍ନା କରିଥାନ୍ତି। ସୁପ୍ରିମକୋର୍ଟରେ ରିପବ୍ଲିକାନ୍‌ମାନେ କେବଳ ବହୁ ସଂଖ୍ୟାରେ ନାହାନ୍ତି, ବରଂ ଅନେକ ନିମ୍ନ ଅଦାଲତରେ ବି ବହୁ ସଂଖ୍ୟାରେ ଚରମପନ୍ଥୀ ବିଚାରପତି ରହିଛନ୍ତି। ସେମାନେ ଫ୍ଲୋରିଡା, ଜର୍ଜିଆ ଏବଂ ଟେକ୍ସାସ୍ ଭଳି ରାଜ୍ୟଗୁଡ଼ିକ ଭୋଟିଂକୁ ଜଟିଳ କରୁଥିବା ବହୁ ଆଇନ୍ ପାସ୍ କରିଛନ୍ତି। ଏହି ଆଇନଗୁଡ଼ିକ ଆମେରିକାରେ ରହୁଥିବା ଆଫ୍ରିକୀୟ ଓ ଅନ୍ୟ ସଂଖ୍ୟାଲଘୁମାନଙ୍କୁ ମତାଧିକାରୁ ବଞ୍ଚିତ କରୁଥିବାବେଳେ ବିଶେଷ କରି ରିପବ୍ଲିକାନକୁ ନିର୍ବାଚନରେ ବିଜୟୀ କରିବାକୁ ଲକ୍ଷ୍ୟ ରଖିଥିବା ଯୁବ ଭୋଟରମାନଙ୍କ ଉପରେ ଅଧିକ ଧ୍ୟାନ ଦେଇଛି। ନିକଟରେ ଏହି ଆଇନଗୁଡ଼ିକ ମଧ୍ୟରୁ ଗୋଟିକୁ ରଦ୍ଦ କରିବା ସମୟରେ ଜଣେ ଫ୍ଲୋରିଡା ଫେଡେରାଲ ଜଜ୍ ଉଲ୍ଲେଖ କରିଥିଲେ ଯେ, ଫ୍ଲୋରିଡାର ନିର୍ବାଚନ ପଦ୍ଧତିର ପୁନର୍ଗଠନ କରିବା ଲକ୍ଷ୍ୟ ନେଇ ଏଭଳି ଉପାୟରେ ଏସବୁ ଅଇନ ପାସ୍ କରାଯାଇଥିଲା ଯାହା ଡେମୋକ୍ରାଟିକ ପାର୍ଟି ଉପରେ ବିଜୟ ହାସଲ କରିବାରେ ରିପବ୍ଲିକାନ ପାର୍ଟିକୁ ସହଯୋଗ କରିବ।

ଏସବୁ ଆଇନ ଯଦି ଭୋଟରମାନଙ୍କୁ କେବଳ ଟାର୍ଗେଟ କରେ ତେବେ ଅତ୍ୟନ୍ତ ଖରାପ ହେବ। କିନ୍ତୁ ରିପବ୍ଲିକାନ୍‌ମାନେ ଭୋଟ ଗଣତି ଏବଂ ନିର୍ବାଚନ ପ୍ରମାଣନ ପ୍ରକ୍ରିୟା ଉପରେ ଆକ୍ରମଣ କରି ତା'ଠାରୁ ଆହୁରି ଆଗକୁ ଯାଉଛନ୍ତି। ଆଇନ ପରିବର୍ତ୍ତନ କରି ସହଜରେ ନିର୍ବାଚନ ପ୍ରକ୍ରିୟାକୁ ଶେଷ କରିବା ଠାରୁ ଆରମ୍ଭ କରି ୨୦୨୦ରେ ଗୁପ୍ତରେ ନିର୍ବାଚନ ବିଜୟ ତାଙ୍କ ଠାରୁ ଛଡାଇ ନିଆଯାଇଥିବା ଭଳି ଟ୍ରମ୍ପଙ୍କ ବଡ଼ ମିଛରେ ତାଙ୍କ ବିଶ୍ୱାସୀମାନେ ସାମିଲ ହେବା ଘଟଣାରୁ ଆମେ ଲକ୍ଷ୍ୟ କରୁଛୁ ଯେ, ରିପବ୍ଲିକାନ୍‌ମାନେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରତ୍ୟେକ ଦିଗରୁ ଆକ୍ରମଣ କରୁଛନ୍ତି। ଏଠାରେ ମଧ୍ୟ ଫେଡେରାଲ ଭୋଟିଂ ରାଇଟସ ଆକ୍ଟକୁ ନଷ୍ଟ କରି ସଂଖ୍ୟାଲଘୁଙ୍କ ଭୋଟିଂ ଅଧିକାର ଦୁର୍ବଳ କରିବାକୁ ରାଜନୀତିରେ ଖୋଲାଖୋଲି ଭାବେ ପକ୍ଷପାତକୁ ଅନୁମତି ଦେବାରେ ସୁପ୍ରିମକୋର୍ଟଙ୍କ ହାତ ରହିଛି।

ସୌଭାଗ୍ୟବଶତଃ, ଆମେରିକାରେ ଗଣତନ୍ତ୍ରର ସ୍ଥିତି ଗଭୀର ସଙ୍କଟରେ ଥିବା ଦାବିରେ ମୁଁ ଏକୁଟିଆ ନାହିଁ। ଗର୍ଭପାତ ଆଇନକୁ ବଦଳାଇ ଦେବାରେ କୋର୍ଟର ନିଷ୍ପତ୍ତିରେ ଆମେରିକାର ଜନସାଧାରଣ ଉତ୍ତେଜିତ ହୋଇଛନ୍ତି। କିନ୍ତୁ ଲୋକମାନେ ଜାଣିବା ଦରକାର ଯେ, କାହା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଆମେରିକାକୁ ଏକ ଦମନକାରୀ ଶାସନରେ ପରିବର୍ତ୍ତନ କରିବା ଲାଗି ଏଭଳି ଯୋଜନା କରାଯାଇଛି ବୋଲି ସ୍ୱୀକାର କରିବା ଦରକାର। ତାହାକୁ ବିରୋଧ କରିବା ସକାଶେ ଆମେ ଯାହା ଦରକାର ତାହା କରିବା ଉଚିତ। ଯେଉଁମାନେ ଅତୀତରେ ଟ୍ରମ୍ପଙ୍କୁ ଭୋଟ ଦେଇଥିଲେ ସେମାନଙ୍କୁ ଏହି ସଂଗ୍ରାମରେ ମଧ୍ୟ ସାମିଲ କରିବା ନିହାତି ଜରୁରୀ। ମୁଁ ଡେମୋକ୍ରାଟିକ ପାର୍ଟିର ଜଣେ ସମର୍ଥକ। କିନ୍ତୁ ଏଠାରେ କହିବାକୁ ଚାହେଁ ଯେ, ଏହା ଏକ ପକ୍ଷପାତପୂର୍ଣ୍ଣ ପ୍ରସଙ୍ଗ ନୁହେଁ, ଏହା ଆମେରିକାରେ କାର୍ଯ୍ୟ କରୁଥିବା ଏବଂ ଆମେରିକାର ଗଣତନ୍ତ୍ରର କେନ୍ଦ୍ରରେ ଥିବା ଏକ ଦ୍ୱିଦଳୀୟ ରାଜନୈତିକ ବ୍ୟବସ୍ଥାର ପୁନଃସ୍ଥାପନର ବିଷୟ।

**ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ଓପନ୍ ସୋସାଇଟି ଫାଉଣ୍ଡେଶନ**

# ପ୍ରତିଧ୍ୱନି



ନିମାଇଁ ଚରଣ ଲେଙ୍କା

ଗୁରୁକୁଳରେ ଅଧ୍ୟୟନରତ ରାଜପୁତ୍ର ଥରେ ଗୁରୁଙ୍କ ସହ କୌଣସି ସ୍ଥାନକୁ ଉଚ୍ଚ ପାର୍ବତ୍ୟ ରାସ୍ତାରେ ଯାଉଥିବା ବେଳେ ତାଙ୍କ ଗୋଡ଼ରେ କଣ୍ଟାଟିଏ ଫୁଟିଗଲା। ଯନ୍ତ୍ରଣାରେ 'ଓଃ' ବୋଲି ତାଙ୍କ ପାଟିରୁ ବାହାରି ଆସିବାରୁ ପର୍ବତ କନ୍ଦରରୁ ସେହି (ଓଃ) ଶବ୍ଦ ପ୍ରତିଧ୍ୱନିତ ହେଲା। କ୍ରୋଧରେ ରାଜପୁତ୍ର କହିଲେ, 'ତୁମେ କିଏ? ମୋତେ କ'ଣ ଥଟ୍ଟା କରୁଛ?' ଉତ୍ତର ବି ସେଇଆ ଆସିଲା। ରାଜପୁତ୍ର ଆହୁରି ଉତ୍ତେଜିତ ସ୍ୱରରେ କହିଲେ, 'ତୁମେ କ'ଣ ଜାଣିନାହଁ ମୁଁ ଏ ରାଜ୍ୟର ଯୁବରାଜ?' ପୁଣି ମଧ୍ୟ ସେହିଭଳି ଉତ୍ତର ଆସିଲା। ସେ ଯେତେ ବାକ୍ୟ ପ୍ରୟୋଗ କଲେ ବି ସେହି ଏକାପ୍ରକାର ଉତ୍ତର ଆସିଲା। ଏଥିରେ ବ୍ୟସ୍ତ ହୋଇ ସେ ଏ ବିଷୟ ତାଙ୍କ ଗୁରୁଙ୍କ ଦୃଷ୍ଟିକୁ ଆଣିବାରୁ ଗୁରୁଦେବ କହିଲେ, ''ବତ୍ସ! ଏହା କୌଣସି ବ୍ୟକ୍ତିବିଶେଷଙ୍କ ଉପହାସ ନୁହେଁ, ତୁମ ପ୍ରତ୍ୟେକ ଶବ୍ଦ ଓ ବାକ୍ୟର ହିଁ ଅବିକଳ ପ୍ରତିଧ୍ୱନି ବା ପ୍ରତିକ୍ରିୟା।'' ଏହା ନିଶ୍ଚିତ ଯେ ପ୍ରତ୍ୟେକ କ୍ରିୟାର ଗୋଟିଏ ପ୍ରତିକ୍ରିୟା ରହିଛି। ପୁଣି ସେହି ପ୍ରତିକ୍ରିୟାଟି ମୂଳକ୍ରିୟାର ସମରୂପ ତଥା ସମତୁଲ୍ୟ। ପ୍ରତ୍ୟେକ ଚିନ୍ତା, କାମନା, କଳ୍ପନା ଓ ଭାବପ୍ରବଣତାର ପ୍ରତିକ୍ରିୟା ରହିଛି।

ସଦ୍‌ଗୁଣ ପୁରସ୍କୃତ ହୁଏ, ଦୁର୍ଗୁଣ ଦଣ୍ଡିତ ହୁଏ। ଏହା ହିଁ କ୍ରିୟା ପ୍ରତିକ୍ରିୟା ନିୟମର କାର୍ଯ୍ୟକାରିଣୀ ପଦ୍ଧତି। ଯେଉଁ ଶବ୍ଦଟି ଆମଠାରୁ ବାହାରିଯାଉଛି, ତାହା ହେଉଛି କ୍ରିୟା, ଧ୍ୱନି ବା କର୍ମ। ସେହି ଧ୍ୱନି ସଂସାରରୂପୀ ପର୍ବତ କନ୍ଦରରେ ପ୍ରତିଧ୍ୱନିତ ହୋଇ ଫେରିଆସିବା ହେଲା ପ୍ରତିକ୍ରିୟା, ପ୍ରତିଧ୍ୱନି ବା କର୍ମଫଳ। ମନ, ବଚନ ଓ କର୍ମରେ ଆମର କ୍ରିୟା(ଧ୍ୱନି) ଯେପରି ହେବ, ତା'ର ପ୍ରତିକ୍ରିୟା (ପ୍ରତିଧ୍ୱନି) ମଧ୍ୟ ଠିକ୍ ସେହିପରି ହେବ। ଆମର ମନ ଚିନ୍ତନର ଏକ ଟାୱାର ଭଳି। ସେଠାରୁ ଯେଉଁଭଳି ଚିନ୍ତନ ଚତୁର୍ଦ୍ଦିଗରେ ତରଙ୍ଗାୟିତ ହେବ, ସଂସାରର ସେହିଭଳି ଚିନ୍ତନ ସମୂହ ତା' ନିକଟକୁ ଫେରିବ। ଯଦି ବ୍ୟକ୍ତିଙ୍କ ଚିନ୍ତନ (ମନ, ବଚନ ଓ କର୍ମ) ସର୍ବଦା ସକାରାତ୍ମକ ହେଉଥାଏ, ତେବେ ସଂସାରର ସମସ୍ତ ସକାରାତ୍ମକ ଚିନ୍ତନ ଏବଂ ନକାରାତ୍ମକ ହେଉଥିଲେ ନକାରାତ୍ମକ ଚିନ୍ତନ ହିଁ ଫେରିବ। ସକାରାତ୍ମକ ବ୍ୟକ୍ତିଙ୍କୁ ନକାରାତ୍ମକ ଚିନ୍ତନ କୌଣସି ଆଘାତ କରିପାରେ ନାହିଁ। ବରଂ ନକାରାତ୍ମକ ବ୍ୟକ୍ତିଙ୍କ ପ୍ରତି ସକାରାତ୍ମକ ଚିନ୍ତନ (ଶୁଭଭାବନା ଓ ଶୁଭକାମନା)ର ପ୍ରୟୋଗ ଫଳବତୀ ହୁଏ। ଆମେ ଯାହା ଦେଖୁଛେ, ତାହା ଆମ ହୃଦୟର ପ୍ରତିଛବି। ଯାହା ଶୁଣୁଛେ, ତାହା ଆମ ଅନ୍ତରର ପ୍ରତିଧ୍ୱନି। ଏହି ଜଗତ ଜଣଙ୍କ ପାଖରେ ମଧୁମୟ ଓ ଅନ୍ୟଜଣଙ୍କ ନିକଟରେ ବିଷମୟ ବୋଧହୁଏ କାହିଁକି? ତା'ର କାରଣ, ଯିଏ ଯେପରି ଚିନ୍ତା କରନ୍ତି, ବାକ୍ୟ ପ୍ରୟୋଗ କରନ୍ତି ଓ କର୍ମ କରନ୍ତି, ସେ' ସେପରି ଫଳପାଆନ୍ତି। ଆମ ମୁଖର ଆକୃତି ଯେପରି ହେବ, ଦର୍ପଣରେ ସେପରି ପ୍ରତିଛବି ଦେଖାଯିବ। ଆମେ ଯେପରି କଥା କହିବା, ସେପରି ପ୍ରତିଧ୍ୱନି ହିଁ ଶୁଣିବା। କାର୍ଯ୍ୟ ଓ କାରଣର ନିୟମ ଅନମନୀୟ ଓ ନିର୍ଦ୍ଦୟ। ଆମେ ବର୍ତ୍ତମାନ ଯନ୍ତ୍ରଣା, ଦାରିଦ୍ର୍ୟ, ବ୍ୟଥା ଓ ଦୁଃଖ ଅନୁଭବ କରୁଛୁ। କାରଣ ଆମେ ଅତୀତରେ ମନ୍ଦର ମଞ୍ଜି ବୁଣିଥିଲୁ। ଯିଏ ଅତୀତରେ ଭଲର ମଞ୍ଜି ବୁଣିଥିଲେ, ସିଏ ଆଜି ତାହାର ଫଳସ୍ୱରୂପ ପ୍ରାଚୁର୍ଯ୍ୟ ଓ ଆନନ୍ଦ ଉପଭୋଗ କରୁଛନ୍ତି। ଏହି ନିୟମକୁ ବୁଝିବାକୁ ଚେଷ୍ଟାକଲେ ଆମେ କେବଳ ଭଲର ମଞ୍ଜି ବୁଣିବାକୁ ଆରମ୍ଭ କରିବା। ଶୁଦ୍ଧ, ଉନ୍ନତ ଓ ଦିବ୍ୟଚିନ୍ତାକୁ ସ୍ୱାଗତ କରିବା। ସର୍ବଦା ଭଲକାମ କରିବା। ମନ୍ଦ ଆମ ମନ ଭିତରେ ପଶିପାରିବ ନାହିଁ। ତେଣୁ ସଂସାରକୁ ସୁଖମୟ କରିବା ପାଇଁ ହେଲେ ଏହାର ସବୁବସ୍ତୁକୁ ଭଲ କରିବାକୁ ଚେଷ୍ଟାକରିବା। ଏହା ପୂର୍ବରୁ ପ୍ରଥମେ ନିଜ ଅନ୍ତରକୁ ଶୁଦ୍ଧ ଓ ଦେବ ଭାବାପନ୍ନ କରିବାକୁ ହେବ। ନୈତିକତାକୁ ତ୍ୟାଗ କରିବା ନାହିଁ କିମ୍ବା ସଦ୍‌ଗୁଣରୁ ଦୂରେଇ ଯିବାନାହିଁ। ପରିଶେଷରେ ଆମକୁ ପରମାନନ୍ଦ ଓ ସମ୍ପୂର୍ଣ୍ଣ ସଫଳତା ପ୍ରାପ୍ତହେବ।

ଆମ ଅନ୍ତରର ବିଚାର ଆମକୁ ବାହ୍ୟକର୍ମ କରିବାକୁ ପ୍ରେରିତ କରେ। ବାରମ୍ବାର କରାଯାଉଥିବା କର୍ମ ଅଭ୍ୟାସରେ ପରିଣତ ହୋଇଯାଏ ଏବଂ ସେହି ଅଭ୍ୟାସ ହିଁ ଆମ ସ୍ୱଭାବର ଅଭିନ୍ନଗୁଣ ହୋଇଯାଏ। ସେହି ସ୍ୱଭାବ ଆମର ଚରିତ୍ର ନିର୍ମାଣ କରେ। ଆମ ଭବିଷ୍ୟତ ଓ ଭାଗ୍ୟ ସେହି ଚରିତ୍ରର ହିଁ ପ୍ରତ୍ୟକ୍ଷ ପରିଣାମ। ଆମ ଅନ୍ତରର ଚିନ୍ତାଧାରା ବା ଧ୍ୱନି ହେଉଛି ଆମ ଅନ୍ତିମ ପରିଣତି ବା ପ୍ରତିଧ୍ୱନିର ବୀଜ ସ୍ୱରୂପ। ସତ୍‌ଭାବନା ଓ ମହତ୍ ଚିନ୍ତା ପୋଷଣ କଲେ ଆମେ ଜଣେ ମହାନ୍ ମନୁଷ୍ୟରେ ପରିଣତ ହୋଇ ଶ୍ରେଷ୍ଠତ୍ୱ ଅର୍ଜନ କରିବା ଏବଂ ଜୀବନ ସାଫଲ୍ୟମଣ୍ଡିତ ହୋଇଯିବ। ଜୀବନର ଅନ୍ୟ ସବୁକିଛିଠାରୁ ଅଧିକ ମୂଲ୍ୟବାନ ବସ୍ତୁଟି ହେଉଛି ସଦ୍‌ଗୁଣର ବିକାଶ। ସଦ୍‌ଗୁଣ ହିଁ ପରମାନନ୍ଦ ଲାଭର ସ୍ରୋତ।

ମୋ: ୯୨୩୮୬୧୫୪୭୮

## ଏଇ ଭାରତରେ

ଶିକ୍ଷକ, ଅଭିଭାବକ ଓ ଛାତ୍ର, ଏହି ତିନୋଟି ସ୍ତମ୍ଭ ଉପରେ ଶିକ୍ଷା ମଜଭୁତ ହୋଇପାରିବ ବୋଲି ଯେଉଁ ଧାରଣା ରହିଛି, ତାହା ପ୍ରମାଣ କରି ଦେଖାଇଛନ୍ତି ମହାରାଷ୍ଟ୍ରର ଶିକ୍ଷକ ରଣଜିତ୍‌ସିଂ ଦିଶାଲେ। ବ୍ୟକ୍ତିଗତ କାରଣରୁ ଇଞ୍ଜିନିୟରିଂ ଶିକ୍ଷା ଛାଡ଼ି ଘରକୁ ଫେରିବା ପରେ ବାପାଙ୍କ ପ୍ରେରଣାରେ ସେ ଟିଚର୍ସ ଟ୍ରେନିଂ କଲେଜରେ ଯୋଗ ଦେଇଥିଲେ। ପରେ ସେଠାରୁ ଉତ୍ତୀର୍ଣ୍ଣ ହୋଇ ସୋଲାପୁରର ପରିତେୱାଡି ଗାଁର ଜିଲା ପରିଷଦ ପ୍ରାଇମେରୀ ସ୍କୁଲରେ ଯୋଗ ଦେଇଥିଲେ। ସେଠାରେ ସ୍କୁଲ୍‌ରେ ପିଲାସଂଖ୍ୟା ବଢ଼ାଇବା ଲାଗି ସେ ଗାଁର ଘରଘର ବୁଲି ଅଭିଭାବକଙ୍କୁ ସଚେତନ କରି, ଲାପ୍‌ଟପ୍‌ରେ ୟୁଟ୍ୟୁବ୍ ଓ ଭିଡିଓ ଦେଖାଇ ପିଲାମାନଙ୍କୁ ସ୍କୁଲ୍‌କୁ ଆଣିବାକୁ ସକ୍ଷମ ହୋଇଥିଲେ। ପରେ ଶିକ୍ଷା ଉପରେ ଅଧିକ ଧ୍ୟାନ ଦେଇଛନ୍ତି। ସେ 'ଆର୍ଲାମ ଅନ୍ , ଟିଭି ଅଫ୍' ଅଭିଯାନ ଆରମ୍ଭ କରିଛନ୍ତି , ଯେଉଁଥିରେ ସ୍କୁଲରେ ଏକ ଆର୍ଲାମ ଲଗାଇଛନ୍ତି। ଏହା ସଂଧ୍ୟା ୭ଟାରେ ଅଭିଭାବକମାନଙ୍କୁ ପିଲାମାନଙ୍କ ଟାସ୍କ ଉପରେ ଧ୍ୟାନ ଦେବା ଲାଗି ସତର୍କ କରୁଛି। ପ୍ରତିଦିନ ଅପରାହ୍ଣରେ ଅଭିଭାବକମାନଙ୍କୁ ସେହି ଦିନର ପଢା ସମ୍ପର୍କରେ ଦିଶାଲେ ମଧ୍ୟ ମେସେଜ୍ ଦେଇ ଅବଗତ କରୁଛନ୍ତି। ପଢ଼ାବହିରେ କ୍ୟୁଆର କୋଡ୍ ସନ୍ନିବେଶିତ କରି ୩୦୦ ପିଲାଙ୍କୁ ସମାନ ପଦ୍ଧତି ଆପଣାଇବାକୁ ସାହାଯ୍ୟ କରିପାରିଛନ୍ତି। ସେ ପିଲାମାନଙ୍କ ପାଇଁ ୨୭ କ୍ୟୁଆର୍ କୋଡ୍ ସୃଷ୍ଟି କରିଥିଲେ, ଯାହା ମହାମାରୀ ସମୟରେ ପିଲାମାନଙ୍କୁ ପଢ଼ିବାରେ ସହାୟକ ହୋଇଥିଲା। ତାଙ୍କର ଏହି ପଦ୍ଧତିକୁ ମହାରାଷ୍ଟ୍ର ସରକାର ଲାଗୁ କରିବାକୁ ଯୋଜନା କରିଛନ୍ତି। ଦିଶାଲେ ୨୦୨୦ରେ ଗ୍ଲୋବାଲ୍ ଟିଚର ପ୍ରାଇଜ୍ ଅନ୍ୟ ଶିକ୍ଷକଙ୍କ ସହ ଲାଭ କରିଥିଲେ। ତେବେ ସେହି ରାଶିରୁ ସେ ୧୬ ଲକ୍ଷ ଟଙ୍କା ପିଲାଙ୍କ ପାଠପଢ଼ା ଲାଗି ଖର୍ଚ୍ଚ କରିଛନ୍ତି। ୧୦ ଜଣ ଝିଅଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ମେଧାବୃତ୍ତି ପ୍ରଦାନ କରୁଛନ୍ତି। ଏହା ବ୍ୟତୀତ ବିଭିନ୍ନ ଦେଶରେ ଯୁଦ୍ଧ ଅଞ୍ଚଳରେ ରହୁଥିବା ପିଲାଙ୍କୁ ଯୋଡ଼ିବା ଲାଗି ଆରମ୍ଭ କରିଥିବା 'ଲେଟ୍ସ କ୍ରସ୍ ବଡର୍ସ ପ୍ରୋଜେକ୍ଟ'ରେ ଆଉ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | 4 | |
| | | | | | | | 9 | |
| | 9 | 8 | | 2 | | 6 | | |
| | | 7 | | | | | | |
| 4 | | 1 | 6 | | 3 | | | |
| | | | | 9 | 8 | 5 | | |
| | | | | 8 | | | 6 | 5 |
| | | 5 | | | 9 | 4 | | 2 |
| | | 6 | | 7 | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 4 | 7 | 5 | 1 | 2 | 9 |
| 2 | 7 | 9 | 1 | 8 | 3 | 4 | 5 | 6 |
| 1 | 4 | 5 | 9 | 6 | 2 | 8 | 3 | 7 |
| 4 | 5 | 2 | 6 | 3 | 8 | 9 | 7 | 1 |
| 7 | 3 | 6 | 5 | 9 | 1 | 2 | 4 | 8 |
| 9 | 8 | 1 | 7 | 2 | 4 | 5 | 6 | 3 |
| 8 | 1 | 3 | 2 | 5 | 7 | 6 | 9 | 4 |
| 6 | 2 | 7 | 8 | 4 | 9 | 3 | 1 | 5 |
| 5 | 9 | 4 | 3 | 1 | 6 | 7 | 8 | 2 |

ଗତକାଲିର ଉତ୍ତର

# ଦେଶ କାହାର



ଡ. ନରେନ୍ଦ୍ର ସେଠୀ

ଭାରତ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର ଓ ବିବିଧତାରେ ଏକତା ଏହାର ମୂଳମନ୍ତ୍ର। ଅନେକ ଭାଷା, ଧର୍ମ ଓ ଚାଲିଚଳଣିକୁ ନେଇ ଭାରତ ବିଶ୍ୱରେ ଅନନ୍ୟ। ଗଣତନ୍ତ୍ରର ଅର୍ଥ ହେଲା ଦେଶର ସଂସାଧନ ଓ ଶାସନତନ୍ତ୍ରର ମାଲିକ ଖୋଦ୍ ନିଜେ ଜନତା। ଆମେ ଯୁଆଡେ ଆଖି ବୁଲେଇବା, ଗାଁର ସରକାରୀ ସ୍କୁଲ, ବ୍ଲକର ଡାକ୍ତରଖାନା, ସହରର କଲେଜ, ରାଜଧାନୀର ବିଶ୍ୱବିଦ୍ୟାଳୟ ଓ ଚକ ଚକିଆ ରାସ୍ତା ଆଦି ସବୁର ମାଲିକ ଦେଶର ଜନତା। ସବୁ ଦେଶର ବା ସବୁ ଆମମାନଙ୍କର। ଆମେ ଆମ ମନଇଚ୍ଛାରେ ଭୋଟ ଦେଇ ପ୍ରତିନିଧି ବାଛୁ, ସରକାର ଗଢୁ ଓ ଭାଙ୍ଗୁ ମଧ୍ୟ। ଅର୍ଥାତ୍ ଦେଶର ଉନ୍ନତିରେ ସାଧାରଣ ନାଗରିକର ଭାଗୀଦାରି ଓ ପ୍ରଗତି ହେଇଥାଏ। ଯଦି କ୍ଷମତାରେ ବସିଥିବା ଶାସନତନ୍ତ୍ର ଉପରେ ଜନତା ନାରାଜ ହୁଏ ତା'ହାଲେ ପ୍ରତିବାଦ କରିବାରେ ଆମର ଅଧିକାର ଅଛି, କିନ୍ତୁ ଏହି ଆଳରେ ସରକାରୀ ସମ୍ପତ୍ତିକୁ ଛାରଖାର କରି ଦେଶର କ୍ଷତି କରିବା କେତେଦୂର ଉଚିତ ତାହା ବିଚାରସାପେକ୍ଷ। ୧୯୯୧ର ମଣ୍ଡଳ କମିଶନ ବିରୋଧରେ ଆନ୍ଦୋଳନ ହେଉ ଅଥବା ନାଗରିକ ସଂଶୋଧନ ବିଲ୍ ବିରୋଧରେ ଉଗ୍ର ପ୍ରଦର୍ଶନ ହେଉ, ସବୁ ସମୟରେ ଦେଶର ଅପାର ସମ୍ପତ୍ତିକୁ ନଷ୍ଟ କରାଯାଇଛି। ଏହାର ପ୍ରଥମ କାରଣ ହେଲା ଆମ ଯୁବ ଶକ୍ତି ଭିତରେ ଦେଶ ପ୍ରେମର ଅଭାବ।

ଅଗ୍ନିବୀର ଯୋଜନା ବିରୋଧରେ ଆନ୍ଦୋଳନରେ ବେପରୁଆ ଭାବେ ଯୁବ ଶକ୍ତି ଦିଶାହୀନ ଭାବରେ ଯେପରି ଅନେକ ରେଳ ସମ୍ପତ୍ତି ନିଆଁ ଲଗେଇ ନଷ୍ଟ କଲେ ତାହା ଦୁଃଖଦାୟକ। ଏକ ଆକଳନରୁ ଜଣାଯାଏ ଯେ ପ୍ରାୟ ସାତଶହ କୋଟି ଟଙ୍କର ଜାତୀୟ ସମ୍ପତ୍ତି ମାଟିରେ ମିଶିଗଲା। ଶାନ୍ତିପୂର୍ବକ ଆନ୍ଦୋଳନ କରି କିପରି ଶାସନତନ୍ତ୍ରକୁ ଦୋହଲେଇ ହୁଏ ଓ ଜନତା ଦରକାର ପଡ଼ିଲେ ସରକାରଙ୍କୁ ପାନେ ଚଖେଇ ପାରେ, ତାହା ଅତୀତରେ ହୋଇଥିବା ଆନ୍ନା ଆନ୍ଦୋଳନ ଏହାର ଏକ ବଳିଷ୍ଠ ଉଦାହରଣ। ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହାକୁ ଭରପୂର ସମର୍ଥନ ମିଳିଥିଲା। ଶସ୍ତା ଲୋକପ୍ରିୟତା ହେଉ କିମ୍ବା କ୍ଷମତା ବିରୋଧୀ ରାଜନେତାଙ୍କ ହାତବାରିସି ହେଉ ଯୁବ ସମାଜର ଏପରି କର୍ତ୍ତୃତ୍ୱ ଚିନ୍ତାଜନକ। ଆମେ ନିକଟ ଅତୀତରେ ଆମେରିକାରେ ବ୍ୟାପିଥିବା ବର୍ଣ୍ଣଭେଦୀ ଆନ୍ଦୋଳନକୁ ଦେଖିଛେ, କିନ୍ତୁ ଏତେବଡ଼ ଆନ୍ଦୋଳନ ଯାହା ସମଗ୍ର ଆମେରିକାରେ ବ୍ୟାପିଥିଲା କୌଣସି ଜାତୀୟ ସମ୍ପତ୍ତି ନଷ୍ଟ ହୋଇ ନ ଥିଲା। ହଂକଂରେ ଚାଇନା ବିରୋଧୀ ଆନ୍ଦୋଳନରେ ହଜାର ହଜାର ଆନ୍ଦୋଳନକାରୀ ଅନେକ ଦିନ ଧରି ବିରୋଧ ପ୍ରଦର୍ଶନ କରିଥିଲେ ମଧ୍ୟ ଜାତୀୟ ସମ୍ପତ୍ତି ନଷ୍ଟ ହୋଇ ନ ଥିଲା। ଏହାର କାରଣ ହେଲା ସେମାନେ ଦେଶର ସମ୍ପତ୍ତିକୁ ନିଜର ସମ୍ପତ୍ତି ଭାବନ୍ତି । କିନ୍ତୁ ଆମ ଦେଶରେ ସରକାରୀ ସମ୍ପତ୍ତିକୁ ନଷ୍ଟ କରିବାରେ ଆମକୁ ଆନନ୍ଦ ମିଳିଥାଏ। ଅର୍ଥାତ ଆମ ଯୁବଶକ୍ତି ଭିତରେ ପ୍ରଖର ରାଷ୍ଟ୍ର ଭକ୍ତିର ଅଭାବ ପରିଲକ୍ଷିତ ହୁଏ, ଯାହା ବିଦେଶରେ ନ ଥାଏ। ତେଣୁ ଆମମାନଙ୍କୁ ଯୁବଶକ୍ତି ଭିତରେ ଛାତ୍ର ଅବସ୍ଥାରୁ ଦେଶ ପ୍ରେମର ଭାବନା ଭରି ଦେବାକୁ ହେବ। ଇଏ



ସେଇ ଦେଶ ଯେଉଁଠି ବନ୍ଦେ ମାତରମ୍‌ର ଗୋଟିଏ ସ୍ୱରରେ ଶକ୍ତିଶାଳୀ ବ୍ରିଟିଶ ସାମ୍ରାଜ୍ୟ ପାଖରେ ଭଗତ ସିଂ, ରାଜଗୁରୁ, ସାଭରକର, ଜୟୀ ରାଜଗୁରୁ, ବାଜି ରାଉତଙ୍କ ଭଳି ଅନେକ ଯୁବପ୍ରାଣ ଆହୁତି ଦେଇଥିଲେ। ତେବେ ସ୍ୱାଧୀନତାର ରୌପ୍ୟ ଜୟନ୍ତୀ ବର୍ଷ ହେଲା ବେଳକୁ ଯୁବବର୍ଗ ଏତେ ପଥଭ୍ରଷ୍ଟ କ'ଣ ପାଇଁ?

ଭାରତ ପୃଥିବୀର ଏକ ଯୁବା ଦେଶ ଯେଉଁଠି ୬୦ ପ୍ରତିଶତରୁ ଅଧିକ ୩୫ ବର୍ଷରୁ କମ୍ ବୟସ୍କ ରହିଛନ୍ତି। ତେଣୁ ଏମାନଙ୍କ ଭିତରେ ଦେଶ ପ୍ରତି ସମ୍ମାନ, ଦେଶପ୍ରେମ ଓ ଦରକାର ପଡିଲେ ଦେଶ ପାଇଁ ବଳିଦାନ ଦେଇପାରୁଥିବା ଯୁବ ସମାଜ ତିଆରି କରିବା ଆମର କର୍ତ୍ତବ୍ୟ। ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଦେଶ ହିତରେ ସରକାର ଅଗ୍ନିପଥ ସ୍କିମ୍ ଲାଗୁ କରିବାକୁ ଯାଉଛନ୍ତି। ଏହାଦ୍ୱାରା ଜୀବନର ଏକ ସ୍ୱଳ୍ପ ସମୟ ଜଣେ ଯୁବକ ଦେଶର ସେନା ସହିତ ରହି ନିଜକୁ ଏକ ଚରିତ୍ରବାନ, ଶୃଙ୍ଖଳିତ, ଦେଶପ୍ରେମୀ ନାଗରିକ ରୂପେ ଗଢ଼ିତୋଳିବ ଓ ଦେଶର ସେବା କରିବାରେ ସହଭାଗିତା ଦେବ। ଶେଷରେ ଏକ ମୋଟା ଅଙ୍କର ଅବସରକାଳୀନ ଅର୍ଥ ପାଇ ଭବିଷ୍ୟତ ଆତ୍ମନିର୍ଭରଶୀଳ ହୋଇ ସମ୍ମାନର ସହ ଜୀବନ ବିତେଇବ। ତା' ଛଡ଼ା ସେନାରେ ଲମ୍ବା ଅବଧି କାର୍ଯ୍ୟ କରିବାର ସୁଯୋଗ ମଧ୍ୟ ପାଇବ। ସୂଚନାଯୋଗ୍ୟ ଯେ, ଅଗ୍ନିବୀରମାନଙ୍କୁ ଭାରତର ଘରୋଇ ଉଦ୍ୟୋଗରେ ନିଯୁକ୍ତି ପାଇଁ ଅଗ୍ରାଧିକାର ଦିଆଯିବ ବୋଲି ଅନେକ ଶିଳ୍ପପତି ଘୋଷଣା କରି ସାରିଲେଣି। ତେବେ ଦେଶର ଯୁବ ସମାଜକୁ ଏକ ଉତ୍ତମ ଚରିତ୍ର ପ୍ରଦାନ କରି ଶୃଙ୍ଖଳିତ ନାଗରିକ ଭାବରେ ଗଢ଼ିତୋଳିବାରେ ଏହି ଅଗ୍ନିବୀର ଯୋଜନା ସହାୟକ ହେବ ଓ ଦେଶପ୍ରେମର ଭାବନା ଉଜ୍ଜୀବିତ ରଖିବ। ସୂଚନାଯୋଗ୍ୟ ଯେ, ଆମେରିକା ଓ ଫ୍ରାନ୍ସ ପ୍ରଭୃତି ଦେଶରେ ଅଗ୍ନିବୀର ଅନୁରୂପ ସ୍ୱଳ୍ପ ସମୟ ପାଇଁ ସେନାରେ କାମ କରିବାର ସୁଯୋଗ ଯୁବ ସମାଜକୁ ଦିଆଯାଇ ଥାଏ। ଏପରିକି ରୁଷିଆ, ଚାଇନା, ଓ ଇସ୍ରାଏଲ ପ୍ରଭୃତି ଦେଶରେ ବାଧ୍ୟତାମୂଳକ ଭାବରେ ସେନାରେ କାର୍ଯ୍ୟ କରିବାକୁ ପଡ଼ିଥାଏ। ତେବେ ଯେ କୌଣସି ଆନ୍ଦୋଳନ ସମୟରେ ସାଧାରଣ ସମ୍ପତ୍ତିକୁ ନଷ୍ଟ କରିବା ଅର୍ଥ ଦେଶ ଅହିତରେ କାମ କରିବା, ଏହାକୁ କଦାପି ଔଚିତ୍ୟ କରାଯାଇପାରିବନି। ପୂର୍ବରୁ ଜାଠ ଆନ୍ଦୋଳନ ସମୟରେ ୩୫ ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ କରିଦିଆଗଲା। ସେହିପରି ଗୁଜରାଟର ପାଟିଦାର ଆନ୍ଦୋଳନ ହେଉ ଅଥବା ନିକଟରେ ମହମ୍ମଦ ପୈଗମ୍ବର ପ୍ରକରଣ ହେଉ ସବୁବେଳେ ଦେଶର ସମ୍ପତ୍ତିକୁ ମନଇଚ୍ଛା ନଷ୍ଟ କରିଦିଆଗଲା ଓ ଆମେ ନୀରବଦ୍ରଷ୍ଟା ହୋଇ ରହିଲେ। ଏପରିକି କୃଷକ ଆନ୍ଦୋଳନ ନାମରେ ରାଜପଥକୁ କବଳିତ କରି ଦୀର୍ଘ ସମୟ ପର୍ଯ୍ୟନ୍ତ ଦେଶରେ ଶିଳ୍ପ ଓ ବାଣିଜ୍ୟକୁ ଷାଠିଏ ହଜାର କୋଟି ଟଙ୍କାର କ୍ଷତି କରାଗଲା। ସବୁଠୁ ବଡ଼ କଥା ହେଲା ସ୍ୱଳ୍ପ ସମୟ ଭିତରେ ଆମେ ସେସବୁ ଭୁଲିଯାଉ। ଏ ବିଷୟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସମୟ ସମୟରେ ସଂଜ୍ଞାନ ନେଇ ଅନେକ ଗାଇଡ୍‌ଲାଇନ୍ ପ୍ରଦାନ କରିଥିଲେ ମଧ୍ୟ ସେସବୁ କୌଣସି ପ୍ରଭାବ ପକେଇ ପାରିନାହିଁ।

ଆମକୁ ମନେରଖିବା ଉଚିତ ଯେ, ସରକାର କେବଳ ଆମ ସମ୍ପତ୍ତିର ରକ୍ଷକ ମାତ୍ର, ଅସଲ ମାଲିକ ହେଲେ ଆମେ ଜନତା। ତେଣୁ ସରକାରୀ ସମ୍ପତ୍ତିକୁ ନଷ୍ଟ କରି ନିଜର ଦାବିକୁ ପ୍ରଭାବୀ କରିବା ଏକ ମୂର୍ଖତା ମାତ୍ର। ଏହି ମାନସିକତାରୁ ଯୁବ ସମାଜକୁ ଦୂରେଇ ନେଇ ଦେଶପ୍ରେମ ଭାବନା ଜାଗ୍ରତ କରିବାର ଆବଶ୍ୟକତା ରହିଛି। ଦେଶ କାହାର? ସରକାରଙ୍କର ନା ବିରୋଧୀଙ୍କର? ପ୍ରକୃତରେ ଦେଶ ଆମ ସମସ୍ତଙ୍କର। ଯୁବ ସମାଜ ମନରେ ଏକ ଦୃଢ଼ ଚିନ୍ତାଧାରା ରହିବା ଉଚିତ ଯେ, ଏ ଦେଶ ଆମର, ଏହାର ସମ୍ପତ୍ତି ଆମର, ତେଣୁ ଏହାର କ୍ଷତି ଆମର ହିଁ କ୍ଷତି।

ମୋ–୭୦୦୪୦୬୮୧୧୦

## ପାଠକ ଶ୍ରେଷ୍ଠ ବିଚାରକ

### ହିଂସାଜନିତ ପାଗଳାମି ବନ୍ଦ ହେଉ

ମହାଶୟ,

ଧର୍ମ ହେଉଛି ମାନବ ଧର୍ମ। ପରସ୍ପରକୁ ସହଯୋଗ କରିବା ଓ ପରସ୍ପର ସହ ସହାନୁଭୂତି ପ୍ରଦାନ କରିବା ହେଉଛି ଧର୍ମ। ପ୍ରତ୍ୟେକ ଧର୍ମର ସାରମର୍ମ ହେଲା ହିଂସାରୁ ଦୂରେଇ ଅହିଂସାର ପୂଜାରୀ ହେବା। ଭାରତ ଭଳି ଏକ ଶାନ୍ତିପୂର୍ଣ୍ଣ ଦେଶରେ ଧର୍ମ ଓ ଧର୍ମଗୁରୁଙ୍କ ନାମରେ ହିଂସାକାଣ୍ଡ କରିବା କଦାପି ଶୋଭନୀୟ ନୁହେଁ। କହାକୁ ସମାଲୋଚନା କରି ନିନ୍ଦା କରିଦେଲେ ତାଙ୍କ ସମ୍ମାନ ନଷ୍ଟ ହୋଇଗଲା ଭାବି ରାସ୍ତାକୁ ଓହ୍ଲାଇ ଆସି ହିଂସାକାଣ୍ଡ କରିବା ଦ୍ୱାରା ନିଜ ଧର୍ମ ପ୍ରତି ଅସମ୍ମାନ କହିବା ସଦୃଶ ନୁହେଁ କି? ବିଭିନ୍ନ ଘୃଣା ମନ୍ତବ୍ୟକୁ ନେଇ ଏବେ ଘଟୁଥିବା ଭାରତୀୟମାନଙ୍କ ହିଂସାକାଣ୍ଡ ଦେଖି ଦୁଃଖ ଲାଗୁଛି। ପ୍ରତ୍ୟେକ ଧର୍ମର ଧର୍ମଗୁରୁଙ୍କ ପ୍ରତି ପ୍ରତ୍ୟେକ ସଂପ୍ରଦାୟର ଆନ୍ତରିକ ସମ୍ମାନ ରହିଛି। ଏହା ମଧ୍ୟ ବିଭିନ୍ନ ସମୟରେ ଆମ ଦେଶରେ ପ୍ରମାଣିତ ହୋଇଛି। ଏହାକୁ ହୃଦୟଙ୍ଗମ କରି ହିଂସାକାଣ୍ଡଜନିତ ପାଗଳାମିଠୁ ଦୂରେଇ ରହିବା ଉଚିତ। ହିଂସାକାଣ୍ଡ କରି ଦେଶର ଧନ ଜୀବନ ନଷ୍ଟ କରିବା କୌଣସି ମତେ ଠିକ୍ ନୁହେଁ। ଏହା ଆମ ଭାଇଚାରାକୁ ନଷ୍ଟ କରୁଛି।

**–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ତୁମରି ଦେହ ପରଶପ୍ରିୟ
ଲଭିବି ବୋଲି ଅଙ୍ଗେ
ଜଡ଼ାଏଁ ଦେହେ ଆପଣା ବାହୁ
ନିଶୀଥେ ନିଦ୍ରାଭଙ୍ଗେ
ସୁନ୍ଦର ମୁଁ ଦେଖଇଁ ଆଜି ନିଜରେ
ସୁଷମା ମୋର ନ ପାରେ ସହି ସଜରେ।
–(ପ୍ରସାଧନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଶିଶୁକନ୍ୟାଙ୍କୁ କାମୁଡ଼ି ମାରିଦେଲେ ଅପହରଣକାରୀ

**ବାରିପଦା ଅଫିସ, ୬।୭:** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ସୁରେଇଡିହି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ୨ ବର୍ଷର ଜଣେ ଶିଶୁକନ୍ୟାଙ୍କ ତଣ୍ଟିକୁ କାମୁଡ଼ି ଅପହରଣକାରୀ ମାରି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୋଲିସ ଅଭିଯୁକ୍ତ ଦମ୍ପତିଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ବାପା ଯାଦବ ମୁର୍ମୁଙ୍କ ଅକାଳ ମୃତ୍ୟୁ ଓ ମା' ଅନ୍ୟତ୍ର ପଳାଇ ଯାଇଥିବା ବେଳେ ତାଙ୍କର ଦୁଇ ଶିଶୁକନ୍ୟା ସୁରେଇଡିହି ଗ୍ରାମସ୍ଥିତ ଜେଜେ ବାପା ଚନ୍ଦ୍ରମୋହନ ମୁର୍ମୁଙ୍କ ପାଖରେ ରହୁଥିଲେ। ବୁଧବାର ଚନ୍ଦ୍ରମୋହନଙ୍କ ସମ୍ପର୍କୀୟ ଶଳାଙ୍କ ପୁଅ ଦାଶରଥି ହାଁସଦା ଓ ବୋହୂ ସୁନି ସିଂ ତାଙ୍କ ଘରେ ପହଞ୍ଚି ୨ବର୍ଷର ଶିଶୁକନ୍ୟା ରୂପାଲୀଙ୍କୁ ଅପହରଣ କରିନେଇଥିଲେ। କିଛି ବାଟ ଯିବା ପରେ ଶିଶୁକନ୍ୟା ଜଣକ କାନ୍ଦିବାରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀ ପ୍ରତିବାଦ କରିବାରୁ ଅପହରଣକାରୀ ସୁନି ଶିଶୁକନ୍ୟାଙ୍କୁ କଚାଡ଼ି ଦେବା ସହ ତାଙ୍କ ତଣ୍ଟିକୁ କାମୁଡ଼ି ଦେଇଥିଲେ। ଗୁରୁତର ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲ ପଠାଇଥିଲେ ହେଁ ସନ୍ଧ୍ୟାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଗ୍ରାମବାସୀ ଏକାଠି ହୋଇ ଉକ୍ତ ଦମ୍ପତିଙ୍କୁ ଅଟକ ରଖିବା ସହିତ ପିଲା ଚୋର ଭାବି ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ବେତନଟୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

### ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟର ପାଇବେ ମେ', ଜୁନ୍ ପାରିଶ୍ରମିକ

**ଭୁବନେଶ୍ୱର, ୬।୭(ବ୍ୟୁରୋ):** ସମଗ୍ର ଶିକ୍ଷା ଅଧୀନରେ କାର୍ଯ୍ୟରତ ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟରମାନଙ୍କୁ ଚଳିତବର୍ଷ ମେ' ଓ ଜୁନ୍ ମାସର ପାରିଶ୍ରମିକ ପ୍ରଦାନ କରାଯିବ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଏବଂ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିବା ପରେ ଏହି ଘୋଷଣା କରାଯାଇଛି। ପୂର୍ବବର୍ଷଗୁଡ଼ିକରେ ମେ' ଓ ଜୁନ୍ ମାସରେ ବିଦ୍ୟାଳୟ ବନ୍ଦ ରହୁଥିବାରୁ ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟରମାନଙ୍କୁ ପାରିଶ୍ରମିକ ଦିଆଯାଉ ନ ଥିଲା। କିନ୍ତୁ କରୋନା ପାଇଁ ଗତ ଦୁଇବର୍ଷ ପାଠପଢ଼ାରେ ବ୍ୟାଘାତ ହୋଇଥିବାରୁ ତାକୁ ଭରଣା କରିବା ସହ ସିଲାବସ୍ ସାରିବା ଲାଗି ରାଜ୍ୟ ସରକାର ଚଳିତ ବର୍ଷ ମେ' ଓ ଜୁନ୍‌ରେ ସ୍କୁଲ ଖୋଲା ରଖିଥିଲେ। ଗ୍ରୀଷ୍ମଛୁଟି କମାଇ ୧୧ ଦିନ କରିଥିଲେ। ମେ' ଓ ଜୁନ୍‌ରେ ବିଦ୍ୟାଳୟ ଖୋଲା ରହିଥିବାରୁ ଏହି ଦୁଇମାସ ନିମନ୍ତେ ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟରଙ୍କୁ ପାରିଶ୍ରମିକ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଜିଲା ଗସ୍ତ ସମୟରେ ମନ୍ତ୍ରୀ ଏ ବିଷୟ ହୃଦୟଙ୍ଗମ କରି ଉପଯୁକ୍ତ ପଦକ୍ଷେପ ନେବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ପର୍ଯ୍ୟାପ୍ତ ବିହନ, ସାର ଯୋଗାଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୬।୭(ବ୍ୟୁରୋ):** ଚଳିତ ଖରିଫ୍‌ରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ବିହନ, ସାର ଓ କୀଟନାଶକ ଯୋଗାଇଦେବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ଭବନଠାରେ ବୁଧବାର ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ବିହନ, ସାର ଓ କୀଟନାଶକ ଯୋଗାଇ ଦେବା ସମ୍ପର୍କରେ ବିଶଦ ଭାବେ ସମୀକ୍ଷା କରିଛନ୍ତି। ରାଜ୍ୟରେ ଡିଏପି ଓ ପଟାସ ସାରର ଆବଶ୍ୟକତା ପୂରଣ କରିବା ପାଇଁ ଭାରତ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସେ କହିଛନ୍ତି। ସେହିପରି ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ଠିକ୍ ସମୟରେ ପାକ୍ସ/ଲାମ୍ପ୍‌ସଗୁଡିକୁ ଆବଶ୍ୟକ ମୁତାବକ ଉନ୍ନତ ମାନର ପ୍ରାମାଣିକ ବିହନ ଯୋଗାଣ ନିମନ୍ତେ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାକ୍ସ/ଲାମ୍ପ୍ସଗୁଡ଼ିକରେ ବିହନ ଓ ସାର ଯେପରି ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିବ ସେ ଦିଗରେ ଅଧିକାରୀମାନେ ନିୟମିତ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ରଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ଏବଂ ମାର୍କଫେଡ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୁରୁଷ ବନ୍ଧୁ ଗିରଫ

**ଏମ୍‌ସିଏ ଛାତ୍ରୀ ଆଶ୍ରିତା ଆତ୍ମହତ୍ୟା ମାମଲା**

- ୨୦୧୪ରୁ ପ୍ରେମ ସମ୍ପର୍କ ଥିଲା
- ତ୍ରିକୋଣୀୟ ପ୍ରେମ ସମ୍ପର୍କରୁ ତିକ୍ତତା ସୃଷ୍ଟି
- ସୋମବାର ସନ୍ଧ୍ୟାରେ ମାଡ଼ ମାରିବା ସହ ନିର୍ଯାତନା ଦେଇଥିଲେ


ଆଶ୍ରିତା ସେନାପତି


ସତ୍ୟପ୍ରକାଶ ଦାଶ

ଭୁବନେଶ୍ୱର,୬।୭ (ବ୍ୟୁରୋ)

ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଏମ୍‌ସିଏ ଛାତ୍ରୀ ଆଶ୍ରିତା ସେନାପତି(୨୨) ଆତ୍ମହତ୍ୟା ଘଟଣାର କମିଶନରେଟ ପୋଲିସ ସୋମବାର ପର୍ଦ୍ଦାଫାଶ କରିଛି। ତ୍ରିକୋଣୀୟ ପ୍ରେମ ସମ୍ପର୍କ ଯୋଗୁ ଏଭଳି ଘଟଣା ଘଟିଥିବା କୁହାଯିବା ସହ ଆଶ୍ରିତାଙ୍କ ସୁଇସାଇଡ୍ ନୋଟକୁ ଭିତ୍ତି କରି ଶହୀଦନଗର ପୋଲିସ ତାଙ୍କ ପୁରୁଷ ବନ୍ଧୁ ସତ୍ୟପ୍ରକାଶ ଦାଶଙ୍କୁ ଭଦ୍ରକ ତିହିଡ଼ିରୁ ସୋମବାର ଗିରଫ କରିଛି। ସତ୍ୟପ୍ରକାଶ ଭୁବନେଶ୍ୱରରେ ଏକ ସଫ୍ଟୱେର କମ୍ପାନୀରେ ଚାକିରି କରନ୍ତି। ଗିରଫ ପରେ ତାଙ୍କୁ ଥାନା ହାଜତରେ ରଖାଯାଇ ପଚରାଉଚରା କରାଯାଉଛି। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବା ସହ ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଭଦ୍ରକ ଜିଲା ତିହିଡ଼ି ଅଞ୍ଚଳରେ ଉଭୟ ଆଶ୍ରିତା ଏବଂ ସତ୍ୟପ୍ରକାଶଙ୍କ ଘର। ଉଭୟଙ୍କ ମଧ୍ୟରେ ୨୦୧୪ରୁ ପ୍ରେମ ସମ୍ପର୍କ ଥିଲା। ୨୦୧୯ରେ ଆଶ୍ରିତା ଅନ୍ୟ ଜଣେ ଯୁବକଙ୍କ ସଂସ୍ପର୍ଶରେ ଆସିବା ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏପରି କି ଆଶ୍ରିତାଙ୍କୁ ସତ୍ୟପ୍ରକାଶ ମାନିସକ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ଏହି କାରଣ ପାଇଁ ପ୍ରାୟ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। କିଛିଦିନ ତଳେ ଆଶ୍ରିତା ତାଙ୍କୁ ସାମାଜିକ ଗଣମାଧ୍ୟମରେ ମଧ୍ୟ ବ୍ଲକ କରି ଦେଇଥିଲେ। ତେବେ ସୋମବାର ସତ୍ୟପ୍ରକାଶ ବାରମ୍ବାର କଲ୍ କରିବା ସତ୍ତ୍ୱେ ଆଶ୍ରିତା ଫୋନ ଉଠାଇ ନ ଥିଲେ। ଫଳରେ ଆଶ୍ରିତା ରହୁଥିବା ଆଚାର୍ଯ୍ୟବିହାରସ୍ଥିତ ଭଡ଼ାଘରକୁ ସତ୍ୟପ୍ରକାଶ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରି ପଳାଇଯାଇଥିଲେ। ଏହାପରେ ଆଶ୍ରିତା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିବା ସହ ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଥିଲେ। ପରେ ରାତିରେ ଭଡ଼ାଘରେ କବାଟ ବନ୍ଦ କରି ଫ୍ୟାନ୍‌ରେ ଓଢ଼ଣି ଦ୍ୱାରା ଝୁଲି ପଡ଼ିଥିଲେ। ବାପା ବିଜୟ ଆଶ୍ରିତାଙ୍କୁ ବାରମ୍ବାର ଫୋନ୍ କରି ନୟାନ୍ତ ହୋଇପଡ଼ିବା ପରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଭଡ଼ାଘରକୁ ଆସି କବାଟ ବାଡ଼େଇଥିଲେ। କବାଟ ନ ଖୋଲିବାରୁ ବିଜୟ ଘରର ଝରକା ବାଟେ ଆଶ୍ରିତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହ ଜବତ କରିବା ସମୟରେ ନିକଟରୁ ଏକ ସୁଇସାଇଡ୍ ନୋଟ ପାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଶହୀଦନଗର ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୫/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ସୁଇସାଇଡ୍ ନୋଟକୁ ଆଧାର କରି ଆଶ୍ରିତାଙ୍କ ପୁରୁଷ ବନ୍ଧୁ ସତ୍ୟପ୍ରକାଶଙ୍କୁ ଗିରଫ କରିବା ସହ ଆଇପିସି ଦଫା ୩୪୧, ୩୨୩, ୩୦୬, ୫୦୬,୨୯୪ରେ ଏକ ମାମଲା(୩୦୭/୨୦୨୨) ରୁଜୁ କରିଛି। ସୁଇସାଇଡ୍ ନୋଟରେ ଜଣେ ଯୁବକ ତାଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରୁଛନ୍ତି, ତେଣୁ ଏହାକୁ ସହ୍ୟ କରି ନ ପାରି ଆତ୍ମହତ୍ୟା କରୁଥିବା ଆଶ୍ରିତା ଉଲ୍ଲେଖ କରିଥିବା ଜାଣିବାକୁ ମିଳିଛି।

**ପୁରୁଷ ବନ୍ଧୁଙ୍କ ନିକଟରେ କେମିତି ପହଞ୍ଚିଲା ପୋଲିସ**

ଆଶ୍ରିତାଙ୍କ ସୁଇସାଇଡ୍ ନୋଟରେ ଥିବା ଯୁବକଙ୍କୁ ପୋଲିସ ଧରିବାକୁ ପ୍ରୟାସ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ଆଶ୍ରିତାଙ୍କ ମୋବାଇଲର କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ଓ ସୋସିଆଲ୍ ମିଡ଼ିଆ ଯାଞ୍ଚ କରି ପୋଲିସ ସତ୍ୟପ୍ରକାଶଙ୍କ ବିଷୟରେ ତଥ୍ୟ ପାଇଥିଲା। ସୋମବାର ମାର୍‌ପିଟ କରିବା ପୂର୍ବରୁ ସତ୍ୟପ୍ରକାଶ ଏକାଧିକ ଥର ଆଶ୍ରିତାଙ୍କୁ କଲ୍ କରିଥିବା ଜଣାପଡ଼ିଥିଲା। ଭଡ଼ାଘର ନିକଟରେ ରହୁଥିବା ଲୋକ ମଧ୍ୟ ସତ୍ୟପ୍ରକାଶ ମାରପିଟ୍ କରିଥିବା ସୂଚନା ଦେଇଥିଲେ। ଅନ୍ୟପଟେ ବ୍ୟବଚ୍ଛେଦ ସମୟରେ ଆଶ୍ରିତାଙ୍କ ମୁହଁରେ ଏକାଧିକ କ୍ଷତ ଚିହ୍ନ ଥିବା ଜଣାପଡ଼ିଥିଲା। ସତ୍ୟପ୍ରକାଶ ମାଡ଼ ମାରିବା ଦ୍ୱାରା ଏଭଳି ହୋଇଥିବା ପୋଲିସ ଜାଣିବାକୁ ପାଇ ତାଙ୍କୁ ଗିରଫ କରିଥିଲା।

### ପାରୋଲରେ ଆସିଥିବା କଏଦୀଙ୍କୁ ଗୁଳିମାଡ଼

**ପରଜଙ୍ଗ, ୬।୭(ଡି.ଏନ୍.ଏ.)**

ଏକ ହତ୍ୟା ଅଭିଯୋଗରେ ୧୦ବର୍ଷ ଜେଲ୍‌ରେ ସଜାକାଟି ପାରୋଲରେ ଆସିଥିବା ଜଣେ କଏଦୀଙ୍କୁ ହତ୍ୟା ଉଦ୍ୟମ କରାଯାଇଛି। ୪ଜଣ ବ୍ୟକ୍ତି ତାଙ୍କୁ ଘେରିଯାଇ ଆଖିବୁଜା ଗୁଳିଚାଳନା କରିଥିଲେ। କଏଦୀଙ୍କ ଶରୀରରେ ୩ ରାଉଣ୍ଡ ଗୁଳି ବାଜିଛି। ଏଭଳି ଲୋମଟାଙ୍କୁରା ଘଟଣା ଘଟିଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବାମ୍ ପଞ୍ଚାୟତ ଅନ୍ତର୍ଗତ ଚାଉଳିଆଝରଣ ଗ୍ରାମରେ। ଗୁରୁତର ଅବସ୍ଥାରେ ବାଉଁଶମୁଣ୍ଡା ଗ୍ରାମର ଅର୍ଜୁନ ସୋରେନ୍‌ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ପରକୀୟା ପ୍ରୀତିକୁ ନେଇ ୨୦୧୧ ଅଗଷ୍ଟ ୧୫ରେ ଚାଉଳିଆଝରଣ ଗ୍ରାମରେ ଘଟିଥିବା ଏକ ହତ୍ୟା ମାମଲାରେ ଅର୍ଜୁନଙ୍କୁ ଜେଲଦଣ୍ଡ ହୋଇଥିଲା। ସେ ଦୀର୍ଘ ୧୦ବର୍ଷ ହେଲା ଜିଲା କାରାଗାରରେ ସଜା କାଟୁଥିଲେ। ତେବେ କରୋନା ସଂକ୍ରମଣ ବଢ଼ିବା ପରେ ଗତବର୍ଷ ଜୁନ୍ ୫ରେ ତାଙ୍କୁ ପାରୋଲରେ ଛଡ଼ାଯାଇଥିଲା। ବୁଧବାର ଅର୍ଜୁନ କଙ୍କଡ଼ାହାଡ଼ ବ୍ଲକର ଝିଲି ଗ୍ରାମ ସାପ୍ତାହିକ ହାଟରୁ ସଉଦା ନେଇ ଘରକୁ ଫେରୁଥିବାବେଳେ ୪ଜଣ ବ୍ୟକ୍ତି ତାଙ୍କୁ ଘେରିଯାଇ ଗୁଳିମାଡ଼ କରିଥିଲେ। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସ କହିଛି।

## ୪ଶହ ଟପିଲା ସଂକ୍ରମଣ

ଭୁବନେଶ୍ୱର, ୬।୭(ବ୍ୟୁରୋ)



ଓଡ଼ିଶାରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ବୁଧବାର ରାଜ୍ୟରେ ପୁଣି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିବାବେଳେ ଦୈନିକ ସଂକ୍ରମଣ ୪ଶହ ଟପିଛି। ଗତ ୮ଦିନ ହେଲା ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ତିନି ଅଙ୍କରୁ ତଳକୁ ଖସୁ ନ ଥିବାବେଳେ ବୁଧବାର ୪୦୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୨.୬୫%କୁ ବଢ଼ିଯାଇଛି। ଏମାନଙ୍କ ମଧ୍ୟରୁ ୨୩୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୬୫ ଜଣ ସ୍ଥାନୀୟ ସଂକ୍ରମିତ ଓ ଷ୍ଟେଟ୍‌ପୁଲ୍‌ରୁ ୭ଜଣ ରହିଛନ୍ତି। ଏଥିମଧ୍ୟରେ ୪୪ ଜଣ ୧୮ବର୍ଷରୁ କମ୍ ବୟସର ଥିବା ଜଣାଯାଇଛି। ଗୋଟିଏ ଦିନରେ ରାଜ୍ୟର ୨୧ଟି ଜିଲାରୁ ୪୦୮ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୯ଟି ଜିଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୯୪ ଜଣ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସେହିପରି କଟକରୁ ୬୪, ସୁନ୍ଦରଗଡ଼ ୧୯, ବାଲେଶ୍ୱର ୧୭, ପୁରୀ ୧୪, ମୟୂରଭଞ୍ଜ ୬, ଗଜପତି ୬, ସମ୍ବଲପୁର ୫, ଜଗତ୍‌ସିଂହପୁର ୫, ଯାଜପୁର ୪, ନୟାଗଡ଼ ୪, କେନ୍ଦ୍ରାପଡ଼ା ୩, ଝାରସୁଗୁଡ଼ା ୩, ଭଦ୍ରକ ୨, ଗଞ୍ଜାମ ୨, କଳାହାଣ୍ଡି ୨, କୋରାପୁଟ ୧, ମାଲକାନଗିରି ୧, ନୂଆପଡ଼ା ୧, ରାୟଗଡ଼ା ୧ ଏବଂ ସୋନପୁର ଜିଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨,୯୧,୫୧୮ରେ ପହଞ୍ଚିଛି। ବର୍ତ୍ତମାନ ୧,୯୫୭ଜଣ ସକ୍ରିୟ ରୋଗୀ ରହିଥିବା ଜଣାଯାଇଛି। ସେହିପରି ଦେଶରେ ପୁଣି ୧୬ ହଜାର ପାର୍ କରିଛି ସଂକ୍ରମଣ। ଆଜି ୧୬ ହଜାର ୧୫୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମହାମାରୀ ଦେଶରେ ୨୮ ଜଣଙ୍କ ଜୀବନ ନେଇଛି। ଦେଶରେ ଆକ୍ଟିଭ କେସ ୧ ଲକ୍ଷ ୧୫ ହଜାର ଟପିଥିବା ବେଳେ ଦୈନିକ ପଜିଟିଭିଟି ରେଟ୍ ୩.୫୬% କୁ ବୃଦ୍ଧି ପାଇଛି।

## ଦକ୍ଷିଣମୋଡ଼ ହେଲା ତିନି ରଥ



**ପୁରୀ ଅଫିସ,୬।୭**

ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀ ଓ ଭାଇଙ୍କୁ ନେଇ ଜନ୍ମବେଦୀକୁ ଯାଇଥିବାବେଳେ ଏବେ ଶ୍ରୀମନ୍ଦିରକୁ ବାହୁଡ଼ିବା ପାଇଁ ପ୍ରସ୍ତୁତ ହେଲେଣି। ତେବେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ଦଣ୍ଡାୟମାନ ତିନି ରଥର ବୁଧବାର ଦକ୍ଷିଣମୋଡ଼ ହୋଇଛି। ସନ୍ଧ୍ୟା ପୂର୍ବରୁ ସୁଭଦ୍ରାଙ୍କ ଦର୍ପଦଳନ ଓ ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ହୋଇଥିବା ବେଳେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ରାତି ପ୍ରାୟ ୮ଟା ବେଳକୁ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାରରେ ପହଞ୍ଚିଥିଲା। ଗହଳି ବଢ଼ିବା ପରେ ନନ୍ଦିଘୋଷ ରଥକୁ ନାକଚଣା ଦ୍ୱାର ଯାଏ ନେବାକୁ ସୁରକ୍ଷାକର୍ମୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ସେହିଭଳି ଉଠାଦୋକାନୀଙ୍କ ଯୋଗୁ ସମସ୍ୟା ବଢ଼ିଥିଲା। ଅନ୍ଧାର ହେବା ପରେ ରଥ ଟାଣିବା ନିୟମ ନ ଥିଲେ ମଧ୍ୟ ପରଦିନର ନୀତିକାନ୍ତି ଉପରେ ଧ୍ୟାନ ଦେଇ ଅନ୍ଧାର ରାତିରେ ରଥ ଟଣାଯାଇଥିଲା। ତେବେ ବିଳମ୍ବରେ ସକାଳ ଧୂପ ନୀତି ସମ୍ପାଦିତ ହେବା ହେତୁ ତିନି ରଥର ଦକ୍ଷିଣମୋଡ଼ ବିଳମ୍ବ ହୋଇଥିଲା। ସକାଳ ଧୂପ ଶେଷ ହେବାବେଳକୁ ମଧ୍ୟାହ୍ନ ୧୨ଟା ୫୦ ସମୟ ହୋଇଥିଲା। ଫଳରେ ଅପରାହ୍ନ ୧ଟା ୪୫ରେ ରଥକୁ ଆଜ୍ଞାମାଳ ବିଜେ ହେଲା। ଘଣ୍ଟଘଣ୍ଟା, କାହାଳୀ ଓ ଛତ୍ରୀ ସହ ପଟୁଆରରେ ତିନି ବାଡ଼ରୁ ତିନି ଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଧରି ତିନି ରଥ ନିକଟକୁ ଆସିଥିଲେ। ପ୍ରଥମେ ବଳଭଦ୍ରଙ୍କ ରଥରେ ଆଜ୍ଞାମାଳ ପ୍ରଦାନ କରାଗଲା। ଏହାପରେ କ୍ରମାନ୍ୱୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ଏହାପରେ ଭୋଇ ସେବକଙ୍କ ଦ୍ୱାରା ରଥ ବ୍ରେକ୍ ଓ ଦଉଡ଼ି ସଂଯୋଗ କରାଯାଇ ରଥ ଉପରେ ଥିବା ଘଣ୍ଟୁଆମାନଙ୍କ ଘଣ୍ଟନାଦରେ ରଥର ଦକ୍ଷିଣମୋଡ଼ ଆରମ୍ଭ ହୋଇଥିଲା। ପ୍ରଥମେ ଦେବୀ ସୁଭଦ୍ରାଙ୍କ ରଥକୁ ଦକ୍ଷିଣମୋଡ଼ କରାଯାଇଥିଲା। ଏହାପରେ ବଳଭଦ୍ର ଓ ଶେଷରେ ନନ୍ଦିଘୋଷ ରଥକୁ ଦକ୍ଷିଣମୋଡ଼ ପାଇଁ ଟାଣି ନିଆଯାଇଥିଲା। ତେବେ ରେଳ ସୁରକ୍ଷା ବାହିନୀ, ଓଡ଼ିଶା ପୋଲିସ ଓ ଅନ୍ୟ ସୁରକ୍ଷାକର୍ମୀମାନେ ରଥ ଟାଣିଥିଲେ। ଅନେକ ଭକ୍ତଙ୍କୁ ମଧ୍ୟ ରଥ ଟଣାରେ ସାମିଲ କରାଯାଇଥିଲା।

**ଅନ୍ଧାରରେ ଟାଣିଲେ ନନ୍ଦିଘୋଷ**

## ୧୦ରେ ଇଣ୍ଡିଆନ ଆଇଡଲ୍ ଅଡିଶନ୍

**ଭୁବନେଶ୍ୱର,୬।୭(ବ୍ୟୁରୋ):** ସୋନି ଏଣ୍ଟରଟେନ୍‌ମେଣ୍ଟ ଟେଲିଭିଜନର ଲୋକପ୍ରିୟ ରିୟଲିଟି ଶୋ' ଇଣ୍ଡିଆନ୍ ଆଇଡଲ୍‌ର ଅଡିଶନ୍ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରରେ ହେବାକୁ ଯାଉଛି। ସିଜୁଆସ୍ଥିତ ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍ ନିକଟରେ ସକାଳ ୮ଟାରୁ ଏହି ଅଡିଶନ୍ ଆରମ୍ଭ ହେବ। ଗୁଆହାଟୀ, ପାଟ୍‌ନା, କୋଲ୍‌କାତା, ଇନ୍ଦୋର, ଲକ୍ଷ୍ନୌ, ମୁମ୍ବାଇ, ଚଣ୍ଡିଗଡ଼, ଡେରାଡୁନ୍ ଓ ଦିଲ୍ଲୀ ଭଳି ସହରରେ ହେବାକୁ ଥିବା ଏହି ଅଡିଶନ୍‌ରେ ଉତ୍ସାହୀ ଓ ଦକ୍ଷ ଗାୟକମାନେ ଭାଗ ନେବା ପାଇଁ ଚ୍ୟାନେଲ ପକ୍ଷରୁ ଆହ୍ୱାନ କରାଯାଇଛି। ଜୟପୁର ପରେ ଅଡିଶନ ଲାଗି ଇଣ୍ଡିଆନ୍ ଆଇଡଲ୍ ଟିମ୍ ଏବେ ଭୁବନେଶ୍ୱରରେ ପହଞ୍ଚିଛି। ଇଣ୍ଡିଆନ୍ ଆଇଡଲ ୧୦ରେ ଭାଗନେଇଥିବା ଭୁବନେଶ୍ୱରର ବିଶ୍ୱଜିତ୍ ମହାପାତ୍ର କହିଛନ୍ତି, ଇଣ୍ଡିଆନ୍ ଆଇଡଲ୍ ମଞ୍ଚରେ ପହଞ୍ଚିବା ତାଙ୍କ ପାଇଁ ସ୍ୱପ୍ନ ସାକାର ହେବା ଭଳି ଥିଲା। ଅଡିଶନ ଦେଉଥିବା ଯୁବପିଢ଼ୀଙ୍କୁ ନିଜର ସ୍ୱପ୍ନ ଓ ଆବେଗ ଉପରେ ବିଶ୍ୱାସ ରଖିବାକୁ ସେ ବାର୍ତ୍ତା ଦେଇଛନ୍ତି।

## 'ମାନସିକ ସ୍ଥିତି ହରାଇଥିଲେ ସନ୍ତୋଷ'

**ରଶ୍ମିରେଖା ଆତ୍ମହତ୍ୟା ମାମଲା**

- ପୋଲିସ ଜବତ କଲା ସୁଇସାଇଡ ନୋଟ୍



ରାଉରକେଲା ଅଫିସ, ୬।୭

ଟେଲି ଅଭିନେତ୍ରୀ ରଶ୍ମିରେଖା ଓଝାଙ୍କ ଆତ୍ମହତ୍ୟା ପରେ ସନ୍ତୋଷଙ୍କୁ ପୋଲିସ ଜେରା କରିଥିଲା। ପୋଲିସର ଜେରା ଏବଂ ରଶ୍ମିରେଖାଙ୍କ ମୃତ୍ୟୁ ତାଙ୍କ ମାନସିକ ଭାରସାମ୍ୟକୁ ଦୋହଲାଇ ଦେଇଥିଲା। ତେଣୁ ସେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ତାଙ୍କ ମା' ସୁଭାସିନୀ ପାତ୍ର କହିଛନ୍ତି। ଅନ୍ୟପଟେ ମୃତ ସନ୍ତୋଷଙ୍କ ପକେଟରୁ ପୋଲିସ ସୁଇସାଇଡ୍ ନୋଟ୍ ଜବତ କରିଛି। ଆତ୍ମହତ୍ୟା ପାଇଁ ସେ କାହାରିକୁ ଦାୟୀ କରିନାହାନ୍ତି। ବାପାଙ୍କୁ ହଇରାଣ ହରକତ ନ କରିବା ପାଇଁ ପୋଲିସକୁ ଅନୁରୋଧ କରିଥିବାବେଳେ ରଶ୍ମିରେଖାକୁ ବହୁତ ଭଲ ପାଉଥିବା ଏଥିରେ ଦର୍ଶାଇଛନ୍ତି। ରଶ୍ମିରେଖା ଆତ୍ମହତ୍ୟା ପଛରେ ତ୍ରିକୋଣୀୟ ପ୍ରେମ କାହାଣୀ ରହିଥିବା ଅନୁମାନ କରାଯାଉଥିବାବେଳେ ସନ୍ତୋଷଙ୍କ ଆତ୍ମହତ୍ୟା ଏହାକୁ ଆହୁରି ରହସ୍ୟମୟ କରିଦେଇଛି।

ପରିବାର ଲୋକଙ୍କ କହିବା କଥା, ସନ୍ତୋଷ ଭୁବନେଶ୍ୱର ଛାଡ଼ି ୧୫-୨୦ ଦିନ ତଳେ ରାଉରକେଲା ପଳାଇ ଆସିଥିଲେ। ରଶ୍ମିରେଖାଙ୍କ ମୃତ୍ୟୁ ଦିନରୁ ସେ ଏକା ଏକା ରହୁଥିଲେ। ତାଙ୍କ ସହ ବିତାଇଥିବା ପୁରୁଣାଦିନର ସ୍ମୃତି ମନେପକାଉଥିଲେ। ଗତ ୪ ତାରିଖରେ ଘର ଛାତ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବାପା ସୁରେନ୍ଦ୍ର ଓ ମା' ସୁଭାସିନୀ ବାରମ୍ବାର ବୁଝାଇଥିଲେ ମଧ୍ୟ ସନ୍ତୋଷଙ୍କ ମାନସିକ ଅବସ୍ଥାରେ କୌଣସି ପରିବର୍ତ୍ତନ ଆସି ନ ଥିଲା। ମଙ୍ଗଳବାର ରାତିରେ ସମସ୍ତେ ଖାଇସାରି ଶୋଇବାକୁ ଯାଉଥିବାବେଳେ ହଠାତ୍ ସନ୍ତୋଷ ଆତ୍ମହତ୍ୟା କରିଦେଇଥିଲେ। ଏହି ଘଟଣାରେ ସମ୍ପୂର୍ଣ୍ଣ ପରିବାର ଭାଙ୍ଗି ପଡ଼ିଛନ୍ତି। ଏ ନେଇ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ମୃତକଙ୍କ ପକେଟ୍‌ରୁ ଏକ ସୁଇସାଇଡ ନୋଟ୍ ସହ ତାଙ୍କ ମୋବାଇଲକୁ ଜବତ କରାଯାଇଛି। ସବୁଦିଗକୁ ନେଇ ତଦନ୍ତ କରିବା ପରେ ସତ୍ୟାସତ୍ୟ ଜଣାପଡ଼ିବ।

ରାଉରକେଲା ଉଦିତନଗର ଥାନା ଅଞ୍ଚଳର ସନ୍ତୋଷ ଭୁବନେଶ୍ୱରର ନୟାପଲ୍ଲୀରେ ରହି ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ଏହି ସମୟରେ ରଶ୍ମିରେଖାଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଦୁହେଁ ମନ୍ଦିରରେ ବିବାହ କରିବା ସହ ଏକାଠି ରହୁଥିଲେ। ଇତିମଧ୍ୟରେ ରଶ୍ମିରେଖାଙ୍କ ସହ ଅନ୍ୟ ଜଣେ ପୁରୁଷ ବନ୍ଧୁଙ୍କ ସମ୍ପର୍କକୁ ନେଇ ସନ୍ତୋଷ ଆପତ୍ତି ଉଠାଇବା ପରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥିଲା। ଜୁନ୍ ୧୮ ସନ୍ଧ୍ୟାରେ ରଶ୍ମିରେଖା ଆତ୍ମହତ୍ୟା କରିଥିଲେ। ଏଥିପାଇଁ ରଶ୍ମିରେଖାଙ୍କ ପରିବାର ଲୋକେ ସନ୍ତୋଷଙ୍କୁ ଦାୟୀ କରିଥିଲେ।

## ଅଗଷ୍ଟ ୧ରୁ ଏକକ ପିଜି ପ୍ରବେଶିକା

ଭୁବନେଶ୍ୱର, ୬।୭(ବ୍ୟୁରୋ)

ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ପାଇଁ ବୁଧବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଗଷ୍ଟ ୧ରୁ ପରୀକ୍ଷା ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହେବ। ତେବେ ୭, ୯ ଓ ୧୧ ତାରିଖରେ ପ୍ରବେଶିକା ପରୀକ୍ଷା ହେବ ନାହିଁ। ପ୍ରତ୍ୟେକ ଦିନ ତିନୋଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦, ଦ୍ୱିତୀୟ ସିଟିଂ ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୨ଟା ଏବଂ ତୃତୀୟ ସିଟିଂ ଅପରାହ୍ନ ୩ଟାରୁ ୪ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତି ସିଟିଂରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଅତିରିକ୍ତ ୩୦ ମିନିଟ୍ ସମୟ ଦିଆଯିବ। ପ୍ରଥମ ଦିନ ଆନ୍ଥ୍ରୋପଲୋଜି (କଳା), ଆନ୍ଥ୍ରୋପଲୋଜି (ବିଜ୍ଞାନ), ଜୋଗ୍ରାଫି, ମେରାଇ ସାଇନ୍ସ-ଓସିନୋଗ୍ରାଫି, ଏମ୍‌ବିଏ ପାଇଁ ପ୍ରବେଶିକା ପରୀକ୍ଷା ହେବ।

ସିପିଇଟି ପାଇଁ ଗତ ୨୭ତାରିଖରୁ ଆବେଦନ ଆରମ୍ଭ ହୋଇଛି। ଆସନ୍ତା ୧୨ ତାରିଖ ଆବେଦନର ଶେଷ ତାରିଖ ରହିଛି। ୧୩ ଓ ୧୪ ତାରିଖରେ କମନ ଆପ୍ଲିକେଶନ ଫର୍ମରେ ଆବଶ୍ୟକ ସଂଶୋଧନ କରିହେବ, କିନ୍ତୁ ଏହି ସମୟ ମଧ୍ୟରେ ନୂଆ ଆବେଦନ କରି ହେବ ନାହିଁ। ଜୁଲାଇ ୨୦ ତାରିଖ ଅପରାହ୍ନ ୨ଟା ପରଠୁ ଛାତ୍ରୀଛାତ୍ରମାନେ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଅଗଷ୍ଟ ୧ରୁ ୧୩ ତାରିଖ ମଧ୍ୟରେ ସବୁ ବିଷୟର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଅଗଷ୍ଟ ୨୫ରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଯୋଗ୍ୟ ପ୍ରାର୍ଥୀମାନେ ଅଗଷ୍ଟ ୨୫ରୁ ୩୦ ପର୍ଯ୍ୟନ୍ତ ଚଏସ୍ ଫିଲିଂ କରିବେ। ସେପ୍ଟେମ୍ବର ୫ରେ ସିଟ୍ ଆଲଟମେଣ୍ଟ କରାଯିବ ଏବଂ ୬ ଓ ୭ ତାରିଖରେ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବ। ସେହିଭଳି ସେପ୍ଟେମ୍ବର ୧୩ ତାରିଖ ମଧ୍ୟାହ୍ନ ୧୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ସିଟ୍ ଆଲଟମେଣ୍ଟ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ୧୪ ଓ ୧୫ ତାରିଖ ଦୁଇଦିନ ଧରି ଚାଲିବ। ଖାଲି ସିଟ୍ ନେଇ ୨୦ ତାରିଖରେ ସାମ୍ସ ୱେବ୍‌ସାଇଟ୍‌ରେ ସୂଚନା ପ୍ରକାଶ ପାଇବ। ୨୩ ତାରିଖରେ ସ୍ପଟ୍ ନାମଲେଖା ପାଇଁ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଏ ସମ୍ପର୍କରେ ଯେ କେହି ଅଧିକ ଜାଣିବା ନିମନ୍ତେ ଚାହିଁବେ ସେମାନଙ୍କ ଲାଗି ଦୁଇଟି ହେଲ୍ପଲାଇନ ନମ୍ବର- ୧୫୫୩୩୫/୧୮୦୦-୩୪୫-୬୭୭୦ ଜାରି କରାଯାଇଛି। ଏନେଇ www.samsodisha.gov.in ରେ ମଧ୍ୟ ଲଗ୍ ଇନ୍ କରି ଅଧିକ ସୂଚନା ପାଇପାରିବେ।

## ଅଭିନେତା ଦୈତାରୀ ପଣ୍ଡାଙ୍କ ନାମରେ ମାମଲା



**ବାଲେଶ୍ୱର ଅଫିସ, ୬।୭**

ଜଲିଉଡ୍‌ର ଜଣାଶୁଣା ଅଭିନେତା ଦୈତାରୀ ପଣ୍ଡାଙ୍କ ନାମରେ ପାର୍ବତୀ ଗଣନାଟ୍ୟର ପରିଚାଳନା ଅଧିକାରୀ ହର ବାରିକ ବାଲେଶ୍ୱର ଜିଲା ଔପଦା ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ପାର୍ବତୀ ଗଣନାଟ୍ୟ ସହ ୨୦୨୨-୨୩ ଯାତ୍ରା ସିଜିନ ପାଇଁ ଦୈତାରୀ ଚୁକ୍ତି କରିଥିଲେ। ଅଗ୍ରୀମ ଆକାରରେ ସେ ପାରିଶ୍ରମିକ ବାବଦକୁ ୧୫ଲକ୍ଷ ଟଙ୍କା ନେଇସାରିଛନ୍ତି। ଚୁକ୍ତି ଅନୁସାରେ ସେ ଜୁନ ୨୧ରୁ ଆଖଡ଼ାରେ ପ୍ରସ୍ତୁତି କରିବା କଥା। କିନ୍ତ ସେ ଆସୁନାହାନ୍ତି କିମ୍ବା ଫୋନ୍ ଉଠାଉନାହାନ୍ତି। ତେଣୁ ଦୈତାରୀଙ୍କୁ ଖୋଜିବାରେ ପୋଲିସ ସାହାଯ୍ୟ କରୁ ବୋଲି ଏତଲାରେ ଦର୍ଶାଯାଇଛି। ଏ ନେଇ ଦୈତାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**୨ ଟ୍ରକ୍ ମୁହାଁମୁହିଁ ଧକ୍କା, ଚାଳକ ମୃତ**

ନିରାକାରପୁର, (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ମୋଟା ଛକରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ସୂଚନା ମୁତାବକ, ଏକ ମାଲ୍‌ବୋଝେଇ ଟ୍ରକ୍ ବ୍ରହ୍ମପୁର ପଟୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ବିପରୀତ ପଟୁ ଆସୁଥିବା ଟ୍ରକ୍ ସହ ମୋଟା ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ଡ୍ରାଇଭର ଗିରଫ, ମୋବାଇଲ ଜବତ
**ଜୟପୁର ବିଧାୟକଙ୍କ ମୋବାଇଲ ଚୋରି ଘଟଣା**

**ଭୁବନେଶ୍ୱର,୬।୭ (ବ୍ୟୁରୋ):** ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ମୋବାଇଲ ଫୋନ୍ ଚୋରି ଘଟଣାରେ ସଂପୃକ୍ତ ଡ୍ରାଇଭରଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଗଞ୍ଜାମର ପବିତ୍ର ଦଲେଇ (୨୭)। ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଏଥିସହ ପୋଲିସ ଏକ ମାମଲା (ନଂ.୨୭୪/୨୨) ରୁଜୁ କରି ବୁଧବାର ପବିତ୍ରଙ୍କୁ କୋର୍ଟ ଚାଲାଣ କରିଛି। ପବିତ୍ରଙ୍କ ନାଁରେ ଏୟାରଫିଲ୍ଡ ଥାନାରେ ୩, କ୍ୟାପିଟାଲ ଓ ଏୟାରପୋର୍ଟ ଥାନାରେ ଗୋଟିଏ ଲେଖାଏ ଚୋରି ଓ ଛିନତାଇ ମାମଲା ରହିଛି। ଅଭିଯୁକ୍ତ ଜଣକ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ବିଧାୟକ ବାହିନୀପତି ଗତ ଏପ୍ରିଲରେ ସରକାରୀ କ୍ୱାର୍ଟର୍ସରେ ବିଶ୍ରାମ ନେଉଥିବା ବେଳେ ଅଭିଯୁକ୍ତ ତାଙ୍କ ମୋବାଇଲ ଫୋନ ନେଇଯାଇଥିଲେ। ଏନେଇ ବାହିନୀପତି କ୍ୟାପିଟାଲ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଜାରି ରଖିଥିଲା।

### ୧୫ରେ ଜବରଦଖଲ ଉଚ୍ଛେଦ

**ବାଲିପାଟଣା,୬।୭(ଡି.ଏନ୍.ଏ.):** ଆସନ୍ତା ୧୪ ତାରିଖ ସୁଦ୍ଧା ବାଲିପାଟଣା ହାଟ ବଜାର ଠାରୁ ବାଲିପାଟଣା ଛକ ମଧ୍ୟରେ ରହିଥିବା ସରକାରୀ ଜାଗାକୁ ଜବରଦଖଲକାରୀମାନେ ଛାଡିବାକୁ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ନୋଟିସ ଜାରି ହୋଇଛି। ସ୍ଥାନୀୟ ବଜାର କମିଟ ସଭାପତି, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କୁ ଜଣାଯିବା ସହ ସହଯୋଗ ଲୋଡ଼ାଯାଇଛି। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ୧୫ ତାରିଖରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଚିଠି ନମ୍ବର ୨୬୮୪ ଯୋଗେ ଜଣାଯାଇଛି ବୋଲି ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ କହିଛନ୍ତି।

### ନହଳାପଡ଼ା ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ରେଜଲ୍ଟ

**ପୁରୁଣା ଭୁବନେଶ୍ୱର,୬।୭(ଡି.ଏନ୍.ଏ.):** ମାଟ୍ରିକ୍ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଉତ୍ତରା ଫାଣ୍ଡି ଅଧୀନ ନହଳାପଡ଼ା ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ରେଜଲ୍ଟ ହୋଇଛି। ବିଦ୍ୟାଳୟରୁ ମୋଟ ୧୩୯ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ଏ-୧ ରେ ୮ଜଣ, ଏ-୨ରେ ୪୫, ବି-୧ ରେ ୫୦, ବି-୨ରେ ୨୬, ସି-୯, ଡ଼ି-୧ ଅନ୍ୟ ସମସ୍ତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି।

### ୧୩ ହାଇସ୍କୁଲର ଶତ ପ୍ରତିଶତ ସଫଳତା

**ବାଲିଅନ୍ତା,୬।୭(ଡି.ଏନ୍.ଏ.):** ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ବାଲିଅନ୍ତା ବ୍ଲକ ଅଧୀନ ୧୮ଟି ହାଇସ୍କୁଲ ମଧ୍ୟରୁ ୧୩ଟି ହାଇସ୍କୁଲ ଶତ ପ୍ରତିଶତ ସଫଳତା ହାସଲ କରିଛି। ସେଥିମଧ୍ୟରୁ ୯ଟି ହାଇସ୍କୁଲର ୨୧ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ କୃତିତ୍ୱ ଅର୍ଜନ କରିଛନ୍ତି। ବ୍ଲକରେ ମୋଟ ୧,୨୯୭ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୯୦ଜଣ ପାସ୍ କରିଛନ୍ତି। ବଇଁଚୁଆ ପଞ୍ଚାୟତ ହାଇସ୍କୁଲର ୪ଜଣ ଓ ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟର ୫ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇଛନ୍ତି। ସେହିପରି ଭିଙ୍ଗାରପୁର ପଞ୍ଚାୟତରେ ଥିବା ଏକ ଆବାସିକ ବିଦ୍ୟାଳୟର ସମସ୍ତ ୧୫ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗାଦିବ୍ରହ୍ମ ବାଳିକା ଉଚ୍ଚ ବିଦ୍ୟାଳୟର ୪ଜଣ ଛାତ୍ରୀ ଏ-୧ ଗ୍ରେଡ୍ ପାଇଛନ୍ତି।

# ଧରାପଡ଼ିଲା ଏରାଗୋଲା ଗ୍ୟାଙ୍ଗ୍: ୮ ଗିରଫ

ଭୁବନେଶ୍ୱର,୬।୭(ବ୍ୟୁରୋ)



ଗିରଫ ଅଭିଯୁକ୍ତଙ୍କ ସମେତ ଜବତ ସାମଗ୍ରୀ ଓ ଟଙ୍କା।

ବ୍ୟାଙ୍କରେ ଟଙ୍କା ଉଠାଉଥିବା ଲୋକଙ୍କୁ ଟାର୍ଗେଟ କରୁଥିଲେ। କେତେବେଳେ ଟଙ୍କା ତଳେ ପଡ଼ିଗଲା କହି ତ ପୁଣି କେବେ ଗାଡ଼ି କାଚ ଭାଙ୍ଗି ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୁଟ କରି ଫେରାର ହୋଇଯାଉଥିଲେ। ଏଭଳି ଏକ ଆନ୍ତଃରାଜ୍ୟ ଲୁଟେରା ଦଳ ଏରାଗୋଲା ଗ୍ୟାଙ୍ଗ ମଙ୍ଗଳବାର ରାତିରେ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ହାତରେ ଧରାପଡ଼ିଛି। ଏହି ଗ୍ୟାଙ୍ଗର ୮ଜଣଙ୍କୁ ଗିରଫ କରାଯାଇଛି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶର ପେଟଲ ନବୀନ (୨୨), ଗୁଗୁଲା ରାଜା (୫୩), ଅକୁଲା ଡାନିଏଲ (୨୮), ପି. ଦେବା (୪୦), କୁଞ୍ଚାଲୁ ଚିନ୍ନା (୨୮), ବେଗ୍ ଇବ୍ରାହିମ (୩୭), ବନାଲା ପଓଲା (୩୯) ଏବଂ ଗୋଗୁଲା ସଲମନ (୩୩)। ସେମାନଙ୍କଠାରୁ ୧ ଲକ୍ଷ ୫୧ ହଜାର ୨୧୦ ଟଙ୍କା, ୨ ବାଇକ, ଗୋଟିଏ ହୀରା ହାର (ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା), ୧୨ଟି ମୋବାଇଲ ଫୋନ୍ ଜବତ ହୋଇଛି। ଏମାନଙ୍କ ନାଁରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ଖାରବେଳ ନଗର,

**ହୀରାହାର, ଦେଢ଼ ଲକ୍ଷ ଟଙ୍କା, ୧୨ ମୋବାଇଲ, ୨ ବାଇକ୍ ଜବତ**

ଖୋର୍ଦ୍ଧାର ଜଟଣୀ ଓ କଟକ ଜଗତପୁର ଥାନାରେ ମାମଲା ରହିଛି। ତେବେ ଏହି ଗ୍ୟାଙ୍ଗ୍‌ର ଚେର ଓଡ଼ିଶାରୁ ଆନ୍ଧ୍ରପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଛି। ଏହି ଗ୍ୟାଙ୍ଗରେ ସାମିଲ ଥିବା ଅନ୍ୟମାନଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଜାରି ରଖିଛି। ସୂଚନା ଅନୁଯାୟୀ, ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଅଭିଯୁକ୍ତମାନଙ୍କ ଚେହେରା ଏବଂ ଅପରାଧରେ ବ୍ୟବହୃତ ଯାନକୁ ସିସିଟିଭି ଫୁଟେଜ ଆଧାରରେ ଚିହ୍ନଟ କରିଥିଲା। ଅଭିଯୁକ୍ତମାନେ ଏରାଗୋଲା ଗ୍ୟାଙ୍ଗର ସଦସ୍ୟ ବୋଲି ଜଣାପଡ଼ିଥିଲା। ମଙ୍ଗଳବାର ରାତିରେ ସ୍ପେଶାଲ ସ୍କ୍ୱାଡ୍ ବିଶେଷ ସୂତ୍ରରୁ ଖବର ପାଇ ଶହୀଦନଗର ପୋଲିସ ସହଯୋଗରେ କଟକ ଉରାଳିରେ ଅଭିଯୁକ୍ତମାନେ ରହୁଥିବା ଭଡ଼ାଘରେ ଚଢ଼ାଉ କରିଥିଲା। ସେଠାରୁ ସମସ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

# 'ନିଖୋଜ ନୁହେଁ, ପ୍ରେମ ପାଇଁ ହଷ୍ଟେଲ ଛାଡ଼ିଛି'

ଭୁବନେଶ୍ୱର,୬।୭ (ବ୍ୟୁରୋ)

**ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀ ନିଖୋଜ ଘଟଣା**

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ହଷ୍ଟେଲରୁ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ନିଖୋଜ ଘଟଣା ନୂଆ ମୋଡ଼ ନେଇଛି। ଛାତ୍ରୀଜଣଙ୍କ କେଉଁଆଡ଼େ ଓ କାହା ସହ ଗଲେ, କିଏ ତାଙ୍କୁ ନେଇଗଲେ ଏଭଳି ଅନେକ ପ୍ରଶ୍ନ ଓ ଦ୍ୱନ୍ଦ୍ୱ ଲାଗିରହିଥିବା ବେଳେ ଏସବୁର ସଂଶୟ ଦୂର କରିଛନ୍ତି ସମ୍ପୃକ୍ତା ଛାତ୍ରୀ ଯାଜପୁର ଜିଲା ବରୀ ଅଞ୍ଚଳର ଶୁଭାସିନୀ ମଲ୍ଲିକ। ଏକ ଭିଡିଓ ଜାରି କରି ଶୁଭାସିନୀ କହିଛନ୍ତି, ସେ ନିଖୋଜ ହୋଇନାହାନ୍ତି ବରଂ ନିଜ ଇଚ୍ଛାରେ ଜୁଲାଇ ୨ ତାରିଖରେ ହଷ୍ଟେଲରୁ ଚାଲିଆସିଛନ୍ତି। ସେ ଆହୁରି କହିଛନ୍ତି, ଏଥିଯୋଗୁ ମୋ' କଲେଜ ଅଧ୍ୟକ୍ଷ କଷ୍ଟ ପାଇଲେଣି। ମୁଁ ଚାହୁଁନି ମୋ' ପାଇଁ କିଏ ଦୋଷୀ ହେଉ। ମୁଁ ଜଣେ ପିଲାକୁ ଭଲ ପାଉଥିଲି। ଆମେ ପରସ୍ପରକୁ ବହୁତ ଭଲ ପାଉ। ଏଥିରେ ଆମ ଘରଲୋକ ରାଜି ନ ଥିଲେ। ତାଙ୍କ ବାହାଘର ୭ ତାରିଖରେ ଠିକ ହୋଇଥିଲା। ଫଳରେ ମୁଁ ଅପେକ୍ଷା କରିପାରିଲିନି। ବାଧ୍ୟହୋଇ ତାଙ୍କୁ କହିଥିଲି ମୋତେ ଆସି ନେଇଯିବାକୁ। ଏଥିରେ କାହାର ଭୁଲ ନାହିଁ। ମୁଁ ଯେଉଁଠି ଅଛି ଖୁସିରେ ଅଛି। ତେଣୁ ଏବିଷୟରେ କେହି ଆଉ ଆଲୋଚନା ନ କରନ୍ତୁ ବୋଲି ସେ ନିବେଦନ କରିବା ସହ କଲେଜ ଅଧ୍ୟକ୍ଷଙ୍କୁ କ୍ଷମା ମାଗିଛନ୍ତି। ଏଥିସହ ବାପା କିଛି ନ କରିବାକୁ ଶୁଭାସିନୀ ତାଙ୍କ ଭିଡିଓ ବାର୍ତ୍ତାରେ ପ୍ରକାଶ କରିଛନ୍ତି। ଏଭଳି ଭିଡିଓ ମିଳିବା ପରେ ପ୍ରେମ ପାଇଁ ଶୁଭାସିନୀ ହଷ୍ଟେଲ ଛାଡ଼ିଥିବା ଏକପ୍ରକାର ସ୍ପଷ୍ଟ ହୋଇଛି।

ସୂଚନାଯୋଗ୍ୟ, ହଷ୍ଟେଲ ଇନଚାର୍ଜ ବିଷ୍ଣୁପ୍ରିୟା ମିଶ୍ରଙ୍କ କହିବା ଅନୁଯାୟୀ, ଛାତ୍ରୀ ଜଣଙ୍କ ଶନିବାର ପୂର୍ବାହ୍ନ ୧୧ଟାରେ କଲେଜ ଯାଇଥିଲେ। କିନ୍ତୁ ଆଉ ହଷ୍ଟେଲକୁ ଫେରି ନ ଥିଲେ। ତାଙ୍କ ସାଙ୍ଗସାଥୀ କେହି କିଛି ଜାଣି ନ ଥିବା କହିଥିଲେ। ଏହାପରେ ଭୁବନେଶ୍ୱରରେ ରହୁଥିବା ତାଙ୍କ ଲୋକାଲ ଗାର୍ଡିଆନଙ୍କୁ ଫୋନ କରି ପଚାରି ବୁଝିବାରୁ ଛାତ୍ରୀ ଜଣକ ସେଠାକୁ ଯାଇ ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ତାଙ୍କ ପରିବାର ଲୋକଙ୍କୁ ଫୋନ କରି ଅବଗତ କରାଯାଇଥିଲା। ଗତ ଶନିବାରଠାରୁ ତାଙ୍କର ଖୋଜଖବର ମିଳୁ ନ ଥିବା ନେଇ ବାପା ଯୁଧିଷ୍ଠିର ମଲ୍ଲିକ ସୋମବାର କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ତଦନ୍ତ ଜାରି ରଖିଥିଲା।

# ପଲ୍ଲିଶ୍ରୀ ମେଳାରେ ଫଟୋଚିତ୍ର ପ୍ରଦର୍ଶନୀ ମଣ୍ଡପ



ଲୋକେ ଫଟୋଚିତ୍ର ପ୍ରଦର୍ଶନୀ ମଣ୍ଡପ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର, ୬।୭ (ବ୍ୟୁରୋ)

ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ପୁରୀସ୍ଥିତ ଭୋଳାନାଥ ବିଦ୍ୟାପୀଠଠାରେ ଆୟୋଜିତ ଜାତୀୟ ପଲ୍ଲିଶ୍ରୀ ମେଳାରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି। ଏଠାରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଫଟୋଚିତ୍ର, ବିଭିନ୍ନ ଯାନିଯାତ୍ରା, ରଥଯାତ୍ରା ସମ୍ପର୍କିତ ଚିତ୍ର ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମୁଛି। ବ୍ରିଟିଶ ଚିତ୍ରଶିଳ୍ପୀ ଜେମ୍ସ ଫର୍ଗୁସନ୍‌ଙ୍କ ଦ୍ୱାରା ଅଙ୍କିତ ଚିତ୍ର ଏବଂ ବ୍ରିଟିଶ ଲାଇବ୍ରେରୀରେ ଉପଲବ୍ଧ ୧୮୧୮ ମସିହାରେ ଅଙ୍କିତ ଚିତ୍ର ସମେତ ସେ ସମୟର ରଥଯାତ୍ରାର ଦୁର୍ଲ୍ଲଭ ଫଟୋଚିତ୍ର, ସମୟର ପ୍ରବାହମାନ ସ୍ରୋତରେ ଶ୍ରୀମନ୍ଦିର, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ବିଂଶ ଶତାବ୍ଦୀ ଓ ୨୦୧୬ର ନବକଳେବର, ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଭିନ୍ନ ବେଶ, ଯାନିଯାତ୍ରା ଓ ପର୍ବପର୍ବାଣି, ମହାପ୍ରସାଦ, ଛପନଭୋଗ, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ଲୀଳାକୁ ନେଇ ପ୍ରକାଶିତ ଡାକଟିକେଟ ଓ ଲଫାପା, କୋଭିଡ୍ ସମୟର ରଥଯାତ୍ରା ଆଦି ବହୁ ଦୁର୍ଲ୍ଲଭ ଫଟୋ, ତଥ୍ୟାବଳୀ ଏବଂ ସୂଚନା ସହ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ସମୂହର ଫଟୋଚିତ୍ର ସ୍ଥାନିତ ହୋଇଛି। ପ୍ରଦର୍ଶନୀ ମଣ୍ଡପ ବାହାର କାନ୍ଥରେ ସ୍ଥାପିତ ଏଲ୍ଇଡି ଭିଡିଓରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ଫିଲ୍ମ ପ୍ରଦର୍ଶନ କରାଯାଉଛି।

ଦୈନିକ ହାରାହାରି ୧୨ରୁ ୧୫ହଜାର ଦର୍ଶକଙ୍କୁ ଆକର୍ଷିତ କରିବା ସହ ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ସମେତ ୫-ଟି, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମିକ କଲ୍ୟାଣ, କୃଷକ କଲ୍ୟାଣ, କ୍ରୀଡ଼ା, ଦକ୍ଷତା ବିକାଶ ଆଦି ରାଜ୍ୟର ବିବିଧ ପ୍ରଗତି ସମ୍ପର୍କରେ ବହୁବିଧ ଜ୍ଞାନ ଆହରଣର ସୁଯୋଗ ପ୍ରଦାନ କରୁଛି। ପଲ୍ଲିଶ୍ରୀ ମେଳାରେ ଏହି ପ୍ରଦର୍ଶନୀ ମଣ୍ଡପ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

# ୧୭ରେ ପରଦାକୁ ଆସିବ 'କହିବିନି ତତେ ଆଇ ଲଭ ୟୁ'

ଭୁବନେଶ୍ୱର,୬।୭(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର 'କହିବିନି ତତେ ଆଇ ଲଭ ୟୁ'ର ଅଡିଓ ରିଲିଜ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ତିତ୍‌ଲି ପ୍ରଡକ୍ସନ ଏବଂ ଏଲ୍.ଟି. ପ୍ରଡକ୍ସନ ବ୍ୟାନର ସହଯୋଗରେ ନିର୍ମିତ ଏହି ନୂଆ ଓଡ଼ିଆ ସିନେମା ଆଗାମୀ ୧୭ ତାରିଖରେ ମୁକ୍ତିଲାଭ କରିବ ବୋଲି ଘୋଷଣା କରାଯାଇଛି । ଏହାର ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ-ତୁବୁନ । ପ୍ରୀତିଶ ମହାନ୍ତି ଏହାର କାହାଣୀ ରଚନା ସହ ପ୍ରଯୋଜନା ମଧ୍ୟ କରିଛନ୍ତି । ବାପୁ ଗୋସ୍ୱାମୀ ସଂଳାପ ରଚନା କରିଛନ୍ତି । ଉଭୟ ବାପୁ ଗୋସ୍ୱାମୀ ଓ ନିର୍ମଳ ନାୟକ ସିନେମାର ଗୀତଗୁଡିକ ରଚନା କରିଥିବା ବେଳେ ଦ୍ୟୁମାନ ସାଗର, ଅର୍ପିତା ଚୌଧୁରୀ ଓ ଦିପ୍ତୀରେଖା ପାଢ଼ୀ ପ୍ରମୁଖ କଣ୍ଠଦାନ କରିଛନ୍ତି । ଲୁବୁନଙ୍କୁ ଏଥିରେ ନାୟକ ଭୂମିକାରେ ଦେଖିବାକୁ ମିଳିବ । ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ମୁମ୍ବାଇର ସୋନା । ଅନ୍ୟମାନଙ୍କ ମଧ୍ୟରେ ମନସ୍ୱିନୀ, ଅର୍ପିତା କର, ରିସନା, ସରୋଜ ଦାସ, ପ୍ରଭାତୀ ସାହୁ, ଅଶୋକ ଦାସ, ପୁଷ୍ପା ପଣ୍ଡା, ନନସେନ୍ସ ମଣି, ରବି, ଅମର, ଗୁଡ୍ଡୁ, ଅଜୟ ଓ ବିଜୟ ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟି ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ କହିଛନ୍ତି ।

# ନନ୍ଦନକାନନ: ପ୍ରଥମଥର ଆନାକୋଣ୍ଡା ଦେଲା ଛୁଆ

ବାରଙ୍ଗ,୬।୭ (ଡି.ଏନ.ଏ.)



ପ୍ରାଣୀଉଦ୍ୟାନ ନନ୍ଦନକାନନ ପାଇଁ ଖୁସି ଖବର। ବୁଧବାର ସକାଳେ ସରୀସୃପ ଉଦ୍ୟାନରେ ରହିଥିବା ହଳଦିଆ ଆନାକୋଣ୍ଡା ପ୍ରଥମଥର ପାଇଁ ନନ୍ଦନକାନନରେ ଛୁଆ ଜନ୍ମ ଦେଇଛି। ଏହାପରେ ନନ୍ଦନକାନନରେ ଆନାକୋଣ୍ଡା ସଂଖ୍ୟା ବୃଦ୍ଧି ପାଇ ୫ରେ ପହଞ୍ଚିଛି। ସେଥିମଧ୍ୟରେ ୧ ଅଣ୍ଡିରା, ୩ ମାଈ ଓ ଗୋଟିକର ଲିଙ୍ଗ ନିରୂପଣ ହୋଇପାରି ନାହିଁ। ଆନାକୋଣ୍ଡା ଛୁଆଟିର ସ୍ୱାସ୍ଥ୍ୟରେ ଅବନତି ନ ହେବା ପାଇଁ ମାଡ୍ରାସର ଡାକ୍ତରମାନଙ୍କ ସହ ପରାମର୍ଶ ନିଆଯାଇଛି। ଏବେ ଛୁଆଜନ୍ମ କରିସାରିବା ପରେ ସେମାନଙ୍କ ରକ୍ଷଣାବେକ୍ଷଣ ପାଇଁ ମାଡ୍ରାସର ଡାକ୍ତରମାନଙ୍କ ସହ କଥାବାର୍ତ୍ତା କରାଯାଇ ପଦକ୍ଷେପ ନନ୍ଦନକାନନ କର୍ତ୍ତୃପକ୍ଷ ନେଇଛନ୍ତି। ନବଜାତ ଛୁଆକୁ ଅନ୍ୟମାନଙ୍କଠାରୁ ଅଲଗା କରାଯାଇ ତାପମାତ୍ରା ଏବଂ ଆର୍ଦ୍ରତା ମନିଟରିଂ କରାଯାଉଛି। ଏହାସହ ଦୁଇଟି ମାଈ ହଳଦିଆ ଆନାକୋଣ୍ଡା ଗର୍ଭଧାରଣ କରିଥିବାରୁ ସେମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଡ.ସଞ୍ଜିତ କୁମାର କହିଛନ୍ତି। ୨୦୧୯ ନଭେମ୍ବର ୨୨ରେ ମାଡ୍ରାସ କ୍ରୋକୋଡାଇଲ ବ୍ୟାଙ୍କ ଟ୍ରଷ୍ଟରୁ ଉପହାରରେ ନନ୍ଦନକାନନକୁ ୮ଟି ହଳଦିଆ ଆନାକୋଣ୍ଡା ଆସିଥିଲା। ଆସିବାର ୫ଦିନ ପରେ ସେଥିମଧ୍ୟରୁ ଗୋଟିକର ଅନ୍ତଃନଳୀରେ ସଂକ୍ରମଣ ଯୋଗୁ ରକ୍ତସ୍ରାବ ହୋଇ ମୃତ୍ୟୁବରଣ ଘଟିଥିଲା। ଏହାର ଦିନକ ପରେ ଆଉ ଗୋଟିଏ ମଧ୍ୟ ମରିଯାଇଥିଲା। ଏହାପରେ ୨୦୧୯ ଡିସେମ୍ବର ୨ରେ ସ୍ଥିତି ଅନୁଧ୍ୟାନ ପାଇଁ ମାଡ୍ରାସରୁ ଡା. ଅଜୟ କାର୍ତ୍ତିକେୟ ଏବଂ ଡ. ରେଣୁକା ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଅନୁରୋଧ ରକ୍ଷାକରି ଆସି ଆନାକୋଣ୍ଡାର ରକ୍ଷଣାବେକ୍ଷଣକୁ ନେଇ କିଛି ପରାମର୍ଶ ଦେଇଯାଇଥିଲେ।

# ରାଜ୍ୟପାଳଙ୍କୁ ଭେଟିଲା ରାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନ

ଭୁବନେଶ୍ୱର, ୬।୭(ବ୍ୟୁରୋ)

ରାଜ୍ୟରେ ବଢ଼ି ଚାଲିଥିବା ରାଗିଂ ଘଟଣା ସମ୍ପର୍କରେ ବୁଧବାର ରାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନର ଏକ ୪ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭେଟି ଆଲୋଚନା କରିଛନ୍ତି। ଅଭିଯାନର ଆବାହକ ତେଜେଶ୍ୱର ପରିଡ଼ା, ସହଆବାହକ ମୀର ଅହମ୍ମଦ ଅଲ୍ଲୀ, ନଳିନୀକାନ୍ତ ନାୟକ ଓ ସଦସ୍ୟା ଶ୍ରୀୟା ମିଶ୍ର ପ୍ରମୁଖ ଯାଇ ରାଜ୍ୟପାଳଙ୍କ ସହ ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲା ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂ ବିଷୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅଭିଯାନ ଆରମ୍ଭ କରିବାକୁ ଉପଦେଶ ଦେଇଥିଲେ।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ ରାଗିଂମୁକ୍ତ କ୍ୟାମ୍ପସ୍ ଅଭିଯାନର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# ୪୫ହଜାର ପିଲା କାହିଁକି ଅନୁପସ୍ଥିତ ରହିଲେ ତାହା ସେମାନେ ହିଁ କହିବେ : ମନ୍ତ୍ରୀ

କଟକ ଅଫିସ, ୬।୭

**ସର୍ବାଧିକ ମୟୂରଭଞ୍ଜ ଜିଲାରୁ ଅନୁପସ୍ଥିତ**

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୪୫,୦୯୧ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ତେବେ କାହିଁକି ଅନୁପସ୍ଥିତ ରହିଲେ, ତାହା କେବଳ ସେମାନେ ହିଁ କହିପାରିବେ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି । ବୁଧବାର ୨୦୨୧-୨୨ ଶିକ୍ଷାବର୍ଷର ପରୀକ୍ଷା ଫଳ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପ୍ରକାଶ ପାଇଛି। ଚଳିତ ବର୍ଷ ପାସ୍ ହାର ୯୦.୫୫ ପ୍ରତିଶତ ରହିଛି । ପରୀକ୍ଷା ପାଇଁ ସମୁଦାୟ ୫ ଲକ୍ଷ, ୭୧ ହଜାର ୯୦୯ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ଆଉ ସେଥିରୁ ୪୫ ହଜାର ୯୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନାହାନ୍ତି ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ମୟୂରଭଞ୍ଜ ଜିଲାରୁ ସର୍ବାଧିକ ୪,୪୯୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ସେହିପରି ଦ୍ୱିତୀୟରେ ଗଞ୍ଜାମରେ ୩,୩୩୨, ତୃତୀୟରେ ବଲାଙ୍ଗୀରରେ ୩,୨୧୮, ଚତୁର୍ଥରେ ବାଲେଶ୍ୱରରେ ୨,୮୦୩ ଏବଂ ପଞ୍ଚମରେ କେନ୍ଦୁଝରରେ ୨,୭୨୦ ପିଲା ରହିଛନ୍ତି। ହେଲେ ଏତେ ସଂଖ୍ୟକ ପିଲା କାହିଁକି ପରୀକ୍ଷା ଦେଇ ନାହାନ୍ତି ସେ ନେଇ କୌଣସି ଉତ୍ତର ଦେବାକୁ ମନ୍ତ୍ରୀ ମନା କରିଦେଇଛନ୍ତି।

ସୂଚନାଥାଉକି ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ସରିବା ପରେ ପ୍ରକୃତ କେତେ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ସେ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ପ୍ରକୃତ ତଥ୍ୟ ଆମ ନିକଟରେ ନାହିଁ ବୋଲି କହି ବୋର୍ଡ ଏହାକୁ ଏଡ଼ାଇ ଦେଇଥିଲା। ଏପରି କି ପରୀକ୍ଷା ଫଳ ବାହାରିବା ଦିନ ପ୍ରକୃତ ସଂଖ୍ୟା ଜଣା ପଡ଼ିବ ବୋଲି ବୋର୍ଡ ପକ୍ଷରୁ ପରେ କୁହାଯାଇଥିଲା। ତେବେ ଫଳ ବାହାରିବା ପରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କାହିଁକି ଅନୁପସ୍ଥିତ ରହିଲେ ସେନେଇ ମନ୍ତ୍ରୀ କୌଣସି ମନ୍ତବ୍ୟ ଦେବାକୁ ମନା କରିବା ସହ ଏହି ପ୍ରଶ୍ନର ଉତ୍ତର ଏଠାରେ ଦେବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ତେବେ ଦୁଇ ବର୍ଷ ହେବ କୋଭିଡ୍ କାରଣରୁ ଅନେକ ପିଲା ଶିକ୍ଷା ଛାଡ଼ି ଅନେକ କାର୍ଯ୍ୟରେ ନିୟୋଜିତ ହେବା ସହ ଅନେକ ଦାଦନ ଖଟିବାକୁ ଚାଲିଯାଉଥିବା କୁହାଯାଉଛି।

# ଓଡ଼ିଆ ଚଳଚ୍ଚିତ୍ର 'ବାଏ ବାଏ ଦିଲ୍'ର ଅଡିଓ ରିଲିଜ୍




ଭୁବନେଶ୍ୱର,୬।୭(ବ୍ୟୁରୋ)

ମହ୍ଲାର ଏଣ୍ଟରଟେନମେଣ୍ଟ ଏବଂ ଏ.ଭି. ସଲ୍ୟୁସନ୍‌ର ମିଳିତ ପ୍ରଯୋଜନାରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବାଏ ବାଏ ଦିଲ୍'ର ଅଡିଓ ରିଲିଜ୍ ବୁଧବାର ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ବିଧାୟକ ପ୍ରଭୁ ଜାନି, ବିଧାୟକ ପ୍ରୀତମ ପାଢ଼ୀ, ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଯୋଗଦେଇ ଅଡିଓ ରିଲିଜ ଲୋକାର୍ପଣ କରିଥିଲେ । କୁନାଲ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏବଂ ଜୟଲକ୍ଷ୍ମୀ ମିଶ୍ର ଓ ଦଣ୍ଡପାଣି ଦାସଙ୍କ ପ୍ରଯୋଜନାରେ ଏହି ଓଡ଼ିଆ ଓ ହିନ୍ଦୀ ଭାଷୀ ଚଳଚ୍ଚିତ୍ରର ନାୟକ ରାଜ୍‌ଙ୍କ ସହିତ ନାୟିକା ପଲ୍ଲବୀ ଓ ରୁଷୀୟ ମଡେଲ ସାସା ଅଭିନୟ କରିବେ। ମୋଟ ୫ଟି ଗୀତରେ କଣ୍ଠଦାନ କରିଛନ୍ତି ଅନନ୍ୟା, ବିଶ୍ୱଜିତ, ନଭିଆ ଓ କୁଳଦୀପ। ମୁଖ୍ୟ ଖଳନାୟକ ଭୂମିକାରେ ନିର୍ଦ୍ଦେଶକ କୁନାଲ ନଜର ଆସିବେ।

# ମଦ ପିଇବାକୁ ଟଙ୍କା ନ ଦେବାରୁ ଆକ୍ରମଣ

ଭୁବନେଶ୍ୱର,୬।୭(ବ୍ୟୁରୋ)

- ଛାତ୍ର- ଅଣଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ
- କଲେଜ କର୍ତ୍ତୃପକ୍ଷ କହିଲେ ରାଗିଂ ନୁହେଁ
- ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ମଦ ପିଇବାକୁ ଟଙ୍କା ନ ଦେବାରୁ ଛାତ୍ରଙ୍କୁ କାଠଫାଳିଆରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ର ହେଲେ ଉକ୍ତ ଅଞ୍ଚଳରେ ଥିବା ବେସିକ୍ ସାଇନ୍ସ କଲେଜ ଯୁକ୍ତ ୩ ଦ୍ୱିତୀୟ ବର୍ଷର ସୋମନାଥ ସେଠୀ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏନେଇ ସୋମନାଥ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ଓୟୁଏଟିର ୩ ପୂର୍ବତନ ଛାତ୍ର ମାଡ଼ ମାରିଥିବା ସୋମନାଥ ଏତଲାରେ ଦର୍ଶାଇଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ଜାଗାରେ ଛାନ୍‌ଭିନ୍ କରୁଛି। ଏଥିସହ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୋଲିସ ଏକ ମାମଲା (ନଂ. ୩୪୬/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଅପରପକ୍ଷରେ ରାଗିଂକୁ ନେଇ ମାଡ଼ ମରାଯାଇଥିବା ଚର୍ଚ୍ଚାକୁ କଲେଜ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। କ୍ୟାମ୍ପସ ବାହାରେ ଉକ୍ତ ଘଟଣା ଘଟିଥିବା ବେଳେ ରାଗିଂ ନେଇ କଲେଜ ଆଣ୍ଟି ରାଗିଂ ସେଲ୍‌ରେ କୌଣସି ଅଭିଯୋଗ ହୋଇ ନ ଥିବା କଲେଜ ନିର୍ଦ୍ଦେଶକ ଏସ୍.କେ. ମିଶ୍ର କହିଛନ୍ତି। ସେହିପରି ଜୋନ-୩ ଏସିପି ରଜତ କୁମାର ରୟ କହିଛନ୍ତି, ସୋମନାଥ ତାଙ୍କ ସାଙ୍ଗଙ୍କୁ ଦେଖାକରିବାକୁ ଯାଉଥିବା ବେଳେ ଓୟୁଏଟିର ଜଣେ ପାସ୍ ଆଉଟ ପିଲା ଓ ୨ଜଣ ପିଜି ପିଲାଙ୍କ ସହ ମାରପିଟ୍ ହୋଇଛି। ଏହା ରାଗିଂ ନୁହେଁ ବରଂ ବେସିକ ସାଇନ୍ସ ଛାତ୍ର ଏବଂ ଓୟୁଏଟି ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା। ସୂଚନାନୁଯାୟୀ, ସୋମନାଥ ସ୍ଥାନୀୟ ୟୁନିଟ-୮ ଅଞ୍ଚଳର ଏକ ଭଡ଼ାଘରେ ରହି ବେସିକ ସାଇନ୍ସ କଲେଜରେ ପାଠ ପଢ଼ୁଛନ୍ତି। ମଙ୍ଗଳବାର କୌଣସି କାମରେ ସେ ଖଣ୍ଡଗିରି ଝାଡ଼େଶ୍ୱର ମନ୍ଦିର ନିକଟରେ ଥିବା ତାଙ୍କ ସାଙ୍ଗଙ୍କ ପାଖକୁ ଯାଇଥିଲେ। ଏହି ସମୟରେ ଓୟୁଏଟିର ୩ ଜଣ ପୂର୍ବତନ ଛାତ୍ର ତାଙ୍କୁ ଅଟକାଇ ମଦ ପିଇବାକୁ ଟଙ୍କା ମାଗିଥିଲେ। ସୋମନାଥ ଟଙ୍କା ନ ଦେବାରୁ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଉଗ୍ର ରୂପ ଧାରଣ କରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ୩ ପୂର୍ବତନ ଛାତ୍ର ତାଙ୍କୁ ନିସ୍ତୁକ ପିଟିବା ସହ ଏକ କାଠଫାଳିଆରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏହି ସମୟରେ ସୋମନାଥଙ୍କ କେତେଜଣ ବନ୍ଧୁ ସେଠାରେ ପହଞ୍ଚିବାରୁ ଆକ୍ରମଣକାରୀ ୩ ଛାତ୍ର ଫେରାର ହୋଇଯାଇଥିଲେ। ଆହତ ଅବସ୍ଥାରେ ସୋମନାଥଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ସେ ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶହୀଦନଗର ଦୁର୍ଗାପୂଜା ସମିତିରେ ମା' ଦୁର୍ଗାଙ୍କ ପ୍ରତିଷ୍ଠା ଉତ୍ସବର ବିଶ୍ୱଶାନ୍ତି ଯଜ୍ଞ, ଶହୀଦନଗର, ପୂର୍ବାହ୍ନ ୭ଟା ୪୦ରେ ଚଣ୍ଡିପୂଜା, ରାତି ୯ଟା ୩୭ରେ ପୂର୍ଣ୍ଣାହୂତି।
- ୭୩ତମ ବନ ମହୋତ୍ସବ, ମହାନଗର ନିଗମ ଉଚ୍ଚ ବିଦ୍ୟାଳୟ, ବରମୁଣ୍ଡା, ପୂର୍ବାହ୍ନ ୧୦ଟା।
- ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ବିରୋଧରେ ସିପିଆଇର ବିକ୍ଷୋଭ, ରାଜମହଲ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ମିଡ୍ ଡେ ମିଲ୍ କର୍ମଚାରୀଙ୍କ ପକ୍ଷରୁ ବିକ୍ଷୋଭ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- 'ମେଡିକୋ- ଲିଗାଲ ଅପଡେଟ୍' ଶୀର୍ଷକ ସେମିନାର୍, ଆମ୍ରି ହସ୍ପିଟାଲ, ଖଣ୍ଡଗିରି, ଅପରାହ୍ନ ୩ଟା।

କଟକ

- ଆଦିତ୍ୟବାହିନୀ ଓ ଆନନ୍ଦବାହିନୀ ପକ୍ଷରୁ ହିନ୍ଦୁରାଷ୍ଟ୍ର ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଉଦ୍‌ବୋଧନ, ଡିଭାଇନ ପ୍ୟାଲେସ ମଣ୍ଡପ, ଜରିପଡ଼ା, ଅପରାହ୍ନ ୫ଟା।
- ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତି ପକ୍ଷରୁ 'କମ୍ୟୁନିଟି ପୋଲିସ ବ୍ୟବସ୍ଥା' ଶୀର୍ଷକ ସଭା, ଓଡ଼ିଶା ଅଲିମ୍ପିକ ଆସୋସିଏଶନ କାର୍ଯ୍ୟାଳୟ, ବାରବାଟୀ ଷ୍ଟାଡିୟମ, ସନ୍ଧ୍ୟା ୬ଟା।

# ରାତି ୧୨ ଯାଏ ସୁନାବେଶ ଦର୍ଶନ

### ଅପରାହ୍ନ ୪ରେ ସରିବ ସନ୍ଧ୍ୟା ଦର୍ଶନ

**ପୁରୀ ଅଫିସ,୬।୭:** ଶ୍ରୀଗୁଣ୍ଡିଚା ମନ୍ଦିରରେ ସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ଶନିବାର ବାହୁଡ଼ା ଯାତ୍ରା। ଏଥିପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏ ନେଇ ଜିଲା ପ୍ରଶାସନ ଦଇତାପତି ନିଯୋଗ ସହ ବିସ୍ତୃତ ଆଲୋଚନା କରିଥିଲେ। ବୁଧବାର ଦଇତାପତି ନିଯୋଗ ପକ୍ଷରୁ ଖବରଦାତା ସମ୍ମିଳନୀ କରି ଏ ସମ୍ପର୍କିତ ସୂଚନା ଦିଆଯାଇଛି। ସନ୍ଧ୍ୟା ଦର୍ଶନ ଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଦର୍ଶନ ହେବ ନାହିଁ। ସକାଳ ୬ରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏଁ ଦର୍ଶନ ହେବ। ଫଳରେ ସଅଳ ବାହୁଡ଼ା ନୀତି କରାଯାଇପାରିବ। ସୁନାବେଶ ନୀତିକୁ ମଧ୍ୟ ତଦନୁଯାୟୀ ସଅଳ କରାଯିବ। ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ସନ୍ଧ୍ୟାଦର୍ଶନ ୪ଟାରେ ଶେଷ ହେବ। ସେନପଟା ଲାଗି, ଚାରମାଳ ବନ୍ଧା ଭଳି ଗୁପ୍ତ ନୀତି ପାଇଁ ଦଇତାପତିଙ୍କୁ ସମୟ ଆବଶ୍ୟକ। ଗୋଟିଏ ଗୋଟିଏ ଗୁପ୍ତ ନୀତି ପାଇଁ ୫ରୁ ୬ ଘଣ୍ଟା ଲେଖାଏ ସମୟ ଲାଗିବ। ଏଣୁ ସନ୍ଧ୍ୟା ଦର୍ଶନକୁ ଅପରାହ୍ନ ୪ଟାରେ ଶେଷ କରିବା ପାଇଁ ପ୍ରଶାସନ ଓ ଦଇତାପତିଙ୍କ ମଧ୍ୟରେ ମିଳିତ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଛି। ବାହୁଡ଼ା ଯାତ୍ରା ଦିନ ସଅଳ ମହାପ୍ରଭୁଙ୍କ ଖେଚୁଡ଼ି ଭୋଗ ସାରି ମହାପ୍ରଭୁଙ୍କ ପହଣ୍ଡି କରାଯିବ। ପହଣ୍ଡିକୁ ନିର୍ଦ୍ଧାରିତ ସମୟ ପୂର୍ବରୁ କରିବାକୁ ସବୁ ବ୍ୟବସ୍ଥା ହୋଇଛି। ସେହିଭଳି ସୁନାବେଶରେ ବ୍ୟାପକ ଜନସମାଗମ ହେବାର ସମ୍ଭାବନା ରହିଛି। ଦିନ ୧୨ଟାରୁ ସାଢ଼େ ୧୨ଟା ସୁଦ୍ଧା ନୀତି ଶେଷ କରିବା ପାଇଁ ଚେଷ୍ଟା କରାଯାଉଛି। ଏହାପରେ ମହାପ୍ରଭୁଙ୍କ ସୁନାବେଶ ଆରମ୍ଭ ହୋଇଯିବ। ସେହିଭଳି ରାତି ୧୨ଟା ପର୍ଯ୍ୟନ୍ତ ସୁନାବେଶ ଦର୍ଶନ ହେବ। ଅନ୍ୟପକ୍ଷେ ଦଇତାପତି ନିଯୋଗର ସଭାପତି ଜଗନ୍ନାଥ ଦାସ ମହାପାତ୍ର କହିଛନ୍ତି, ସେବାୟତମାନେ ରଥ ଉପରକୁ କ୍ୟାମେରା ନେବେ ମାତ୍ର ଫଟୋ ଉଠାଇପାରିବେ ନାହିଁ। ସେବାୟତ ଫଟୋ ଉଠାଉଥିବା ଦେଖିବାକୁ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ରଥ ଉପରେ ଦଇତାପତି କିମ୍ବା ସେବାୟତମାନେ ଠାକୁରଙ୍କ ଆଗରେ ଠିଆ ହୋଇ ଦର୍ଶନରେ ବାଧକ ସାଜିବେ ନାହିଁ। ଚତୁର୍ଦ୍ଧା ବିଗ୍ରହର ଦୁଇ ପାର୍ଶ୍ୱରେ ଲୁହା ପାଇପ୍ ଲାଗିବ। ପାଇପ୍‌କୁ ଅତିକ୍ରମ କରି କେହି ଯିବେ ନାହିଁ। ପାଳିଆ ସେବକ ଓ ଦଇତାପତିଙ୍କୁ ଛାଡ଼ି ସୁନାବେଶରେ କେହି ରଥ ଉପରେ ରହିବେ ନାହିଁ ବୋଲି ଅନ୍ୟପକ୍ଷରେ ସନ୍ଧ୍ୟା ଦର୍ଶନକୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

# କାନ୍ଥ କହୁଛି ସ୍ୱପ୍ନର କାହାଣୀ

### ରାଗିଂରୁ ବିଜେବି ଛାତ୍ରୀ ରୁଚିକାଙ୍କ ଆତ୍ମହତ୍ୟା ମାମଲା

- ରୁମ୍ କାନ୍ଥରେ ଉତ୍ସାହପୂର୍ଣ୍ଣ ଲେଖା, ଆଦର୍ଶ ଆଇପିଏସ୍‌ଙ୍କ ଫଟୋ ଲଗାଇଥିଲେ
- ନ୍ୟାୟ ଦାବିରେ ଛାତ୍ର ସଙ୍ଗଠନ, ପରିବାର ଲୋକଙ୍କ ଧାରଣା ଜାରି
- ଏପର୍ଯ୍ୟନ୍ତ ୩ ସିନିୟରଙ୍କୁ ଧରିପାରିନି ପୋଲିସ

ଭୁବନେଶ୍ୱର,୬।୭(ବ୍ୟୁରୋ)






ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଛାତ୍ରୀ ରୁଚିକା ମହାନ୍ତି ଆଉ ଏ ଦୁନିଆରେ ନାହାନ୍ତି। ହେଲେ ସେ ତାଙ୍କ ଘର ରୁମ୍ କାନ୍ଥରେ ସାଇତି ଥିବା ସ୍ୱପ୍ନ ଏବେ କଥା କହୁଛି। ଉକ୍ତ ଫଟୋ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। କଖଡ଼ି ଗ୍ରାମସ୍ଥିତ ଘରର ନିଜ ରୁମ କାନ୍ଥରେ ରୁଚିକା ଆଦର୍ଶ ଆଇପିଏସ୍ ଅଧିକାରୀଙ୍କ ଫଟୋ ଲଗାଇଥିଲେ। ଦିନକୁ ୧୫ ଘଣ୍ଟା ପରିଶ୍ରମ କରି ଭାରତୀୟ ପ୍ରଶାନିକ ସେବା ପରୀକ୍ଷା (ୟୁପିଏସ୍‌ସି)ରେ ଉତ୍ତୀର୍ଣ୍ଣ ହେବା ସହ ଆଇପିଏସ୍ ଅଫିସର ହେବାକୁ ସ୍ୱପ୍ନ ଦେଖିଥିଲେ। ଏଥିସହ ନିଜକୁ ସେ ଉତ୍ସାହିତ କରିବାକୁ ପ୍ରଖ୍ୟାତ ଲୋକଙ୍କ ଲେଖା ଲଗାଇଥିଲେ। ପାଠ ପଢ଼ିବାକୁ ସେ ସମୟ ସାରଣୀ ପ୍ରସ୍ତୁତ କରିବା ସହ ଜେଏନ୍‌ୟୁରେ ପଢ଼ିବାକୁ ଉଚ୍ଚ ଆଶା ରଖିଥିଲେ। ଏବେବି ରୁମ୍ କାନ୍ଥରେ ସେ ଲଗାଇଥିବା ଭାରତର ପ୍ରଥମ ମହିଳା ଆଇପିଏସ୍ ଅଫିସର କିରଣ ବେଦୀ, ଆଇପିଏସ୍ ଅଫିସର ଅପରାଜିତା ରଏ, ଭାରତୀ ଆରୋରା, ମେରିନ୍ ଯୋଶେଫ୍, ଈଶା ପନ୍ତ, ଜ୍ୟୋତିପ୍ରିୟା ସିଂ, ପୂଜା ଯାଦବଙ୍କ ଫଟୋ ରହିଛି। ଉକ୍ତ ଫଟୋ ତାଙ୍କ ସ୍ୱପ୍ନର କାହାଣୀକୁ ବର୍ଣ୍ଣନା କରୁଛି। ତେବେ ଭାଇରାଲ ହେଉଥିବା ଏସବୁ ଫଟୋକୁ ଦେଖି ସମସ୍ତେ ଦୁଃଖ ଅନୁଭବ କରିବା ସହ ରୁଚିକାଙ୍କୁ ମନେ ପକାଉଛନ୍ତି।

ଅନ୍ୟପଟେ ଘଟଣାକୁ ୫ ଦିନ ପରେ ମଧ୍ୟ ସମ୍ପୃକ୍ତ ୩ ସିନିୟରଙ୍କୁ ଏଯାଏ ପୋଲିସ ଧରିପାରିନାହିଁ। ନବ ନିର୍ମାଣ ଯୁବଛାତ୍ର ସଂଗଠନ (ଏନ୍‌ୱାଇସିଏସ୍) ଓ ରୁଚିକାଙ୍କ ପରିବାର ପକ୍ଷରୁ ଅହୋରାତ୍ର କଲେଜ ଫାଟକ ସାମ୍ନାରେ ଧାରଣା ଚାଲିଛି। ରୁଚିକାଙ୍କ ମା' ଯେପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି, ସେ ପର୍ଯ୍ୟନ୍ତ ଆମେ ତାଙ୍କ ସହିତ ରହିବୁ ବୋଲି ଏନ୍‌ୱାଇସିଏସ୍ ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି। ସଂଘମିତ୍ରାଙ୍କ କହିବା ଅନୁଯାୟୀ, ଏପର୍ଯ୍ୟନ୍ତ ରାଜ୍ୟ ସରକାର ରୁଚିକାଙ୍କ ପରିବାରକୁ ନ୍ୟାୟ ଦେଇପାରୁନାହାନ୍ତି। ଆତ୍ମହତ୍ୟା ପଛରେ ଥିବା ଦୋଷୀଙ୍କୁ ଧରାଯାଇନାହିଁ ଏବଂ କଲେଜର କେହି ମଧ୍ୟ ନିଲମ୍ବିତ ହୋଇନାହାନ୍ତି। ନ୍ୟାୟ ଦେବାରେ ସରକାରଙ୍କ ଆନ୍ତରିକତା ନ ଥିବା ଏଥିରୁ ଜଣାପଡୁଛି। ଏପରିକି ନ୍ୟାୟ ପାଇଁ ରାସ୍ତାରେ ବସିଥିବା ମା'ଙ୍କୁ ସରକାରଙ୍କ ପକ୍ଷରୁ ବ୍ୟକ୍ତିଗତ ଭାବେ କେହି ସାନ୍ତ୍ୱନା ଦେବାକୁ ଆସୁନାହାନ୍ତି। ସରକାରଙ୍କ ମାନବିକତା ନ ଥିବା ସେ କହିଛନ୍ତି। ତେବେ ଏହି ଘଟଣାରେ ସମ୍ପୃକ୍ତ ସିନିୟରଙ୍କୁ ଚିହ୍ନଟ କରାଯାଇ ନ ଥିବା ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି। କମିଶନରେଟ ପୋଲିସ ପକ୍ଷରୁ ୧୦୦ରୁ ଅଧିକ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଥିବା ଡିସିପି ପ୍ରତୀକ ସିଂ ମଙ୍ଗଳବାର କହିଥିଲେ। ହେଲେ ଏପର୍ଯ୍ୟନ୍ତ ଉକ୍ତ ୩ ସିନିୟର ଧରା ନ ପଡ଼ିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ଘଟଣାକୁ ଚପାଇ ଦିଆଯିବାକୁ ଚେଷ୍ଟା କରାଯାଉଥିବା ମଧ୍ୟ ଚର୍ଚ୍ଚା ହେଉଛି।




ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ତାଙ୍କ ପରିବାରକୁ ନ୍ୟାୟ ଦାବିରେ ବୁଧବାର ପରିବାର ଲୋକଙ୍କ ସମେତ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

# ୮ ଲକ୍ଷ ଟଙ୍କା ନେଇ ପ୍ରେମିକ ଫେରାର

### ଥାନାର ଦ୍ୱାରସ୍ଥ ହେଲେ ପ୍ରେମିକା

ଭୁବନେଶ୍ୱର,୬।୭(ବ୍ୟୁରୋ)

ଚାକିରି ଦେବା ନାଁରେ ଲୋକଙ୍କଠାରୁ ଟଙ୍କା ଲୁଟୁଥିଲେ ପ୍ରେମିକା ଓ ପ୍ରେମିକ। ହେଲେ କୌଣସି ଚାକିରି ଦେଉ ନ ଥିଲେ। ଏନେଇ ଲୋକେ ଯେତେବେଳେ ଟଙ୍କା ଫେରସ୍ତ କରିବାକୁ କହିଲେ ଦୁହେଁ ବିଭିନ୍ନ ପ୍ରକାର ବାହାନ କରି ଦିନ ପରେ ଦିନ ଗଡ଼ାଇ ଚାଲିବା ସହ ଉକ୍ତ ଟଙ୍କାକୁ ଉଭୟଙ୍କ ମଧ୍ୟରେ ବାଣ୍ଟି ନେବାକୁ ବସିଥିଲେ। କିନ୍ତୁ ଭାଗବଣ୍ଟା ନ ଛିଡ଼ିବାରୁ ପ୍ରେମିକ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ରାଜଧାନୀରେ ଏଭଳି ଘଟଣା ଘଟିଛି। ଅଭିଯୁକ୍ତ ପ୍ରେମିକା, ପ୍ରେମିକ ହେଲେ ଭୁବନେଶ୍ୱର ମଧୁସୂଦନ ନଗରରେ ରହୁଥିବା ଢେଙ୍କାନାଳ ଅଞ୍ଚଳର ସୁଚିତ୍ରା ଦାସ ଏବଂ ଅବିନାଶ ଦାସ। ଏନେଇ ଲୋକେ ସୁଚିତ୍ରାଙ୍କୁ ଟଙ୍କା ମାଗିଥିଲେ। ମାତ୍ର ସେ ନ ଦେଇପାରିବାରୁ ଲୋକେ ତାଙ୍କୁ ଘେରିଥିଲେ। ଫଳରେ ସେ ବାଧ ହୋଇ ବୁଧବାର ଖଣ୍ଡଗିରି ଥାନାରେ ଅବିନାଶଙ୍କ ନାଁରେ ଅଭିଯୋଗ କରିଛନ୍ତି। ଅବିନାଶ ୮ଲକ୍ଷ ଟଙ୍କା ଠକିନେଇଥିବା ଏତଲାରେ ଦର୍ଶାଯାଇଛି। ପୋଲିସ ଏକ ଠକେଇ ମାମଲା ରୁଜୁ କରି ତାଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି ।

# ପୁଅର ଶାବଳ ଆକ୍ରମଣରେ ମା'ଙ୍କ ଜୀବନ ଗଲା

ନିଶ୍ଚିନ୍ତକୋଇଲି,୬।୭(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ସୁକରପଡା ଗାଁରେ ବୁଧବାର ପୁଅର ଶାବଳ ଆକ୍ରମଣରେ ମା'ଙ୍କ ଜୀବନ ଯାଇଛି। ସକାଳୁ ଗାଁର ଗୌରାଙ୍ଗ ସ୍ୱାଇଁଙ୍କ ସ୍ତ୍ରୀ ପ୍ରମିଳା ବାସିକାମ କରୁଥିବା ବେଳେ ପୁଅ ଜିତେନ୍ଦ୍ର(୨୬)ଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଜିତେନ୍ଦ୍ର ଘରେ ଥିବା ଏକ ଶାବଳରେ ମା'କୁ ଭୁସି ବିଭତ୍ସ ଭାବେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ପ୍ରମିଳା ଗୁରୁତର ଅବସ୍ଥାରେ ପଡି ଚିତ୍କାର କରୁଥିଲେ। ସ୍ୱାମୀ ଗୌରାଙ୍ଗ ଆସି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରମିଳାଙ୍କୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରମିଳାକୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଗୌରାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଇଆଇସି ଚିନ୍ମୟୀ ସାହୁ ସାଇଣ୍ଟିଫିକ୍ ଟିମ ଡକାଇ ଥିଲେ। ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ତାଙ୍କ ଘରକୁ ଯାଇ ତଦନ୍ତ କରିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୧୩/୨୨ରେ ମାମଲା ରୁଜୁ ହୋଇଛି। ତେବେ ପ୍ରାଥମିକ ତଦନ୍ତରୁ ଜିତେନ୍ଦ୍ର ମାନସିକ ରୋଗୀ ଥିବା ପୋଲିସ ଜାଣିବାକୁ ପାଇଛି। ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପୋଲିସ କହିଛି। ଖବର ଲେଖା ହେଲା ବେଳକୁ ଅଭିଯୁକ୍ତ ପୁଅ ଜିତେନ୍ଦ୍ର ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ରତ୍ନଭଣ୍ଡାର ଖୋଲାଯାଉ: ଗଜପତି

### ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଲେ

ପୁରୀ ଅଫିସ,୬।୭

ଶ୍ରୀମନ୍ଦିର ରତ୍ନଭଣ୍ଡାର ସୁରକ୍ଷାକୁ ନେଇ ପୁଣି ଉଠିଛି ପ୍ରଶ୍ନ। ଯେତେ ଶୀଘ୍ର ସମ୍ଭବ ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲନ୍ତୁ ବୋଲି ଦାବି କରିଛନ୍ତି ମହାରାଜା ଗଜପତି ଦିବ୍ୟସିଂହ ଦେବ। ସେ କହିଛନ୍ତି, ରତ୍ନଭଣ୍ଡାରର ସଂରକ୍ଷଣ ଓ ରତ୍ନ ଅଳଙ୍କାର ଗଣତି ଦିଗରେ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବା ଦରକାର। ରତ୍ନଭଣ୍ଡାର ସ୍ଥିତି ଭଲ ନାହିଁ। ଶୀଘ୍ର ମରାମତି କରାଯାଉ। ଏଣୁ ରାଜ୍ୟ ସରକାର ଯେତେ ଶୀଘ୍ର ଏ ନେଇ ନିଷ୍ପତ୍ତି ନେବେ ତାହା ଉତ୍ତମ ପଦକ୍ଷେପ ହେବ ବୋଲି ଗଜପତି କହିଛନ୍ତି। ଅନ୍ୟପକ୍ଷରେ ମହାପ୍ରଭୁ ଜଗନ୍ନାଥ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର ମଧ୍ୟ ସମାନ ପ୍ରଶ୍ନ ଉଠାଇଛନ୍ତି। ସବୁ ବର୍ଗରେ ରତ୍ନଭଣ୍ଡାର ଖୋଲି ଯାଞ୍ଚ କରିବାକୁ ଦାବି କରାଯାଉଥିଲେ ମଧ୍ୟ ସରକାର ଏନେଇ କୌଣସି ପଦକ୍ଷେପ ନେଇପାରୁନାହାନ୍ତି। ରତ୍ନଭଣ୍ଡାର ଖୋଲାଗଲେ କ'ଣ ଅଛି, ନାହିଁ ତାହା ଜଣାପଡ଼ିବ। ମହାପ୍ରଭୁ ରଘୁନାଥ ବେଶ ହୋଇଥିଲେ, ସଂପୃକ୍ତ ଅଳଙ୍କାରର ସ୍ଥିତି କ'ଣ ତାହା ଜାଣିବା ଦରକାର। ରତ୍ନଭଣ୍ଡାରରେ ମହଣ ମହଣ ସୁନା ଗଚ୍ଛିତ ରହିଛି। ହେଲେ ଯାନିଯାତ୍ରା ସମୟରେ ମହାପ୍ରଭୁ ଭଙ୍ଗା ଦଦରା ଅଳଙ୍କାର ପିନ୍ଧୁଛନ୍ତି। ଏପରିକି ଦାତାଙ୍କୁ ଅନୁମତି ଦେଲେ, ସେମାନେ ଠାକୁରଙ୍କୁ ଅଳଙ୍କାର ଦାନ କରିପାରିବେ। ଶ୍ରୀଜୀଉଙ୍କ ପାଇଁ ୨ରୁ ୩ ସେଟ୍ ଅଳଙ୍କାର ପ୍ରସ୍ତୁତ କରି ରଖିବା ପାଇଁ ପ୍ରସ୍ତାବ ଦେଇଛନ୍ତି ମହାପାତ୍ର। ସେହିଭଳି ରତ୍ନଭଣ୍ଡାର ଖୋଲିବା ପାଇଁ ଭକ୍ତ ମହଲରେ ମଧ୍ୟ ଦାବି ଉଠିଲାଣି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି, ୧୪୬୪ ଖ୍ରୀଷ୍ଟାବ୍ଦରେ ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ଅଭିଯାନ ସାରି ୧୬ଟି ହାତୀରେ ବହୁ ମୂଲ୍ୟବାନ ଅଳଙ୍କାର ବୋହି ଆଣିଥିଲେ। ଯାହାକୁ ସେ ଠାକୁରଙ୍କୁ ଅର୍ପଣ କରି ଏହି ଭଣ୍ଡାରଘରେ ରଖିଥିଲେ। ସେହିପରି ଗଜପତି କପିଳେନ୍ଦ୍ରଦେବ ମଧ୍ୟ ଦାକ୍ଷିଣାତ୍ୟ ବିଜୟ କରି ବିପୁଳ ଧନସମ୍ପତ୍ତି ଆଣି ମହାପ୍ରଭୁଙ୍କୁ ଅର୍ପଣ କରିଥିଲେ। ଏହାସହ ବିଭିନ୍ନ ରାଜାଙ୍କୁ ପରାଜିତ କରି ଗଜପତି ମହାରାଜାମାନେ ମୁକୁଟ ଆଣି ଭଣ୍ଡାର ଘରେ ରଖୁଥିଲେ। ତେବେ ଏବେ ରତ୍ନଭଣ୍ଡାରରେ କେଉଁ ଅଳଙ୍କାର ରହିଛି ଓ କେଉଁ ଅଳଙ୍କାର ନାହିଁ ତାହା ସମ୍ପୂର୍ଣ୍ଣ ରୂପେ ଜଣାପଡ଼ିପାରୁ ନାହିଁ। ରତ୍ନଭଣ୍ଡାରରେ ସଂପ୍ରତି ତିନୋଟି କୋଠରି ଥିବାବେଳେ ପ୍ରଥମଟିରେ ଦୈନନ୍ଦିନ ନୀତିକାନ୍ତି ଓ ଜାନିଯାତ୍ରାରେ ବ୍ୟବହାର ହେଉଥିବା ଅଳଙ୍କାର ରହୁଛି। ମଝି ଭଣ୍ଡାର ଘରେ ଅଦରକାରୀ ଅଳଙ୍କାର ରହୁଥିବା ବେଳେ ଭିତର ଭଣ୍ଡାରରେ ଶ୍ରୀଜୀଉଙ୍କର ରଘୁନାଥ ବେଶର ଅଳଙ୍କାର ସମେତ ବହୁ ମୂଲ୍ୟବାନ ଅଳଙ୍କାର ରହିଥିବା କୁହାଯାଉଛି। ୧୯୭୮ ଓ ୧୯୮୨ରେ ରତ୍ନଭଣ୍ଡାର ଖୋଲାଯାଇଥିବା କହିଛନ୍ତି ତତ୍କାଳୀନ ଉପମୁଖ୍ୟ ପ୍ରଶାସକ ରବୀନ୍ଦ୍ର ନାରାୟଣ ମିଶ୍ର। ତାଙ୍କ ସମୟରେ କଳାହାଟ ଦ୍ୱାର ମରାମତି ପାଇଁ ରତ୍ନଭଣ୍ଡାର ଖୋଲାଯାଇ ରୁପା ଆସିଥିଲା। ପ୍ରାୟ ୩୯ଟି ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାର କାଠ ସିନ୍ଧୁକରେ ରଖାଯାଇଥିବା ସେ କହିଛନ୍ତି। ଦୀର୍ଘଦିନ ଖୋଲା ହୋଇ ନ ଥିବା ହେତୁ ଏସବୁ ଅଳଙ୍କାର ନଷ୍ଟ ହୋଇଯାଇଥିବ ବୋଲି ସେ ଆଶଙ୍କା କରିଛନ୍ତି। ରତ୍ନଭଣ୍ଡାର ଖୋଲିବାକୁ ବହୁ ବାଦ ବିବାଦ ପରେ ୨୦୧୮ ମାର୍ଚ୍ଚରେ ରତ୍ନଭଣ୍ଡାର ଖୋଲିବାକୁ ଏକ ଟିମ୍ ଯାଇଥିଲା। ମାତ୍ର ଏମାନେ ବାହାରୁ ଅନୁଧ୍ୟାନ କରି ଭିତର ଭଣ୍ଡାର ସ୍ଥିତି ଦୁର୍ବଳ ଥିବା ରିପୋର୍ଟ ଦେଇଥିଲେ।



## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିନ୍ମୟୀ



@ ମଧୁସୂଦନ



@ ମାନକେତନ



@ ଶୁଭଶ୍ରୀ



@ ମଞ୍ଜୁ



@ ଆଲୋକ

# ଭକ୍ତି ରସରେ ଭିଜାଇଲା 'ଗୁହାରି'

ଭୁବନେଶ୍ୱର,୬।୭(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାର ପ୍ରଥମ କଣ୍ଠଶିଳ୍ପୀ ରବୀନ୍ଦ୍ରନାଥ ମିଶ୍ର 'ନାଉରିଆ କରି ଦେ ପାରି' ଓ 'ବଡ଼ଦାଣ୍ଡ ଧୂଳି ଉଡ଼େଇ ଉଡ଼େଇ ନନ୍ଦିଘୋଷ ଗଡ଼ିଯାଉରେ' ପରିବେଷଣ କରିଥିଲେ। ପରେ ଆଦ୍ୟାଶା ଦାସଙ୍କ ଦ୍ୱାରା 'କଳା କଳା ଚକାଡ଼ୋଳା ଘନ କଳାବଦନ' ଓ 'ଆକାଶ ଦିଶେ କି ସୁନ୍ଦର' ପରିବେଷିତ ହୋଇଥିଲା। କଣ୍ଠଶିଳ୍ପୀ ସୁକାନ୍ତ କୁମାର କୁଣ୍ଡୁ 'ଜୀବନର ବନ୍ଧୁ ଜାଣିଛି ତୁମ କଥା ଏତିକି' ଓ 'ନୀଳାଚଳେ ଲାଗିଛି ଲୀଳା ପରିବେଷଣ କରିଥିଲେ। ପରେ କଣ୍ଠଶିଳ୍ପୀ ଆଶା ମୁକୁଲ ବାରିକ 'ଦୀନବନ୍ଧୁ ମୋ ଦୁଃଖ ନ ଗଲା ଯେ' ଓ 'ଜଗବନ୍ଧୁ ହେ ଗୋସାଇଁ' ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସୁଧାକର ମିଶ୍ର, ବସନ୍ତ ପାତ୍ର ଓ ଅନ୍ତରା ଚକ୍ରବର୍ତ୍ତୀ ଜଗନ୍ନାଥଙ୍କ ଉପରେ ସଙ୍ଗୀତ ପରିବେଷଣ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ଉଦଯାପନୀ ଉତ୍ସବକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେ଼ମୀର ସମ୍ପାଦକ ଗୁରୁ ଅରୁଣା ମହାନ୍ତି ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମନସ୍ୱିନୀ ସାହୁ ଉଦଘାଟନ କରିଥିଲେ। ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେ଼ମୀର ସଚିବ ପ୍ରବୋଧ ରଥ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ଆର୍‌ପିଏଫ୍ ପକ୍ଷରୁ ବୁଧବାର ରେଳ ଷ୍ଟେଶନ ସମ୍ମୁଖରେ ଅନୁଷ୍ଠିତ ଆଜାଦି କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ବ୍ୟାଣ୍ଡ ଶୋ।



**ପୁରୀ:** ବୁଧବାର ଦକ୍ଷିଣ ମୋଡ ପୂର୍ବରୁ ତିନି ରଥରେ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ପ୍ରଦାନ କରୁଛନ୍ତି ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବୁଧବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି' ଉଦ୍‌ଯାପନୀ ଦିବସରେ ସଙ୍ଗୀତ ପରିବେଷଣ।

ଧରିତ୍ରୀ
DHARITRI
Bhubaneswar, Thursday, July 7, 2022

**'ଏସ୍‌ବିଆଇ ଜେନେରାଲ ଇନସ୍ୟୁରାନ୍ସ' ନୂତନ ଉତ୍ପାଦ**

**ନୂଆଦିଲ୍ଲୀ:** ଦେଶର ଅଗ୍ରଣୀ ବୀମା କମ୍ପାନୀ 'ଏସ୍‌ବିଆଇ ଜେନେରାଲ ଇନସ୍ୟୁରାନ୍ସ' ପକ୍ଷରୁ ଏକ ନୂଆ ଉତ୍ପାଦ ଗ୍ରାହକଙ୍କ ପାଇଁ ବଜାର ପ୍ରବେଶ କରାଇଛି। ଏହା ଏକ ପୂର୍ଣ୍ଣାଙ୍ଗ ସାଇବର ବୀମା କଭର ହୋଇଥିବା ବେଳେ ଏହା ସାଇବର ଭଲଟଏଜ ବୀମା ଯୋଜନା ପ୍ରଚଳନ କରିଛି। ଏହା ସାଇବର ଆପଦ ଏବଂ ଆକ୍ରମଣରୁ ହେଉଥିବା ଆର୍ଥିକ କ୍ଷତି ବିରୋଧରେ ଗ୍ରାହକଙ୍କୁ ସୁରକ୍ଷା ପ୍ରଦାନ କରୁଛି। ଏ ସମ୍ପର୍କରେ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଆନନ୍ଦ ପେଜାୱାର କହିଛନ୍ତି, ଇଣ୍ଟରନେଟ ଆମ ଜୀବନକୁ ସହଜ କରି ଦେଇଥିବା ବେଳେ ଏହା ମଧ୍ୟ ଏଭଳି ଏକ ବିଶ୍ୱ ସୃଷ୍ଟି କରିଛି।



## ସଂକ୍ଷେପରେ

### ସୌର ଚୁଲାର ଶୁଭାରମ୍ଭ କଲେ ତୈଳମନ୍ତ୍ରୀ

**ନୂଆଦିଲ୍ଲୀ,୬।୭:** ବର୍ତ୍ତମାନ ଦରବୃଦ୍ଧି ଓ ଖଣିଜ ସମ୍ପଦ (ତୈଳ ଓ ଇନ୍ଧନ)ର ଅଭାବୀ ଚାହିଦାକୁ ପୂରଣ କରିବା ଲକ୍ଷ୍ୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ସୌର ଚୁଲାର ନିର୍ମାଣ କରାଯାଇଛି। ଉକ୍ତ ଚୁଲା ଜରିଆରେ ରୋଷେଇଠାରୁ ନେଇ ଅନ୍ୟାନ୍ୟ କାର୍ଯ୍ୟ ମଧ ସହଜରେ କରାଯାଇପାରିବ। ବୁଧବାର ଇଣ୍ଡିଆନ ଅଏଲ ପକ୍ଷରୁ ଏକ ଇଣ୍ଡୋର ସୋଲାର କୁକିଂ ସିଷ୍ଟମର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏହା ସୌର ଶକ୍ତିରେ ଚାଲିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାକୁ ମଧ ସୌର ଚୁଲା ବୋଲି କୁହାଯାଉଛି। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ପୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉକ୍ତ ଚୁଲାର ନାମ 'ସୂର୍ଯ୍ୟ ନୂତନ' ରଖାଯାଇଛି। ଏପରିକି ସୌରଶକ୍ତିରେ ଚାଲୁଥିବା ଉକ୍ତ ସୌର ଚୁଲା ସିଷ୍ଟମକୁ ଇଣ୍ଡିଆନ ଅଏଲର ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଟିମ୍ ପ୍ରସ୍ତୁତ କରିଛନ୍ତି।

### ମୋଏନ୍‌ଗେଜ୍ ସହ ଇଣ୍ଡସ୍‌ଇଣ୍ଡ୍‌ର ସହଯୋଗିତା ସ୍ଥାପନ

**ନୂଆଦିଲ୍ଲୀ,୬।୭:** ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ଡିଜିଟାଲ୍ ଅନୁଭୂତି ପ୍ରଦାନ କରିବା ଲାଗି ମୋଏନ୍‌ଗେଜ୍ ସହ ସହଯୋଗିତା ସ୍ଥାପନ କରାଯାଇଥିବା ବିଷୟରେ ଘୋଷଣା କରାଯାଇଛି। ଏହି ସହଯୋଗିତାର ଅଂଶ ସ୍ୱରୂପ ମୋଏନ୍‌ଗେଜ୍‌ର ପ୍ରଯୁକ୍ତି ପ୍ଲାଟଫର୍ମକୁ ବ୍ୟବହାର କରି ଇଣ୍ଡସଇଣ୍ଡ ବ୍ୟାଙ୍କ ଏହାର ଗ୍ରାହକମାନଙ୍କୁ ପରବର୍ତ୍ତୀ ପିଢ଼ିର ଡିଜିଟାଲ୍ ଅନୁଭୂତି ପ୍ରଦାନ କରିବ। ଏ ସମ୍ପର୍କରେ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କର ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ଆଣ୍ଡ୍ ଷ୍ଟ୍ରାଟେଜି ମୁଖ୍ୟ ଚାରୁ ମାଥୁର କହିଛନ୍ତି, ପ୍ରତିକ୍ରିୟାଶୀଳ ନବସୃଜନକୁ ଆଗକୁ ବଢ଼ାଇବା ଲାଗି ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ସର୍ବଦା ଆଗରେ ଏବଂ ବାସ୍ତବ ସମୟ ଓ ପଦକ୍ଷେପ ଭିତ୍ତିକ ନିର୍ଯାସ ଜରିଆରେ ବ୍ୟକ୍ତିଗତ ସୁବିଧାକୁ ଆଗକୁ ବଢ଼ାଇବାର କ୍ଷମତା ରଖିଥିବା ମୋଏନ୍‌ଗେଜ୍‌କୁ ଆମେ ଏଥିପାଇଁ ସାମିଲ କରିଛୁ।

# ୩ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ଏନ୍ଆଇଏନ୍ଏଲ

ନୂଆଦିଲ୍ଲୀ, ୬।୭

ଓଡ଼ିଶା ସରକାରଙ୍କ ଅଧୀକୃତ କମ୍ପାନୀ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ)ର ସ୍ଥିତି ଖୁବ୍‌ଶୀଘ୍ର ବଦଳିବାକୁ ଯାଉଛି। ପ୍ରାୟ ୨ବର୍ଷ ଧରି ବନ୍ଦ ରହିଥିବା ଉକ୍ତ କମ୍ପାନୀକୁ ନିକଟରେ ଟାଟା ଷ୍ଟିଲ୍‌ର ସବ୍‌ସିଡିଆରୀ କମ୍ପାନୀ ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟସ (ଟିଏସ୍ଏଲ୍‌ପି) ୧୨,୧୦୦ କୋଟି ଟଙ୍କାରେ କିଣିଥିଲା। ଏପରିକି ଉକ୍ତ କମ୍ପାନୀର ମାଲିକାନା ଓ ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ସମସ୍ତ ନୀତି ନିୟମ ଅନୁସାରେ ଶେଷ ହୋଇଛି। ଏ ନେଇ ବୁଧବାର ଟାଟା ଷ୍ଟିଲର ସିଇଓ ତଥା ଏମ୍‌ଡି ଏବଂ ଟିଏସ୍ଏଲ୍‌ପିର ଅଧ୍ୟକ୍ଷ ଟି.ଭି. ନରେନ୍ଦ୍ରନ୍ କହିଛନ୍ତି, ଏନ୍ଆଇଏନ୍ଏଲର ଅଧିଗ୍ରହଣ ହେଉଛି ଟାଟା ଗ୍ରୁପ୍ ପାଇଁ ଏକ ଐତିହାସିକ ସଫଳତା ଏବଂ ଏହା ସ୍ୱତନ୍ତ୍ର ଲଙ୍ଗ ପ୍ରଡକ୍ଟସ୍ କାରଖାନା ଗଠନ ଦିଗରେ ବେଶ୍ ଉପଯୋଗୀ ହେବ।




ଅପରପକ୍ଷରେ ଆଗାମୀ ୩ମାସ ମଧ୍ୟରେ ଉକ୍ତ କାରଖାନାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଆମେ ବର୍ତ୍ତମାନ ଏନ୍ଆଇଏନ୍ଏଲର କର୍ମଚାରୀଙ୍କୁ ନେଇ କାମ କରାଇବା ସହ କାରଖାନାକୁ ପୁଣି ଥରେ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ନରେନ୍ଦ୍ରନ ମତବ୍ୟକ୍ତ କରିଛନ୍ତି।

ସେହିପରି ଆଗାମୀ ୩ ମାସ ମଧ୍ୟରେ ସେଥିରୁ ଉତ୍ପାଦନ ଆରମ୍ଭ ଏବଂ ୧୨ ମାସ ମଧ୍ୟରେ ଏହାର ଧାର୍ଯ୍ୟକ୍ଷମତା ହାସଲ ନେଇ କମ୍ପାନୀ ପକ୍ଷରୁ ଆକଳନ କରାଯାଉଛି। ଟାଟା ଷ୍ଟିଲ୍ ଏନ୍ଆଇଏନ୍ଏଲର କ୍ଷମତା ବୃଦ୍ଧି କରି ୫୦ ଲକ୍ଷ ଟନ୍ କରିବା ଏବଂ ଏଥିପାଇଁ ଆବଶ୍ୟକ ମଞ୍ଜୁରୀ ହାସଲ କରିବାକୁ ମଧ୍ୟ ପ୍ରୟାସ ଆରମ୍ଭ କରିଛି। କଳିଙ୍ଗନଗରଠାରେ ଅବସ୍ଥିତ ଟାଟା ଷ୍ଟିଲର ଅତ୍ୟାଧୁନିକ କାରଖାନା ନିକଟରେ ଏନ୍ଆଇଏନ୍ଏଲ୍ ଥିବାରୁ ଏହା ଟାଟା ଷ୍ଟିଲ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କାରଣ ଏହା ସମ୍ମିଳିତ ଭିତ୍ତିଭୂମି, ସମ୍ବଳ, ପରିଚାଳନା ଇତ୍ୟାଦିରେ ସମନ୍ୱୟ ଯୋଗାଇ ଦେବା ସହ ଏକ ଉତ୍ସର୍ଗୀକୃତ ଓ ଦୀର୍ଘସ୍ଥାୟୀ ଲଙ୍ଗ ପ୍ରଡକ୍ଟସ୍ କମ୍ପ୍ଲେକ୍ସ ଗଠନ କରିବା ଦିଗରେ ସୁଯୋଗ ପ୍ରଦାନ କରିବ। ବାର୍ଷିକ ୧ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ମିଳିତ ଭାବେ କାର୍ଯ୍ୟ କରି ଆଗାମୀ କିଛି ବର୍ଷ ମଧ୍ୟରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଅତ୍ୟାଧୁନିକ ଲଙ୍ଗ ପ୍ରଡକ୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ମାଧ୍ୟମରେ କ୍ଷମତା ସମ୍ପ୍ରସାରିତ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଅପରପକ୍ଷରେ ଏହା ୨୦୩୦ ସୁଦ୍ଧା ତା'ର କ୍ଷମତାକୁ ବାର୍ଷିକ ୧୦ନିୟୁତ ଟନ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ସୁନା ଆମଦାନୀ ଶୁଳ୍କ ବୃଦ୍ଧିକୁ କେନ୍ଦ୍ର ସମୀକ୍ଷା କରିବା ଉଚିତ

ନୂଆଦିଲ୍ଲୀ,୬।୭

କେନ୍ଦ୍ର ସରକାର ନିକଟରେ ସୁନା ଉପରେ ଆମଦାନୀ ଶୁଳ୍କକୁ ୧୫ପ୍ରତିଶତକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ଆମଦାନୀ ଶୁଳ୍କ ସହ ୨.୫%ର କୃଷି ସେସ୍ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଏହା ଫଳରେ ଅଳଙ୍କାର ବ୍ୟବସାୟ ଉପରେ ଶତକଡ଼ା ପ୍ରଭାବ ପଡିବ ବୋଲି ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ ମତବ୍ୟକ୍ତି କରିଛନ୍ତି। ସେହିଭଳି ଆମଦାନୀ ଶୁଳ୍କର ବୃଦ୍ଧି ଯୋଗୁ ବ୍ୟବସାୟୀ ଟିକସ ହ୍ରାସ ପାଇ ବ୍ୟାପକ ପରିମାଣରେ ସୁନା ଚୋରା ଚାଲାଣର କାରଣ ମଧ୍ୟ ହୋଇପାରେ। ଫଳସ୍ୱରୂପ, ସରକାର ବିପୁଳ ପରିମାଣର ରାଜସ୍ୱ ହରାଇପାରନ୍ତି। ଅପରପକ୍ଷରେ ଟିକସ ଫାଙ୍କିବା ଏବଂ ଚୋରା କାରବାରକୁ


ଏମ୍‌ପି ଅହମ୍ମଦ

ରୋକିବା ପାଇଁ କେନ୍ଦ୍ର ସରକାର ନିକଟରେ ଆମଦାନୀ ଶୁଳ୍କ ହ୍ରାସ କରିଥିଲେ, କିନ୍ତୁ ବର୍ତ୍ତମାନ ଉକ୍ତ ଶୁଳ୍କ ବୃଦ୍ଧି ପୁନର୍ବାର ଚୋରା ଚାଲାଣ ଓ ଅନ୍ୟାନ୍ୟ କାର୍ଯ୍ୟକୁ ବଳ ଯୋଗାଇବ। ସେଥିପାଇଁ ସୁନା ଉପରେ ଆମଦାନୀ ଶୁଳ୍କ ବୃଦ୍ଧି ଉପରେ ସମୀକ୍ଷା କରିବାକୁ ଆମେ ସରକାରଙ୍କୁ ଅନୁରୋଧ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଗ୍ୟାପ୍ ସହ ରିଲାଏନ୍ସ ରିଟେଲ୍‌ର ସହଯୋଗିତା ସ୍ଥାପନ

ମୁମ୍ବାଇ, ୬।୭

ରିଲାଏନ୍ସ ରିଟେଲ୍ ଲିମିଟେଡ୍ ପକ୍ଷରୁ ଆମେରିକାର ପ୍ରସିଦ୍ଧ ଫେସନ୍ ବ୍ରାଣ୍ଡ ଗ୍ୟାପ୍‌କୁ ଭାରତ ଆଣିବା ପାଇଁ ଗ୍ୟାପ୍ ଆଇଏନ୍‌ସି ସହ ସହଯୋଗିତା ସ୍ଥାପନ କରାଯାଇଛି। ଏହି ଦୀର୍ଘମିଆଦୀ ଫ୍ରାଞ୍ଚାଇଜ ବୁଝାମଣା ସହ ଭାରତରେ ସବୁ ମାଧ୍ୟମ ପାଇଁ ରିଲାଏନ୍ସ ରିଟେଲ୍ ଗ୍ୟାପ୍‌ର ଅଫିସିଆଲ ରିଟେଲର୍‌ରେ ପରିଣତ ହୋଇଛି। ସ୍ୱତନ୍ତ୍ର ବ୍ରାଣ୍ଡ ଷ୍ଟୋର୍, ମଲ୍‌ଟି ବ୍ରାଣ୍ଡ୍ ଷ୍ଟୋର୍ ଓ ଡିଜିଟାଲ୍ କମର୍ସ ପ୍ଲାଟଫର୍ମ ଆଦିର ମିଶ୍ରଣ ଜରିଆରେ ଭାରତୀୟ ଗ୍ରାହକମାନଙ୍କୁ ରିଲାଏନ୍ସ ରିଟେଲ୍ ଗ୍ୟାପ୍‌ର ସଦ୍ୟତମ ଫେସନ ଉତ୍ପାଦ ପ୍ରଦାନ କରିବ।

ଏହି ସହଯୋଗିତାର ଲକ୍ଷ୍ୟ ହେଉଛି ଏକ ଅଗ୍ରଣୀ କାଜୁଆଲ ଲାଇଫ୍‌ଷ୍ଟାଇଲ୍ ବ୍ରାଣ୍ଡ୍ ଭାବେ ଗ୍ୟାପ୍‌ର ରହିଥିବା ସ୍ଥିତିକୁ ବ୍ୟବହାର କରିବା ଏବଂ ଦୃଢ଼ ଓମ୍‌ନି ଚ୍ୟାନେଲ ନେଟ୍‌ୱର୍କର ପରିଚାଳନା ଏବଂ




ସ୍ଥାନୀୟ ଉତ୍ପାଦକୁ ବ୍ୟାପକ କରିବା ଏବଂ ସୋର୍ସିଂ ଦକ୍ଷତାକୁ ବଢ଼ାଇବାରେ ରିଲାଏନ୍ସ ରିଟେଲ୍‌ର ଦକ୍ଷତା ପ୍ରତିଷ୍ଠା କରିବା।

ଏ ସମ୍ପର୍କରେ ରିଲାଏନ୍ସ ରିଟେଲ୍ ଲିମିଟେଡ୍‌ର ଫେସନ୍ ଓ ଲାଇଫ୍‌ଷ୍ଟାଇଲ ସିଇଓ ଅଖିଳେଶ ପ୍ରସାଦ କହିଛନ୍ତି, ଆମେ ଆମର ଗ୍ରାହକଙ୍କ ପାଇଁ ସଦ୍ୟତମ ଓ ଶ୍ରେଷ୍ଠ ଫେସନ୍ ଆଣୁଥିବାରୁ ଗର୍ବିତ ମନେ କରୁଛୁ। ଆମର ଫେସନ ଓ ଲାଇଫଷ୍ଟାଇଲ୍ ପୋର୍ଟଫୋଲିଓରେ ଆମେରିକୀୟ ବ୍ରାଣ୍ଡ ଗ୍ୟାପ୍‌କୁ ସାମିଲ କରିବା ବିଷୟରେ ଘୋଷଣା କରି ବେଶ ଖୁସି ଅନୁଭବ କରୁଛୁ। ସେହିଭଳି ପ୍ରମୁଖ ଆନ୍ତର୍ଜାତିକ ବଜାରରେ ଗ୍ୟାପ୍‌ର ବ୍ୟବସାୟ ବଢ଼ାଇବାକୁ ଆମେ ଚାହୁଁଛୁ ବୋଲି ଗ୍ୟାପ୍ ଆଇଏନ୍‌ସିର ଆନ୍ତର୍ଜାତିକ ପରିଚାଳନା ନିର୍ଦ୍ଦେଶକ (ଗ୍ଲୋବାଲ ଲାଇସେନ୍ସିଂ ଆଣ୍ଡ ହୋଲ୍‌ସେଲ୍) ଆଡ୍ରିଏନି ଗର୍ନାଡ୍ କହିଛନ୍ତି।

# କେଏଫ୍‌ସିର ନୂଆ ପପ୍‌କର୍ଣ୍ଣ ନାଚୋସ

ନୂଆଦିଲ୍ଲୀ,୬।୬

କେଏଫ୍‌ସିର ସିଗ୍ନେଚର ଫ୍ଲେଭର୍ ଫୁଲ୍ ଚିକେନ୍ ପପ୍‌କର୍ଣ୍ଣକୁ କ୍ରିସ୍ପି ନାଚୋସ୍ ଉପରେ ସସ୍ ସହ ପର୍‌ଫେକ୍ସନ ସହିତ ପରିବେଷଣ କରାଯାଉଛି। କ୍ରିସ୍ପି ଚିକେନ୍ ପପ୍‌କର୍ଣ୍ଣ ସହ ଡୋରିଟୋସ୍‌ର କମ୍ପ୍ଲିମେଣ୍ଟାରି ଫ୍ଲେଭର ଓ ଟେକ୍ସଚରକୁ ଏକତ୍ରିତ କରିଛି। ଏହା ଦୁଇଟି ସ୍ୱାଦିଷ୍ଟ ସସ୍-ମସାଲା ସାଲ୍‌ସା ଓ ଚିଜି ହାଲାପିନୋରେ ଟପ୍ ହୋଇଥିବା ପପ୍‌କର୍ଣ୍ଣ ନାଚୋସ୍ ଆପଣଙ୍କର ସ୍ନାକ୍ ଟାଇମ୍‌କୁ ଆହୁରି ସ୍ପାଇସ୍-ଅପ୍ କରିବା ପାଇଁ ଯଥେଷ୍ଟ। ଯାହା ଏହି ନୂତନ ଉତ୍ପାଦକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ତ୍ରିକୋଣୀୟ ବାକ୍ସରେ ପରିବେଷଣ ସହ କ୍ରଂଚି ଡିଲାଇଟ୍‌ର ନାଚୋ-ନେସ୍‌କୁ ବୃଦ୍ଧି କରୁଛି। ଏହା ସମସ୍ତ କେଏଫ୍‌ସି ରେଷ୍ଟୁରାଣ୍ଟଗୁଡିକରେ ଉପଲବ୍ଧ ହେଉଛି।

# ତନିସ୍କ ପକ୍ଷରୁ 'ରିଦିମ୍ସ ଅଫ୍ ରେନ୍' ଉନ୍ମୋଚିତ

ନୂଆଦିଲ୍ଲୀ,୬।୭

ଦେଶର ପ୍ରମୁଖ ଜୁଏଲେରି ଖୁଚୁରା ବ୍ରାଣ୍ଡ 'ତନିସ୍କ' ପକ୍ଷରୁ ଏକ ଆକର୍ଷଣୀୟ ତଥା ସ୍ୱତନ୍ତ୍ର କଟାହୀରା ଅଳଙ୍କାରର ନୂତନ କଲେକ୍ସନ 'ରିଦିମ୍ସ ଅଫ୍ ରେନ୍'ର ଉନ୍ମୋଚନ କରାଯାଇଛି। ଏହି ଅବସରରେ ସେଲିବ୍ରିଟି ଲିସା ହେଡେନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଚଳିତ ମୌସୁମୀରେ ତନିସ୍କର ଏହି ନୂତନ କଲେକ୍ସନ ଉଭୟ ମୌସୁମୀ ଓ ମହିଳାଙ୍କ ସୌନ୍ଦର୍ଯ୍ୟକୁ ବେଶ୍ ଆକର୍ଷଣୀୟ କରିବ ବୋଲି ଆଶା କରାଯାଉଛି। ବିଶେଷକରି ଏହି ସଂଗ୍ରହଟି ପ୍ରାକୃତିକ ହୀରା ସହିତ ସୁସଜ୍ଜିତ ୧୯ଟି ରଙ୍ଗିନ୍ ରତ୍ନପଥର ସହ ବର୍ଷା ରଙ୍ଗରେ ଜୀବନ୍ତ ଶକ୍ତି ଆଣିଥାଏ। ଲୋଟସ୍ ପୋଖରୀ ଉପରେ ପଡୁଥିବା ଥ୍ରମିକ୍ ବର୍ଷାବୁନ୍ଦା, ଘୂର୍ଣ୍ଣିବାତ୍ୟା, ମେଘ,ବଜ୍ରପାତ, ସୂର୍ଯ୍ୟ ବର୍ଷା ପରେ ମେଘରେ ଦେଖିବା ଏବଂ ଧଳା ମୟୂର ନାଚିବା ଭଳି ଏହା




ପ୍ରେରଣା ଆଙ୍କିଥାଏ। ଏ ସମ୍ପର୍କରେ ଟାଇଟନ୍ କମ୍ପାନୀ ଲିମିଟେଡ୍ (ଜୁଏଲେରି ଡିଭିଜନ)ର ମୁଖ୍ୟ ଡିଜାଇନର ଅଭିଷେକ ରାସ୍ତୋଗୀ କହିଛନ୍ତି, ଏହି ସଂଗ୍ରହରେ ଅନେକ ଚମତ୍କାରିତା ଭରି ରହିଛି। ଏପରିକି ଏହା ଅତ୍ୟଧିକ ବର୍ଷା ଏବଂ ମୌସୁମୀର ବିବିଧ ନୋଟ୍‌ଗୁଡିକର ପ୍ରେରଣା ଅଟେ। ସୌନ୍ଦର୍ଯ୍ୟମୟୀ ମହିଳା ଜଣକ ତାଙ୍କର ସ୍ୱତନ୍ତ୍ର (କ୍ଲାସିକ) ବ୍ୟକ୍ତିବିଶେଷଙ୍କୁ ଧ୍ୟାନରେ ରଖି ଏଭଳି ଏକ ଡିଜାଇନ ପ୍ରସ୍ତୁତ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଦିନକରେ ହୁଣ୍ଡିରୁ ୬ କୋଟି ଆୟ

**ଅମରାବତି:** ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ହୁଣ୍ଡିରୁ ଦିନକରେ ୬କୋଟି ୧୮ ଲକ୍ଷ ଟଙ୍କା ଆୟ ହୋଇଥିବା ଭେଙ୍କଟେଶ୍ୱର ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ପ୍ରଥମ ଥର ପାଇଁ ମନ୍ଦିର ହୁଣ୍ଡିରୁ ବିପୁଳ ପରିମାଣର ଅର୍ଥ ଆୟ ହୋଇଥିବା କୁହାଯାଉଛି। ଶେଷଥର ପାଇଁ ୨୦୧୨ ଏପ୍ରିଲ ୧ରେ ମନ୍ଦିର ହୁଣ୍ଡିରୁ ୫.୭୩ କୋଟି ଟଙ୍କା ଆୟ ହୋଇଥିଲା। କରୋନା ମହାମାରୀ କାରଣରୁ ଭକ୍ତମାନଙ୍କୁ ମନ୍ଦିର ବାରଣ ଥିଲା, ଯେଉଁକାରଣରୁ ମାନସିକଧାରୀ ଭକ୍ତ ଦାନ ମଧ୍ୟ କରିପାରୁ ନ ଥିଲେ। କିନ୍ତୁ କରୋନା ସଂକ୍ରମଣ କମିବା ପରେ ଭକ୍ତଙ୍କୁ ଦର୍ଶନର ଅନୁମତି ମିଳିଛି।



ପ୍ରତିମାସରେ ମନ୍ଦିର ହୁଣ୍ଡିରୁ ୧୦୦ କୋଟି ଟଙ୍କା ସଂଗ୍ରହ ହେଉଥିବା ଟିଟିଡି ପକ୍ଷରୁ କୁହାଯାଇଛି। ଗତ ମେ' ମାସରେ ହୁଣ୍ଡିରୁ ୨୯.୯୩ କୋଟି ଟଙ୍କା ଆୟ ହୋଇଥିବାବେଳେ ମାର୍ଚ୍ଚରେ ୧୨୮ କୋଟି ଏବଂ ଏପ୍ରିଲରେ ୧୨୭.୫ କୋଟି ଆୟ କରାଯାଇଛି। ସେହିପରି ଜୁନ୍ ୧ରୁ ୨୬ ତାରିଖ ମଧ୍ୟରେ ଭେଙ୍କଟେଶ୍ୱର ମନ୍ଦିର ହୁଣ୍ଡିରୁ ୧୦୬ କୋଟି ଟଙ୍କା ସଂଗ୍ରହ କରାଯାଇଛି। କରୋନା କଟକଣା କୋହଳ ହେବା ପରେ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ଗତ ସୋମବାର ମନ୍ଦିରକୁ ମୋଟ ୭୮ ହଜାର ଭକ୍ତ ଆସିଥିବା ଖବର ପ୍ରକାଶ ପାଇଛି। ଏଥିସହ ଭକ୍ତମାନେ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଦର୍ଶନ ପାଇଁ ଧାଡ଼ିରେ ଛିଡ଼ା ହେଉଥିବାର ଦେଖିବାକୁ ମିଳିଛି।

## ଫୁର୍‌ସତ୍

# ଲୁକ୍‌କୁ ନେଇ ଚର୍ଚ୍ଚା

ମୁମ୍ବାଇ

ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ପୋନ୍ନିୟିନ ସେଲବାନ'ର ପୋଷ୍ଟର ବୁଧବାର ରିଲିଜ୍ ହୋଇଛି। ରିଲିଜ୍ ହୋଇଥିବା ପୋଷ୍ଟରରେ ଐଶ୍ୱର୍ଯ୍ୟାଙ୍କ ଲୁକ୍ ନେଇ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଆରମ୍ଭ ହୋଇଛି। ପଜୁବୁର ମାହାରାଣୀ ନନ୍ଦିନୀଙ୍କ ଭୂମିକାରେ ସେ ଅଭିନୟ କରିଛନ୍ତି। ଲିସା ପ୍ରଡକ୍ସନ ପକ୍ଷରୁ ଏହି ପୋଷ୍ଟର ରିଲିଜ୍ କରାଯାଇଛି। ଫିଲ୍ମଟିର କାହାଣୀ କଲକୀ କ୍ରୀଷ୍ଣମୂର୍ତ୍ତିଙ୍କ ପ୍ରସିଦ୍ଧ ପ୍ରବନ୍ଧ ପୋନ୍ନିୟିନ ସେଲବାନ (ଦ ସନ୍ ଅଫ୍ ପୋନି)ଉପରେ ଆଧାରିତ। ଚଳଚ୍ଚିତ୍ରଟି ସେପ୍ଟେମ୍ବର ୩୦ରେ ରିଲିଜ୍ ହେବ। ତାମିଲ, ତେଲୁଗୁ, ହିନ୍ଦୀ, କନ୍ନଡ଼ ଏବଂ ମାଲୟାଲମ ଭାଷାରେ ଫିଲ୍ମଟି ମୁକ୍ତିଲାଭ କରିବ। ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି ମଣିରତ୍ନମ। ଐଶ୍ୱର୍ଯ୍ୟାଙ୍କ ବ୍ୟତୀତ ଫିଲ୍ମରେ ବିକ୍ରମ, କାର୍ତ୍ତି, ତ୍ରୀଶା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ମଣିରତ୍ନମଙ୍କ ସହିତ ଐଶ୍ୱର୍ଯ୍ୟା ପୂର୍ବରୁ ଫିଲ୍ମ ଗୁରୁ ଏବଂ ରାବଣରେ କାମ କରିସାରିଛନ୍ତି। ଶେଷଥର ପାଇଁ ୨୦୧୮ରେ ଐଶ୍ୱର୍ଯ୍ୟା ଫିଲ୍ମ ଫେନୀ ଖାନ୍‌ରେ ଦେଖାଯାଇଥିଲେ।


ଐଶ୍ୱର୍ଯ୍ୟା ରାୟ ବଚ୍ଚନ

# ଯୁଦ୍ଧବିମାନ ଉଡ଼ାଇ ବାପ-ଝିଅ ରଚିଲେ ଇତିହାସ

**ନୂଆଦିଲ୍ଲୀ:** ଏୟାର କମାଣ୍ଡର ସଞ୍ଜୟ ଶର୍ମା ଓ ଫ୍ଲାଇଙ୍ଗ୍ ଅଫିସର ଅନନ୍ୟା ଶର୍ମା ଏକାଠି ଭାରତୀୟ ଯୁଦ୍ଧ ବିମାନ ଉଡ଼ାଇ ଭାରତୀୟ ବାୟୁ ସେନାରେ ଇତିହାସ ସୃଷ୍ଟି କରିଛନ୍ତି। ଦୁହେଁ ସମ୍ପର୍କରେ ବାପ-ଝିଅ। ମେ' ୩୦ରେ ଦୁହେଁ ଫାଇଟର ଫରମେଶନ୍‌ରେ ହକ୍-୧୩୨ ଯୁଦ୍ଧ ବିମାନ ବାୟୁସେନା ଷ୍ଟେଶନ୍ ବିଦାରରେ ଉଡ଼ାଇଥିଲେ। ପିଲାଟି ଦିନରୁ ଫାଇଟର ବିମାନ ଉଡ଼ାଇବା ନେଇ ଅନନ୍ୟାଙ୍କ ମନରେ ଆଗ୍ରହ ଥିଲା। ସେଥିପାଇଁ ବାପା ସଞ୍ଜୟ ଶର୍ମାଙ୍କୁ ଅନୁସରଣ କରୁଥିଲେ। ଭାରତୀୟ ବାୟୁସେନା (ଆଇଏଏଫ୍)ରେ ୨୦୧୬ରେ ସେ ଯୋଗ ଦେଇଥିବାବେଳେ ୨୦୨୧ ଡିସେମ୍ବରରେ ଅନନ୍ୟା ଫାଇଟର ପାଇଲଟ ଭାବେ ନିଯୁକ୍ତ ହୋଇଥିଲେ। ଇଲେକ୍ଟ୍ରୋନିକ୍ ଆଣ୍ଡ୍ କମ୍ୟୁନିକେଶନ୍‌ରେ ବି.ଟେକ୍ ପାସ୍ କରି ଆଇଏଏଫ୍‌ରେ ସେ ଯୋଗ ଦେଇଥିଲେ। ବାପା ସଞ୍ଜୟ ଶର୍ମା ୧୯୮୯ରେ ଆଇଏଏଫ୍‌ରେ ସାମିଲ ହୋଇଥିଲେ।



# କ୍ଷମା ହିଁ ଶାନ୍ତିପୂର୍ଣ୍ଣ ଜୀବନର ଲକ୍ଷ୍ୟ

## ବିଶ୍ୱ କ୍ଷମା ଦିବସ



କ୍ଷମା ଏକ ମାନବୀୟ ଗୁଣ। ଏହା ଦ୍ୱାରା ଶତ୍ରୁ ମଧ୍ୟ ମିତ୍ର ହୋଇଯାଇଥାଏ। କ୍ଷମା କରିବା ଗୁଣକୁ ଉତ୍ସାହିତ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୭ ରେ ବିଶ୍ୱ କ୍ଷମା ଦିବସ ପାଳନ କରାଯାଇଥାଏ। କ୍ଷମା କରିବା ଦ୍ୱାରା ଶରୀରରେ ଆରୋଗ୍ୟ ଶକ୍ତି ସୃଷ୍ଟି ହେବା ସହିତ ଶାନ୍ତିପୂର୍ଣ୍ଣ ଜୀବନ ଯାପନ ସମ୍ଭବ ହୋଇଥାଏ। ଅଧ୍ୟୟନ ପ୍ରମାଣିତ କରିଛି ଯେ ଯେଉଁମାନେ କ୍ଷମା କରିବାକୁ ପସନ୍ଦ କରନ୍ତି ସେମାନେ ସୁସ୍ଥ ଏବଂ ସୁଖୀ। ଯଦି ତୁମେ କେବେ କ୍ଷମା ଜାଣି ନାହଁ, ତୁମେ ଭଗବାନ ଦେଇଥିବା ଆଶୀର୍ବାଦ କେବେ ଜାଣିବ ନାହିଁ ବୋଲି ସାଧୁ ସନ୍ଥ କହିଥାନ୍ତି। କ୍ଷମା ଅଭ୍ୟାସ କ୍ରୋଧ ଉପରେ ନିୟନ୍ତ୍ରଣ ଆସିଥାଏ। ଏହି ଦିନ ସ୍ମରଣ କରାଏ ଯେ ଲୋକମାନଙ୍କୁ କ୍ଷମା କରିବା ସମସ୍ତ ଯନ୍ତ୍ରଣାଦାୟକ ପାପ ଧୋଇବାରେ ସାହାଯ୍ୟ କରେ ଏବଂ ଏକ ନୂତନ ଯାତ୍ରା ଆରମ୍ଭ କରେ। ୧୯୯୪ରେ, ଖ୍ରୀଷ୍ଟିଆନ ଆମ୍ବାସି ଅଫ ଖ୍ରୀଷ୍ଟସ ଆମ୍ବାସାଡର୍ସ (ସିଇସିଏ) ପକ୍ଷରୁ ବ୍ରିଟିଶ କଲମ୍ବିଆରେ ଜାତୀୟ କ୍ଷମା ଦିବସ ପ୍ରତିଷ୍ଠା କରିଥିଲେ। ଭିକ୍ଟୋରିଆ ସହରରେ ଏହାକୁ ଜାତୀୟ କ୍ଷମା ଦିବସ ଭାବରେ ଘୋଷଣା କରାଯାଇଥିଲା। ପରେ ଏହାର ନାମ ହେଲା ବିଶ୍ୱ କ୍ଷମା ଦିବସଶ୍ ଭାବେ ନାମିତ କରାଗଲା। ଏହି ଦିବସ ପାଳନ ଅବସରରେ ଅନ୍ୟକୁ କିପରି କ୍ଷମା ପ୍ରଦାନ କରାଯିବ ଏହାର ସୁଫଳ କ'ଣ ସେ ନେଇ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ।

## ନଗଡ଼ାର ୫ ଜୁଆଙ୍ଗ ଛାତ୍ରଛାତ୍ରୀ କୃତକାର୍ଯ୍ୟ

କାଳିଆପାଣି: ଚଳିତ ମାଟ୍ରିକ ପରୀକ୍ଷାରେ ଯାଜପୁର ଜିଲ୍ଲା ନଗଡ଼ା ଅଞ୍ଚଳର ୫ ଜୁଆଙ୍ଗ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ କାଳିଆ ପଧାନ, ମିଟୁ ପଧାନ, ନିଧିଆ ପଧାନ, ବାଉରିଆ ପଧାନ ଓ ସାଇବା ପଧାନ। ଇନ୍ଦିଆ ପଧାନ ଓ ରବି ପଧାନ ଅକୃତକାର୍ଯ୍ୟ ହୋଇଛନ୍ତି। ଅପପୁଷ୍ଟିଜନିତ ଶିଶୁ ମୃତ୍ୟୁକୁ ନେଇ ୨୦୧୬ରେ ନଗଡ଼ା ଚର୍ଚ୍ଚାକୁ ଆସିଥିଲା। ସଚେତନତା ଅଭାବରୁ ଏଠାରେ ଶିଶୁ ମୃତ୍ୟୁ ହୋଇଥିବା ସେତେବେଳେ ଅଭିଯୋଗ ହୋଇଥିଲା। ଏହାପରେ ନଗଡ଼ା ଅଞ୍ଚଳର ପିଲାମାନଙ୍କୁ ପାଠ ପଢ଼ାରେ ପ୍ରୋତ୍ସାହନ ଦିଆଯାଇଥିଲା। ପିଲାମାନେ ଭଲ ରେଜଲ୍ଟ କରିଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଖୁସିବ୍ୟକ୍ତ କରିଛନ୍ତି।

# ଖୁସି ଦେଲା ଆଶାତୀତ ଫଳ



ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥର ପାସ୍ ହାର ୯୦.୫୫% ରହିଛି। ଯଦିଓ ଗତବର୍ଷ ଏହାଠାରୁ ଅଧିକ ପାସ୍ ହାର ରହିଥିଲା, କିନ୍ତୁ ଅଫ୍‌ଲାଇନ ପରୀକ୍ଷା ହୋଇ ନ ଥିଲା। ଅଫ୍‌ଲାଇନ ପରୀକ୍ଷାରେ ଏଥର ରେକର୍ଡ ସଂଖ୍ୟାରେ ପାସ୍ ହାର ହୋଇଛି। ଚଳିତ ବର୍ଷ ଇଣ୍ଟରନାଲ ଆସେସ୍‌ମେଣ୍ଟ, ସମ୍ମେଟିଭ ଆସେସ୍‌ମେଣ୍ଟ-୧ ଓ ୨ର ନମ୍ବରକୁ ଦେଖି ରେଜଲ୍ଟ ପ୍ରକାଶ କରାଯାଇଛି। ଏହି ପଦ୍ଧତିକୁ ସବୁ ପିଲା ସ୍ୱାଗତ କରିବା ସହ ଆଶାତୀତ ସଫଳତାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି। ପରୀକ୍ଷାରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା କିଛି ଛାତ୍ରଛାତ୍ରୀଙ୍କ ମତାମତକୁ ନେଇ ଏହି ଉପସ୍ଥାପନା।

### ଡାକ୍ତର ହେବି



ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଶିବରାମ ପାତ୍ର ୬୦୦ରୁ ୫୯୮ ଅର୍ଥାତ୍ ୯୯.୬୭% ମାର୍କ ରଖିବାର ଗୌରବ ଅର୍ଜନ କରିଛନ୍ତି। ସେ କହିଛନ୍ତି, ମୁଁ ବେଶ୍ ଖୁସି ଅନୁଭବ କରୁଛି। ମୋ ସହ ବାପା ଲିଟୁ ପାତ୍ର ଏବଂ ପରିବାର ବର୍ଗ ମଧ ବେଶ୍ ଉତ୍ସାହିତ ଅଛନ୍ତି। ଏହି ସଫଳତାର ଶ୍ରେୟ ନିଶ୍ଚିତ ଭାବେ ଗୁରୁମା ଗୁରୁଜୀଙ୍କରା। ସ୍କୁଲରେ ପାଠପଢ଼ା ସହ ନିୟମିତ ପରୀକ୍ଷା, ବାରମ୍ବାର ସନ୍ଦେହ ମୋଚନ ଓ ପଢ଼ାର ପୁନଃଆବୃତ୍ତି ନିମନ୍ତେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବହୁ ସାହାଯ୍ୟ କରିଛନ୍ତି। ସ୍କୁଲ ବ୍ୟତୀତ ଘରେ ମଧ ଦୈନିକ ୫ରୁ ୬ ଘଣ୍ଟା ପରିଶ୍ରମ କରିବାକୁ ହେଉଥିଲା। ବର୍ତ୍ତମାନ ନିଟ୍‌ରେ ସମର କୋର୍ସ କରୁଥିବା ବେଳେ ଆଗାମୀ ଦିନରେ ଜଣେ ଡାକ୍ତର ଭାବେ କ୍ୟାରିୟର ଗଢ଼ିବାକୁ ଇଚ୍ଛା ରଖିଛି।

- ଶିବରାମ ପାତ୍ର,ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରହ୍ମପୁର

### ଭଲ ମାର୍କ ଆଶା କରିଥିଲି



ମୋର ୫୪୦ ନମ୍ବର ରହିଛି। ଆଶା ଥିଲା ଆଉ ଟିକେ ଭଲ ମାର୍କ ଆସିବ। ବିଶେଷ କରି ସାଇନ୍ସ ପେପରଗୁଡ଼ିକରେ ଭଲ ମାର୍କ ଅଧିକ ଆଶା ରହିଥିଲା। ଏଥର ନୂଆ ପଦ୍ଧତିରେ ହୋଇଥିବା ପରୀକ୍ଷା ଚ୍ୟାଲେଞ୍ଜିଂ ଥିବା ସହ ସବୁ ଦୃଷ୍ଟିରୁ ଭଲ ହୋଇଛି। ଆଗକୁ ବିଜ୍ଞାନ ବିଭାଗରେ ପାଠ ପଢ଼ିବି।

- ସୁହାନି ସାହୁ, ଛାତ୍ରୀ, ଭୁବନେଶ୍ୱର

### ଆଇଏଏସ୍ ଅଫିସର ହେବା ସ୍ୱପ୍ନ ରହିଛି



ମାଟ୍ରିକ୍ ପରୀକ୍ଷା ପାଇଁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରିଥିଲି। ଭଲ ମାର୍କ ରହିବ ବୋଲି ଆଶା ଥିଲା। ପରୀକ୍ଷାଫଳ ପ୍ରକାଶ ପାଇବା ପରେ ୯୮.୨ ପ୍ରତିଶତ ମାର୍କ ରହିଛି। ମାଆବାପା ଓ ବିଦ୍ୟାଳୟର ଗୁରୁମାଗୁରୁଜୀଙ୍କ ଆଶୀର୍ବାଦରୁ ମୁଁ ଏହି ସଫଳତା ପାଇଛି। ଭବିଷ୍ୟତରେ ଆଇଏଏସ୍ ଅଫିସର ହେବା ସ୍ୱପ୍ନ ରହିଛି। ଏଥିପାଇଁ ଆଗାମୀ ଦିନରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ବହୁ ପରିଶ୍ରମ କରିବାକୁ ପଡିବ।

-ସ୍ୱାଧୀନ ସାହୁ, ତୁଳସୀପୁର ସରସ୍ୱତୀ ଶିଶୁମନ୍ଦିର, କଟକ

### ପରିଶ୍ରମ ଅନୁଯାୟୀ ଫଳ ମିଳିଛି



କରୋନା ମହାମାରୀ ପରେ ଚଳିତବର୍ଷ ଅଫ୍‌ଲାଇନ୍‌ରେ ମାଟ୍ରିକ ପରୀକ୍ଷା ହୋଇଥିଲା। ୯୦ ପ୍ରତିଶତରୁ ଅଧିକ ମାର୍କ ରହିବ ବୋଲି ଆଶା କରିଥିଲି। ପରୀକ୍ଷାଫଳ ପ୍ରକାଶ ପାଇବା ପରେ ତାହା ହିଁ ହେଲା। ୯୦ ପ୍ରତିଶତରୁ ଅଧିକ ମାର୍କ ରହିଥିବା ଜାଣି ଖୁସି ଲାଗୁଛି। ପରିଶ୍ରମ ଅନୁଯାୟୀ ଫଳ ମିଳିଛି। ଭବିଷ୍ୟତରେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛି।

-ରୁଦ୍ରନାରାୟଣ ସାହୁ, ସରସ୍ୱତୀ ଶିଶୁ ମନ୍ଦିର, କଲେଜ ଛକ ,କଟକ

### କିଛି ବିଷୟରେ ମାର୍କ କମିଛି



ମାଟ୍ରିକ ପରୀକ୍ଷା ପାଇଁ ପ୍ରାୟ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ଚଳିତବର୍ଷ ଅଫ୍‌ଲାଇନ୍‌ରେ ପରୀକ୍ଷା ହୋଇଥିବାରୁ ଭଲ ନମ୍ବର ରହିବ ବୋଲି ଆଶା ଥିଲା। ରେଜଲ୍ଟ ବାହାରିବା ପରେ ୯୭.୬୭ ପ୍ରତିଶତ ମାର୍କ ରହିଥିବା ୱେବ୍‌ସାଇଟ୍‌ରୁ ଜାଣିବାକୁ ପାଇଲି। କିଛି ବିଷୟରେ ମାର୍କ କମିଛି। ଆଗାମୀ ଦିନରେ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବି।

-ଯଶୋବନ୍ତ ଦାସ, ନୂଆବଜାର ସରସ୍ୱତୀ ଶିଶୁ ମନ୍ଦିର, କଟକ

### ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି



ଚଳିତବର୍ଷ ନୂତନ ଢାଞ୍ଚାରେ ମାଟ୍ରିକ ପରୀକ୍ଷା ହୋଇଥିଲା। ଏଥିପାଇଁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ପରୀକ୍ଷାଫଳ ପ୍ରକାଶ ପାଇବା ପରେ ୫୮୮ ମାର୍କ ଥିବା ଜାଣିବାକୁ ପାଇଥିଲି। ପରିଶ୍ରମର ଫଳ ମୋତେ ମିଳିଛି। ଏହି ସଫଳତା ପଛରେ ମାତାପିତା, ଶିକ୍ଷୟିତ୍ରୀଶିକ୍ଷକ ଓ ମାମୁଙ୍କ ଅବଦାନ ରହିଛି। ଭବିଷ୍ୟତରେଇଞ୍ଜିନିୟରହେବାକୁଲକ୍ଷ୍ୟରହିଛି।ଏଥିପାଇଁପ୍ରସ୍ତୁତହେବାକୁପଡିବ।

-ସତ୍ୟଜିତ୍ ସ୍ୱାଇଁ, ନିମପୁର ଶିଶୁ ବିଦ୍ୟାମନ୍ଦିର, କଟକ

### ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଉଦ୍ୟମ ଜାରି ରଖିବି



ମାଟ୍ରିକ ପରୀକ୍ଷା ପାଇଁ ୧୦ରୁ ୧୫ ଘଣ୍ଟା ପରିଶ୍ରମ କରୁଥିଲି। ୫୭୭ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ପାସ୍ କରିଛି। ଏହିସଫଳତାର ଶ୍ରେୟ ମାଆବାପା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଉଛି। ଆଗାମୀ ଦିନରେ ଅଧାପିକା ହେବା ପାଇଁ ଲକ୍ଷ୍ୟ ରଖିଛି। ଏଥିପାଇଁ ଅଧିକ ପରିଶ୍ରମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଉଦ୍ୟମ ଜାରିରଖିବି।

-ଶୁଚିସ୍ମିତା ସାହୁ, ରାଧାନାଥ ନୋଡାଲ ବିଦ୍ୟାପୀଠ, ଖୁଣ୍ଟୁଣୀ

## ଆଶାଏଁର ଆଶା ପୂରଣ

ଭୁବନେଶ୍ୱର, ୬।୭(ବ୍ୟୁରୋ): ଦଶମ ଶ୍ରେଣୀ ପରୀକ୍ଷା ଫଳ ସମସ୍ତଙ୍କ ପାଇଁ ଭିନ୍ନ ଅନୁଭବ ବାଣ୍ଟିଛି। ସେହି ଭିତରେ 'ଆଶାଏଁ' ଅନୁଷ୍ଠାନର ପିଲାମାନେ ଅନେକ ଆଶା ସାକାର କରିଛନ୍ତି। ଏହି ସଫଳତା ସମସ୍ତ ସଦସ୍ୟ ଓ ଶୁଭେଚ୍ଛୁଙ୍କ ମନରେ ଅନେକ ଉତ୍ସାହ ଭରିଛି। ଅନୁଷ୍ଠାନ ତରଫରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚାଲୁଥିବା ଆମ ପାଠଶାଳାରୁ ୪ଜଣ ପିଲା ଦଶମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନୂଆ ଆଶା ଓ ଉଦ୍ଦୀପନା ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି। ସଫଳତା ପାଇଥିବା କେ. ଭାରତୀ ରେଡ୍ଡି(୭୦%), ମାଧବ ଲାଗୁରୀ(୫୧), ପିକଲ୍ୟାଣ(୫୨%) ଓ ନିନି ନାୟକ(୫୯%)ଙ୍କୁ ଅନେକ ବ୍ୟକ୍ତିବିଶେଷ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ପାଠପଢ଼ା ପାଇଁ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ଦିନେ ସେମାନେ ପାଠପଢ଼ାରେ ଡୋରି ବାନ୍ଧି ଜରି, ବୋତଲ ଗୋଟାଉ ଥିଲେ ତ କିଏ ମୂଲ ଲାଗୁଥିଲେ, ସେମାନେ ଯେତେବେଳେ ଅସମ୍ଭବକୁ ସମ୍ଭବ କରି ଦେଖାଇ ପାରିଛନ୍ତି ତାହା କେବଳ ସେମାନଙ୍କ ପାଇଁ ନୁହେଁ ବରଂ ସେମାନଙ୍କ ଭଳି ଶହ ଶହ ପିଲାମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ୭ବର୍ଷ ଧରି 'ଆଶାଏଁ' ଭୁବନେଶ୍ୱର ସହରରେ ବିଭିନ୍ନ ସ୍ଥାନରେ ଏହିଭଳି ପିଲାଙ୍କୁ ନେଇ ପାଠପଢ଼ା ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପ୍ରୟାସ କରି ଆସୁଛି। ୫ ସ୍ଥାନରେ ସେଣ୍ଟର ଖୋଲି ପିଲାମାନଙ୍କୁ ପାଠପଢ଼ା ସହ ଜୀବନ କୌଶଳ, ଯୋଗ, ଖେଳ, ନୃତ୍ୟଗୀତ, ଚିତ୍ରକଳା ଇତ୍ୟାଦି ତାଲିମ ପ୍ରଦାନ କରାଯାଉଛି। ପିଲାଙ୍କ ସଫଳତାର ଶ୍ରେୟ ସମସ୍ତ ଶୁଭେଚ୍ଛୁ ଓ ସହଯୋଗୀଙ୍କ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ରତ୍ନାକର ସାହୁ ପ୍ରକାଶ କରିବା ସହିତ ଆଗାମୀ ଦିନରେ ଅଧିକ ପିଲାଙ୍କୁ ସାମିଲ କରିବା ପାଇଁ ପ୍ରୟାସ କରାଯିବ ବୋଲି ସୂଚନା ଦେଇଛନ୍ତି।



ଭାରତୀ ନିନୀ ମାଧବ କଲ୍ୟାଣ

## କିସ୍‌ର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର, ୬।୭(ବ୍ୟୁରୋ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଫଳାଫଳ ଶତ ପ୍ରତିଶତ ହୋଇଛି। ସ୍କୁଲ୍‌ର ୧,୦୨୫ ଛାତ୍ରୀଛାତ୍ର ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏବଂ ୧,୧୩୯ ଜଣ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍‌ର ପାସ୍ ହାର ୯୯.୬୩ ପ୍ରତିଶତ ପ୍ରତିଶତ ହୋଇଛି। ଚଳିତବର୍ଷ କିସ୍‌ର ମୋଟ ୨,୧୭୫ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ଜ୍ୟୋତ୍ସ୍ନା କିଷାନ ସର୍ବାଧିକ ୫୬୫ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ରଶ୍ମିତା ନାୟକ ୫୪୩ ଓ ଲିବୁ ସର୍ଦ୍ଦାର ୫୪୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମନ୍ତ କହିଛନ୍ତି, କରୋନା ମହାମାରୀ ତଥା ଅନ୍ୟାନ୍ୟ ବହୁ ଅସୁବିଧା ସତ୍ତ୍ୱେ କିସ୍‌ର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଛାତ୍ରୀଛାତ୍ରମାନେ ଏଭଳି ସଫଳ ପାଇପାରିଛନ୍ତି।



ଜ୍ୟୋତ୍ସ୍ନା କିଷାନ ରଶ୍ମିତା ନାୟକ ଲିବୁ ସର୍ଦ୍ଦାର


**RAVENSHAW UNIVERSITY**
**CUTTACK- 753003, ODISHA**

**Engagement of Temporary Faculty in Integrated B.Ed. Programme**

**No.CAD-1035:** Applications are invited from the eligible candidates for appointment of Temporary Faculty for four year integrated B.Ed. Programme of Ravenshaw University for the subjects: Perspectives in Education, Pedagogy Subjects, Health, Physical and Yoga Education, Fine/ Visual Art and Performing Art. For details please visit **www.ravenshawuniversity.ac.in.**

**No.2909, Date:06.07.2022**
**Registrar**
**Ravenshaw University**
OIPR-11008/11/0008/2223


### ଡାକ୍ତର ହୋଇ ଜନସେବା କରିବି



କୋଭିଡ୍ ପରେ ଏହା ପ୍ରଥମ ଅଫ୍‌ଲାଇନ୍ ପରୀକ୍ଷା ଥିଲା। ପରୀକ୍ଷାର ପ୍ରଦର୍ଶନକୁ ନେଇ ସାମାନ୍ୟ ବ୍ୟସ୍ତ ଥିଲି। ମାତ୍ର ଫଳପ୍ରକାଶ ପାଇବା ପରେ ଆଶାନୁରୂପ ଭଲ ମିଳିଛି ବୋଲି କହିପାରିବି। ମୁଁ ଯେତିକି ମାର୍କ ଆଶା ରଖିଥିଲି ୫୮୦ ମାର୍କ ମୋତେ ମିଳିଛି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଜନସେବା କରିବାକୁ ଚାହୁଁଛି। ମୋ ସଫଳତାର ଶ୍ରେୟ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର। ପରିବାର ଓ ଶିକ୍ଷକମାନଙ୍କ ତତ୍ତ୍ୱାବଧାନ ହେତୁ ସଫଳ ହୋଇପାରିଲି।

-ଅଂଶୁମାନ ସ୍ୱାଇଁ, ପୁରୀ ଜିଲା ସ୍କୁଲ

### ବିଜ୍ଞାନରେ ଗବେଷଣା କରିବି



ମୋ ପ୍ରଦର୍ଶନ ଅନୁଯାୟୀ ଫଳ ମୋତେ ୫୬୦ ମାର୍କ ମିଳିଛି। ତେବେ ବିଜ୍ଞାନ ପ୍ରତି ସବୁବେଳେ ମୋର ଦୁର୍ବଳତା ରହିଛି ଓ ରହିବ। ବିଜ୍ଞାନ କ୍ଷେତ୍ରରେ ଗବେଷଣା କରିବାକୁ ମୁଁ ବହୁ ଆଗରୁ ମନସ୍ଥ କରିସାରିଛି। ଯୁକ୍ତ୨ ବିଜ୍ଞାନ ପଢ଼ିବା ସହ ଆଗକୁ ବିଜ୍ଞାନରେ ଗବେଷଣା ଜାରି ରଖିବି। ସେହିଭଳି ସଫଳତାର ସମସ୍ତ ଶ୍ରେୟ ମୋ ବାପା ଓ ମା'ଙ୍କୁ ଦେବାକୁ ଚାହିଁବି। ମୋ ସହ ତାଙ୍କର ଅହରହ ଉଦ୍ୟମ ମୋତେ ଏହି ସଫଳତା ଆଣି ଦେଇଛି।

-ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ, ପୁରୀ ଜିଲା ସ୍କୁଲ

### 'ଦିନକୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି'



ଦିନକୁ ୧୦ଘଣ୍ଟା ପରିଶ୍ରମ କରୁଥିଲି। ଆଜି ତାର ସଫଳତା ମିଳିଛି। ୯୫ ପ୍ରତିଶତ ରହିବ ବୋଲି ଆଶା କରିଥିଲି, ତାହା ସଫଳ ହୋଇଛି। ଚଳିତ ପରୀକ୍ଷାରେ ୫୭୪ ମାର୍କ(୯୫%) ରହିଛି। ମୋର ସଫଳତା ପଛରେ ମାତାପିତା, ସମସ୍ତ ଗୁରୁଜୀ ଗୁରୁମା'ଙ୍କ ଆଶୀର୍ବାଦ ରହିଛି। ସିଭିଲ ସର୍ଭିସ ଲକ୍ଷ୍ୟ ରହିଛି। ସେ ଦିଗରେ ଯତ୍ନବାନ ହେବି। କଠିନ ପରିଶ୍ରମ ଜାରି ରହିବ।

-ଅଭିଲିପ୍ସା ସ୍ୱାଇଁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା

### 'ଡାକ୍ତର ହୋଇ ସେବା କରିବି'



ପରିଶ୍ରମ ଅନୁସାରେ ଫଳ ପାଇଛି। ଲକ୍ଷ୍ୟ ଥିଲା ୯୭ ପ୍ରତିଶତ ରହିବ। ୫୭୪ ମାର୍କ (୯୫ ପ୍ରତିଶତ) ରହିଛି। ମୋର ଅଭିଯାନ ଆଗକୁ ମଧ ଜାରି ରହିବ। ଦିନକୁ ୧୦ଘଣ୍ଟା ପରିଶ୍ରମ କରୁଥିଲି। ବିଦ୍ୟାଳୟର ଗୁରୁଜୀ, ଗୁରୁମା, ପ୍ରଧାନାଚାର୍ଯ୍ୟଙ୍କ ମାର୍ଗଦର୍ଶନ ଏବଂ ମାତାପିତାଙ୍କ ଆଶୀର୍ବାଦରୁ ଏହି ସଫଳତା ହାସଲ କରିଛି। ଜୀବନରେ ଆଗକୁ ବଢ଼ିବାକୁ ହେଲେ ଗୁରୁଜନ ମାନଙ୍କ ପ୍ରେରଣା, ଆଶୀର୍ବାଦ ଆବଶ୍ୟକ ତାହା ପରୀକ୍ଷା ଫଳାଫଳରେ ପ୍ରତିଫଳିତ ହୋଇଛି। ଆଗକୁ ଡାକ୍ତର ହେବା ଲକ୍ଷ୍ୟ ରହିଛି।

-ଓମ୍ ପ୍ରକାଶ ବେହେରା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା

### 'ଉତ୍ତମ ଶିକ୍ଷକ ହେବାକୁ ଲକ୍ଷ୍ୟ'



ଚଳିତ ମାଟ୍ରିକ ପରୀକ୍ଷାରେ ଯାହା ଆଶା କରିଥିଲି, ତାହା ଫଳପ୍ରଦ ହୋଇଛି। ଆଶା ୯୬ ପ୍ରତିଶତ ରହିଥିଲା, କିନ୍ତୁ ୫୬୪ ମାର୍କ ସହ ୯୪ ପ୍ରତିଶତ ରହିଛି। ଦିନକୁ ୧୦ଘଣ୍ଟା ପରିଶ୍ରମ କରୁଥିଲି। ପ୍ରତି ସମୟରେ କୌଣସି ବିଷୟରେ କିଛି ଅସୁବିଧା ହେଲେ ବିଷୟ ଭିତ୍ତିକ ସାର ସହଯୋଗ କରୁଥିଲେ। ମା'ବାପାଙ୍କ ପ୍ରେରଣା, ବିଦ୍ୟାଳୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଆଶୀର୍ବାଦରୁ ସଫଳତା ହାସଲ କରିଛି। ଆଗକୁ ଜଣେ ଉତ୍ତମ ଶିକ୍ଷକ ହେବା ଲକ୍ଷ୍ୟ ରଖିଛି।

-ଶାଶ୍ୱତ କୁମାର ତୁଙ୍ଗ, ବିଜେବି ହାଇସ୍କୁଲ, ଖୋର୍ଦ୍ଧା

### 'ପରିଶ୍ରମର ଫଳ ମିଳିଛି'



ପାଠପଢ଼ାରେ କୌଣସି ଅସୁବିଧା ହେଲେ କିମ୍ବା କିଛି ସମସ୍ୟା ଉପୁଜିଲେ, ଶିକ୍ଷକ ଏବଂ ମା'ବାପା ତତ୍କ୍ଷଣାତ ସମାଧାନ କରୁଥିଲେ। ଦିନକୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ୯୫ ପ୍ରତିଶତ ଆଶା ରହିଥିଲା। ପରିଶ୍ରମର ଫଳ ସ୍ୱରୂପ ୫୫୬ ମାର୍କ ସହ ୯୨ପ୍ରତିଶତ ରହିଛି। ଆଗକୁ ଜଣେ ଡାକ୍ତର ହେବା ଲକ୍ଷ୍ୟ ରହିଛି।

-ଶୁଭମ୍ ମହାପାତ୍ର, ବିଜେବି ହାଇସ୍କୁଲ, ଖୋର୍ଦ୍ଧା

### ପରୀକ୍ଷା ପଦ୍ଧତି ଭଲ ଥିଲା



ମୋର ୯୭.୮୩ ପ୍ରତିଶତ ନମ୍ବର ରହିଛି। ଏଥର ପରୀକ୍ଷା ପଦ୍ଧତି ବହୁତ ଭଲ ଥିଲା। ୩ଟି ପରୀକ୍ଷାରୁ ଭଲ ହୋଇଥିବା ମାର୍କ ମିଳିଛି। ଯାହାଦ୍ୱାରା ଜଣେ ପ୍ରଥମ ପରୀକ୍ଷାରେ ଭଲ କରି ପାରି ନ ଥିଲେ ବି ପରବର୍ତ୍ତୀ ପାଇଁ ଚେଷ୍ଟା କରି ଭଲ କରିପାରିବେ। ଆଶା ଅନୁସାରେ ମାର୍କ ମିଳିଛି। ଭବିଷ୍ୟତରେ ଡାକ୍ତର ହେବାର ଲକ୍ଷ୍ୟ ରହିଛି।

- ରାଜ ରଞ୍ଜନ ସାହୁ, ଛାତ୍ର, ଭୁବନେଶ୍ୱର

### ସ୍କୁଲ୍‌ରେ ପ୍ରଥମ ସ୍ଥାନ ମିଳିଲାନି



ଆଶା କରିଥିବା ଅନୁସାରେ ମାର୍କ ମିଳିଛି। ସ୍କୁଲରେ ପ୍ରଥମ ସ୍ଥାନ ହାସଲ କରିବା ଆଶା ରଖିଥିଲି। କିନ୍ତୁ ୪ ମାର୍କ ପାଇଁ ଦ୍ୱିତୀୟ ସ୍ଥାନରେ ରହିଲି। ସେଥିପାଇଁ ଟିକେ ମନ ଖରାପ ଲାଗୁଛି। ଆଗକୁ ସାଇନ୍ସ ନେଇ ବିଜେବିରେ ପଢ଼ିବା ସହ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବି।

- ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ଛାତ୍ରୀ, ଭୁବନେଶ୍ୱର


**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ**
**ଢେଙ୍କାନାଳ ବନଖଣ୍ଡ**
**OFFICE OF THE DIVISIONAL FOREST OFFICER**
**DHENKANAL FOREST DIVISION**
Tele Fax No-06762226717, e-mail Id-dfo.dhenkanal@odisha.gov.in

**SHORT TENDER CALL NOTICE**

**No.MM-92:** Divisional Forest Officer, Dhenkanal Division, Dhenkanal on behalf of Governor of Odisha invites sealed tender from reputed intending Firms/Supplier/Individual having valid GSTIN and PAN Registration No. for supply of building materials for use in Division Office, Dhenkanal during the year, 2022-23. The tender papers with details of terms and conditions can be available in the Division Office, Dhenkanal on payment of Rs. 100/- (One Hundred) only in shape cash in person during office hours from 05.07.2022 to 15.07.2022. The date of opening of the tender is fixed to 16.07.2022 at 11.00AM in the Office.

Sd./- Divisional Forest Officer
Dhenkanal Division
OIPR-08037/11/0005/2223

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**

**No. 8705** **Dated: 04.07.2022**
**Bid Identification No. MC/RMC/52/2022**

No. C-707: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/52/2022 for 01 No. Civil work with value of Rs.76.89 lakh.

1. Bid documents will be available in website **www.tendersorissa.gov.in** from 05.07.2022.
2. Bids must be submitted on "Online" on or before 15.07.2022 by 17.00 hours.
3. Bids shall be opened at 11.00 hours on 16.07.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner
Rourkela Municipal Corporation
OIPR-13131/11/0061/2223

**REQUEST FOR PROPOSAL FOR "SUPPLY, INSTALLATION, COMMISSIONING AND TRAINING FOR SETTING UP TECHNO INCUBATION CENTRE (TIC) AND PROCESSING UNITS UNDER ODISHA JACKFRUIT MISSION**
**RFP No. DHO-NHM-MISC-0007-2021, 6868, Dt.05.07.2022**

**No.L-46:** Director of Horticulture, Odisha, Bhubaneswar invites sealed proposals from eligible bidders for **"SUPPLY, INSTALLATION, COMMISSIONING AND TRAINING FOR SETTING UP TECHNO INCUBATION CENTRE (TIC) AND PROCESSING UNITS UNDER ODISHA JACKFRUIT MISSION".** The detailed RFP Document can be downloaded from the website https://tendersodisha.gov.in/ www.odihort.nic.in . The proposal complete in all respect must reach the undersigned by Speed post/ Registered post only latest by 04.08.2022 upto 05.00 pm. **Director of Horticulture, Odisha, Bhubaneswar reserves the right to accept or reject any application at any time, without any liability and assigning any reason thereof.**

Sd./- Director of Horticulture
Krushi Bhawan, Gopabandhu Marg, Bhubaneswar
Odisha, Pin No.751001, Email:-supportdho.od@nic.in
OIPR-01038/11/0002/2223

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada
Office Order No. 2315 Dt. 05.07.2022

**2nd Corrigendum to National Competitive Bidding e-Procurement Notice No. 1969 / Bridge Work Dt.13.06.2022 & T.O. Order No. 2172, Dt.21.06.2022**

No. O-588: Due to unavoidable technical reason the important dates of tendering process for Bridge work are being changed as follows:

| Procurement Officer | Bid Identification No. | Availability of tender Online for Bidding | | | | Last date & time of seeking Tender Clarification | | Date & Time of Opening of Tender in O/o. C.C.E.R.W. Circle, Baripada | | |
|---|---|---|---|---|---|---|---|---|---|---|
| | | From | | To | | | | Technical Bid | | Financial Bid |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| | | Previously Fixed On | Presently Changed to | Previously Fixed On | Presently Changed to | Previously Fixed On | Presently Changed to | Previously Fixed On | Presently Changed to | |
| Chief Construction Engineer, Rural Works Circle, Baripada | Bridge Online N.C.B. No. 232 | Dt.05.07.2022 at 11.00 A.M. | Dt.15.07.2022 at 11.00 A.M. | Dt.20.07.2022 upto 05.00 P.M. | Dt.30.07.2022 upto 05.00 P.M. | Dt.19.07.2022 upto 05.00 P.M. | Dt.29.07.2022 upto 05.00 P.M. | Dt.21.07.2022 at 11.00 A.M. | Dt.01.08.2022 at 11.00 A.M. | Will be Intimated Later |

All other terms and conditions are remain unchanged.

Sd./- Er. N.V.H. Rao
Chief Construction Engineer, R.W. Circle, Baripada
OIPR-25181/11/0029/2223

**GOVERNMENT OF ODISHA** No. O-594
**OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR**
No.__________ / Date: 05.07.2022

**"e" PROCUREMENT NOTICE FOR BRIDGE WORKS UNDER BIJU SETU YOJANA FOR THE YEAR 2022-23**

| | | | |
|---|---|---|---|
| 1. | Name of the Work | : | Bridge Work (Balance Work) under Biju Setu Yojana |
| 2. | Total No. of Packages | : | 01 No. of Bridge Work (Balance Work) |
| 3. | Estimated Cost of the Package | : | Rs.1450.55 lakhs |
| 4. | Class of Contractors | : | |
| | a) Estimated cost more than Rs.40.00 lakhs upto Rs.300.00 Lakhs | : | **B Class & A Class** (of Odisha PWD) or relevant Class of other licensing authorities |
| | b) Estimated cost more than Rs.300.00 lakhs upto Rs.600.00 lakhs | : | **A Class & Special Class** (of Odisha PWD) or relevant Class of other licensing authorities |
| | c) Estimated cost more than Rs.600.00 lakhs upto Rs.1500.00 lakhs | : | **Special Class & Super Class** (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.-19 of 2022 | 11.07.22 at 11.00 A.M. | 26.07.22 upto 5.00 P.M. | 27.07.22 upto 11.00 A.M. | To be intimated later on |

Further details can be seen from the website: **www.tendersodisha.gov.in**.
OIPR-25082/11/0012/2223
Chief Construction Engineer, Central Rural Works Circle, Bhubaneswar

**Government of Odisha**
**Office of the Chief Construction Engineer, Rural Works Circle, Sambalpur**
E-mail Id serwcirclesbp@yahoo.com
**Bid Identification No. Building Tender Online RWCSBP-11 No:1603, Dated:05.07.2022**

**No.O-593:** The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 01 (One)no of Building work under OHEPEE for the year 2022-23.

1. Name of the Work : Building work under OHEPEE for the year 2022-23.
2. No. of Works : 01 (One) No. of Building work details as per DTCN.
3. Estimated Cost : Approximately Rs.156.92 Lakhs.
4. Class of Contractor : B & A Class
5. Cost of tender paper and mode of deposit : Rs.10,000/- per set. (to be deposited On-line) in favour of concerned Executive Engineer.
6. Mode of submission of tender : Tender should be submitted only Online in website. www.tendersorissa.gov.in. (https//tendersodisha.gov.in)
7. EMD and mode of deposit : No. EMD is required but Bid Security declaration should be furnished by the bidders as mentioned in DTCN.

8. Summary of key dates are provided below:

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sambalpur | Building Tender Online RWCSBP-11/2022-23 | 08.07.2022 at 11.00 A.M. | 25.07.2022 upto 5.00 P.M. | 22.07.2022 upto 5.00 P.M. | 26.07.2022 at 11.00 A.M. | To be intimated later |

* Further details can be seen from the e-procurement portal **www.tendersorissa.gov.in. (https//tendersodisha.gov.in)**
* Subsequent modification/ corrigendum/Addendum if required shall appear in website only. * The amount put to bid is exclusive of GST. * Bidder should inspect the road before bidding and quote his rate accordingly.

**Sd./- Chief Construction Engineer, Rural Works Circle, Sambalpur**
OIPR-25091/11/0017/2223




ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

## ନଳକୂପ ମିସ୍ତ୍ରି, ପମ୍ପଚାଳକଙ୍କ ବିକ୍ଷୋଭ

**ଭୁବନେଶ୍ୱର,୬।୭(ବ୍ୟୁରୋ):** ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ଡାକରାରେ ବୁଧବାର ନଳକୂପ ମିସ୍ତ୍ରି ଓ ପମ୍ପଚାଳକମାନେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଲୋୟର ପିଏମ୍‌ଜିରେ ଗଣଧାରଣା ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥାରେ ନିୟୋଜିତ ନଳକୂପ ମିସ୍ତ୍ରି ଓ ପମ୍ପଚାଳକମାନଙ୍କୁ ଏସ୍‌ଇଏମ୍ ପରିବର୍ତ୍ତେ ଜଳ ଯୋଗାଣ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ମଜୁରି ଓ କାର୍ଯ୍ୟରତବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଏସ୍‌ଇଏମ୍‌ଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ବୀମା ସହାୟତା, ବସୁଧା ମେଗା ପ୍ରୋଜେକ୍ଟ ମେଣ୍ଟେନାନ୍ସ କାମରେ ପ୍ରୋଜେକ୍ଟ ମଜୁରି ହାରରେ ପାରିଶ୍ରମିକ ଏବଂ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ପ୍ରଭୃତି ବିଭିନ୍ନ ଦାବି କରାଯାଇଛି। ଏହି ଅବସରରେ ସଂଘର ସଭାପତି ପ୍ରଦୀପ୍ତ ରାମଙ୍କ ନେତୃତ୍ୱରେ ଏକ ଚାରିଜଣିଆ ପ୍ରତିନିଧି ମଣ୍ଡଳୀ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ଏକ ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ସରକାରଙ୍କ ସହିତ ପରାମର୍ଶ କରି ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଅମାତ ପ୍ରତିଶ୍ରୁତି ଦେଇଥିବା ସଂଘ କର୍ମକର୍ତ୍ତା କହିଛନ୍ତି।

# ହାତୀ କରିଡର କୁଆଡ଼େ ଗଲା: ବିରୋଧୀ

### ହାତୀ ମୃତ୍ୟୁକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର,୬।୭(ବ୍ୟୁରୋ)

ରାଜ୍ୟରେ ହାତୀ ସୁରକ୍ଷିତ ନାହାନ୍ତି। ୨୨ ବର୍ଷରେ ହଜାର ହଜାର ହାତୀଙ୍କୁ ମାରି ଦିଆଯାଇଛି। ୨୦୧୭ରେ ରାଜ୍ୟରେ ୧୮୭୬ ହାତୀ ଥିଲେ। ଗତ ୩ ବର୍ଷରେ ୩୪୫ ହାତୀଙ୍କୁ ମାରିଦିଆଯାଇଛି। ହାତୀ ମୃତ୍ୟୁକୁ ନେଇ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶୂନ୍ୟକାଳରେ ହାତୀ ମୃତ୍ୟୁ ପ୍ରସଙ୍ଗ ଉଠାଇ ସେ କହିଲେ ଯେ ରାଜ୍ୟରେ କେବଳ ମଣିଷ ନୁହନ୍ତି, ଜୀବଜନ୍ତୁ ମଧ୍ୟ ସୁରକ୍ଷିତ ନାହାନ୍ତି। ଦାନ୍ତ ପାଇଁ ଶିକାରୀ ଗୁଳି କରି ହାତୀ ମାରୁଛି। ସରକାର କିଛି ଜାଣିପାରୁ ନାହାନ୍ତି। କିଛିଦିନ ତଳେ ଆଠଗଡ଼ଠାରେ ହାତୀର କଙ୍କାଳ ବାହାରିଥିଲା। ହାତୀ ଦାନ୍ତକୁ ବିଦେଶରେ ବିକ୍ରି କରିବା ପାଇଁ ମାରି ଦିଆଯାଉଛି। ଗତ ୨୨ ବର୍ଷରେ କେତେ ହାତୀ ମଲେଣି ସରକାର ତା'ର ଜବାବ ଦେବା ଦରକାର। ଟ୍ରେନ୍ ଧକ୍କାରେ ହାତୀ ମରୁଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାର କେତେ ଟଙ୍କା ଦେଇଛନ୍ତି। ରାଜ୍ୟ ସରକାର ସେ ଟଙ୍କା କ'ଣ କରିଛନ୍ତି। ହାତୀ କରିଡର କୁଆଡ଼େ ଗଲା। ମନ୍ତ୍ରୀ ଏହାର ଜବାବ ଦେବା ଦରକାର।

କଂଗ୍ରେସ ସଭ୍ୟ ମହମ୍ମଦ ମୋକିମ କଟକ ସହରରେ ବର୍ଷା ଜଳ ନିଷ୍କାସନ ପ୍ରସଙ୍ଗ ଉଠାଇଥିଲେ। ସେ କହିଲେ ଯେ ଗୋଟିଏ ଦିନ ବର୍ଷାରେ କଟକ ସହର ବୁଡ଼ିଯାଉଛି। ବର୍ଷା ଜଳ ନିଷ୍କାସନ ପାଇଁ ସରକାର ତୁରନ୍ତ ଏକ ହାଇଲେଭଲ୍ କମିଟି ଗଠନ କରି ଏହି ସମସ୍ୟାର ସମାଧାନ କରନ୍ତୁ ବୋଲି ଦାବି କରିଥିଲେ। ଭାଜପା ସଭ୍ୟ ଭାସ୍କର ମଢ଼େଇ, ବିଷ୍ଣୁ ଚରଣ ସେଠୀ, ବିଜେଡି ସଭ୍ୟ ଅନନ୍ତ ଦାସ, ଅରବିନ୍ଦ ଢାଲି ଏବଂ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ନିଜ ନିର୍ବାଚନମଣ୍ଡଳୀ ସମସ୍ୟା ସମ୍ପର୍କରେ ଶୂନ୍ୟକାଳରେ ଉଠାଇଥିଲେ।

# ବ୍ୟୟବରାଦ ଅର୍ଥ ଖର୍ଚ୍ଚ ହୋଇପାରୁନି: ବିରୋଧୀ

ଭୁବନେଶ୍ୱର,୬।୭(ବ୍ୟୁରୋ)

ଓଡ଼ିଶା ରାଜନୀତିକୁ ଖଣି ଓ ଖଣି ମାଲିକ ଚଳାଉଛନ୍ତି। ଚଳିତବର୍ଷ ୨ଲକ୍ଷ କୋଟି ଟଙ୍କା ବଜେଟ ଆସିଛି। ତେବେ ବିଭିନ୍ନ ବିଭାଗରେ ବ୍ୟୟବରାଦ ହୋଇଥିବା ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ। ମାତ୍ର ୫୭% ବଜେଟ ଟଙ୍କା ଖର୍ଚ୍ଚ ହେଉଛି। ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ଉପରେ ସାଧାରଣ ଆଲୋଚନାରେ ଭାଗନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହା କହିଛନ୍ତି।

ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଛନ୍ତି ଯେ, କୋଟିଆକୁ ଅନ୍ୟ ରାଜ୍ୟ ନେଇସାରିଲାଣି। ଦାନ ମାଝି ଏପିସୋଡ୍ ଏବେ ପୁନର୍ବାର ଦେଖାଦେଇଛି। ଏହି ବଜେଟ ଫମ୍ପା ମାଠିଆ ସ୍ୱର ଭଳି ଶୁଣାଯାଉଛି। ଇଞ୍ଜିନିୟର ଓ ଗ୍ରାଜୁଏଟମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଗଲେଣି। ତେବେ ଆମ ରାଜ୍ୟକୁ ଦାଦନ ଖଟିବାକୁ ବାହାର ରାଜ୍ୟରୁ କେତେ ବ୍ୟକ୍ତି ଆସୁଛନ୍ତି ତା'ର ତଥ୍ୟ ସରକାର ଦେବେ କି ବୋଲି ପ୍ରଶ୍ନ କରିଥିଲେ। ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛି ସରକାରୀ ଦଳ। ଶାସକ ସଭ୍ୟ ଭୂପିନ୍ଦର ସିଂ, ଶଶିଭୂଷଣ ବେହେରା ପ୍ରମୁଖ କହିଛନ୍ତି ଯେ, ବିରୋଧୀ କେବଳ ବିରୋଧ କରିବା ପାଇଁ ଏପରି ବକ୍ତବ୍ୟ ଦେଉଛନ୍ତି। ସବୁ ବର୍ଗଙ୍କୁ ଦୃଷ୍ଟିରେ ରଖି ବଜେଟ ପ୍ରସ୍ତୁତ ହୋଇଛି। ରାଜ୍ୟରେ ସ୍ଥିର ଶାସନ ଯୋଗୁ ଓଡ଼ିଶାକୁ ନିବେଶକମାନେ ଅଧିକ ପସନ୍ଦ କରୁଛନ୍ତି। ଏହି ଆଲୋଚନାରେ ବିଧାୟକ ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ଲକ୍ଷ୍ମଣ ମୁଣ୍ଡା, ରାଜକିଶୋର ଦାସ, ଗଣେଶ ରାମସିଂ ଖୁଣ୍ଟିଆ, ନାଉରୀ ନାଏକ, ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଭାଗ ନେଇ ନିଜର ମତ ରଖିଥିଲେ।

### ଲୋକାଭିମୁଖୀ ବଜେଟ: ଶାସକ

ଆଲୋଚନା ଶେଷରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଲେ ଯେ ଏହି ବଜେଟରେ ଗୁଣାତ୍ମକ ଶିକ୍ଷା, ଜୀବନଜୀବିକା, ଭିତ୍ତିଭୂମି ବିକାଶ ଏବଂ ପୁଞ୍ଜିନିବେଶ ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ମୋଟ ୨ ଲକ୍ଷ କୋଟି ଟଙ୍କା ବଜେଟ ଅଟକଳରୁ ପ୍ରଶାସନିକ ଖର୍ଚ୍ଚ ୮୯ ହଜାର ୫୯୦ କୋଟି ହୋଇଥିବା ବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ୧ ଲକ୍ଷ କୋଟି, ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩,୨୧୦ କୋଟି, ସ୍ଥାନୀୟ ନିକାୟ ଓ ଉନ୍ନୟନ ସଂସ୍ଥାଗୁଡ଼ିକୁ ହସ୍ତାନ୍ତର ବାବଦରେ ୭,୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଦରମା, ପେନ୍‌ସନ, ସୁଧ ଦେୟ ଓ ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ଯଥାକ୍ରମେ ୨୯,୨୪୮ କୋଟି, ୧୮ ହଜାର ୨୨୧ କୋଟି, ୮ ହଜାର ୪୬୭ କୋଟି ଏବଂ ୫ ହଜାର ୮୫୬ କୋଟି ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୁଞ୍ଜିବ୍ୟୟ ଅଟକଳ ୩୮,୭୩୨ କୋଟି ଟଙ୍କା ରହିଛି, ଯାହାକି ଜିଏସ୍‌ଡିପିର ୫.୪ ପ୍ରତିଶତ। ଗତ ଆର୍ଥିକ ବର୍ଷ ତୁଳନାରେ ଏହା ୫୬% ଅଧିକ। ଗତ ୨ ବର୍ଷ ମଧ୍ୟରେ ଖଣିଜ ଲିଜ୍ ନବୀକରଣ ଯୋଗୁ ରାଜ୍ୟର ରାଜସ୍ୱ ସଂଗ୍ରହ ବୃଦ୍ଧିପାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

# 'ମଦକୁ ପ୍ରୋତ୍ସାହନ ଦିଆଯାଉଛି'

ଭୁବନେଶ୍ୱର,୬।୭(ବ୍ୟୁରୋ)

### ନିଶା କାରବାରକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

- ରାଜ୍ୟରେ ମଦ ପିଇବା କମିଛି: ମନ୍ତ୍ରୀ
- ସ୍ଥାପନ ହେବ ୯ ଅବକାରୀ ଥାନା
- ୫୪,୭୦୮ ଅବକାରୀ ମାମଲାରେ ୪୨,୩୫୮ ଜଣ ଗିରଫ

ମଦ ଉଜାଡ଼ି ଦେଉଛି ଘରସଂସାର। ବିଷାକ୍ତ ମଦ ପିଇ ବହୁ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ରାଜ୍ୟରେ ମଦ୍ୟପାନ ବୃଦ୍ଧି ପାଇବାରେ ଲାଗିଛି। ବେକାର ଯୁବତୀଯୁବକମାନେ ମଦ ପିଇ ପଥଭ୍ରଷ୍ଟ ହେଉଛନ୍ତି। ଚୋରି, ଡକାୟତି, ରାହାଜାନି ବଢୁଛି। ସାହି ସାହିରେ ମଦ ମିଳୁଛି। ସରକାର ରାଜସ୍ୱ ବଢ଼ାଇବା ଆଶାରେ ରାଜ୍ୟକୁ ନିଶାଗ୍ରସ୍ତ କରି ସାରିଲେଣି। ରାଜ୍ୟରେ ୧୬.୧୪% ଲୋକ ମଦ୍ୟପାନ କରୁଛନ୍ତି। ମହିଳାମାନଙ୍କର ମଦ୍ୟପାନ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଗଞ୍ଜେଇ, ବ୍ରାଉନସୁଗାର କାରବାର ମଧ୍ୟ ବଢ଼ିଚାଲିଛି। ସରକାର ମଦ ଉପରେ ଅଙ୍କୁଶ ନ ଲଗାଇଲେ ଆଗାମୀ ଦିନରେ ଇତିହାସ କେବେ କ୍ଷମା ଦେବ ନାହିଁ। ରାଜ୍ୟରେ ବଢୁଥିବା ମଦ୍ୟପାନ ବୃଦ୍ଧିକୁ ନେଇ ବିରୋଧୀ ଉଦ୍‌ବେଗ ପ୍ରକାଶ କରିବା ସହ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି।

ବୁଧବାର ବିଧାନସଭାରେ 'ନିଶାଦ୍ରବ୍ୟ ମଦରେ ବୁଡୁଛି ସାରା ଓଡ଼ିଶା, ଗରିବ ମହିଳାମାନଙ୍କ କିଏ ହେବ ସାହା ଭରସା' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣି ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ଘେରିଛନ୍ତି। ଭାଜପା ସଭ୍ୟ ମୋହନ ମାଝି କହିଲେ, ରାଜ୍ୟରେ ନିଶାଦ୍ରବ୍ୟ ରୋକିବାକୁ କିଛି ଆଇନ ନାହିଁ। ମୁଖ୍ୟମନ୍ତ୍ରୀ ସମ୍ବିଧାନରେ ଅହିଂସା ଯୋଡ଼ିବାକୁ ପ୍ରସ୍ତାବ ଦେଉଥିବା ବେଳେ ରାଜ୍ୟରେ ନିଶା କାରବାର ବଢ଼ିଚାଲିଛି। ନିଶାଗ୍ରସ୍ତ ହୋଇ ଯୁବତୀ ଯୁବକମାନେ ହିଂସା କରୁଛନ୍ତି। ରାଜ୍ୟ ସରକାର ବିଜୁ ଯୁବ ବାହିନୀ ଗଠନ କରିଥିଲେ। ଏହାର ମୂଳ ଲକ୍ଷ୍ୟ ଥିବା ସ୍ୱଚ୍ଛତା, ବୃକ୍ଷ ରୋପଣ ଓ ନିଶା ନିବାରଣ। କୁଆଡ଼େ ଗଲା ଏହି ଯୁବବାହିନୀର ମନ୍ତ୍ର। ୧୦ରୁ ୭୫ ବର୍ଷ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ୧୬.୪ ପ୍ରତିଶତ ମଦ୍ୟପାନ କରୁଛନ୍ତି। ମଦ୍ୟପାନ କରି ୨୧ ଲକ୍ଷ ଲୋକ ଚିକିତ୍ସିତ ହେଉଛନ୍ତି। ରାଜ୍ୟରେ ୪.୫% ଲୋକ ଅର୍ଥାତ୍ ପ୍ରାୟ ୫ ଲକ୍ଷ ଲୋକ ମଦ୍ୟପାନରେ ଅଭ୍ୟସ୍ତ। ଗୁଜରାଟ, ବିହାର, ନାଗାଲାଣ୍ଡ, ଲାକ୍ଷାଦ୍ୱୀପରେ ମଦ ନିଷେଧ କରାଯାଇଛି। ଓଡ଼ିଶାରେ କାହିଁକି କରାଯାଉ ନାହିଁ। ତୁରନ୍ତ ସରକାର ମଦ ଲାଇସେନ୍ସ ବନ୍ଦ କରନ୍ତୁ।

ଭାଜପା ସଭ୍ୟ ସନାତନ ବିଜୁଳି କହିଲେ ସରକାର ମଦରୁ ବହୁ ରାଜସ୍ୱ ପାଉଥିବାରୁ ଏହାକୁ ପ୍ରୋତ୍ସାହନ ଦେଇ ଚାଲିଛନ୍ତି। ଭାଜପା ସଭ୍ୟ କୁସୁମ ଟେଟେ କହିଲେ, ମଦ ଯୋଗୁ ମା' ଭଉଣୀମାନେ ବିଧବା ହେଉଛନ୍ତି। ସେମାନଙ୍କର ପରିବାର ସଦସ୍ୟଙ୍କୁ ହରାଉଛନ୍ତି। ରାଜ୍ୟ ସରକାର ମାଆଙ୍କୁ ସମ୍ମାନ କଥା କହୁଥିବା ବେଳେ ମଦ ଯୋଗୁ ମା'ମାନଙ୍କର ସଂସାର ଉଜୁଡ଼ି ଯାଉଛି। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର କହିଲେ, ସରକାର ମଦ ପାଇଁ ଲାଇସେନ୍ସ ଦେଉଛନ୍ତି। ଅନ୍ୟପକ୍ଷରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଲଗାଇ ଭାଙ୍ଗୁଛନ୍ତି। ଫଳରେ ବେଆଇନ ମଦ କାରବାର ବଢ଼ିଚାଲିଛି। ଅବକାରୀ ବିଭାଗ ଆଗପଟେ ତାଲା ପକାଉଥିବା ବେଳେ ପଛପଟ ଦେଇ ମଦ ବିକ୍ରି ହେଉଛି। ଏଥିପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବିଷାକ୍ତ ମଦ ପିଇ ବହୁ ନିରୀହ ଲୋକ ପ୍ରାଣ ହରାଉଛନ୍ତି। ସରକାର ରାଜସ୍ୱ ପାଇବା ଆଶାରେ ଲୋକଙ୍କ ଜୀବନକୁ ବିପଦରେ ପକାଉଛନ୍ତି।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ ଯେ ମହୁଲ ମଦକୁ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ମାତ୍ର ଏବେ ସେଥିରେ ୟୁରିଆ ମିଶାଇ ବିଷାକ୍ତ କରାଯାଉଛି। ଯାହାକୁ ପିଇ ଆଦିବାସୀମାନେ ମରୁଛନ୍ତି। ଯଦି କୌଣସି କଂଗ୍ରେସ ଲୋକ ଗଞ୍ଜେଇ ବେପାର କରୁଛି ତେବେ ତାକୁ ସରକାର ଗିରଫ କଲେ ଆମେ ଖୁସି ହେବୁ। ମନ୍ଦିର, ଗୀର୍ଜା, ସ୍କୁଲ ମଝିରେ ମଦ ଦୋକାନ ଖୋଲିବାକୁ ସରକାର ଲାଇସେନ୍ସ ଦେଉଛନ୍ତି। ବିଷାକ୍ତ ମଦ ପିଇ ବହୁ ଲୋକ ମରୁଛନ୍ତି। ଇତିହାସ କେବେ ସରକାରଙ୍କୁ କ୍ଷମା କରିବ ନାହିଁ।

ବିରୋଧୀଙ୍କ ମୁଲତବୀକୁ ବିରୋଧ କରି ଶାସକ ଦଳ ସଭ୍ୟ ଶଶିଭୂଷଣ ବେହେରା କହିଲେ, ଚୋରା ମଦ କାରବାରକୁ ରୋକିବାକୁ ସରକାର ଏନ୍‌ଫୋର୍ସମେଣ୍ଟକୁ ବଢ଼ାଇଛନ୍ତି। ଆହୁରି ବଢ଼ାଇବା ଦରକାର। ନିଶା ନିବାରଣ କେବଳ ଓଡ଼ିଶା କଲେ ହେବ ନାହିଁ। ସାରା ଦେଶରେ ନିଶା ନିବାରଣ ହେବା ଦରକାର। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ, ରମେଶ ଚନ୍ଦ୍ର ବେହେରା, ସ୍ୱରୂପ ଦାସ ପ୍ରମୁଖ ବିରୋଧୀ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ଚୋରା ଓ ବେଆଇନ ମଦ କାରବାରକୁ ରୋକିବା ଦିଗରେ ପ୍ରତ୍ୟେକ ସଦସ୍ୟ ନିଜ ଅଞ୍ଚଳରେ ଉଦ୍ୟମ କରିବା ଦରକାର ବୋଲି କହିଥିଲେ।

ବିରୋଧୀଙ୍କ ମୁଲତବୀ ଜବାବରେ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି ଯେ ୨୦୧୫ରେ ମଦ ପିଇବାରେ ଜାତୀୟ ହାର ୨୯.୩% ଥିବା ବେଳେ ଓଡ଼ିଶାରେ ଏହି ହାର ୩୯.୩% ଥିଲା। ୨୦୨୦-୨୧ରେ ଜାତୀୟ ହାର ୧୮.୭% ଥିବା ବେଳେ ଓଡ଼ିଶାରେ ଏହା ୨୮.୭%କୁ ଖସି ଆସିଛି। ମଦ୍ୟପାନରେ ଅଭ୍ୟସ୍ତ ବ୍ୟକ୍ତି ଯେପରି ସଙ୍କଟରେ ନ ପଡ଼ିବେ ସେଥିପାଇଁ ରାଜ୍ୟ ସରକାର ଲାଇସେନ୍ସପ୍ରାପ୍ତ ଦୋକାନ ଜରିଆରେ ଉତ୍ତମ ଓ ନିରାପଦ ପାନୀୟ ଯୋଗାଇ ଦେଉଛନ୍ତି। ମାଦକ ଦ୍ରବ୍ୟର କୁପରିଣାମ ବିଷୟରେ ପ୍ରତିବର୍ଷ ଜୁନ୍ ୨୬ରେ ଜିଲାସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଚୋରା ମଦ କାରବାରକୁ ରୋକିବାକୁ ରାଜ୍ୟରେ ୪ଟି ଅବକାରୀ ଗୋଇନ୍ଦା ସଂସ୍ଥା, ଜିଲାରେ ମଲ୍‌ଟି ଡିସିପ୍ଲିନ ସ୍କ୍ୱାଡ, ୩୩ଟି ଜିଲା ମୋବାଇଲ ଟିମ୍, ୧୯୨ଟି ଅବକାରୀ ଥାନା, ୫୮ଟି ଅବକାରୀ ରେଞ୍ଜ ଅଫିସ, ୩୩ ଜିଲା ଅବକାରୀ କାର୍ଯ୍ୟାଳୟ, ୩ଟି ଅବକାରୀ ଆଞ୍ଚଳିକ କାର୍ଯ୍ୟାଳୟ ଓ ଅବକାରୀ ନିର୍ଦ୍ଦେଶାଳୟ ଅବକାରୀ ବିଭାଗ ଅଧୀନରେ ରହିଛି। ରାଜ୍ୟରେ ପ୍ରଥମ ଥର ଲାଗି ଡ୍ରୋନ ଟେକ୍ନୋଲୋଜି ମାଧ୍ୟମରେ ବେଆଇନ ଗଞ୍ଜେଇ ଚାଷ ପ୍ରବଣ ଜିଲାଗୁଡ଼ିକରେ ୨୦୨୧-୨୨ରେ ୨,୨୯,୧୪,୦୩୨ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ୨୦୧୨-୧୩ରୁ ରାଜ୍ୟରେ ନୂଆ ଠିପିବନ୍ଦ ବିଦେଶୀ ଓ ଦେଶୀ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇ ନାହିଁ। ଚଳିତ ବର୍ଷ ରାଜ୍ୟରେ ଆହୁରି ୪୮୭ ଅବକାରୀ କର୍ମଚାରୀ ସଂଖ୍ୟା ବୃଦ୍ଧି, ୯ଟି ଅବକାରୀ ଥାନା, ୧୩ଟି ରେଞ୍ଜ ଅଫିସ, ୩ଟି ଅବକାରୀ ଗୋଇନ୍ଦା ସଂସ୍ଥା ଶାଖା କାର୍ଯ୍ୟାଳୟ ଖୋଲିବା ସରକାରଙ୍କ ବିଚାରାଧୀନ ରହିଛି। ରାଜ୍ୟରେ ୨୦୨୧-୨୨ରେ ୫୪,୭୦୮ ଅବକାରୀ ମାମଲା ରୁଜୁ କରାଯାଇଥିବା ବେଳେ ୪୨,୩୫୮ ଜଣଙ୍କୁ ଗିରଫ କରାଯାଇଛି। ଗତ ବର୍ଷ ତୁଳନାରେ ୨୦୨୧-୨୨ରେ ବେଆଇନ ମଦ ଜବତ ଦୁଇଗୁଣା ହୋଇଛି। ବେଆଇନ ମଦ କାରବାର କରୁଥିବା ୩,୩୩୫ ଜଣଙ୍କୁ ଗିରଫ କରାଯାଇଛି। ବିରୋଧୀଙ୍କ ଅଭିଯୋଗ ନିରାଧାର ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ଭାଜପା ସଭ୍ୟମାନେ କକ୍ଷ ତ୍ୟାଗ କରି ବାହାରକୁ ଚାଲି ଯାଇଥିଲେ। ଶେଷରେ ବାଚସ୍ପତି ବିରୋଧୀଙ୍କ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିଲେ।

## ୪୫୩୬ ସ୍କୁଲ ରୂପାନ୍ତରଣ ଲାଗି ୨୧୨୫.୬୦ କୋଟି ଖର୍ଚ୍ଚ

ଭୁବନେଶ୍ୱର,୬।୭(ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୫୩୬ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ପାଇଁ ମୋ ସ୍କୁଲ ଯୋଜନାରେ ମୋଟ ୨୧୨୫କୋଟି୬୦ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିବା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବିଧାୟକ ଗଣେଶ ରାମ୍ ସିଂ ଖୁଣ୍ଟିଆ ବିଧାନସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦାଶ କହିଛନ୍ତି, ରୂପାନ୍ତରଣରେ ସ୍ମାର୍ଟ କ୍ଲାସ ରୁମ୍, ବିଜ୍ଞାନାଗାର, ଇ-ଲାଇବ୍ରେରୀ ତଥା ବିଦ୍ୟାଳୟ ପରିବେଶର ସୌନ୍ଦର୍ଯ୍ୟକରଣ ଓ ଖେଳପଡିଆ ଇତ୍ୟାଦି କରାଯାଇଛି। ପର୍ଯ୍ୟାୟକ୍ରମେ ସବୁ ସ୍କୁଲଗୁଡିକ ରୂପାନ୍ତରଣ କରାଯିବ। ଯେଉଁ ଜିଲାରେ ଶିକ୍ଷକଙ୍କ ଅନୁପାତ କମ୍ ରହିଛି ସେସବୁ ଅଞ୍ଚଳରେ ରାସନାଲାଇଜେଶନ ଅଫ୍ ଟିଚର୍ ଏବଂ ନୂଆ ନିଯୁକ୍ତି ଦ୍ୱାରା ପୂରଣ କରାଯିବ। ସେହିପରି ଡ୍ରପ୍ ଆଉଟ ରୋକିବା ଲାଗି ସରକାର ସ୍ମାର୍ଟ ସ୍କୁଲ ସହିତ ଅନ୍ୟ କାର୍ଯ୍ୟକ୍ରମ ହାତକୁ ନେଇଥିବା ମନ୍ତ୍ରୀ କହିଛନ୍ତି।

## ଯୁକ୍ତ୨ କଲେଜରେ ୭୭୯ ପଦବୀ ଖାଲିପଡ଼ିଛି

ଭୁବନେଶ୍ୱର, ୬।୭(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଯୁକ୍ତ୨ କଲେଜରେ ୭୭୯ଟି ପଦବୀ ଖାଲି ପଡ଼ିଛି। ଏହି ପଦବୀ ପୂରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ବିଧାନସଭାରେ ମନ୍ତ୍ରୀ ଦାଶ କହିଛନ୍ତି, ରାଜ୍ୟର ବିଭିନ୍ନ ଯୁକ୍ତ୨ କଲେଜରେ ୭୭୯ଟି ପଦବୀ ଖାଲି ପଡ଼ିଛି। ୨୯ଟି ଜିଲାରେ ପଦବୀ ଖାଲି ପଡ଼ିଥିବାବେଳେ ମାଲକାନଗିରିରେ ଆଦୌ ପଦବୀ ଖାଲିନାହିଁ। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭୧ଟି ପଦବୀ ଖାଲି ରହିଛି। ସେହିପରି ଗଞ୍ଜାମରେ ୭୦, ମୟୂରଭଞ୍ଜ ୬୪, ଯାଜପୁର ୫୮, କଟକ ୫୫, ବାଲେଶ୍ୱର ୪୯, ଅନୁଗୋଳ ୩୪, ଭଦ୍ରକ ୩୬, ବରଗଡ଼ ୧୭, ବଲାଙ୍ଗୀର ୧୬, ସମ୍ବଲପୁର ୩୦, ବୌଦ୍ଧ ୪, ଢେଙ୍କାନାଳ ୧୬, ଗଜପତି ୧୧, କଳାହାଣ୍ଡି ୧୮, କନ୍ଧମାଳ ୧୦, କେନ୍ଦ୍ରାପଡ଼ା ୩୩, କେନ୍ଦୁଝର ୩୦, କୋରାପୁଟ ୩, ନବରଙ୍ଗପୁର ୬, ନୟାଗଡ଼ ୧୫, ନୂଆପଡ଼ା ୨, ପୁରୀ ୩୬, ରାୟଗଡ଼ା ୧୭, ସୋନପୁର ୧୯ ଓ ସୁନ୍ଦରଗଡ଼ରେ ୨୬ଟିପଦବୀ ଖାଲି ପଡ଼ିଥିବା ମନ୍ତ୍ରୀ ବିଧାନସଭାରେ ତଥ୍ୟ ପ୍ରଦାନ କରିଛନ୍ତି।


**CLASSIFIED DISPLAY**

ALL EDITION - B/W (Everyday)

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**

PM ମୁଦ୍ରା ଯୋଜନା

ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।

2% ସୁଧ, 40% ରିହାତି ।

ମହିଳାଙ୍କ ପାଇଁ ବିଶେଷ ରିହାତି ।

ଅନ୍‌ଲାଇନ୍ ସୁବିଧା ।

Mudra Finance

Mob. 8987604637

Whatsapp: 8987604637

**BALAJI FINANCE**

(Reg. No. 0061)

(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)

୧୯୮୨ ରୁ ଆପଙ୍କର ସେବାରେ

୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ

ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।

2% ସୁଧ ଏବଂ 40% ଛାଡ

ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି

2th floor, Krishna Reddy, Mumbai, Maharastra

8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏମ୍‌ଏସ୍‌ପିକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର,୬।୭(ବ୍ୟୁରୋ)

- ୧୦୦ ଟଙ୍କା ବୋନସ କୁଆଡ଼େ ଗଲା: ଭାଜପା
- ସୌଦାଗର ତୁମ ବାକ୍ୟ ତୁମେ ରକ୍ଷା କର: ମନ୍ତ୍ରୀ
- ଦିଲ୍ଲୀରେ ମୋଦିଙ୍କ ଅଫିସ ଆଗରେ ବସିବାକୁ ବିଧାୟକଙ୍କୁ ତାରାଙ୍କ ଆହ୍ୱାନ

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ନେଇ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇଛନ୍ତି। ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ ବୁଧବାର ପ୍ରଶ୍ନକାଳରେ ଅତିରିକ୍ତ ପ୍ରଶ୍ନରେ କହିଥିଲେ, ମୁଖ୍ୟମନ୍ତ୍ରୀ ୨୦୧୪ ନିର୍ବାଚନ ବେଳେ ବରଗଡ଼ରେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ଦେବାକୁ ଘୋଷଣା କରିଥିଲେ। ଏ ପର୍ଯ୍ୟନ୍ତ କାହିଁକି ଦେଲେ ନାହିଁ। ରାଜ୍ୟ ସରକାର ମୋ ସାଇକେଲ, ମୋ ବସ୍, ମୋ ସ୍କୁଲ କରୁଛନ୍ତି। ସବୁ ମୋର ନ କହି ଆମର କଲେ ଭଲ ହୁଅନ୍ତା। ଆମ ଶୀତଳଭଣ୍ଡାର କାହିଁକି କଲେ ନାହିଁ। ଫୁଲ ପଶ୍ଚିମବଙ୍ଗରୁ ଆସିଲେ ଆମ ଠାକୁର ପୂଜା ହେବେ। ମନ୍ତ୍ରୀଙ୍କ ବେକରେ ଫୁଲମାଳ ପଡ଼ିବ। ଓଡ଼ିଶାର ଚାଉଳକୁ ଆନ୍ଧ୍ର ବେପାରି ନେଉଯାଉଛନ୍ତି। ସେ ଧାନକୁ ସେମାନେ ପ୍ରକ୍ରିୟାକରଣ କରି ବିଭିନ୍ନ ପ୍ରକାର ସରୁ ଚାଉଳ ବାହାର କରୁଛନ୍ତି। ଆମକୁ ୪ ଗୁଣା ରେଟ୍‌ରେ ବିକ୍ରି କରୁଛନ୍ତି। ଓଡ଼ିଶା ସରକାର ଖାଲି ରାଇସ ମିଲ୍‌ରେ ପେଷୁଛନ୍ତି। ସେ ଚାଉଳକୁ କିଏ ନେବ। ସରକାର ଚାଷୀଙ୍କୁ କାହିଁକି ବୋନସ ଦେଲେ ନାହିଁ ତାହାର ଜବାବ ମନ୍ତ୍ରୀ ଦେବା ଦରକାର। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ଆରେ ସୌଦାଗର ତୁମ ବାକ୍ୟ ତୁମେ ରକ୍ଷାକର। ୨୦୧୪ ନିର୍ବାଚନରେ ସ୍ୱାମୀନାଥନ କମିଟି ସୁପାରିସ କାର୍ଯ୍ୟକାରୀ କରିବାକୁ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ଏମ୍‌ଏସ୍‌ପି ଦୁଇଗୁଣା ବୃଦ୍ଧି କରିବାକୁ କହିଥିଲ। କିନ୍ତୁ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର ସତ୍ୟପାଠ ଦାଖଲ କଲେ ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରିହେବ ନାହିଁ। ବଜାରରେ ସମସ୍ୟା ଦେଖାଦେବ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ଧାନର ଏମ୍‌ଏସ୍‌ପି ବଢ଼ାଇବାକୁ କଂଗ୍ରେସ ଦୁଇଦିନ ବିଧାନସଭା ଅଚଳ କରିଥିଲା। ପରେ ବିଜେଡି ଏଥିରେ ସାମିଲ ହେଲା। ବିଧାନସଭାରେ ସର୍ବସମ୍ମତିକ୍ରମେ ସଂକଳ୍ପ ପାରିତ ହେଲା। ବାଚସ୍ପତି, ବିଧାନସଭା ସଚିବ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ସମୟ ମାଗିଲେ। ଆଜି ପର୍ଯ୍ୟନ୍ତ ସମୟ ମିଳିଲା ନାହିଁ। ଚାଷୀଙ୍କ ପ୍ରତି ମୋଦି ସରକାରଙ୍କର କେତେ ଦରଦ ଅଛି ଏଥିରୁ ଜଣାପଡୁଛି। ଛତିଶଗଡ଼ ସରକାର କୁଇଣ୍ଟାଲ ପିଛା ୨୫୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣୁଛି। ଭାଜପା ସଭ୍ୟମାନେ ଏହାକୁ ବିରୋଧ କରି ପାଟିତୁଣ୍ଡ କଲେ। ତାରା କହିଲେ, ସମସ୍ତ ବିଧାୟକ ଦିଲ୍ଲୀ ଯାଇ ମୋଦିଙ୍କ ଅଫିସ ଆଗରେ ବସିବା। ଧାରଣା ଦେବା ବୋଲି ପ୍ରସ୍ତାବ ଦେଇଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



୰ବଟକୃଷ୍ଣ ପତି

ଶାନ୍ତି ନଗର, ଝାରପଡ଼ା

ଆବିର୍ଭାବ-୦୪।୦୩।୧୯୩୫

ତିରୋଧାନ- ୨୭।୦୬।୨୦୨୨

ସମସ୍ତଙ୍କ ପ୍ରିୟ ଜେଜେବାପା ଆମକୁ ବେସାହାରା କରି ଚାଲିଯିବେ ବୋଲି ବିଶ୍ୱାସ କରି ହେଉନି। ତୁମର ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଛି ସତ; କିନ୍ତୁ ତୁମର ସ୍ନେହ, ଶ୍ରଦ୍ଧା ଓ ଉପଦେଶ ପରିବାରକୁ ବାନ୍ଧି ରଖିବାର କ୍ଷମତା ସ୍ମୃତି ହୋଇ ରହିଗଲା। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ଟୁଟୁ, ମଣ୍ଟୁ, ୰ବୁଟୁ, ଲିଟୁ, ସୁଷମା, କୁନି, ବୁଢ଼ିଆ, ଅଞ୍ଜଳି, ପପୁନ୍, କୁନ୍‌ମୁନ୍, ଡୁଡୁଲ୍, ଗୁଡି, ମାମା, ଗ୍ଲୋଡି, ଗୁଡୁଲୀ, ଛୋଟୁ, ଶ୍ରୀଷ୍ଟି, ସଞ୍ଜୁ, ସଂଗ୍ରାମ, ମିକି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୯୧୩

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଅନ୍ନପୂର୍ଣ୍ଣା ମହାପାତ୍ର

ନବକଳେବର ରୋଡ୍, ନୂଆସାହି, ପୁରୀ

ଆବିର୍ଭାବ: ୧୪।୧୦।୧୯୪୦

ତିରୋଧାନ: ୨୯।୦୬।୨୦୨୨

ତୁମ ବିଦାୟୀ ଜନିତ ଦୁଃଖରେ ଆମେମାନେ ମର୍ମାହତ । ତୁମ ଶୂନ୍ୟତା ଅପୁରଣୀୟ। ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବାର ପ୍ରତିକ ରୂପେ ତୁମେ ସର୍ବଦା ଚିରସ୍ମରଣୀୟ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୯୨୧

**୩୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰ ନିନିରାଣୀ ଦାସ

ସ୍ୱାମୀ: ୰ ଚିତ୍ତରଂଜନ ଦାସ

ପଟିଆଗଡ, ଭୁବନେଶ୍ୱର

ଆବିର୍ଭାବ : ୦୩.୦୩.୧୯୩୮

ତିରୋଧାନ : ୧୮.୦୭.୧୯୯୧

ଆଜିର ଦିବସରେ ଆମ୍ଭେ ତୁମର ସ୍ମୃତିଚାରଣ କରୁଛୁ ଓ ତୁମ ଆତ୍ମାର ଅମରତ୍ୱ କାମନା କରୁଛୁ।

-: ଶୋକ ସନ୍ତପ୍ତ :-

ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

ଧ-୯୧୬

**ଦ୍ୱାଦଶାହ ଉପଲକ୍ଷେ**



୰ବିଧୁ ଶେଖର ତ୍ରିପାଠୀ

Plot No.-230 Saheed Nagar, BBSR

ଆବିର୍ଭାବ: ୨୬।୦୮।୧୯୩୭

ତିରୋଧାନ: ୨୬।୦୬।୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।

ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।

ଧ-୭୧୦୩୮

ଅପେରା ହାଲ୍‌ଚାଲ୍

# ରାଜଧାନୀର ସଜବାଜ

ଆସନ୍ତା ଯାତ୍ରା ସିଜନ ପାଇଁ ଅନ୍ୟତମ ଆଗଧାଡ଼ିର ଯାତ୍ରା ଅନୁଷ୍ଠାନ 'ରାଜଧାନୀ ଅପେରା' ତାହାର କସରତ ଜାରି ରଖିଛି। ଏଥର ଦର୍ଶକଙ୍କୁ ଶତପ୍ରତିଶତ ମନୋରଞ୍ଜନ ଦେଲାଭଳି ନାଟକ ଚୟନ କରିବା ସହ ରିହରସାଲ ଚାଲିଛି। ଏ ସମ୍ପର୍କରେ ପାର୍ଟିର ପ୍ରଯୋଜକ ପବିତ୍ର ପାତ୍ର କହନ୍ତି, 'ଆମେ ସବୁବେଳେ ଦର୍ଶକଙ୍କ ମାନସିକତାକୁ ଗୁରୁତ୍ୱ ଦେଇଥାଉ। ଭଲ କାହାଣୀକୁ ଆଧାରକରି ରଚିତ ନାଟକ ଏଥର ପରିବେଷିତ ହେବ। ଗୋଟିଏ ନାଟକ-''ଚନ୍ଦ୍ରବଦନୀର ଚଉଠି ରାତି''(ରଚନା-ସୁକାନ୍ତ ମଲ୍ଲିକ, ନିର୍ଦ୍ଦେଶନା-ହର ବାରିକ)ର ରିହରସାଲ ଚାଲିଛି। ଅନ୍ୟ ଗୋଟିଏ ନୂଆ ନାଟକ ଅପେରା ପରିବେଷଣ ଭିତରେ ରିହରସାଲ ହେବ। ଏହାବ୍ୟତୀତ ଗତବର୍ଷର ସୁପରହିଟ୍ ଚାରୋଟି ନାଟକ-'ସିଂହଦ୍ୱାର ମନା ମୋତେ ସ୍ୱର୍ଗଦ୍ୱାର ମନା', 'ତତେ ସତରକୁ ମତେ ଅଠର', 'ସତ କହି ପଛେ ମଲେ ମରିବି' ଏବଂ 'ମୋ ବର୍ଣ୍ଣବୋଧ ହଜିଯାଇଛି' ରିପିଟ୍ ହେବାର ଯୋଜନା ରହିଛି। ଏଥର ମଧ ରାଜଧାନୀ ଅପେରା ପୁଣିଥରେ ଜଲିଉଡ୍‌ରେ ବାଜିମାତ୍ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଏଥର ଏହି ଷ୍ଟାର-ଷ୍ଟଡେଡ୍ ପାର୍ଟିରେ ରୁଦ୍ର ପ୍ରସାଦ, ଟିକିଲି, ଲକ୍ଷ୍ମୀଧର (ଖଳନାୟକ), ଜୀବନ କବି, ସୋମ୍ୟ ମିଶ୍ର (ଜୁନିୟର ବାବୁସାନ), କମେଡି କିଙ୍ଗ୍ ଦୟା ଉପାଧ୍ୟାୟ, ମନୋଜ ବରାଳ, ଜିନା, ପ୍ରତାପ, ଲତା ମଣ୍ଡଳ, କୁନି, ମନୀଷା, ମିଲି, ରାନେସ୍ ଏବଂ ତ୍ରିଲୋଚନ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।


ରୁଦ୍ର ପ୍ରସାଦ


ଦୟା


ଟିକିଲି

ରିଲିଜ୍ ଅପେକ୍ଷାରେ..

# ବୋଉର ହାତବାକ୍ସ

ବୋଉ-ଏହି ଦୁଇଟି ଶବ୍ଦର ତୁଳନା କାହା ସହିତ କରାଯାଇ ନ ପାରେ। ସେ ଜନ୍ମଦାତ୍ରୀ। ପିଲାଟିକୁ ପୃଥିବୀପୃଷ୍ଠକୁ ଆଣିବା ପରେ ତାହାର ଲାଳନପାଳନ ଦାୟିତ୍ୱ ନେଇଥାଏ। ଏପରି ଏକ ଭିନ୍ନଧରଣର ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବୋଉର ହାତବାକ୍ସ'। ବରିଷ୍ଠ ମଞ୍ଚ ଅଭିନେତା ତଥା ନିର୍ଦ୍ଦେଶକ ନାରାୟଣ ପତି ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଖାସ୍ କଥା ହେଲା, ଦୀର୍ଘଦିନର ବ୍ୟବଧାନ ପରେ ସେ ବଡ଼ ପରଦାକୁ ଫେରିଛନ୍ତି। ସଞ୍ଜୟ ଦାସଙ୍କ ନିବେଦିତ ତଥା ଚାଇରୋସନା ଫିଲ୍ମସ ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି।


ନାରାୟଣ ପତି-ଲୋପାମୁଦ୍ରା

ଡ.ଆରତିପାଇଯୋଶୀଙ୍କ କାହାଣୀକୁ ଆଧାରକରି ଏହାର ଚିତ୍ରନାଟ୍ୟ ମଧ ରଚନା କରିଛନ୍ତି ନାରାୟଣ। ତା'ସହ ଏଥିରେ ସେ ଏକ ପ୍ରମୁଖ ଭୂମିକାରେ ମଧ ଅଭିନୟ କରିଛନ୍ତି। ଦେବଦାସ ଛୋଟରାୟ ଓ ମାନଗୋବିନ୍ଦ ବାରିକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି କ୍ଷତିପ୍ରକାଶ ମହାପାତ୍ର। 'ଏକ ଖାଣ୍ଟି ଓଡିଆ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଏଥିରେ ଲଭ୍ , ଇମୋଶନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି।ଏହି ଫିଲ୍ମରେ ଓଡ଼ିଆ ଘରର ଚଳଣି ଓ ପରମ୍ପରାର ଝଲକ୍ ଦେଖିବାକୁ ମିଳିବ। ସିନେମାଟି ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ଏହାର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି।' ନାରାୟଣଙ୍କ ବ୍ୟତୀତ ଏଥିରେ ଲୋପାମୁଦ୍ରା ମିଶ୍ର ଏବଂ ରାଜେଶ ପଣ୍ଡା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତ।


ସୋନାକ୍ଷୀ

# ସେହି ଦୁଇ ବର୍ଷ...

'ଦବଙ୍ଗ ଗର୍ଲ' ସୋନାକ୍ଷୀ ସିହ୍ନା ନିଜ ଅଭିନୟ ଜୀବନରେ ଏକ ସ୍ମୃତିକୁ ଏପର୍ଯ୍ୟନ୍ତ ମନେ ପକାଉଛନ୍ତି। ପୁଣି ଏପରି ଘଟଣା ସବୁଦିନ ପାଇଁ ତାଙ୍କ ହୃଦୟରେ ଜେରକ୍ସ ଭଳି ରହିଥିବ ବୋଲି କହି ବୁଲୁଛନ୍ତି। ହେଲେ ତାହା ଏମିତି କ'ଣ ଯେ, ଯାହାକୁ ବାରମ୍ବାର ମନେ ପକାଉଛନ୍ତି ଏହି ଅଭିନେତ୍ରୀ। ଅସଲ କଥା ହେଲା, ଯେତେବେଳେ ତାଙ୍କୁ ବଲିଉଡ୍‌ରେ ଡେବ୍ୟୁ କରିବାର ସୁଯୋଗ ମିଳିଲା ସେତେବେଳେ ଗୋଟିଏ କଥା ତାଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ତାହା ହେଲା ତାଙ୍କ ଓଜନ। ପ୍ରଥମ ସିନେମା 'ଦବଙ୍ଗ'ରେ ସାଇନ୍ କରିବା ସମୟରେ ସୋନାକ୍ଷୀଙ୍କ ଓଜନ କେତେ ଥିଲା ଜାଣନ୍ତି? ୯୦ କିଗ୍ରା। ତେଣୁ ଏହାକୁ ଯେତେଶୀଘ୍ର କମାଇବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏପରି କି ଫିଲ୍ମର ଶୁଟିଂକୁ ମଧ ସେହି ଅନୁସାରେ ଫିକ୍ସ କରାଯାଇଥିଲା। ଆଉ ତା'ପରେ ଏଥିପାଇଁ ଦିନରାତି ଲାଗିପଡ଼ିଥିଲେ ସୋନାକ୍ଷୀ। ଦୁଇ ବର୍ଷ ପରିଶ୍ରମ କରିବା ପରେ ସେ ନିଜର ଓଜନ ୯୦ରୁ ୬୦ କିଗ୍ରାକୁ କମାଇବାରେ ସକ୍ଷମ ହୋଇଥିଲେ। 'ଏହି ଦୁଇ ବର୍ଷ ମୁଁ ଯେଉଁ ପରିଶ୍ରମ କରିଛି ତାହାକୁ କଦାପି ଭୁଲିପାରିବି ନାହିଁ। ସେତେବେଳେ ସଲ୍ଲୁଜୀ (ସଲମାନ୍ ଖାଁ) ଯେଉଁ ଟିପ୍ସ ଦେଇଥିଲେ ତାହାକୁ ଗୋଟି ଗୋଟି ଅନୁସରଣ କରିବା ଯୋଗୁ ମୋର ଏହି ମିଶନ ସଫଳ ହୋଇଥିଲା ବୋଲି କହନ୍ତି ସୋନାକ୍ଷୀ।' ମଡେଲିଂରୁ ଅଭିନୟ ଜଗତରେ ପ୍ରବେଶ କରିଥିଲେ ସେ। ୨୦୦୮ ଏବଂ ୨୦୦୯ରେ ଲାକମେ ଫ୍ୟାଶନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କ୍ୟାଟ୍‌ୱାକ୍ କରିଥିଲେ ସୋନାକ୍ଷୀ।

## ଅ | ତୀ | ତ | ରୁ...

➔ଗାଙ୍ଗୁଲି ପ୍ରଡକ୍ସନ, ପୁରୀ ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'ଶ୍ରୀ ପତିତପାବନ'। ସୁକୁମାର ଗାଙ୍ଗୁଲି ଏହାର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ମଧ ଦେଇଥିଲେ। ଶ୍ୟାମସୁନ୍ଦର, ଲକ୍ଷ୍ମୀପ୍ରିୟା ଏବଂ ଚିତ୍ରମଣି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

➔କଲ୍ୟାଣ ଗୁପ୍ତାଙ୍କ ପ୍ରଯୋଜନା ଏବଂ ଶିବ ଭଟ୍ଟାଚାର୍ଯ୍ୟଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚିତ୍ର 'ଜୟଦେବ'। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ବାଳକୃଷ୍ଣ ଦାଶ। ବ୍ୟୋମକେଶ ତ୍ରିପାଠୀ, ଶେଫାଳୀ, କମଳା, ପ୍ରଭାବତୀ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

➔ଓଡ଼ିଆ ଚଳଚ୍ଚିତ୍ର 'ଭାଇ ଭାଇ'ର ପ୍ରଯୋଜନା କରିଥିଲେ ଗୌର ଘୋଷ। ଏହାର ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ୍। ଗୌର, ଚପଳା, ସାମୁଏଲ ସାହୁ (ବାବି), ଲୀଳାଦୁଲାରୀଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା।

# ପୂଜାଙ୍କ ଅବସୋସ

ପୂଜା ହେଗ୍‌ଡେ ବଡ଼ ପରଦା ପାଇଁ ନୂଆ ନୁହନ୍ତି। ଦକ୍ଷିଣ ଭାରତୀୟ ସିନେମା ଅବା ବଲିଉଡ୍-ବେଶ୍ କେତୋଟି ଚଳଚ୍ଚିତ୍ରରେ ସେ ଅଭିନୟ କରି ସାଉଣ୍ଟି ସାରିଛନ୍ତି ଅନେକ ପ୍ରଶଂସା। ହେଲେ ତାଙ୍କ ମନରେ ଏକ ଅବସୋସ ରହିଯାଇଛି। କଥା କ'ଣ କି, ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ମହେଞ୍ଜୋଦାରୋ'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଏହି ଫିଲ୍ମର ନାୟକ ସାଜିଥିଲେ ହ୍ରିତିକ୍ ରୋଶନ। ଯଦିଓ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା, ହେଲେ ଏହାର ନିର୍ଦ୍ଦେଶକ ତାଙ୍କୁ ପୁଣିଥରେ ରିପିଟ୍ କରିବେ ବୋଲି ସେ ଆଶା ରଖିଛନ୍ତି। ଏ ନେଇ ପୂଜା କୁହନ୍ତି, 'ମୁଁ ଶୁଣିବାକୁ ପାଉଛି ଯେ ଆଶୁତୋଷ ସାର୍ କୁଆଡ଼େ ପୁଣି ଗୋଟିଏ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଆଶା, ତାଙ୍କ ଶୁଭଦୃଷ୍ଟି ମୋ ଆଡ଼କୁ ପଡ଼ିବ। ଯଦି ସେ ମୋତେ ପୁଣି ଥରେ ତାଙ୍କ କ୍ୟାମ୍ପରେ ସାମିଲ କରନ୍ତି ତେବେ ଆଖିବୁଜି ହଁ ଭରିବି। ଏହାବ୍ୟତୀତ ହ୍ରିତିକ୍ ରୋଶନଙ୍କ ସହ ପୁଣିଥରେ କ୍ୟାମେରା ସାମ୍ନା କରିବାକୁ ମଧ ଆଶା ରଖିଛି। ତେବେ ମୋର ଏହି ଆଶାଦ୍ୱୟ କେବେ ପୂରଣ ହେବ ତାହା ଆଗାମୀ ସମୟ ହିଁ କହିବ।' ବର୍ତ୍ତମାନ ଦକ୍ଷିଣ ଭାରତୀୟ ସିନେମାରେ ପୂଜା ଏତେ ବ୍ୟସ୍ତ ଅଛନ୍ତି ଯେ ନିକଟରେ ଭଲ ଭଲ ଦୁଇଟି ଅଫର ସେ ହାତଛଡ଼ା କରିଛନ୍ତି।


ପୂଜା ହେଗଡେ

# ସ୍ପେଶାଲ ଗିଫ୍ଟ

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ନିଜ ସ୍ପେଶାଲ ଗିଫ୍ଟ ବିଷୟରେ ଚାରିଆଡ଼େ କହି ବୁଲୁଛନ୍ତି। ତାଙ୍କୁ ଏହି ଉପହାରଟି କିଏ ଦେଇଛନ୍ତି ଜାଣନ୍ତି ? ଶାହରୁଖ୍‌ଙ୍କ ଝିଅ ସୋହାନା। ଆଉ ତାହାକୁ ସାଇତି ରଖିଛନ୍ତି ଅନନ୍ୟା। ଏ ବିଷୟରେ ସେ କହନ୍ତି, 'ଏହି ଉପହାରଟି ଏବେକାର ନୁହେଁ। ଆପଣମାନେ ଜାଣନ୍ତି ଯେ, କରନ୍ ଜୋହରଙ୍କ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ରୁ ମୋର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା। ଥରେ ଏହି ଫିଲ୍ମର ଶୁଟିଂ ସେଟ୍‌କୁ ଶାହରୁଖ୍‌ଙ୍କ ଝିଅ ସୋହାନା ଆସିଥିଲେ। ଆକ୍ଟିଂ ଲାଇନ୍‌ରେ ପ୍ରବେଶ ପୂର୍ବରୁ ମୋର ତାଙ୍କ ସହ ନିବିଡ଼ ବନ୍ଧୁତା ଥିଲା। ତାକୁ ହଠାତ୍ ଶୁଟିଂ ସେଟ୍‌ରେ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ସେ ମୋତେ ଦେଖି କହିଥିଲା ଯେ, ଆଜି ମୁଁ ତୋ ପାଇଁ ସାଙ୍ଗରେ ଏକ ସରପ୍ରାଇଜ୍ ଆଣିଛି। ତାହା କ'ଣ ଜାଣିବାକୁ ମୋର ଆଗ୍ରହ ବଢ଼ିବାକୁ ଲାଗିଲା। ତା'ପରେ ଆଉ ବିଳମ୍ବ ନ କରି ସୋହାନା ମୋ ହାତକୁ ସେହି ସ୍ପେଶାଲ ଗିଫ୍ଟଟି ବଢ଼ାଇ ଦେଇଥିଲା। ତାକୁ ଖୋଲିବା ପରେ ଦେଖିଲି ଯେ ତାହା ଏକ ଦାମୀ ଭ୍ୟାନିଟି ଥିଲା। ପୁଣି ଏହି ଗିଫ୍ଟଟିକୁ ସେ ପ୍ୟାରିସ୍‌ରୁ ମଗାଇଥିଲା। ତାହାକୁ ଏପର୍ଯ୍ୟନ୍ତ ମୁ ସାଇତି ରଖିଛି।' ଏବେ ନିଜ କ୍ୟାରିୟର ପ୍ରତି ବେଶ୍ ସଚେତନ ସେ। ହେଲେ ସାମ୍ବାଦିକମାନଙ୍କୁ ଦେଖିଲେ ତାଙ୍କ ହାର୍ଟ ବିଟ୍ ଟିକେ ବଢ଼ିଯାଏ। କାରଣ ତାଙ୍କର ବିଶ୍ୱାସ ରହିଛି ଯେ, ହୁଏତ ସେମାନେ ଏଣୁ ତେଣୁ କିଛି ପଚାରିପାରନ୍ତି, ଯାହାଫଳରେ ସେ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାରେ ହୁଏତ ଅସମର୍ଥ ହୋଇପାରନ୍ତି।


ଅନନ୍ୟା

# ବାହୁଡ଼ାରେ 'ଲାଗେ ପ୍ରେମ ନଜର'

ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ନିର୍ମିତ ଓଡ଼ିଆ ସିନେମା 'ଲାଗେ ପ୍ରେମ ନଜର' ଚଳିତ ମାସ ୯ ତାରିଖ ଅର୍ଥାତ୍ ବାହୁଡ଼ାରେ ପରଦା ଉପରକୁ ଆସିବ। ଅମ୍ଳାନ ଏହାର ନାୟକ ସାଜିଥିବାବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ରିୟା, ପ୍ରିୟା ଏବଂ ରାଗିଣୀ। ଖାସ୍ କଥା ହେଲା, ବିବାହ ପରେ ବଡ଼ ପରଦାରୁ ଏକପ୍ରକାର ଦୂରେଇ ଯାଇଥିବା ପ୍ରିୟା ଚୌଧୁରୀ ଏହି ଫିଲ୍ମରୁ ପୁଣିଥରେ ଓଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି। ଅନ୍ୟପକ୍ଷରେ ବବି ମିଶ୍ର, ପପି ସନ୍ତୁକା, ଅମର, ବାପି, ରିପନ, ବିନୋଦ, ଅଜୟ ପ୍ରଧାନ, ଧାରାଶ୍ରୀଙ୍କୁ ମଧ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଖଗେଶ୍ୱର ଶେଜପଡ଼ା କାହାଣୀ ରଚନା କରିଥିବା ବେଳେ ସଂଳାପ ଲେଖିଛନ୍ତି ଅନ୍ୟତମ ଆଗଧାଡ଼ିର ସଂଳାପକାର ଚିନ୍ମୟ ଦାସପଟ୍ଟନାୟକ। ବ୍ୟୋମକେଶଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଏସ୍. ଦିଲୀପ ପଣ୍ଡା। 'ଚଳଚ୍ଚିତ୍ରର ଟ୍ରେଲର ଅଧିକ ଲୋକପ୍ରିୟତା ହାସଲ କରିସାରିଛି। ସମ୍ପୂର୍ଣ୍ଣ ଚଳଚ୍ଚିତ୍ରଟି ନିଶ୍ଚୟ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହେବ। ଏହାର ଗୀତ ଓ ଭିଡିଓ ଆମରା ମ୍ୟୁଜିକ୍ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ ହୋଇ ଲୋକପ୍ରିୟତା ହାସଲ କରିସାରିଛି। ଏହାର ଶୁଭମୁକ୍ତି ୨୫ଟି ହଲ୍‌ରେ ହେବ ବୋଲି କହନ୍ତି ପ୍ରଯୋଜନା ସଂସ୍ଥାର ସିଇଓ ରୂପାଲି ଦ୍ୱିବେଦୀ।' ବୈଦ୍ୟନାଥ ଦାସଙ୍କ ସ୍ୱର ସଂଯୋଜନାରେ ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, କୁଲଦୀପ, ଗୌରବ, ଅସୀମା ପଣ୍ଡା, ଅର୍ପିତା ଚୌଧୁରୀ, ଦୀପ୍ତିରେଖା ପାଢ଼ୀ ଏବଂ ଅନନ୍ୟା ଶ୍ରୀତମ ନନ୍ଦ।


ଚଳଚ୍ଚିତ୍ର 'ଲାଗେ ପ୍ରେମ ନଜର'ରେ ରିୟା-ଅମ୍ଳାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୭/୨୦୨୨ Bhubaneswar, Thursday, July 7/ 2022

# ହାଲେପ-ରାବ୍‌କିନା ସେମିଫାଇନାଲ

**ୱିମ୍ବେଲଡନ (ଇଂଲଣ୍ଡ), ୬।୭ (ଏପି)**

ରୋମାନିଆର ସିମୋନା ହାଲେପ ଓ କାଜାଖସ୍ତାନର ଏଲିନା ରାବ୍‌କିନା ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁହେଁ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ବୁଧବାର ସେଣ୍ଟର କୋର୍ଟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ହାଲେପ ୬-୨, ୬-୪ ସେଟ୍‌ରେ ଆମଣ୍ଡା ଆନିସିମୋଭାଙ୍କୁ ପରାସ୍ତ କରିଛନ୍ତି।

**ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ୧୭ତମ ସିଡ୍ ରାବକିନା ନମ୍ବର-୧ କୋର୍ଟରେ ଆଜଲା ଟୋମଲଜାନୋଭିକ୍‌ଙ୍କୁ ୪-୬, ୬-୨, ୬-୩ ସେଟ୍‌ରେ ହରାଇଛନ୍ତି। ୩ ବର୍ଷ ପୂର୍ବେ ୱିମ୍ବେଲଡନ ଟାଇଟଲ ଜିତିଥିବା ହାଲେପଙ୍କ ପ୍ରଦର୍ଶନ ଏଥର ପ୍ରଭାବୀ ରହିଛି। ଅଲ୍ ଇଂଲଣ୍ଡ କ୍ଲବରେ ତାଙ୍କ ମ୍ୟାଚ ବିଜୟ ସଂଖ୍ୟା ୧୨ରେ ପହଞ୍ଚିଛି। ହାଲେପ ୨ ଥର ନିଜ ଟାଇଟଲ ଡିଫେଣ୍ଡ କରିବାର ସୁଯୋଗ ମିସ୍ କରିଥିଲେ। ୨୦୨୦ରେ କରୋନା ଭାଇରସ ମହାମାରୀ ପାଇଁ ପ୍ରତିଯୋଗିତା ବାତିଲ ହୋଇଥିବାବେଳେ ୨୦୨୧ରେ ଆହତ ସମସ୍ୟା ଯୋଗୁ ସେ ଭାଗ ନେଇପାରି ନ ଥିଲେ।



ମହିଳା ସିଙ୍ଗଲ୍‌ସ କ୍ୱାର୍ଟର ଫାଇନାଲ ମ୍ୟାଚ ଜିତିବା ପରେ ସିମୋନା ହାଲେପ।

## ସେମିରେ ନାଡାଲ

ପୁରୁଷ ସିଙ୍ଗଲ୍ସର ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ସ୍ପେନର ରାଫାଲ ନାଡାଲ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ୩-୬, ୭-୫, ୩-୬, ୭-୫, ୭-୬(୧୦/୪) ସେଟ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିରେ ସେ ଅଷ୍ଟ୍ରେଲିଆର ନିକ୍ କିର୍ଗିଓସଙ୍କୁ ଭେଟିବେ। ଅନ୍ୟଏକ କ୍ୱାର୍ଟର ଫାଇନାଲରେ କିର୍ଗିଓସ ୬-୪, ୬-୩, ୭-୬(୭/୫) ସେଟ୍‌ରେ ଚିଲିର କ୍ରିଷ୍ଟିଆନ ଗାରିନଙ୍କୁ ପରାସ୍ତ କରିଥିଲେ।

## ସ୍ପୋର୍ଟ୍ସ ହଷ୍ଟେଲ ପାଇଁ ଚୟନ ଟ୍ରାଏଲ

**ଭୁବନେଶ୍ୱର, ୬।୭ (କ୍ରୀଡ଼ା ପ୍ରତିନିଧି):** କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସ୍ପୋର୍ଟ୍ସ ହଷ୍ଟେଲ ପାଇଁ ରାଜ୍ୟର ସମସ୍ତ ଜିଲାରେ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଚୟନ ଟ୍ରାଏଲ ଆୟୋଜନ ହୋଇଥିଲା। ଏଥିରେ ୧୦ରୁ୧୫ ବର୍ଷ ବୟସର ୬୦ରୁ ଊର୍ଦ୍ଧ୍ୱ ପିଲା ଅଂଶଗ୍ରହଣ କରିଥିଲେ।

## ସ୍ପୋର୍ଟ୍ସ ହଷ୍ଟେଲ-ୟଙ୍ଗ ଉତ୍କଳ ମ୍ୟାଚ ଡ୍ର

**ଭୁବନେଶ୍ୱର, ୬।୭ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ରେ ବୁଧବାର ସ୍ପୋର୍ଟ୍ସ ହଷ୍ଟେଲ ଓ ୟଙ୍ଗ ଉତ୍କଳ କ୍ଲବ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ରାଇସେନ ଟୁଡୁ ୨୮ ଓ ୪୩ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ୟଙ୍ଗ ଉତ୍କଳ କ୍ଲବ ପକ୍ଷରୁ ବବୁଲ କୁମାର ରାଉତ ୨୫ ଏବଂ ଦୀନବନ୍ଧୁ ଦାସ ୭୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# ଧାୱନ ଭାରତୀୟ ଦଳର ନେତୃତ୍ୱ ନେବେ

**ନୂଆଦିଲ୍ଲୀ, ୬।୭ (ପି.ଟି.)**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଚଳିତ ମାସ ୨୨ ତାରିଖରେ ପୋର୍ଟ ଅଫ୍ ସ୍ପେନ୍‌ରେ ଆରମ୍ଭ ହେବ। ଏହି ସିରିଜ ପାଇଁ ବୁଧବାର ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ରୋହିତ ଶର୍ମା, ବିରାଟ କୋହଲି, ରିଷଭ ପନ୍ତ ଆଦିଙ୍କୁ ବିଶ୍ରାମ ଦିଆଯାଇଥିବାବେଳେ ଶିଖର ଧାୱନଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ଅନ୍ୟ ଦୁଇ ସିନିୟର ଖେଳାଳି ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ଶାମିଙ୍କୁ ମଧ୍ୟ ବିଶ୍ରାମ ଦିଆଯାଇଛି। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଫର୍ମ ଦେଖାଇବା ପରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ

**ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ**

**ରୋହିତ, କୋହଲିଙ୍କୁ ବିଶ୍ରାମ**

କରିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମଧ୍ୟ ଆଗାମୀ ସିରିଜ ପାଇଁ ଦଳରେ ନିଆଯାଇନାହିଁ। ଜୁଲାଇ ୧୨ରୁ ଆରମ୍ଭ ହେବାକୁ ଯାଉଥିବା ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ସାମିଲ ନ ଥିବା ଦୀପକ ହୁଡା, ସଞ୍ଜୁ ସାମସନ, ଋତୁରାଜ ଗାଏକ୍ୱାଡ ଓ ଆଭେଶ୍ ଖାଁଙ୍କୁ କିନ୍ତୁ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ଦଳରେ ସୁଯୋଗ ମିଳିଛି। ୨୦୨୦ ଡିସେମ୍ବରରେ ଶେଷଥର ପାଇଁ ଦିନିକିଆ ଖେଳିଥିବା ଶୁବମନ ଗିଲ୍‌ଙ୍କ ଉପରେ ଚୟନକର୍ତ୍ତା ଆସ୍ଥା ସ୍ଥାପନ କରିଛନ୍ତି। ରବୀନ୍ଦ୍ର ଜାଡେଜାଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି।

ଗତବର୍ଷ ଟେଷ୍ଟ ସ୍ପେଶାଲିଷ୍ଟମାନେ ଇଂଲଣ୍ଡ ଗସ୍ତରେ ଥିବାବେଳେ ଧାୱନଙ୍କ ନେତୃତ୍ୱରେ ଭାରତ ଶ୍ରୀଲଙ୍କା ଗସ୍ତରେ ଯାଇଥିଲା। ଏହାପରେ ଏହି ଭେଟେରାନ ଖେଳାଳି ଆଉ ଦିନିକିଆ ଖେଳିବାର ସୁଯୋଗ ପାଇନାହାନ୍ତି। ପ୍ରକାଶଯୋଗ୍ୟ ଯେ, ଟିମ୍ ଇଣ୍ଡିଆର ବ୍ୟସ୍ତ କାର୍ଯ୍ୟସୂଚୀ ଏବଂ ଖେଳାଳିଙ୍କ ଆହତ ସମସ୍ୟା ଯୋଗୁ ଗତ ୧ ବର୍ଷ ମଧ୍ୟରେ ରୋହିତ ଶର୍ମା, ଲୋକେଶ ରାହୁଲ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ୍ ବୁମ୍‌ରା ଓ ଶିଖର ଧାୱନଙ୍କୁ ବିଭିନ୍ନ ସମୟରେ ଅଧିନାୟକ କରାଯାଇଥିବାରୁ ବିଭିନ୍ନ ମହଲରୁ ସମାଲୋଚନା ହେଉଛି।

ୱେଷ୍ଟଇଣ୍ଡିଜ ବିପକ୍ଷ ୩ଟି ଯାକ ଦିନିକିଆ ମ୍ୟାଚ ପୋର୍ଟ ଅଫ୍ ସ୍ପେନ୍‌ରେ ଖେଳାଯିବ। ଏହାପରେ ଭାରତୀୟ ଦଳ କାରିବିୟନ ମାଟିରେ ଏବଂ ଆମେରିକାରେ ୫ଟି ଟି୨୦ ମ୍ୟାଚ ଜୁଲାଇ ୨୯ରୁ ଅଗଷ୍ଟ ୭ ମଧ୍ୟରେ ଖେଳିବ। ଏଥିପାଇଁ ଦଳ ଘୋଷଣା କରାଯାଇନାହିଁ। ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ହେବାକୁ ଯାଉଥିବାରୁ ଭାରତ ପାଇଁ ପ୍ରତିଟି ସୀମିତ ଓଭର ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ଦିନିକିଆ ସିରିଜ ପାଇଁ ଦଳରେ ସ୍ଥାନ ପାଇ ନ ଥିବା ଖେଳାଳିମାନେ ଟି୨୦ ଦଳକୁ ଫେରିବା ସମ୍ଭାବନା ରହିଛି। ଟି୨୦ ମ୍ୟାଚଗୁଡ଼ିକ ତ୍ରିନିଦାଦ, ସେଣ୍ଟ କିଟ୍ସ ଏବଂ ଫ୍ଲୋରିଡ଼ାର ଲୌଡରହିଲ୍‌ରେ ଖେଳାଯିବ।

**ଭାରତୀୟ ଦଳ:** ଶିଖର ଧାୱନ (ଅଧିନାୟକ), ରବୀନ୍ଦ୍ର ଜାଡେଜା (ଉପ-ଅଧିନାୟକ), ଋତୁରାଜ ଗାଏକ୍ୱାଡ୍, ଶୁବମନ ଗିଲ୍, ଦୀପକ ହୁଡା, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ଇଶାନ କିଷନ, ସଞ୍ଜୁ ସାମସନ, ଶାର୍ଦ୍ଦୂଳ ଠାକୁର, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଆଭେଶ ଖାଁ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ।



ଶିଖର ଧାୱନ

# ଉଜ୍‌ବେକିସ୍ତାନକୁ ହରାଇଲା ଭାରତ



ଭାରତୀୟ ୨୦ ବର୍ଷରୁ କମ୍ ମହିଳା ଭଲିବଲ ଦଳ।

**ଏସିଆନ ମହିଳା ଭଲିବଲ**

**ଭୁବନେଶ୍ୱର, ୬।୭ (କ୍ରୀଡ଼ା ପ୍ରତିନିଧି):** କାଜାଖସ୍ତାନର ନୁର୍-ସୁଲତାନଠାରେ ଆରମ୍ଭ ହୋଇଛି ୨୧ତମ ଏସିଆନ ମହିଳା ୨୦ ବର୍ଷରୁ କମ୍ ଭଲିବଲ ଚାମ୍ପିୟନଶିପ୍। ବୁଧବାର ଅନୁଷ୍ଠିତ ପୁଲ୍-ବି'ର ଏକ ମ୍ୟାଚରେ ଭାରତ ୩-୦ (୨୫-୨୧, ୨୫-୧୧, ୨୫-୧୪) ସେଟ୍‌ରେ ଉଜ୍‌ବେକିସ୍ତାନକୁ ହରାଇ ପ୍ରଥମ ବିଜୟ ହାସଲ କରିଛି। ପୁଲ୍ 'ବି'ରେ ଭାରତ ଓ ଉଜ୍‌ବେକିସ୍ତାନ ବ୍ୟତୀତ ଡିଫେଣ୍ଡିଂ ଚାମ୍ପିୟନ ଚାଇନା, ଜାପାନ ଓ ଟାଇଟଲ ଦାବିଦାର ଚାଇନିଜ୍ ତାଇପେ ସ୍ଥାନ ପାଇଛି। ଭାରତୀୟ ଦଳରେ ଓଡ଼ିଶାର ୨ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ କିସ୍‌ର ସ୍ନେହମୟୀ କିଷାନ ଓ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ମାମାଲି ନାଗ୍। ଭାରତ ବିଜୟରେ ଏହି ଦୁଇ ଓଡ଼ିଆ ଖେଳାଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫ୍ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଭାରତୀୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୬ ବର୍ଷ ପରେ ଟପ୍ ଟେନ୍‌ରୁ ବାଦ୍ ପଡ଼ିଲେ କୋହଲି

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ**

**ଦୁବାଇ,୬।୭ :** ବୁଧବାର ଆଇସିସି ପକ୍ଷର ପ୍ରକାଶ ପାଇଛି ବିଶ୍ୱ ଟେଷ୍ଟ ର୍‍ୟାଙ୍କିଙ୍ଗ। ଦୀର୍ଘ ୬ ବର୍ଷ ଧରି ଟପ୍ ଟେନରେ ରହିଥିବା ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ପ୍ରଥମ ପାଇଁ ଟପ୍ ଟେନ୍‌ରୁ ବାଦ ପଡିଛନ୍ତି। ତେବେ ଏଜବାଷ୍ଟନରେ ଧୂଆଁଧାର ବ୍ୟାଟିଂ କରିଥିବା ରିଷଭ ପନ୍ତ ଟପ୍ ଟେନ୍‌ରେ ପ୍ରବେଶ କରିଛନ୍ତି। ୫ ନମ୍ବର ସ୍ଥାନରେ ରହିଥିବା ପନ୍ତଙ୍କର ଏହା କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ। କୋଭିଡ ପାଇଁ ପୁନଃ ନିର୍ଦ୍ଧାରିତ ଅନ୍ତିମ ଟେଷ୍ଟରେ ପନ୍ତ ୧୪୬ ଓ ୫୭ ରନର ଇନିଂସ ଖେଳିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପନ୍ତ ନିଜର ଅନ୍ତିମ ୬ଟି ଟେଷ୍ଟ ଇନିଂସରୁ ଦୁଇଟି ଶତକ ଓ ୩ଟି ଅର୍ଦ୍ଧ ଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ପନ୍ତ ୫ଟି ସ୍ଥାନର ପଦୋନ୍ନତି ସହିତ ୫ମ ସ୍ଥାନରେ ପହଞ୍ଚିଛନ୍ତି। କୋଭିଡ କାରଣରୁ ଅନ୍ତିମ ଟେଷ୍ଟ ମ୍ୟାଚ ଖେଳିନଥିବା ରୋହିତ ଶର୍ମା ଗୋଟିଏ ସ୍ଥାନ ତଳକୁ ଖସି ୯ମ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟ ପକ୍ଷରେ କୋହଲି ୪ଟି ସ୍ଥାନ ତଳକୁ ଖସି ୧୩ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ବିଗତ ୩ ବର୍ଷ ମଧ୍ୟରେ ଗୋଟିଏ ବି ଶତକ ହାସଲ କରିନଥିବା କୋହଲି ୬ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଟପ ଟେନ୍‌ରୁ ବାଦ ପଡିଛନ୍ତି।

ଭାରତ ବିପକ୍ଷ ଟେଷ୍ଟରେ ଦମଦାର ବ୍ୟାଟିଂ ସହିତ ଶତକ ହାସଲ କରିଥିବା ଜୋ ରୁଟ୍ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ରୁଟ୍ ୯୨୩ ପଏଣ୍ଟ ସହିତ ପ୍ରଥମ ସ୍ଥାନ ବଜାୟ ରଖିଥିବା ବେଳେ ଅଷ୍ଟ୍ରେଲିଆର ମାର୍ନସ୍ ଲାବୁଶେନ୍(୮୭୯) ଏବଂ ଷ୍ଟିଭ୍ ସ୍ମିଥ୍ (୮୨୬) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

# ସର୍ବଭାରତୀୟ ଡାକକ୍ରୀଡ଼ା ପାଇଁ ଓଡ଼ିଶାରୁ ୧୩ ମନୋନୀତ

**ଭୁବନେଶ୍ୱର, ୬।୭ (କ୍ରୀଡ଼ା ପ୍ରତିନିଧି):** କୋଭିଡ-୧୯ ପାଇଁ ଗତ ୨ ବର୍ଷ ଧରି ବନ୍ଦ ରହିଥିବା ସର୍ବଭାରତୀୟ ଡାକକ୍ରୀଡ଼ା ଚଳିତ ମାସ ୨୬ରୁ ୨୯ ପର୍ଯ୍ୟନ୍ତ ରାଜସ୍ଥାନରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାପାଇଁ ଓଡ଼ିଶାରୁ ମୋଟ ୧୪ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ଡାକକ୍ରୀଡ଼ାର ବଡିବିଲ୍ଡିଂ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ଓଡ଼ିଶା ପ୍ରତିଯୋଗୀମାନେ ହେଲେ ଜନ୍ମେଜୟ ମହାନ୍ତି, ଏସ. କ୍ରିଷ୍ଣା ରାଓ, ଭାଦି ଶ୍ରୀକାନ୍ତ, ରଶ୍ମି ରଞ୍ଜନ ସାହୁ ଓ ସ୍ୱୟଂ ସିଦ୍ଧାନ୍ତ ହରିଚନ୍ଦନ। ଚୟନ ଟ୍ରାଏଲ ପରେ ଏହି ବଡିବିଲ୍ଡରମାନେ ଚୟନ ହୋଇଛନ୍ତି। ସେହିପରି ଶକ୍ତିଉତ୍ତୋଳନ ପାଇଁ ଅଜୟ କୁମାର ମହାପାତ୍ର, ବସନ୍ତ ମେଲକା ଓ ମଳୟ ରଞ୍ଜନ ପତି ଏବଂ ଭାରୋତ୍ତୋଳନ ପାଇଁ ନିଳାଦ୍ରୀ ସାହୁ, କାମେଶ୍ୱର ନାୟକ, ବାପୁଜୀ ବିଶ୍ୱାଳ, ବିଶ୍ୱଜିତ ପ୍ରତିହାରୀ, ମଳୟ ରଞ୍ଜନ ପତି ଏବଂ ପ୍ରଦୀପ କୁମାର ସାହୁ ମନୋନୀତ ହୋଇଛନ୍ତି।

# ବିଶ୍ୱକପ୍ ପାଇଁ ଶ୍ରେଷ୍ଠ ଏକାଦଶ ଚୟନ ଲକ୍ଷ୍ୟ

**ସାଉଥମ୍ପଟନ, ୬।୭ (ପି.ଟି.)**

ପରୀକ୍ଷାନିରୀକ୍ଷା ସରିଛି। ଏଣିକି ଟି୨୦ କ୍ରିକେଟ ବିଶ୍ୱକପ ପାଇଁ ଶ୍ରେଷ୍ଠ ଏକାଦଶ ଚୟନ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ। ଗୁରୁବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ। ଏହି ସିରିଜ ଉପରେ ଜାତୀୟ ଚୟନ କମିଟିର ନଜର ରହିବ। କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବାରୁ ବର୍ମିଂହାମରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଖେଳିପାରି ନ ଥିବା ଅଧିନାୟକ ରୋହିତ ଶର୍ମା ସିରିଜ ଓପନିଂ ମ୍ୟାଚରେ ଖେଳିବା ସମ୍ଭାବନା ରହିଛି। ଟେଷ୍ଟ ଖେଳିଥିବା ବିରାଟ କୋହଲି, ଯଶପ୍ରୀତ୍ ବୁମ୍‌ରା, ରବୀନ୍ଦ୍ର ଜାଡେଜା, ଶ୍ରେୟାସ ଆୟାର ଓ ରିଷଭ ପନ୍ତ ପ୍ରମୁଖ ଦ୍ୱିତୀୟ ଟି୨୦ ବେଳକୁ ଦଳ ସହ ଯୋଗଦେବେ। ସେମାନଙ୍କ ଅନୁପସ୍ଥିତିରେ ଋତୁରାଜ ଗାଏକ୍ୱାଡ, ସଞ୍ଜୁ ସାମସନଙ୍କ ପରି ଯୁବ ଖେଳାଳି ପ୍ରଥମ ମ୍ୟାଚରେ ଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ତେଣୁ ଅଷ୍ଟ୍ରେଲିଆରେ ହେବାକୁଥିବା ବିଶ୍ୱକପ ପାଇଁ ଏକ ଶକ୍ତିଶାଳୀ ସମ୍ଭାବ୍ୟ ଭାରତୀୟ ଦଳ ଚୟନ ସହଜ ହେବ।

ଆହତ ସମସ୍ୟା ଯୋଗୁ ଗାଏକ୍ୱାଡ୍ ଆୟର୍ଲାଣ୍ଡ ବିପକ୍ଷ ୨ଟି ଯାକ ଟି୨୦ରେ ଇନିଂସ ଓପନ କରିପାରି ନ ଥିଲେ। ଆଗାମୀ ମ୍ୟାଚରେ ଯଦି ରୋହିତ ପ୍ରତ୍ୟାବର୍ତ୍ତନ କରନ୍ତି ତେବେ ଗାଏକ୍ୱାଡଙ୍କୁ ପୁଣି ବାହାରେ ବସିବାକୁ ହେବ। ଇଶାନ କିଷନ ପ୍ରଭାବୀ ପ୍ରଦର୍ଶନ କରି ଜଣେ ରିଜର୍ଭ ଓପନରଭାବେ ନିଜ ସ୍ଥାନକୁ ସୁଦୃଢ଼ କରିଛନ୍ତି। ଦ୍ୱିତୀୟ ଟି୨୦ ବେଳକୁ କୋହଲି ୩ ନମ୍ବର ସ୍ଥାନକୁ ଫେରିବା ସମ୍ଭାବନା ଥିବାରୁ ଦୀପକ ହୁଡା ପ୍ରଥମ ମ୍ୟାଚରେ ଆଉ ଏକ ମ୍ୟାଚ ବିଜୟୀ ଇନିଂସ ଖେଳି ନିଜ ସ୍ଥାନ ଦୃଢ଼ କରିବା ଲକ୍ଷ୍ୟରେ ରହିବେ। ଆୟର୍ଲାଣ୍ଡ ବିପକ୍ଷରେ ହୁଡା ଗୋଟିଏ ଇନିଂସରେ ୪୭ ରନକରି ଅପରାଜିତ ରହିଥିବାବେଳେ ଅନ୍ୟ ଇନିଂସରେ ଶତକ ହାସଲ କରିଥିଲେ। ତେଣୁ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ପ୍ଲେଇଂ ଇଲେଭେନରୁ ବାହାର କରିବା କଷ୍ଟକର ହୋଇପଡ଼ିବ। ଅନ୍‌କ୍ୟାପେଡ୍ ଖେଳାଳି ରାହୁଲ ତ୍ରିପାଠୀ ଓ ଅର୍ଶଦୀପ ସିଂ ଦଳରେ ସ୍ଥାନ ପାଇବା ସମ୍ଭାବନା କମ୍।

**ଭାରତ-ଇଂଲଣ୍ଡ ଟି୨୦ ସିରିଜ ଆଜିଠାରୁ**



ଉମ୍ରାନ ମଲିକ।

ଆସନ୍ତା ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ଖେଳିବା ପୂର୍ବରୁ ଭାରତ ପାଖାପାଖି ୧୫ଟି ଟି୨୦ ମ୍ୟାଚ ଖେଳିବା କାର୍ଯ୍ୟସୂଚୀ ରହିଛି। ଏହା ମଧ୍ୟରେ ରହିଛି ଇଂଲଣ୍ଡ ବିପକ୍ଷରେ ୩ (ଚଳିତ ସିରିଜ), ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ (ଜୁଲାଇ ୨୯ରୁ ଅଗଷ୍ଟ ୭), ଏସିଆ କପ୍ (ଅଗଷ୍ଟ-ସେପ୍ଟେମ୍ବର)ରେ ପାଖାପାଖି ୫ଟି ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ୩ (ସେପ୍ଟେମ୍ବର) ମ୍ୟାଚ।

ଇଂଲଣ୍ଡ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହି ସିରିଜରୁ ଜୋସ ବଟଲରଯୁଗ ଆରମ୍ଭ ହେବ। ଇଅନ ମୋର୍ଗାନ ଅବସର ନେଇ ଯାଇଥିବାବେଳେ ଏଜବାଷ୍ଟନରେ ଟେଷ୍ଟ ଖେଳିଥିବା ବେନ୍ ଷ୍ଟୋକ୍ସ ଏବଂ ଜନି ବେୟାରଷ୍ଟୋଙ୍କୁ ବିଶ୍ରାମ ଦିଆଯାଇଛି। ଦଳରେ ରହିଥିବା ବଟଲର ଓ ଲିଆମ ଲିଭିଂଷ୍ଟୋନ ବିସ୍ଫୋରକ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି।

**ଇଂଲଣ୍ଡ ଦଳ:** ଜୋସ ବଟଲର (ଅଧିନାୟକ), ମୋଇନ ଅଲୀ, ହ୍ୟାରୀ ବ୍ରୁକ୍, ସାମ୍ କୁରାନ, ରିଚାର୍ଡ ଗ୍ଲିସନ, କ୍ରିସ୍ ଜୋର୍ଡାନ, ଲିଆମ ଲିଭିଂଷ୍ଟୋନ, ଡାୱିଦ ମଲନ, ଟାଇମଲ ମିଲ୍ସ, ମାଥ୍ୟୁ ପାର୍କିନସନ, ଜାସନ ରୟ, ଫିଲ୍ ସଲ୍ଟ, ରିସି ଟୋପ୍‌ଲେ, ଡେଭିଡ ୱିଲି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଇଶାନ କିଷନ, ଋତୁରାଜ ଗାଏକ୍ୱାଡ, ସଞ୍ଜୁ ସାମସନ, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ରାହୁଲ ତ୍ରିପାଠୀ, ଦୀନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, ଭେଙ୍କଟେଶ ଆୟାର, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ଆଭେଶ ଖାଁ, ଅର୍ଶଦୀପ ସିଂ, ଉମ୍ରାନ ମଲିକ।

**ମ୍ୟାଚ ଆରମ୍ଭ ରାତି ୧୦ଟା ୩୦**




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା, ଚାଳକ ମୃତ



**ନିରାକାରପୁର,୬।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ମୋଟା ଛକରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ସୂଚନା ମୁତାବକ, ଏକ ମାଲ୍‌ବୋଝେଇ ଟ୍ରକ୍ ବ୍ରହ୍ମପୁର ପଟୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ବିପରୀତ ପଟୁ ଆସୁଥିବା ଟ୍ରକ୍ ସହ ମୋଟା ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗୋଟିଏ ଟ୍ରକକୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୪୮/୨୨)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଅନିତା ସାହୁ କହିଛନ୍ତି।

### ୭୩ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୬।୭:** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ଶାଖା ଏବଂ ଓଡ଼ିଶା ମୋ ପରିବାର' ଖୋର୍ଦ୍ଧା ଜିଲା ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ବୁଧବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୩ ୟୁନିଟ ରକ୍ତ ସଂଗହ ହୋଇଥିଲା। ଓଡ଼ିଶା ମୋ ପରିବାର ଆବାହକ ଅରୁପ ମୋହନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିଧାୟକ ଜ୍ୟୋତିରାନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ମୋ ପରିବାର ଜିଲା ସଂଯୋଜକ ଦିଲୀପ ହୋତା, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ରୁଦ୍ରନାଥ ଦତ୍ତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧକ୍ଷା ଡ.ରଞ୍ଜିତା ସେଠୀ, ପ୍ରାଧାପକ ତଥା ଯୁବ ରେଡ଼କ୍ରସ ପରାମର୍ଶଦାତା ଅନିଲ କୁମାର ରାୟ, ଅଧାପକ ସୁବୋଧ କୁମାର ଜଗଦେବ ପରିଚାଳନା କରିଥିଲେ।

### କୃଷ୍ଣପ୍ରସାଦ ସେବା ସମବାୟ ସମିତି: ବାବୁଲା ବିଶ୍ୱାଳ ସଭାପତି

**କୃଷ୍ଣପ୍ରସାଦ,୬।୭(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ ସେବା ସମବାୟ ସମିତିର ଅଧକ୍ଷ ଭାବେ ବିଜୁ ଜନତା ଦଳ ସମର୍ଥିତ ପ୍ରାର୍ଥୀ ବାବୁଲା ବିଶ୍ୱାଳ ୪ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ୧୪ଜଣ ସଦସ୍ୟ ମତଦାନ କରିଥିବା ବେଳେ ସେଥିରୁ ବିଶ୍ୱାଳ ୯ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରତିପକ୍ଷ ପ୍ରାର୍ଥୀ ୫ ଖଣ୍ଡ ଭୋଟ ପାଇଥିଲେ। ଦିଲୀପ କୁମାର ତରେଇ ନିର୍ବାଚନ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ୱାଳଙ୍କୁ କୃଷ୍ଣପ୍ରସାଦ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ୧୫ରେ ଜବରଦଖଲ ଉଚ୍ଛେଦ

**ବାଲିପାଟଣା,୬।୭(ଡି.ଏନ୍.ଏ.):** ଆସନ୍ତା ୧୪ ତାରିଖ ସୁଦ୍ଧା ବାଲିପାଟଣା ହାଟ ବଜାର ଠାରୁ ବାଲିପାଟଣା ଛକ ମଧ୍ୟରେ ରହିଥିବା ସରକାରୀ ଜାଗାକୁ ଜବରଦଖଲକାରୀମାନେ ଛାଡିବାକୁ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ନୋଟିସ ଜାରି ହୋଇଛି। ସ୍ଥାନୀୟ ବଜାର କମିଟ ସଭାପତି, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କୁ ଜଣାଯିବା ସହ ସହଯୋଗ ଲୋଡ଼ାଯାଇଛି। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ୧୫ ତାରିଖରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଚିଠି ନମ୍ବର ୨୬୮୪ ଯୋଗେ ଜଣାଯାଇଛି ବୋଲି ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ କହିଛନ୍ତି।

### ନନ୍ଦନକାନନ: ପ୍ରଥମଥର ଆନାକୋଣ୍ଡା ଦେଲା ଛୁଆ

**ବାରଙ୍ଗ,୬।୭(ଡି.ଏନ.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନ ପାଇଁ ଖୁସି ଖବର। ପ୍ରଥମଥର ପାଇଁ ନନ୍ଦନକାନନରେ ହଳଦିଆ ଆନାକୋଣ୍ଡା ଛୁଆ ଜନ୍ମ କରିଛି। ବୁଧବାର ସକାଳେ ସରୀସୃପ ଉଦ୍ୟାନରେ ରହିଥିବା ହଳଦିଆ ଆନାକୋଣ୍ଡା ପ୍ରଥମଥର ପାଇଁ ନନ୍ଦନକାନନରେ ଛୁଆ ଜନ୍ମ ଦେଇଛି। ଏହି ଛୁଆ ଜନ୍ମ ପରେ ନନ୍ଦନକାନନରେ ଆନାକୋଣ୍ଡା ସଂଖ୍ୟା ବୃଦ୍ଧି ପାଇ ୫ରେ ପହଞ୍ଚିଛି। ସେଥିମଧ୍ୟରେ ୧ ଅଣ୍ଡିରା, ୩ ମାଈ ଓ ଗୋଟିକର ଲିଙ୍ଗ ନିରୂପଣ ହୋଇପାରି ନାହିଁ। ଆନାକୋଣ୍ଡା ଛୁଆଟିର ସ୍ୱାସ୍ଥ୍ୟରେ ଅବନତି ନ ହେବା ପାଇଁ ମାଡ୍ରାସର ଡାକ୍ତରମାନଙ୍କ ସହ ପରାମର୍ଶ ନିଆଯାଇଛି।

# ଛାତ୍ରୀଙ୍କୁ ପଛରେ ପକାଇଲେ ଛାତ୍ର

**ଖୋର୍ଦ୍ଧା ଅଫିସ,୬।୭**

**ମାଟ୍ରିକ ପରୀକ୍ଷାଫଳ**
- ଜିଲାରେ ପାସ୍ ହାର ୯୩.୮୨%
- ଏ-୧ରେ ୬୩୦, ଏ-୨ରେ ୨୬୮୫ ଓ ବି-୧ରେ ୫୬୭୨

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାରେ ପାସ ହାର ୯୩.୮୨ ପ୍ରତିଶତ ରହିଛି। ଚଳିତ ବର୍ଷ ଛାତ୍ରୀଙ୍କ ଅପେକ୍ଷା ଛାତ୍ରଙ୍କ ପାସହାର ଅଧିକ ରହିଛି। ଜିଲାର ୩୨୮ ହାଇସ୍କୁଲର ୨୮,୫୩୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଲାଗି ଫର୍ମ ପୂରଣ କରିଥିଲେ। ସେଥିରୁ ୨୭,୧୨୩ଜଣ ପରୀକ୍ଷା ଦେଇଥିଲେ। ୧୪୦୨ଜଣ ଅନୁପସ୍ଥିତ ରହିଥିବା ବେଳେ ୧୧ଜଣ କପି କରି ଧରାପଡିଛନ୍ତି। ୨୬,୭୭୩ଜଣ ପାସ କରିଛନ୍ତି। ସେଥିରୁ ଛାତ୍ର ୧୩୭୪୩ ଓ ଛାତ୍ରୀ ୧୩୦୩୦ଜଣ ରହିଛନ୍ତି। ଏ-୧ରେ ୬୩୦, ଏ-୨ରେ ୨୬୮୫, ବି-୧ରେ ୫୬୭୨, ବି-୨ରେ ୭୨୬୦, ସି-୬୬୯୧, ଡି-୩୦୨୫, ଇ-୮୧୦ ପାସ ହୋଇଥିବା ବେଳେ ୩୫୦ଜଣ ଫେଲ ହୋଇଛନ୍ତି। ପାସ ହାରରେ ଜିଲାସ୍ତରରେ ଖୋର୍ଦ୍ଧା ଚତୁର୍ଥ ସ୍ଥାନରେ ରହିଥିବା ଜଣାପଡ଼ିଛି।

ସେହିପରି ଏକ୍ସ ରେଗୁଲାରରେ ୭୨ ହାଇସ୍କୁଲର ୧୨୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ୨୩ ଜଣ ଅନୁପସ୍ଥିତ ରହିଥିଲେ। ଜଣେ କପି କରି ଧରାପଡିଛନ୍ତି। ୯୭ ପରୀକ୍ଷା ଦେଇଥିଲେ। ସେଥିରୁ ୪୮ଜଣ ପାସ କରିଛନ୍ତି। ତନ୍ମଧ୍ୟରେ ଛାତ୍ର ୩୫ ଓ ଛାତ୍ରୀ ୧୩ଜଣ ରହିଛନ୍ତି। ପାସ ହାର ୩୯.୬୭ ପ୍ରତିଶତ ରହିଛି। ଏ-୧ ଏବଂ ଏ-୨ରେ କେହି ନ ଥିବା ବେଳେ ବି-୧ ଓ ବି-୨ରେ ଜଣେ ଲେଖାଏ, ସି-୩, ଡି-୨୦, ଇ-୨୩ଜଣ ପାସ୍ କରିଥିବା ବେଳେ ୪୯ଜଣ ଫେଲ ହୋଇଛନ୍ତି। ସେହିଭଳି ପତ୍ର ବିନିମୟ(ସିସି) ରେଗୁଲାରେ ୬୬ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ଜଣେ ଅନୁପସ୍ଥିତ ରହିଥିଲେ। ୬୫ ପରୀକ୍ଷା ଦେଇଥିବା ବେଳେ ୪୬ଜଣ ପାସ କରିଛନ୍ତି। ସେଥିରୁ ଛାତ୍ର ୩୦ ଓ ଛାତ୍ରୀ ୧୬ଜଣ ରହିଛନ୍ତି। ପାସ ହାର ୬୯.୭୦ ପ୍ରତିଶତ ରହିଛି। ବି-୨ରେ ୨ଜଣ, ସି-୨୧, ଡି-୧୮, ଇ-୧୯ଜଣ ପାସ କରିଥିବା ବେଳେ ୧୯ଜଣ ଫେଲ ହୋଇଛନ୍ତି। ଚଳିତ ମାଟ୍ରିକ ପରୀକ୍ଷାରେ ପାସ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଶୁଭେଚ୍ଛା ଜଣାଇଛନ୍ତି। କଠିନ ପରିଶ୍ରମ ଏବଂ ନିରନ୍ତର ସାଧନା ସଫଳତା ଆଣେ। ଶୃଙ୍ଖଳିତ ଜୀବନଶୈଳୀ ଏବଂ ଗୁରୁଜନଙ୍କ ଆଶୀର୍ବାଦ ରହିଲେ, ଜୀବନରେ ସଫଳତାର ଶୀର୍ଷ ସ୍ପର୍ଶ କରିପାରିବ ବୋଲି ପିଲାଙ୍କୁ ପରାମର୍ଶ ଦେଇଛନ୍ତି।




**ଜଟଣୀ:** ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ବୁଧବାର ଖୋର୍ଦ୍ଧାରୋଡ୍ ରେଳ ସୁରକ୍ଷାବଳୟ ପକ୍ଷରୁ ଅନୁଷ୍ଠିତ ଏକତା ଦୌଡ ଓ ବାଇକ୍ ଶୋଭାଯାତ୍ରା।

# ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ପାସ୍‌ହାର ୧୦୦%



**ଖୋର୍ଦ୍ଧା ଅଫିସ,୬।୭**

ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳ ଶତପ୍ରତିଶତ ରହିଛି। ଏହି ବିଦ୍ୟାଳୟର ୩୧୨ଜଣ ପିଲା ପରୀକ୍ଷା ଦେଇଥିଲେ। ସେଥିରୁ ଏ୧-୩୯, ଏ୨-୧୨୪, ବି୧-୧୦୮, ବି୨-୨୯ ଏବଂ ସି-୧୨ଜଣ ପାସ କରିଛନ୍ତି। ଗୁରୁଜୀଗୁରୁମା ମାନେ ପିଲାଙ୍କୁ ଶୁଭେଚ୍ଛା ଜଣାଇବା ସହ ମିଠେଇ ଖୁଆଇ ଅଭିନନ୍ଦନ ଜଣାଇଥିଲେ। ଏନେଇ ପରିଚାଳନା କମିଟି ସମ୍ପାଦକ ଅଜିତ ପଟ୍ଟନାୟକଙ୍କ ସମେତ ଅନ୍ୟ କମିଟି ସଦସ୍ୟ ପିଲାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ଗିରିଜା ମହାପାତ୍ର ପିଲାଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଏହାର ଶ୍ରେୟ ସମସ୍ତ ଗୁରୁଜୀ,ଗୁରୁମାଙ୍କୁ ଦେଇଛନ୍ତି। ସମସ୍ତଙ୍କ ସହଯୋଗ, ପିଲାଙ୍କ ପରିଶ୍ରମ ଏହି ସଫଳତା ଆଣିଛି।

ସେହିପରି ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ହାଇସ୍କୁଲରେ ପାସହାର ୯୧.୪୮ ପ୍ରତିଶତ ରହିଛି। ଚଳିତବର୍ଷ ୧୩୦ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୧ଜଣ ଅନୁପସ୍ଥିତ ରହିଥିଲେ। ସେଥିରୁ ୧୨୯ଜଣ ପାସ କରିଛନ୍ତି, ଜଣେ ଫେଲ ହୋଇଛନ୍ତି। ସେଥିରୁ ଏ୧-୨, ଏ୨-୨୨, ବି୧-୪୨, ବି୨-୪୧, ସି-୧୯ ଏବଂ ଡି ରେ ଜଣେ ପାସ କରିଛନ୍ତି। ଏନେଇ ପ୍ରଧାନଶିକ୍ଷକ ଏସ୍.ଗୋହର ଅଲ୍ଲୀ କୁହନ୍ତି ଫଳାଫଳ ଭଲ ରହିଛି। ଆଗକୁ ଏଥିରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରାଯିବ। ପାସ କରିଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ କଠିନ ପରିଶ୍ରମ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

**ବେଗୁନିଆ, (ଡି.ଏନ୍.ଏ.):** ବେଗୁନିଆ ବ୍ଲକରେ ମାଟ୍ରିକ ପାସ୍ ହାର ୮୮ ପ୍ରତିଶତ ରହିଥିବା ଜଣାପଡିଛି। ଅନ୍ୟ ବିଦ୍ୟାଳୟ ତୁଳନାରେ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସର୍ବାଧିକ ସଂଖ୍ୟକ ଏ-୧ରେ ୪ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟର ଛାତ୍ରୀ ଦୀପାଳି ସୁନ୍ଦରାୟ ସର୍ବାଧିକ ୫୬୯ ନମ୍ବର ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏନେଇ ଦୀପାଳି କୁହନ୍ତି,୯୨ ପ୍ରତିଶତ ମାର୍କ ରଖିବି ବୋଲି ଆଶା ଥିଲା। ୯୪ ପ୍ରତିଶତ ମାର୍କ ରହିଛି। ସମସ୍ତ ଶ୍ରେୟ ବିଦ୍ୟାଳୟର ଗୁରୁଜୀଙ୍କୁ ଦେବି। ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଜ ପାଠ ଅଭ୍ୟାସ କରିବାକୁ ଗୁରୁତ୍ୱ ଦେଇଥାଏ। ଜୀବନରେ ଡାକ୍ତର ହୋଇ ଗରିବ ରୋଗୀଙ୍କ ସେବା କରିବି ବୋଲି ଆଶା ରଖିଥିବା ସେ କହିଛନ୍ତି।

**ବାଣପୁର, (ଡି.ଏନ୍.ଏ.):** ବାଣପୁର ବ୍ଲକ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦରେ ପାସ୍ ହାର ୯୮ ପ୍ରତିଶତ ରହିଛି। ମୋଟ୍ ୨୨ଗୋଟି ଉଚ୍ଚ ବିଦ୍ୟାଳୟର ୨୦୦୭ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୮୭୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ୨୦ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ ପାଇଥିବା ବେଳେ ୨୨୭ ଜଣ ଏ-୨, ୪୨୧ ଜଣ ବି-୧, ୪୪୪ଜଣ ଛାତ୍ରଛାତ୍ରୀ ବି-୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି ସୂଚନା ଦେଇଛନ୍ତି। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରଲିପ୍ତା ସାହୁ ୫୭୪ ନମ୍ବର ରଖି ବ୍ଲକରେ ଟପ୍ପର ହୋଇଛନ୍ତି। ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୀୟୁଷ କୁମାର ଦାସ ୫୭୦ ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସରକାରୀ ବିଦ୍ୟାଳୟ ଅପେକ୍ଷା ଘରୋଇ ବିଦ୍ୟାଳୟଗୁଡିକର ଛାତ୍ରଛାତ୍ରୀମାନେ ଭଲ ରେଜଲ୍ଟ କରିଥିବା ଦେଖିବାକୁ ମିଳିଛି।

**ଜଟଣୀ/ଝାଁଳା,(ଡି.ଏନ୍.ଏ.):** ଝାଁଳା ପଞ୍ଚାୟତ ଓଗାଳପଡା ମା'ଭୁଆସୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ମୋଟ ୩୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ ଏ-୧ ରେ ପାସ କରିଥିବା ବେଳେ ୯ ଜଣ ଏ-୨ , ଜଣେ ବି-୧ ଓ ୫ ଜଣ ବି-୨ରେ ପାସ୍ କରିଛନ୍ତି। ଏହି ବିଦ୍ୟାଳୟର ରମାକାନ୍ତ ଖେଲୁଆଡସିଂଙ୍କ ଝିଅ ଲକ୍ଷ୍ମୀପ୍ରିୟା ୫୪୨ ନମ୍ବର ରଖି ଏ-୧ ସ୍ଥାନ ଅଧିକାର କରିଛନ୍ତି। ଭବିଷ୍ୟତରେ ଲକ୍ଷ୍ମୀପ୍ରିୟା ଡାକ୍ତର ହେବାକୁ ଆଶା ରଖିଛନ୍ତି। ସେହିପରି ଛତାବର ପଞ୍ଚାୟତର ଅରିଶଳ ରାଜକିଶୋର ବିଦ୍ୟାପୀଠର ଦୁଇ ଜଣ ଏ-୧ ସ୍ଥାନ ଅଧିକାର କରିଛନ୍ତି। ରତିକାନ୍ତ ନନ୍ଦଙ୍କ ଝିଅ ଶ୍ରୁଶ୍ରୀ ଅମ୍ରିତା ନନ୍ଦ ୫୭୭ ନମ୍ବର ରଖିଛନ୍ତି। ସେହିଭଳି ଉକ୍ତ ବିଦ୍ୟାଳୟର ମହେନ୍ଦ୍ର ବେହେରାଙ୍କ ପୁଅ ପ୍ରିତମ କୁମାର ବେହେରା ୫୪୨ ନମ୍ବର ରଖିଛନ୍ତି। ଅମ୍ରିତା ଭବିଷ୍ୟତରେ ସିଭିଲ ସର୍ଭିସ ଚାକିରି କରିବାକୁ ଆଶା ରଖିଥିବା ବେଳେ ପ୍ରୀତମ ଜଣେ ଡାକ୍ତର ହେବାକୁ ଆଶା ରଖିଛନ୍ତି।

# ମଦ ପିଇବାକୁ ଟଙ୍କା ନ ଦେବାରୁ ଆକ୍ରମଣ

**ଭୁବନେଶ୍ୱର,୬।୭(ବ୍ୟୁରୋ)**

**ଛାତ୍ର- ଅଣଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ**
- କଲେଜ କର୍ତ୍ତୃପକ୍ଷ କହିଲେ ରାଗିଂ ନୁହେଁ
- ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ମଦ ପିଇବାକୁ ଟଙ୍କା ନ ଦେବାରୁ ଛାତ୍ରଙ୍କୁ କାଠଫାଳିଆରେ ମରଣାନ୍ତକ ଆକ୍ରମଣ ହୋଇଛି। ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ର ହେଲେ ଉକ୍ତ ଅଞ୍ଚଳରେ ଥିବା ବେସିକ୍ ସାଇନ୍ସ କଲେଜ ଯୁକ୍ତ ୩ ଦ୍ୱିତୀୟ ବର୍ଷର ସୋମନାଥ ସେଠୀ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏନେଇ ସୋମନାଥ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ଓୟୁଏଟିର ୩ ପୂର୍ବତନ ଛାତ୍ର ମାଡ଼ ମାରିଥିବା ସୋମନାଥ ଏତଲାରେ ଦର୍ଶାଇଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ଜାଗାରେ ଛାନଭିନ କରୁଛି। ଏଥିସହ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୋଲିସ ଏକ ମାମଲା (ନଂ. ୩୪୬/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଅପରପକ୍ଷରେ ରାଗିଂକୁ ନେଇ ମାଡ଼ ମରାଯାଇଥିବା ଚର୍ଚ୍ଚାକୁ କଲେଜ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। କ୍ୟାମ୍ପସ ବାହାରେ ଉକ୍ତ ଘଟଣା ଘଟିଥିବା ବେଳେ ରାଗିଂ ନେଇ କଲେଜ ଆଣ୍ଟି ରାଗିଂ ସେଲ୍‌ରେ କୌଣସି ଅଭିଯୋଗ ହୋଇ ନ ଥିବା କଲେଜ ନିର୍ଦ୍ଦେଶକ ଏସ୍.କେ. ମିଶ୍ର କହିଛନ୍ତି। ସେହିପରି ଜୋନ-୩ ଏସିପି ରଜତ କୁମାର ରୟ କହିଛନ୍ତି, ସୋମନାଥ ତାଙ୍କ ସାଙ୍ଗଙ୍କୁ ଦେଖାକରିବାକୁ ଯାଉଥିବା ବେଳେ ଓୟୁଏଟିର ଜଣେ ପାସ୍ ଆଉଟ ପିଲା ଓ ୨ଜଣ ପିଜି ପିଲାଙ୍କ ସହ ମାରପିଟ୍ ହୋଇଛି। ଏହା ରାଗିଂ ନୁହେଁ ବରଂ ବେସିକ ସାଇନ୍ସ ଛାତ୍ର ଏବଂ ଓୟୁଏଟି ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା। ସୂଚନାନୁଯାୟୀ, ସୋମନାଥ ସ୍ଥାନୀୟ ୟୁନିଟ-୮ ଅଞ୍ଚଳର ଏକ ଭଡ଼ାଘରେ ରହି ବେସିକ ସାଇନ୍ସ କଲେଜରେ ପାଠ ପଢୁଛନ୍ତି। ମଙ୍ଗଳବାର କୌଣସି କାମରେ ସେ ଖଣ୍ଡଗିରି ଝାଡ଼େଶ୍ୱର ମନ୍ଦିର ନିକଟରେ ଥିବା ତାଙ୍କ ସାଙ୍ଗଙ୍କ ପାଖକୁ ଯାଇଥିଲେ। ଏହି ସମୟରେ ଓୟୁଏଟିର ୩ ଜଣ ପୂର୍ବତନ ଛାତ୍ର ତାଙ୍କୁ ଅଟକାଇ ମଦ ପିଇବାକୁ ଟଙ୍କା ମାଗିଥିଲେ। ସୋମନାଥ ଟଙ୍କା ନ ଦେବାରୁ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ୩ ପୂର୍ବତନ ଛାତ୍ର ତାଙ୍କୁ ନିସ୍ଥୁକ ପିଟିବା ସହ ଏକ କାଠ ଫାଳିଆରେ ମୁଣ୍ଡକୁ ଆକ୍ରମଣ କରିଥିଲେ।

## ବଳରାମ ଦେବ ବିଦ୍ୟାପୀଠର ପାସ୍ ହାର ୯୮ ପ୍ରତିଶତ

**ଟାଙ୍ଗୀ(ଖୋର୍ଦ୍ଧା), ୬।୭(ଡି.ଏନ୍.ଏ.)**

ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଟାଙ୍ଗୀ ସ୍ଥିତ ବଳରାମ ଦେବ ବିଦ୍ୟାପୀଠର ପାସ୍ ହାର ୯୮% ରହିଛି। ମୋଟ୍ ୭୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏ-୧ ଗ୍ରେଡରେ ଜଣେ ଛାତ୍ର ଥିବା ବେଳେ ଏ-୨ ଗ୍ରେଡରେ ୬ ଜଣ ଛାତ୍ରୀଛାତ୍ର ରହିଛନ୍ତି। ସେହିଭଳି ବି-୧ ରେ ୮ଜଣ ଓ ବି-୨ ରେ ୧୯ ଜଣ ଛାତ୍ରୀଛାତ୍ର ରହିଛନ୍ତି। ୫୬୭ ନମ୍ବର ରଖି ଛାତ୍ର ଧର୍ମ ରଞ୍ଜନ ସାବତ ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଧର୍ମ ରଞ୍ଜନଙ୍କୁ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ ଶୁଭେଚ୍ଛା ଜଣାଇଛନ୍ତି।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଏ-୧ରେ ୨ ଜଣ

**ନିରାକାରପୁର,୬।୭(ଡି.ଏନ୍.ଏ.)**

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ମୋଟ୍ ୭୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିରୁ ଏ-୧ରେ ୨ଜଣ, ଏ-୨ ରେ୨୭, ବି-୧ରେ ୩୬, ବି-୨ରେ ଜଣେ ସମେତ ଶତପ୍ରତିଶତ ରେଜଲ୍ଟ ହୋଇଛି ବୋଲି ଅନୁଷ୍ଠାନର ସମ୍ପାଦକ ଭୂଷଣ ଆଚାର୍ଯ୍ୟ କହିଛନ୍ତି। ସେହିପରି ନିରାକାରପୁର ସରକାରୀ ହାଇସ୍କୁଲର ୧୨୮ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୨୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସରପାରୀ ସ୍କୁଲର ୩୩ ଜଣ ପାସ କରିଛନ୍ତି। ଦାଶରଥିମହାପାତ୍ର ଅଚ୍ୟୁତପୁର ହାଇସ୍କୁଲରେ ୭୦ଜଣରୁ ଶତ ପ୍ରତିଶତ ପାସ, ଆଞ୍ଚଳିକ ବିଦ୍ୟାଳୟ ଟାଙ୍କୋଳରେ ୫୭ରୁ ୫୬ ଜଣ, ରାମେଶ୍ୱର ସରକାରୀ ସ୍କୁଲରେ ୫୬ ଜଣ ଦେଇଥିବା ବେଳେ ଏ୨ରେ-୬, ବି୧ରେ-୧୦, ବି୨ରେ-୧୪, ସିରେ-୧୮ ଏବଂ ଡିରେ ୮ଜଣ ପାସ୍ କରିଥିବା ପ୍ରଧାନ ଶିକ୍ଷକ କହିଛନ୍ତି।

# ୪୫ହଜାର ପିଲା କାହିଁକି ଅନୁପସ୍ଥିତ ରହିଲେ ତାହା ସେମାନେ ହିଁ କହିବେ : ମନ୍ତ୍ରୀ

**କଟକ ଅଫିସ, ୬।୭**

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୪୫,୦୯୧ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ତେବେ କାହିଁକି ଅନୁପସ୍ଥିତ ରହିଲେ, ତାହା କେବଳ ସେମାନେ ହିଁ କହିପାରିବେ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି । ବୁଧବାର ୨୦୨୧-୨୨ ଶିକ୍ଷାବର୍ଷର ପରୀକ୍ଷା ଫଳ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପ୍ରକାଶ ପାଇଛି। ଚଳିତ ବର୍ଷ ପାସ୍ ହାର ୯୦.୫୫ ପ୍ରତିଶତ ରହିଛି । ପରୀକ୍ଷା ପାଇଁ ସମୁଦାୟ ୫ ଲକ୍ଷ, ୭୧ ହଜାର ୯୦୯ ଜଣ ପରୀକ୍ଷାର୍ଥି ଫର୍ମପୂରଣ କରିଥିଲେ। ଆଉ ସେଥିରୁ ୪୫ ହଜାର ୯୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନାହାନ୍ତି ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ମୟୂରଭଞ୍ଜ ଜିଲାରୁ ସର୍ବାଧିକ ୪,୪୯୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ସେହିପରି ଦ୍ୱିତୀୟରେ ଗଞ୍ଜାମରେ ୩,୩୩୨, ତୃତୀୟରେ ବଲାଙ୍ଗୀରରେ ୩,୨୧୮, ଚତୁର୍ଥରେ ବାଲେଶ୍ୱରରେ ୨,୮୦୩ ଏବଂ ପଞ୍ଚମରେ କେନ୍ଦୁଝରରେ ୨,୭୨୦ ପିଲା ରହିଛନ୍ତି। ହେଲେ ଏତେ ସଂଖ୍ୟକ ପିଲା କାହିଁକି ପରୀକ୍ଷା ଦେଇ ନାହାନ୍ତି ସେ ନେଇ କୌଣସି ଉତ୍ତର ଦେବାକୁ ମନ୍ତ୍ରୀ ମନା କରିଦେଇଛନ୍ତି।

ସୂଚନାଥାଉକି ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ସରିବା ପରେ ପ୍ରକୃତ କେତେ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ସେ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ପ୍ରକୃତ ତଥ୍ୟ ଆମ ନିକଟରେ ନାହିଁ ବୋଲି କହି ବୋର୍ଡ ଏହାକୁ ଏଡ଼ାଇ ଦେଇଥିଲା। ଏପରି କି ପରୀକ୍ଷା ଫଳ ବାହାରିବା ଦିନ ପ୍ରକୃତ ସଂଖ୍ୟା ଜଣା ପଡ଼ିବ ବୋଲି ବୋର୍ଡ ପକ୍ଷରୁ ପରେ କୁହାଯାଇଥିଲା। ତେବେ ଫଳ ବାହାରିବା ପରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କାହିଁକି ଅନୁପସ୍ଥିତ ରହିଲେ ସେନେଇ ମନ୍ତ୍ରୀ କୌଣସି ମନ୍ତବ୍ୟ ଦେବାକୁ ମନା କରିବା ସହ ଏହି ପ୍ରଶ୍ନର ଉତ୍ତର ଏଠାରେ ଦେବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ତେବେ ଦୁଇ ବର୍ଷ ହେବ କୋଭିଡ୍ କାରଣରୁ ଅନେକ ପିଲା ଶିକ୍ଷା ଛାଡ଼ି ଅନେକ କାର୍ଯ୍ୟରେ ନିୟୋଜିତ ହେବା ସହ ଅନେକ ଦାଦନ ଖଟିବାକୁ ଚାଲିଯାଉଥିବା କୁହାଯାଉଛି।

# ଦକ୍ଷିଣ ମୋଡ଼ ହେଲା ରଥ

**ଖୋର୍ଦ୍ଧା ଅଫିସ,୬।୭**

ଭାଇଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଆସି ଆଡ଼ପମଣ୍ଡପରେ ବିଜେ କରିଛନ୍ତି ମହାପ୍ରଭୁ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ। ଗୁଣ୍ଡିଚା ମନ୍ଦିର ନିକଟରେ ରହିଛି ମହାପ୍ରଭୁଙ୍କ ରଥ। ଜୁଲାଇ ୯ରେ ବାହୁଡା ଯାତ୍ରା। ଏଥିପାଇଁ ବୁଧବାର ପୂର୍ବାହ୍ନରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ରଥରେ ବିଜେ କରାଯାଇଥିଲା। ପରେ ରଥକୁ ଦକ୍ଷିଣ ମୋଡ କରାଯାଇଥିଲା। ଜୁଲାଇ ୮ରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ନବମୀ ସନ୍ଧ୍ୟା ଦର୍ଶନ ରହିଛି। ଏଥିସହ ମହାପ୍ରଭୁଙ୍କ ବାହୁଡା ଯାତ୍ରା ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ସେହିପରି ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡଖୋର୍ଦ୍ଧା ସ୍ଥିତ ଶ୍ରୀଜଗନ୍ନାଥଙ୍କ ଚଳିତବର୍ଷ ପ୍ରଥମ ଥର ଲାଗି ଘୋଷଯାତ୍ରା ଆୟୋଜନ ହୋଇଛି। ମହାପ୍ରଭୁଙ୍କ ବଡ଼ଭାଇ ଓ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଏକ ଅସ୍ଥାୟୀ ଗୃହରେ ହୋଇଥିବା ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି। ମଙ୍ଗଳବାର ହେରାପଞ୍ଚମୀ ନୀତି ସମ୍ପନ୍ନ ହୋଇଥିବା ବେଳେ ବୁଧବାର ପରମ୍ପରା ଅନୁଯାୟୀ ରଥର ଦକ୍ଷିଣ ମୋଡ କରାଯାଇଥିବା କମିଟି ସଦସ୍ୟ ଅଜିତ୍ ପଟ୍ଟନାୟକ କହିଛନ୍ତି।

# ଆର୍‌ଆଇଙ୍କୁ ଆକ୍ରମଣ, ଥାନାରେ ଏତଲା

**ଖୋର୍ଦ୍ଧା ଅଫିସ,୬।୭**

ଖୋର୍ଦ୍ଧାରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ବଢିଚାଲିଛି। ଏହାକୁ ରୋକିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଛି। ରାଜସ୍ୱ, ପୋଲିସ ଏବଂ ଜଙ୍ଗଲ ବିଭାଗକୁ ନେଇ ସ୍ୱତନ୍ତ୍ର କମିଟି ଗଠନ ହୋଇଛି। ଏହି ଟିମ୍ ବିଭିନ୍ନ ଛକ ସ୍ଥାନ, ଖଣିରେ ଚଢ଼ାଉ ଜାରି ରଖିଛି। ବୁଧବାର ବେଗୁନିଆ ତହସିଲ ବାମଡିହ ଛକରେ ଚଢ଼ାଉ ସମୟରେ ବାଘମାରୀ ଆର୍‌ଆଇ ମନୋଜ କୁମାର ଦାସଙ୍କୁ ଚୋରାଚାଲାଣକାରୀ ଆକ୍ରମଣ ନେଇ ତହସିଲଦାର ପୃଥ୍ୱିରାଜ ମଣ୍ଡଳ ସମ୍ପୃକ୍ତ ଆରଆଇଙ୍କ ରିପୋର୍ଟକୁ ଭିତ୍ତିକରି ବାଘମାରୀ ଥାନାରେ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ବାମଡିହ ଛକରୁ ବାଘମାରୀ ଅଭିମୁଖେ ଚୋରାଚାଲାଣ ଚାଲିଥିବା ଖବରପାଇ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ବାଘମାରୀ ଆରଆଇ ମନୋଜ ଛକରେ ଚଢ଼ାଉ କରିଥିଲେ। ଏହି ସମୟରେ ମାଙ୍କଡା ପଥର ବୋଝେଇ ଟ୍ରକ(ଓଆ।ର୦୯-ଇ-୧୮୮୨) ବାଘମାରୀ ପଟକୁ ଯାଉଥିବା ବେଳେ ଅଟକାଇଥିଲେ। ତେବେ ଟ୍ରକ ଡ୍ରାଇଭର ଗାଡ଼ି ନ ଅଟକାଇ ସିମୋର ରାସ୍ତା ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। ମନୋଜ ତାଙ୍କୁ ପିଛା କରି ଟ୍ରକକୁ ଅଟକାଇ କାଗଜପତ୍ର ମାଗିଥିଲେ। ତେବେ କାଗଜପତ୍ର ଦେଖାଇବା ପରିବର୍ତ୍ତେ ଧମକ ଦେବା ସହ ଜୀବନରେ ମାରିଦେବାକୁ ଧମକ ଦେଇ ଧକ୍କା ମାରି ବାଙ୍କି ଅଭିମୁଖେ ପଳାଇ ଥିଲେ। ଏହି ତହସିଲରେ ଚୋରାଚାଲାଣ ରୋକିବା ଲାଗି ଚଢ଼ାଉ ଜାରି ରହିଛି। ଆଗକୁ ଏଭଳି ଘଟଣା ପନୁରାବୃତ୍ତି ଘଟିପାରେ । ତେଣୁ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ଅଭିଯୋଗରେ ଉଲ୍ଲେଖ ରହିଛି।

# ଧରାପଡ଼ିଲା ଏରାଗୋଲା ଗ୍ୟାଙ୍ଗ୍: ୮ ଗିରଫ

**ଭୁବନେଶ୍ୱର,୬।୭(ବ୍ୟୁରୋ)**



ଗିରଫ ଅଭିଯୁକ୍ତମାନେ ଏବଂ ଜବତ ହୋଇଥିବା ମୋବାଇଲ, ଟଙ୍କା ଓ ମାରଣାସ୍ତ୍ର।

ବ୍ୟାଙ୍କରେ ଟଙ୍କା ଉଠାଉଥିବା ଲୋକଙ୍କୁ ଟାର୍ଗେଟ କରୁଥିଲେ। କେତେବେଳେ ଟଙ୍କା ତଳେ ପଡ଼ିଗଲା କହି ତ ପୁଣି କେବେ ଗାଡ଼ି କାଚ ଭାଙ୍ଗି ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୁଟ କରି ଫେରାର ହୋଇଯାଉଥିଲେ। ଏଭଳି ଏକ ଆନ୍ତଃରାଜ୍ୟ ଲୁଟେରା ଦଳ ଏରାଗୋଲା ଗ୍ୟାଙ୍ଗ ମଙ୍ଗଳବାର ରାତିରେ କମିଶନରେଟ ପୋଲିସର ସ୍ପେଶାଲ ସ୍କାଡ୍ ହାତରେ ଧରାପଡ଼ିଛି। ଏହି ଗ୍ୟାଙ୍ଗର ୮ଜଣଙ୍କୁ ଗିରଫ କରାଯାଇଛି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶର ପେଟଲ ନବୀନ (୨୨), ଗୁଗୁଲା ରାଜା (୫୩), ଅକୁଲା ଡାନିଏଲ (୨୮), ପି. ଦେବା (୪୦), କୁଞ୍ଚାଲୁ ଚିନ୍ନା (୨୮), ବେଗ୍ ଇବ୍ରାହିମ (୩୭), ବନାଲା ପଓଲା (୩୯) ଏବଂ ଗୋଗୁଲା ସଲମନ (୩୩)। ସେମାନଙ୍କଠାରୁ ୧ ଲକ୍ଷ ୫୧ ହଜାର ୨୧୦ ଟଙ୍କା, ୨ ବାଇକ, ଗୋଟିଏ ହୀରା ହାର (ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା), ୧୨ଟି ମୋବାଇଲ ଫୋନ୍ ଜବତ ହୋଇଛି। ଏମାନଙ୍କ ନାଁରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ଖାରବେଳ ନଗର, ଖୋର୍ଦ୍ଧାର ଜଟଣୀ ଓ କଟକ ଜଗତପୁର ଥାନାରେ ମାମଲା ରହିଛି। ତେବେ ଏହି ଗ୍ୟାଙ୍ଗ୍‌ର ଚେର ଓଡ଼ିଶାରୁ ଆନ୍ଧ୍ରପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଛି। ଏହି ଗ୍ୟାଙ୍ଗରେ ସାମିଲ ଥିବା ଅନ୍ୟମାନଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଜାରି ରଖିଛି। ସୂଚନା ଅନୁଯାୟୀ, ସ୍ପେଶାଲ ସ୍କାଡ୍ ଟିମ୍ ଅଭିଯୁକ୍ତମାନଙ୍କ ଚେହେରା ଏବଂ ଅପରାଧରେ ବ୍ୟବହୃତ ଯାନକୁ ସିସିଟିଭି ଫୁଟେଜ ଆଧାରରେ ଚିହ୍ନଟ କରିଥିଲା। ଅଭିଯୁକ୍ତମାନେ ଏରାଗୋଲା ଗ୍ୟାଙ୍ଗର ସଦସ୍ୟ ବୋଲି ଜଣାପଡ଼ିଥିଲା। ମଙ୍ଗଳବାର ରାତିରେ ସ୍ପେଶାଲ ସ୍କାଡ୍ ବିଶେଷ ସୂତ୍ରରୁ ଖବର ପାଇ ଶହୀଦନଗର ପୋଲିସ ସହଯୋଗରେ କଟକ ଉରାଳିରେ ଅଭିଯୁକ୍ତମାନେ ରହୁଥିବା ଭଡ଼ାଘରେ ଚଢ଼ାଉ କରିଥିଲା। ସେଠାରୁ ସମସ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

## ନୂଆପାଟଣାରେ ଦଲାଇ ଲାମାଙ୍କ ଜନ୍ମଦିନ ପାଳିତ

ଡିଗିରିଆ,(ଡି.ଏନ.ଏ.): ନୂଆପାଟଣା ବୋଧିଦ୍ରୁମ ବୁଦ୍ଧ ବିହାରଠାରେ ନୂଆପାଟଣା ବୌଦ୍ଧ ସଂଘ ଦ୍ୱାରା ଦଲାଇଲାମାଙ୍କ ଜନ୍ମ ଦିବସ ବୁଧବାର ପାଳିତ ହୋଇଯାଇଛି। ଦଲାଇଲାମା ୧୯୭୩ ମସିହା ଜାନୁୟାରୀ ୨୧ ତାରିଖରେ ନୂଆପାଟଣା (ଜେମାଦେଇପୁର) ବୁଦ୍ଧ ବିହାର ପରିଦର୍ଶନ କରି ତଥାଗତ ବୁଦ୍ଧଙ୍କ ମୂର୍ତ୍ତି ଓ ବୋଧିଦ୍ରୁମ ବୃକ୍ଷ ମୂଳରେ ପୁଷ୍ପ ଅର୍ପଣ କରିଥିଲେ। ଦଲାଇଲାମାଙ୍କର ଜନ୍ମଦିନରେ ନୂଆପାଟଣା ବୌଦ୍ଧ ସଂଘର ସଭାପତି ରଙ୍ଗାଧର ପାତ୍ର, ସମ୍ପାଦକ ନିରଞ୍ଜନ ମହାପାତ୍ର, ଦିଲ୍ଲୀପ ପାତ୍ର, ସଦାନନ୍ଦ ପାତ୍ର, ମହେଶ୍ୱର ବର୍ଦ୍ଧନ, ସନ୍ତୋଷ ପାତ୍ର, କୁଳମଣୀ ବର୍ଦ୍ଧନ, ତିଲୋତ୍ତମା ଚନ୍ଦ, ପ୍ରତିଭା ପାତ୍ର, ପ୍ରବାସିନୀ ମହାପାତ୍ର ପ୍ରମୁଖ ବୁଦ୍ଧଙ୍କ ବିଗ୍ରହ ନିକଟରେ ମହମବତୀ ଜାଳି ଦଲାଇଲାମାଙ୍କ ଦୀର୍ଘାୟୁ କାମନା କରିଥିଲେ।



# ସିଡିଆର୍ ସଂଗ୍ରହରେ ବିଳମ୍ବ

**କିଶନନଗର ଥାନା ପରିସରରେ ଗୁଣନିଧିଙ୍କ ଆତ୍ମାହୁତି ଘଟଣା**

କଟକ ସଦର,୬।୭(ଡି.ଏନ୍.ଏ.)

କଟକ ଜିଲା କିଶନନଗର ଥାନା ପରିସରରେ ସ୍ଥାନୀୟ ସାଇକୋରୁଆ ଗ୍ରାମର ଗୁଣନିଧି ବିଶୋୟୀ ଆତ୍ମାହୁତି ଘଟଣାକୁ ୧୪ ଦିନ ବିତିଯାଇଛି। ଏହି ଘଟଣାରେ ପୋଲିସର ଅବହେଳା ନେଇ ତଦନ୍ତ ଜାରି ରହିଛି। ଅପରପକ୍ଷେ ଗୁଣନିଧି ବ୍ୟବହାର କରୁଥିବା ମୋବାଇଲ କଲ୍ ଡିଟେଲ୍ ରିପୋର୍ଟ(ସିଡିଆର୍)କୁ ପୋଲିସ ସମ୍ପୃକ୍ତ ଟେଲିକମ୍ କମ୍ପାନୀଠାରୁ ସଂଗ୍ରହ କରିପାରିନାହିଁ। ଫଳରେ ତଦନ୍ତ ଠିକ୍ ବାଟରେ ଯାଉନାହିଁ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଥାନାରେ ଲାଗିଥିବା ସିସିଟିଭି ଫୁଟେଜ ଏବଂ ସିଡିଆର୍ ତଦନ୍ତରେ ବେଶ୍ ସହାୟକ ହୋଇପାରିବ।

ଗୁଣନିଧି ଏବଂ ତାଙ୍କ ପୁତୁରା ସାଗର ବିଶୋୟୀଙ୍କ ମଧ୍ୟରେ ଜମିବାଡିକୁ ନେଇ ଜୁନ୍ ୧୯ ତାରିଖରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଗୁଣନିଧି କିଶନନଗର ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ପରେ ଗୁଣନିଧି କଟକ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କ ନିକଟରେ ଏ ନେଇ ଅଭିଯୋଗ କରିବା ପରେ ତୁରନ୍ତ ପୋଲିସ ମାମଲା(ନଂ.୧୦୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ପୋଲିସ ଉପରୁ ଭରସା ନ ପାଇ ଗୁଣନିଧି ଗତ ୨୩ ତାରିଖରେ ଥାନା ପରିସରରେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲ ପରେ କଟକ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ୧୯ରୁ ୨୩ ତାରିଖ ମଧ୍ୟରେ ଗୁଣନିଧି ନିଜର ସମସ୍ୟା କାହାକୁ ଜଣାଇଥିଲେ ଓ କାହା କଥାରେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଲେ ସେ ସମ୍ପର୍କିତ ତଥ୍ୟ ସିଡିଆର୍‌ରୁ ମିଳିପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ତଥା ଡିଏସ୍‌ପି ଅଶ୍ୱିନୀ କୁମାର ସାହୁ କହିଛନ୍ତି, ଉକ୍ତ ଟେଲିକମ୍ କମ୍ପାନୀକୁ ସିଡିଆର୍ ମଗାଯାଇଛି। ତାହା ଆସିବା ପରେ ତଦନ୍ତ କରାଯିବ।




ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମବାର୍ଷିକ ପାଳନ ଅବସରରେ ବୁଧବାର କଟକ ସେଣ୍ଟ୍ରାଲ ରେଡ୍‌କ୍ରସ ବ୍ଲଡବ୍ୟାଙ୍କରେ ନେହେରୁ ଯୁବକେନ୍ଦ୍ର ସଂଗଠନ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର।

# ୪୫ହଜାର ପିଲା କାହିଁକି ଅନୁପସ୍ଥିତ ରହିଲେ ତାହା ସେମାନେ ହିଁ କହିବେ: ମନ୍ତ୍ରୀ

**ମୟୂରଭଞ୍ଜ ଜିଲାରୁ ସର୍ବାଧିକ ଅନୁପସ୍ଥିତ**

କଟକ ଅଫିସ, ୬।୭

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୪୫,୦୯୧ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ତେବେ କାହିଁକି ଅନୁପସ୍ଥିତ ରହିଲେ, ତାହା କେବଳ ସେମାନେ ହିଁ କହିପାରିବେ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବୁଧବାର ୨୦୨୧-୨୨ ଶିକ୍ଷାବର୍ଷର ପରୀକ୍ଷା ଫଳ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପ୍ରକାଶ ପାଇଛି। ଚଳିତ ବର୍ଷ ପାସ୍ ହାର ୯୦.୫୫ ପ୍ରତିଶତ ରହିଛି। ପରୀକ୍ଷା ପାଇଁ ସମୁଦାୟ ୫ ଲକ୍ଷ, ୭୧ ହଜାର ୯୦୯ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ଆଉ ସେଥିରୁ ୪୫ ହଜାର ୯୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନାହାନ୍ତି ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ମୟୂରଭଞ୍ଜ ଜିଲାରୁ ସର୍ବାଧିକ ୪,୪୯୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ସେହିପରି ଦ୍ୱିତୀୟରେ ଗଞ୍ଜାମରେ ୩,୩୩୨, ତୃତୀୟରେ ବଲାଙ୍ଗୀରରେ ୩,୨୧୮, ଚତୁର୍ଥରେ ବାଲେଶ୍ୱରରେ ୨,୮୦୩ ଏବଂ ପଞ୍ଚମରେ କେନ୍ଦୁଝରରେ ୨,୭୨୦ ପିଲା ରହିଛନ୍ତି। ହେଲେ ଏତେ ସଂଖ୍ୟକ ପିଲା କାହିଁକି ପରୀକ୍ଷା ଦେଇ ନାହାନ୍ତି ସେ ନେଇ କୌଣସି ଉତ୍ତର ଦେବାକୁ ମନ୍ତ୍ରୀ ମନା କରିଦେଇଛନ୍ତି।

ସୂଚନାଥାଉକି ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ସରିବା ପରେ ପ୍ରକୃତ କେତେ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ସେ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ପ୍ରକୃତ ତଥ୍ୟ ଆମ ନିକଟରେ ନାହିଁ ବୋଲି କହି ବୋର୍ଡ ଏହାକୁ ଏଡ଼ାଇ ଦେଇଥିଲା। ଏପରି କି ପରୀକ୍ଷା ଫଳ ବାହାରିବା ଦିନ ପ୍ରକୃତ ସଂଖ୍ୟା ଜଣା ପଡ଼ିବ ବୋଲି ବୋର୍ଡ ପକ୍ଷରୁ ପରେ କୁହାଯାଇଥିଲା। ତେବେ ଫଳ ବାହାରିବା ପରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କାହିଁକି ଅନୁପସ୍ଥିତ ରହିଲେ ସେନେଇ ମନ୍ତ୍ରୀ କୌଣସି ମନ୍ତବ୍ୟ ଦେବାକୁ ମନା କରିବା ସହ ଏହି ପ୍ରଶ୍ନର ଉତ୍ତର ଏଠାରେ ଦେବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ତେବେ ଦୁଇ ବର୍ଷ ହେବ କୋଭିଡ୍ କାରଣରୁ ଅନେକ ପିଲା ଶିକ୍ଷା ଛାଡ଼ି ଅନେକ କାର୍ଯ୍ୟରେ ନିୟୋଜିତ ହେବା ସହ ଅନେକ ଦାଦନ ଖଟିବାକୁ ଚାଲିଯାଉଥିବା କୁହାଯାଉଛି।

# ପଞ୍ଚାୟତ ସମିତି ବୈଠକ ବାତିଲ

**ଅଧ୍ୟକ୍ଷା ନିର୍ବାଚନ ସ୍ଥଗିତ**

କଟକ ସଦର,୬।୭(ଡି.ଏନ୍.ଏ.)

କଟକ ସଦର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ବୁଧବାର ଅନୁଷ୍ଠିତ ହେବାର ଥିଲା। ଏଥିରେ ଖାଲି ପଡ଼ିଥିବା ଅଧ୍ୟକ୍ଷା ପଦବୀ ପାଇଁ ନୂଆ ପ୍ରାର୍ଥୀ ମନୋନୟନ କରାଯାଇଥାନ୍ତା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ସମିତି ସଭ୍ୟାସଭ୍ୟ ବୈଠକକୁ ନ ଆସିବାରୁ କୋରମ୍ ଅଭାବ ହୋଇଥିଲା। ଫଳରେ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖାଗଲା ବୋଲି ନିର୍ବାଚନ ଅଧିକାରୀ ତଥା କଟକ ସଦର ତହସିଲଦାର ସସ୍ମିତ ଗଡ଼ନାୟକ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଗତିରାଉତ ପାଟଣା ପଞ୍ଚାୟତ ସମିତି ସଭ୍ୟା ପଦବୀଟି ଖାଲି ପଡିଛି। ଉକ୍ତ ପଦବୀ ପାଇଁ ନିର୍ବାଚନ ନ ହେବା ପର୍ଯ୍ୟନ୍ତ ଅଧ୍ୟକ୍ଷା ନିର୍ବାଚନକୁ ସ୍ଥଗିତ ରଖାଯାଉ ବୋଲି ଅଧିକାଂଶ ସମିତି ସଭ୍ୟାସଭ୍ୟ ପରିଚୟ ଗୋପନ ରଖି କହିଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୧ ତାରିଖରେ ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ରାଉତଙ୍କର ଅକାଳ ବିୟୋଗ ଘଟିଥିଲା। ଫଳରେ ଉକ୍ତ ପଦବୀ ଅଦ୍ୟାବଧି ଖାଲି ପଡିଛି। ତେଣୁ ପୁନର୍ବାର ନିର୍ବାଚନର ଆବଶ୍ୟକତା ରହିଛି। ରାଜ୍ୟ ନିର୍ବାଚନ ଆୟୋଗ ପତ୍ରସଂଖ୍ୟା ୭୩୬୧/୨୧।୬।୨୨ରେ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ କରିଥିଲେ।

# ସରକାରୀ ବିଦ୍ୟାଳୟର ଫଳାଫଳ ନେଇ ଅସନ୍ତୋଷ

**ସାଲେପୁରରେ ଏ-୧ ଗ୍ରେଡ୍ ପାଇଲେ ୬୪ ଛାତ୍ରୀଛାତ୍ର**

ସାଲେପୁର,୬।୭(ଡି.ଏନ୍.ଏ.)

ଦିନକୁ ଦିନ ସରକାରୀ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ହ୍ରାସ ଘଟୁଥିବାବେଳେ ବେସରକାରୀ ବିଦ୍ୟାଳୟରେ ବୃଦ୍ଧି ପାଉଛି। ଏହାର ସ୍ପଷ୍ଟ ଚିତ୍ର ବୁଧବାର ପ୍ରକାଶ ପାଇଥିବା ଚଳିତ ମାଟ୍ରିକ୍ ପରୀକ୍ଷା ଫଳାଫଳରୁ ଜଣାଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସାଲେପୁର ବ୍ଲକ୍‌ରେ ବେସରକାରୀ ସ୍କୁଲରେ ୫୩ ଜଣ ଛାତ୍ରୀଛାତ୍ର ଏ-୧ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାତ୍ର ୧୧ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ମାଟ୍ରିକ୍ ପରୀକ୍ଷାରେ ଶିକ୍ଷାକ୍ଷେତ୍ରରେ ସମଗ୍ର ନିର୍ବାଚନ ମଣ୍ଡଳୀରେ ସୁନାମ ଅର୍ଜନ କରିଥିବା ସାଲେପୁର ହାଇସ୍କୁଲର ଜଣେ ହେଲେ ଛାତ୍ରୀଛାତ୍ର ଏ-୧ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇପାରିନାହାନ୍ତି। ସରକାରୀ ସ୍କୁଲ ଅପେକ୍ଷା ବେସରକାରୀ ସ୍କୁଲରେ ଭଲ ଶିକ୍ଷାଦାନ ହେଉଥିବାରୁ ଛାତ୍ରୀଛାତ୍ରମାନେ ଭଲ ମାର୍କ ରଖି କୃତକାର୍ଯ୍ୟ ହେଉଥିବା ଅଭିଭାବକ କହିଛନ୍ତି। ସରକାରୀ ସ୍କୁଲରେ ଠିକ୍ ଭାବେ ଶିକ୍ଷାଦାନ କରାଯାଉ ନ ଥିବାରୁ ପରୀକ୍ଷା ଫଳ ନୈରାଶଜନକ ବୋଲି ବହୁ ଛାତ୍ର ଅଭିଭାବକ ପ୍ରକାଶ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକରେ ଚଳିତ ମାଟ୍ରିକ୍ ପରୀକ୍ଷାରେ ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଆଦ୍ୟାଶ୍ରୀ ଦେବତା ସମୁଦାୟ ୫୯୩ନମ୍ବର ରଖି ବ୍ଲକର ଟପ୍ପର ହୋଇଛନ୍ତି। ଏହି ବିଦ୍ୟାଳୟର ଅନ୍ୟ ୩୧ଜଣ ଛାତ୍ରୀଛାତ୍ର ଏ-୧ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୋପୀନାଥପୁରର ଏ-୧ ଗ୍ରେଡ୍‌ରେ ୭ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଇଛି। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ପଞ୍ଚାୟତ ହାଇସ୍କୁଲ ଛୋଟିପଡ଼ା ସୁଶ୍ରୀସଙ୍ଗୀତା ଦାସ ୫୪୨ ନମ୍ବର ରଖିଥିବାବେଳେ ଗୋପୀନାଥପୁର ହାଇସ୍କୁଲର ଅଭିଲିପ୍ସା ସାମଲ ୫୫୪, ଅନୁରାଧା ରାଉତ ୫୫୪, ହୃଦୟଜ୍ଞାନଦର୍ଶିନୀ ନାଥ ୫୪୦ ନମ୍ବର ରଖି ଏ-୧ ଗ୍ରେଡ ପାଇଛନ୍ତି। ସୂଚନା ଯୋଗ୍ୟ, ବେସରକାରୀ ସ୍କୁଲରୁ ସରକାରୀ ସ୍କୁଲ ମୁହାଁ ହେବାପାଇଁ ରାଜ୍ୟ ସରକାର ୫-ଟି ଯୋଜନାରେ ବିଦ୍ୟାଳୟ ରୂପାନ୍ତରଣ ସହ ଆକର୍ଷଣୀୟ କରିଥିବାବେଳେ ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକ ଅଭାବ ଓ ଉପଯୁକ୍ତ ଶିକ୍ଷାଦାନ କରାଯାଉ ନ ଥିବାରୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଫଳ ନୈରାଶ ଜନକ ହୋଇଛି ବୋଲି ବହୁ ଛାତ୍ରାଭିଭାବକ ମାନେ ଅଭିଯୋଗ କରିଛନ୍ତି।

# ବିଭିନ୍ନ ସ୍କୁଲରେ ପାସ୍ ହାର ଶୀର୍ଷରେ

ଚୌଦ୍ୱାର/ନିଶ୍ଚିନ୍ତକୋଇଲି/ଆଠଗଡ଼/ଡିଗିରିଆ, ୬।୭(ଡି.ଏନ୍.ଏ./ସ୍ୱ.ପ୍ର.)

ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଚୌଦ୍ୱାର ଓ ଏହାର ଆଖପାଖ ଅଞ୍ଚଳର ଅଧିକାଂଶ ହାଇସ୍କୁଲରେ ପାସ୍‌ହାର ଶତ ପ୍ରତିଶତ ରହିଛି। ଏହାକୁନେଇ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଖୁସି ଅଛନ୍ତି। ଚୌଦ୍ୱାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମୋଟ୍ ୮୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ୧ରେ ୮, ଏ୨ରେ ୩୧, ବି୧ରେ ୪୧, ବି୨ରେ ୬ ଜଣ ପାସ୍ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ଜସ୍ମିନ୍ ମାହେଶ୍ୱରୀ ମୋଟ୍ ୯୭.୫% ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି କଳିଙ୍ଗ ନୋଡାଲ ବିଦ୍ୟାପୀଠରେ ପାସ୍‌ହାର ଶତ ପ୍ରତିଶତ ରହିଛି। ଏଠାରେ ଏ୧ରେ ଜଣେ, ଏ୨ରେ ୧୧, ବି୧ରେ ୧୨, ବି୨ରେ ୨୯, ସି ଏବଂ ଡି ଗ୍ରେଡ୍‌ରେ ୩୦ଜଣ ପାସ୍ କରିଛନ୍ତି। ସେହିପରି କଳିଙ୍ଗ ପବ୍ଲିକ୍ ସ୍କୁଲରେ ଫଳାଫଳ ଶତ ପ୍ରତିଶତ ହୋଇଥିବାବେଳେ ଏ୨ରେ ୨, ବି୧ରେ ୭, ବି୨ରେ ୧୪, ସି ଗ୍ରେଡ୍‌ରେ ୧୦ଜଣ ପାସ୍ କରିଛନ୍ତି। ଓଟିଏମ୍ ହାଇସ୍କୁଲରେ ଫଳାଫଳ ଶତ ପ୍ରତିଶତ ହୋଇଥିବାବେଳେ ଏ୨ରେ ୧୦, ବି୧ରେ ୨୧, ବି୨ରେ ୨୪, ସି ଗ୍ରେଡ୍‌ରେ ୩୬ ଓ ଡି ଗ୍ରେଡ୍‌ରେ ୩ ଜଣ ପାସ୍ କରିଛନ୍ତି। ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାସ୍‌ହାର ଶତ ପ୍ରତିଶତ ରହିଥିବାବେଳେ ଏ୧ରେ ୨, ଏ୨ରେ ୬, ବି୧ରେ ୧୫, ବି୨ରେ ୨୪, ସି ଗ୍ରେଡ୍‌ରେ ୨୨, ଡି ଗ୍ରେଡ୍‌ରେ ୧୮ ଓ ଇ ଗ୍ରେଡ୍‌ରେ ୫ଜଣ ପାସ୍ କରିଛନ୍ତି। କୈବଲ୍ୟ ଓଝା ମୋଟ୍ ୫୬୩ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେହିପରି ନିଗମାନନ୍ଦ ବିଦ୍ୟାପୀଠରେ ପାସ୍‌ହାର ଶତ ପ୍ରତିଶତ ହୋଇଛି। ଏଥିରେ ଏ୨ରେ ୧୨, ବି୧ରେ ୨୪, ବି୨ରେ ୩୩, ସି ଗ୍ରେଡ୍‌ରେ ୩୦, ଡି ଗ୍ରେଡ୍‌ରେ ୧୧ ଓ ଇ ଗ୍ରେଡ୍‌ରେ ଜଣେ ପାସ୍ କରିଥିବା ବିଦ୍ୟାଳୟ ପକ୍ଷରୁ ଜଣାପଡିଛି।

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟ, ଦେମାଣ୍ଡୋର ଶୁଭଶ୍ରୀ ଭୂୟାଁ ୫୮୦ ନଂ. ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରୁଷୋତ୍ତମ ବିଦ୍ୟାପୀଠ ବଇଁପଡାର ଆଦିତ୍ୟ ନାରାୟଣ ମିଶ୍ର ୫୭୩ ନଂ. ଓ ପାଟସୁରା ସରକାରୀ ଉଚ୍ଚ ବିଦ୍ୟାଳୟର ଶାଶ୍ୱତ ଲେଙ୍କା ୫୭୨ ନଂ. ରଖି ତୃତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି। ବ୍ଲକରେ ୨୩୮୧ ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ୧୮ ଜଣ ଅକୃତ କାର୍ଯ୍ୟ ହୋଇଛନ୍ତି।

ସେହିପରି ଆଠଗଡ ବ୍ଲକର ବିଭିନ୍ନ ବିଦ୍ୟାଳୟର ୩୪ଜଣ ଛାତ୍ରୀଛାତ୍ର ଏ-୧ରେ କୃତକାର୍ଯ୍ୟ ହୋଇଛନ୍ତି। ବ୍ଲକର ଖୁଣ୍ଟକଟା ନୋଡାଲ ଉଚ୍ଚ ବିଦ୍ୟାଳୟର ଦେବୀପ୍ରସାଦ ସାହୁ ସର୍ବାଧିକ ୫୮୫ ନଂ. ରଖି ଆଠଗଡ଼ ବ୍ଲକର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଆଠଗଡ ବିଶ୍ୱନାଥ ବିଦ୍ୟାପୀଠର ଛାତ୍ର ନୀଳକଣ୍ଠ ଦାଶ ୫୭୦ ନଂ. ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଡିଗିରିଆ ବ୍ଲକରୁ ୨୬ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ କୃତିତ୍ୱ ହାସଲ କରିଛନ୍ତି। ନୂଆପାଟଣା ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ୯ଜଣ, ଖଣ୍ଡପଡା ଶ୍ରୀଜଗନ୍ନାଥ ବିଦ୍ୟାପୀଠର ୫ଜଣ, ଭିରୁଡ଼ା ଦୀନବନ୍ଧୁ ଦାସ ଉଚ୍ଚ ବିଦ୍ୟାଳୟର ୨ଜଣ, ବିନ୍ଧାଣିମା ବାଳିକା ଉଚ୍ଚ ବିଦ୍ୟାଳୟର ୪ ଜଣ, ପାଞ୍ଚଗାଁ ଦଧିବାମନଜୀଉ ବିଦ୍ୟାପୀଠର ୨ଜଣ, ଗଦାଧରପୁର ଉଚ୍ଚ ବିଦ୍ୟାଳୟର ୨ଜଣ, ମହେଶ୍ୱର ନୋଡ଼ାଲ ବିଦ୍ୟାପୀଠର ଜଣେ ଓ ଡିଗିରିଆ ବାଳିକା ଉଚ୍ଚ ବିଦ୍ୟାଳୟର ୨ଜଣ ପିଲା କୃତିତ୍ୱ ହାସଲ କରିଛନ୍ତି।

# ସେବା, ସମର୍ପଣର ପ୍ରତୀକ ଥିଲେ କୈଳାସ ବରାଳ



ସାରଳା ଭବନରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ, ୬।୭

ସାରଳା ସାହିତ୍ୟ ସଂସଦ ପକ୍ଷରୁ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ଶ୍ରଦ୍ଧାଞ୍ଜଳି ସଭା କଟକ ସାରଳା ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ ଯୋଗଦେଇ ଶିକ୍ଷାବିତ୍ ବରାଳ ସେବା ଓ ସମର୍ପଣର ପ୍ରତୀକ ଥିଲେ ବୋଲି କହିଥିଲେ। ଏଥିରେ ସଂସଦର ପ୍ରତିଷ୍ଠାତା ସଭାପତି ଇଂ. ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରି କହିଥିଲେ, ବରାଳ ଜଣେ ଶିକ୍ଷାବିତ୍ ଓ ସଂଗଠକ ଭାବେ ପରିଚିତ। ସାହିତ୍ୟ, ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସର୍ବଦା କାର୍ଯ୍ୟ କରିଥିଲେ ବୋଲି ସେ କହିଥିଲେ। ଏହି ସଭାରେ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ଡ. ସୁନାମଣି ରାଉତ, ସାହିତ୍ୟିକ ଗୋବିନ୍ଦ ଭୂୟାଁ, କବି ପ୍ରସନ୍ନ କୁମାର ଜେନା, କୈଳାସ ଚନ୍ଦ୍ର ଦଳାଇ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଡ. ଚୌଧୁରୀ ସତ୍ୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଭୁପ୍ରସାଦ ରାଉତ ଓ ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ପରିବେଶ ସନ୍ତୁଳନ ପାଇଁ ଚାରା ରୋପଣ ଜରୁରୀ'

ଖୁଣ୍ଟୁଣୀ,୬।୭(ଡି.ଏନ.ଏ.)

୭୩ ତମ ବନ ମହୋତ୍ସବ ସପ୍ତାହ ଅବସରରେ କଣ୍ଡରେଇ ପଞ୍ଚାୟତ ଓ ଆଠଗଡ଼ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପଞ୍ଚାୟତ ସଂଲଗ୍ନ ପଡିଆରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜ୍ଞାନରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ର ଯୁବ ସଂଗଠକ ତଥା ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶର ସନ୍ତୁଳନ ରକ୍ଷା ପାଇଁ ଚାରାରୋପଣ ଜରୁରୀ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଜୟ ବେହେରା, ବନମାଳୀ ସାହୁ, ସତ୍ୟାନନ୍ଦ ସାହୁ, ଜ୍ଞାନରଞ୍ଜନ ଦାସ, ନାରିନେତ୍ରୀ ଅନସୂୟା ପଡ଼ିଆରୀ, ବନ୍ଦନା ମହାରଥୀ, ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ବିଜୁ ଛାତ୍ର ଜନତା ଦଳ ସଭାପତି ସତ୍ୟପ୍ରିୟ ମହାନ୍ତି, ଛାତ୍ରନେତା ଦିନେଶ ବେହେରା, ସରପଞ୍ଚ ବିନୋଦ ମାଝୀ, ସୋମା ସଏ, ଅଜିତ୍ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ ପଡ଼ିଆରେ ଶତାଧିକ ଚାରା ରୋପଣ କରାଯାଇଥିଲା। ଏଥିସହ ମୁଖ୍ୟ ଅତିଥି ସ୍ୱାଇଁ ୧୧୦ଜଣ ମହିଳାଙ୍କୁ ଗ୍ୟାସ୍ ଚୁଲା ବଣ୍ଟନ କରିଥିଲେ।

# 'ଗୋପବନ୍ଧୁଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହୁଅନ୍ତୁ'

କଟକ ଅଫିସ, ୬।୭

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ବୁଧବାର ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧ୍ୟକ୍ଷ ଦିଲ୍ଲୀପ କୁମାର ମଲ୍ଲିକ, ଉପାଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର, ଅଧ୍ୟାପକ ଗୁରୁପ୍ରସାଦ ମୁଖାର୍ଜୀ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଭବାନୀ ପ୍ରସାଦ ତ୍ରିପାଠୀ, ଗୋପୀନାଥ ପାଲ, ମହେଶ ମହାନ୍ତି, ଆଶିଷ ରାୟ, ଅଧ୍ୟାପିକା ସାଗରିକା ନାୟକ ଓ ଜୁଲିଏଟ୍ ମହାନ୍ତି ଯୋଗ ଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ସଂକ୍ଷେପରେ

### ୪ ସମବାୟ ସମିତି ସଭାପତି ନିର୍ବାଚନ

କଣ୍ଟାପଡା,୬।୭(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅଧୀନ ୭ଗୋଟି ସେବା ସମବାୟ ସମିତି ମଧ୍ୟରୁ ବୁଧବାର ୪ଟି ସେବା ସମବାୟ ସମିତିରେ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୪ଟି ସମିତିରେ ସଭାପତି ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉତ୍ତାରଣ ଓ ବ୍ରାହ୍ମଣସାଇଲୋ ସମବାୟ ସମିତି ବିଜେଡି ହାତକୁ ଯାଇଥିବାବେଳେ ନାହାଲପୁର ଓ ପାଟସୁନ୍ଦରପୁର ବରୁଣେଇ ସମବାୟ ସମିତି ଭାଜପା ହାତକୁ ଯାଇଛି। ଉତ୍ତାରଣ ସମବାୟ ସମିତିରେ ଧର୍ମବୀର କାନୁନ୍‌ଗୋ, ବ୍ରାହ୍ମଣସାଇଲୋରେ ସୁର ପାତ୍ର, ନାହାଲପୁରରେ ସନ୍ତୋଷ ପ୍ରଧାନ ଓ ପାଟସୁନ୍ଦରପୁର ବରୁଣେଇ ସମବାୟ ସମିତିରେ ଅନୁସୂୟା ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବା ଜଣାପଡିଛି।

### ବନ ମହୋତ୍ସବ ପାଳିତ

ଫୁଲନଖରା,୬।୭(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷୁମା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫୁଲନଖରା ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପ୍ରାଚୀ ପ୍ରଜ୍ଞା ପରିଷଦର ଟ୍ରଷ୍ଟି ଅଶ୍ୱିନୀ କୁମାର ମହାପାତ୍ର, ସମ୍ପାଦକ ଅନୁପ ସାସମଲ, ଶ୍ରୀ ସନ୍ନ୍ୟାସୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ଫରେଷ୍ଟର ସୂର୍ଯ୍ୟକାନ୍ତ ସାହୁ, ଉସୁମା ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ବିଶ୍ୱରଞ୍ଜନ ଦାସ, ସିଆର୍‌ସିସି ପ୍ରଦୀପ କୁମାର ବାରିକ, ପ୍ରଦୀପ ଭୋଇ, ଦିଗମ୍ବର ସାହୁ, ସାମାଜିକ କର୍ମୀ ଉମାକାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ନିର୍ମିତ ଫଟୋ ଉଦ୍‌ଘାଟିତ ହୋଇଥିଲା। ଏଥିସହ ବିଦ୍ୟାଳୟ ନିକଟ ପଡିଆରେ ବିଭିନ୍ନ ପ୍ରକାର ୨୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା।

### ଚାରା ରୋପଣ କାର୍ଯ୍ୟକ୍ରମ

କଟକ ଅଫିସ, ୬।୭: ବନ ମହୋତ୍ସବ ସପ୍ତାହ ଅବସରରେ ଖାନ୍‌ନଗର ହାଇସ୍କୁଲରେ ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି ଯୋଗଦେଇ ଚାରା ରୋପଣର ଉପକାରିତା ସହ ପ୍ଲାଷ୍ଟିକ ବର୍ଜନ ନିମନ୍ତେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ପରିବେଶବିତ୍ ସୌମ୍ୟରଞ୍ଜନ ଭୂୟାଁ, ମଦନ ମୋହନ ମିଶ୍ର, ସୁଜ୍ଞାନ ମାଝୀ, ମିତାଲି ମହାନ୍ତି, ସନ୍ତୋଷ ଖୁଣ୍ଟିଆ ଓ ପ୍ରତାପ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଅଗ୍ନିପଥ ଯୋଜନା ସମ୍ପର୍କିତ ସଚେତନତା କର୍ମଶାଳା

ଚୌଦ୍ୱାର,୬।୭(ଡି.ଏନ୍.ଏ.): ଚୌଦ୍ୱାର କଲେଜ ପ୍ଲେସ୍‌ମେଣ୍ଟ ସେଲ୍ ପକ୍ଷରୁ ଅଗ୍ନିପଥ ଯୋଜନା ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ସଭାଗୃହରେ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ କଲୋନେଲ ହରମିନ୍ଦର ସିଂ, କଟକ ଏନ୍‌ସିସି କାର୍ଯ୍ୟାଳୟ ମୁଖ୍ୟ କମାଣ୍ଡିଂ ଅଫିସର ଏସ୍. ପି. ହୋତା, ପ୍ରାଧାପକ ପ୍ରଭାକର ମିଶ୍ର ପ୍ରମୁଖ ଯୋଗଦେଇ ଅଗ୍ନିପଥ ଯୋଜନାର ଲକ୍ଷ୍ୟ ଓ ନିଯୁକ୍ତି କ୍ଷେତ୍ରରେ ଏହାର ଉପଯୋଗିତା ଉପରେ ଉପସ୍ଥିତ ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ବୁଝାଇଥିଲେ। ପ୍ଲେସ୍‌ମେଣ୍ଟ ସେଲ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମୀ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ।

### ରୋଟାରୀ କ୍ଲବ କଟକର ଅଧିଷ୍ଠାନ ଉତ୍ସବ

କଟକ ଅଫିସ, ୬।୭: ରୋଟାରୀ କ୍ଲବ କଟକର ଅଧିଷ୍ଠାନ ଉତ୍ସବ କଟକ କ୍ଲବରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ଲବର ସଭାପତି ଭାବେ ରୋଟାରିଆନ ବିଜୟ ଦାସ ମହାପାତ୍ରଙ୍କୁ ଅଧିଷ୍ଠିତ କରାଇଥିଲେ। ଏହାପରେ ଉପସଭାପତି ରୋଟାରିଆନ ପି.ଭି. ବାଲକୃଷ୍ଣ, ସମ୍ପାଦିକା ସୁଜାତା ପ୍ରିୟଦର୍ଶିନୀ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ସାହୁ ଅଧିଷ୍ଠିତ ହୋଇଥିଲେ। ଚଳିତବର୍ଷ ରୋଟାରିଆନ ଭାବେ ଲୋକସେବକ ମଣ୍ଡଳର ମୁଖ୍ୟ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ସମ୍ମାନିତ ହୋଇଛନ୍ତି। ୨୦୨୧-୨୨ର ଅଧ୍ୟକ୍ଷ ରୋଟାରିଆନ ପାର୍ଥସାରଥି ଚାଟାର୍ଜୀ ଓ ସମ୍ପାଦକ ରୋଟାରିଆନ ଅକ୍ଷୟ କୁମାର ନାୟକ ନୂତନ ସଭାପତି ଓ ସମ୍ପାଦିକାଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ରୋଟାରିଆନ ସମୀର କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ଜୁଲାଇ, ୨୦୨୨



## ବରିଷ୍ଠ ନାଗରିକ ମଞ୍ଚ ସଭା

**ପୁରୀ ଅଫିସ:** ଅଠରନଳା ଉପକଣ୍ଠସ୍ଥ ନୀଳଚକ୍ର ନଗରରେ ନୀଳଚକ୍ର ବରିଷ୍ଠ ନାଗରିକ ମଞ୍ଚର ସଭାକାର୍ଯ୍ୟ ଭୁବନେଶ୍ୱରୀ ଦେବୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଅନାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାଧୀନତା ପୂର୍ବବର୍ତ୍ତୀ ଜନ୍ମିତ ବରିଷ୍ଠ ନାଗରିକମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ବରିଷ୍ଠ ନାଗରିକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅତିଥି ରୂପେ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ସାମନ୍ତରାୟ, ଗୋପୀନାଥ ଶତପଥୀ, ବିଦ୍ୟାଧର ସାହୁ ଏବଂ ବୀରେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ସର୍ବଶ୍ରୀ ଜୟକୃଷ୍ଣ ଶତପଥୀ, ବିଦ୍ୟାଧର ରଥ, ବୀର କିଶୋର ପଟ୍ଟନାୟକ, ବାମଦେବ ପ୍ରଧାନ, ପଞ୍ଚାନନ ପାଣିଗ୍ରାହୀ, ନୃସିଂହ ଶତପଥୀ, ସୁବାସ ଚନ୍ଦ୍ର ଦାଶ ଏବଂ ତ୍ରିନାଥ ପଣ୍ଡାଙ୍କୁ ନାଗରିକ ସମ୍ବର୍ଦ୍ଧନା କରାଯାଇଥିଲା। ନିରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିଲେ।

# ଜିଲାରେ ପାସ୍ ହାର ୯୩.୮୫, ଏ-୧ ଗ୍ରେଡ୍‌ରେ ୭୮୨



ପୁରୀ ଜିଲା ସ୍କୁଲର ଛାତ୍ରୀଛାତ୍ରମାନେ ମାଟ୍ରିକ୍ ପରୀକ୍ଷା ଫଳ ବାହାରିବା ପରେ ଖୁସି ମନାଉଛନ୍ତି।

ପୁରୀ ଅଫିସ,୬।୭

କରୋନାର ଦୁଇ ବର୍ଷ ପରେ ଅଫଲାଇନ୍ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇଛି। ପୁରୀ ଜିଲା ଆଶାତୀତ ଭଲ ପ୍ରଦର୍ଶନ କରିଛି। ଜିଲାରେ ପାସ୍‌ହାର ୯୩.୮୫ ଥିବା ବେଳେ ଜଗତ୍‌ସିଂହପୁର ଓ କଟକ ପରେ ପୁରୀ ଜିଲା ଭଲ ପ୍ରଦର୍ଶନ କରିଛି। ସମୁଦାୟ ପାସ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୫୦.୬୯ ପ୍ରତିଶତ ପୁଅ ଓ ୪୯.୩୧ ପ୍ରତିଶତ ଝିଅ ରହିଛନ୍ତି। ଏ-୧ ଗ୍ରେଡ୍‌ରେ ୭୮୨, ଏ-୨ ଗ୍ରେଡ୍‌ରେ ୨୮୬୯, ବି-୧ ଗ୍ରେଡ୍‌ରେ ୫୧୬୧,

### ରାଜ୍ୟରେ ୩ୟ ପୁରୀ

ବି-୨ରେ ୫୪୭୪, ସିରେ ୪୧୦୧, ଡି ରେ ୧୭୯୪, ଇ ରେ ୩୨୩ ଓ ଏଫ୍‌ରେ ୧୯୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାରେ ୨୧ହଜାର ୮୪୭ଜଣ ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ଭରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୪୪ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଲେ। ବଳକା ୨୦ ହଜାର ୭୦୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦ ହଜାର ୫୦୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୁରୀ ଜିଲାର ୫୨ଟି ସ୍କୁଲ୍‌ରୁ ୯୩ଜଣ ଏକ୍ସରେଗୁଲାର ପରୀକ୍ଷା ଦେବା ପାଇଁ ଫର୍ମ ଭରିଥିଲେ। ଏମାନଙ୍କ ମଧ୍ୟରୁ ୩୭ ଜଣ ଅନୁପସ୍ଥିତ ରହିଥିଲେ। ଜଣେ ବି-୧, ୬ଜଣ ବି-୨ ଗ୍ରେଡ୍, ୬ଜଣ ସି ଗ୍ରେଡ୍, ୧୨ ଜଣ ଡି, ୧୦ ଜଣ ଇ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦ ଜଣ ଫେଲ୍ ହୋଇଛନ୍ତି ଓ ଜଣେ ମାଲପ୍ରାକ୍ଟିସ୍‌ରେ ଚିହ୍ନଟ ହୋଇଛି। ସେହିଭଳି ପୁରୀ ଜିଲା ସ୍କୁଲରେ ସର୍ବାଧିକ ପାସ୍ ହାର ୯୯.୫୯ ପ୍ରତିଶତ ରହିଛି। ୨୪୮ ଜଣ ପରୀକ୍ଷା ଦେଇଥିବା ବେଳେ ୨୪୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୩ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ହାସଲ କରିଛନ୍ତି। କୃଷ୍ଣପ୍ରସାଦ ଗିଳିନାସି ହାଇସ୍କୁଲ ଚଳିତବର୍ଷର ସମସ୍ତ ମାଟ୍ରିକ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ବିଦ୍ୟାଳୟର ୬୯ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ୪୬ଜଣ ଏ-୧, ବାକି ପିଲା ସବୁ ଏ-୨ ରେ ପାସ୍ କରିଛନ୍ତି। ଅର୍ଥାତ ବିଦ୍ୟାଳୟର ସବୁ ପରୀକ୍ଷାର୍ଥୀ ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି।

## ୫୯୨ ମାର୍କ ରଖି ଆୟୁଷ ମିଶ୍ର ଜିଲା ଟପ୍ପର

ନିମାପଡ଼ା,୬।୭(ଡି.ଏନ୍.ଏ.)



ଚଳିତବର୍ଷର ମାଟ୍ରିକ୍ ପରୀକ୍ଷାରେ ନିମାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଆୟୁଷ ମିଶ୍ର ସର୍ବାଧିକ ୫୯୨ ନମ୍ବର ମାର୍କ ରଖି ପୁରୀ ଜିଲାର ଟପ୍ପର ହୋଇଥିବା ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ସମର୍ଥ କହିଛନ୍ତି। ନିମାପଡ଼ା ଏନ୍ଏସି ଅନ୍ତର୍ଗତ ପାଟପୁର ଗ୍ରାମର ବିଷ୍ଣୁ ପ୍ରସାଦ ମିଶ୍ର, ମା' ସ୍ୱର୍ଣ୍ଣଲତା ପଣ୍ଡାଙ୍କ ପୁଅ ଆୟୁଷଙ୍କ ଏହି ସଫଳତା ସମଗ୍ର ନିମାପଡ଼ା ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛି। ଆୟୁଷ ପୁରୀ ଜିଲାରେ ଟପ୍ପର ହୋଇଥିବାରୁ ବିଦ୍ୟାଳୟର ନାଁ ରଖିଥିବା ଗୁରୁମା' ଗୁରୁଜୀ କହି ଖୁସି ବ୍ୟକ୍ତ କରିଛନ୍ତି। ଆୟୁଷ ଜଣେ ମେଧାବୀ ଛାତ୍ର। ସେ ମାଟ୍ରିକ୍ ପରୀକ୍ଷା ପାଇଁ ଦୈନିକ ୫/୬ ଘଣ୍ଟା ପରିଶ୍ରମ କରିବା ସହ ଟ୍ୟୁସନ୍ ହେଉଥିଲେ। ଏହି ସଫଳତା ପାଇଁ ସେ ତାଙ୍କ ମାତାପିତା, ଜେଜେମା', ବିଦ୍ୟାଳୟର ଗୁରୁମା' ଗୁରୁଜୀଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ଜଣେ ପ୍ରତିଷ୍ଠିତ ଡାକ୍ତର ହୋଇ ସମାଜସେବା କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ପୁଅର ଏହି ସଫଳତାରେ ମାତାପିତା ଶୁଭେଚ୍ଛା ଜଣାଇବା ସହ ତାକୁ ସବୁ କ୍ଷେତ୍ରରେ ସାହାଯ୍ୟ କରିବେ ବୋଲି କହିଛନ୍ତି।

## ସାମ୍ବାଦିକ ସୁରକ୍ଷା ସମିତିର ପ୍ରଥମ ବୈଠକ

କାକଟପୁର,୬।୭(ଡି.ଏନ୍.ଏ.)

ରାଜ୍ୟରେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ସାମ୍ବାଦିକ ସୁରକ୍ଷା ସମିତିର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାକଟପୁରସ୍ଥ ମୋତି କଲ୍ୟାଣ ମଣ୍ଡପ ସଭାଗୃହରେ ଆୟୋଜିତ ଏହି ବୈଠକରେ ଖବରଦାତା ଅକ୍ଷୟ ରାଉତ ସଭା ପରିଚାଳନା କରିଥିଲେ। ଏଥିସହ ରାଉତ ସାମ୍ପ୍ରତିକ ପରିସ୍ଥିତିରେ ଖବରଦାତାମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରିଥିଲେ। ଖବରଦାତାମାନେ ନିରପେକ୍ଷ ଖବର ସଂଗ୍ରହ ଓ ପରିବେଷଣ କରୁଥିବାରୁ ଅନେକ ସମୟରେ ଶାସକ, ପ୍ରଶାସକ, ଠିକାଦାର ଓ ଗୁଣ୍ଡା ଶ୍ରେଣୀର ରାଜନେତାଙ୍କ ଆକ୍ରୋଶର ଶିକାର ହୋଇ ବିଭିନ୍ନ ପ୍ରକାର ଶାରୀରିକ, ମାନସିକ ଓ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହେଉଥିବା ଆକ୍ରମଣର ସଂଗଠିତ ଭାବେ ମୁକାବିଲା କରାଯାଇ ପାରିବ, ସେନେଇ ସମସ୍ତେ ମତବ୍ୟକ୍ତ କରିଥିଲେ। ଖବରଦାତା ନିରଞ୍ଜନ ଦାସ, ମାନସ ସାମଲ, ମାନସ ଖଣ୍ଡୁଆଳ, ରୂପେଶ ସାହୁ, ସତ୍ୟଜିତ ଦାଶ, ଶୁଭଦର୍ଶନ ମିଶ୍ର, ଆର୍ଯ୍ୟ ବିଶ୍ୱାଳ, ଗୁଲୁ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମାନସ ବେହେରା ଓ ଉପଦେଷ୍ଟା ରାଜକିଶୋର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚାକିରି କରାଇ ଦେବାକୁ କହି ୭ ଲକ୍ଷ ଠକେଇ

**ଡେଲାଙ୍ଗ,୬।୭(ଡି.ଏନ.ଏ.):** ରେଲୱେରେ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ଜଣେ ଯୁବକ ୬ଜଣ ଯୁବକଙ୍କ ସମେତ ଅନ୍ୟ କେତେଜଣଙ୍କଠାରୁ ୭ ଲକ୍ଷ ଟଙ୍କା ଠକି ନେଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କଲ୍ୟାଣପୁର ଗ୍ରାମର ସନ୍ଦୀପ ପ୍ରଧାନ(୩୦)। ତାଙ୍କ ଘରୁ ୨ ବାଇକ୍, ଗୋଟିଏ ଟିଭି, ରେଫ୍ରିଜରେଟର ସହିତ ଅନ୍ୟ କିଛି ସରଞ୍ଜାମ ପୋଲିସ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୮୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସନ୍ଦୀପ ରେଲୱେରେ ଚାକିରି କରାଇ ଦେବାକୁ କହି ଖୋର୍ଦ୍ଧା ଅଞ୍ଚଳର ଅଣ୍ଡା ଗ୍ରାମର ସୁଦୀପ୍ତ ବରାଳଙ୍କ ଠାରୁ ୨ଲକ୍ଷ ୫୦ ହଜାର, ବରକେରା ଗ୍ରାମର ପତିତପାବନ ପ୍ରଧାନଙ୍କ ଠାରୁ ୧ଲକ୍ଷ, ମନୋରଞ୍ଜନ ବିଶ୍ୱାଳଙ୍କଠାରୁ ୫୦ ହଜାର, ଅସିତ ଅମିତାଭ ପରିଡାଠାରୁ ୧ଲକ୍ଷ ୫୦ ହଜାର, ଗୋପାଳ ମୁଦୁଲିଠାରୁ ୧ ଲକ୍ଷ ଓ ସଂହାର ପ୍ରଧାନଙ୍କଠାରୁ ୪୦ହଜାର ଟଙ୍କା ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୁକ୍ତ ଜଣକ ଟଙ୍କା ଫେରାଇବା ପାଇଁ ବାରମ୍ବାର ପ୍ରତିଶ୍ରୁତି ଦେଇ ଶେଷରେ ଫେରାର ହୋଇଯାଇଥିଲା। ଅଭିଯୁକ୍ତ ଜଣକ କିଛିଦିନ ହେବ ଗ୍ରାମକୁ ଆସିଥିବାର ପୋଲିସ ଖବରପାଇ ଗିରଫ କରିବାରେ ସକ୍ଷମ ହୋଇଥିଲା।

### ଢାବା ମାଲିକଙ୍କୁ ମରଣାନ୍ତକ ଆକ୍ରମଣ

**ନିମାପଡ଼ା,୬।୭(ଡି.ଏନ୍.ଏ.):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଢାବା ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ବୁଧବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ତାଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ହାତ ଭାଙ୍ଗିଯାଇଛି। ଗୁରୁତର ଅବସ୍ଥାରେ ସେ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଜାଗେଶ୍ୱରପୁର ଗ୍ରାମର ବାଉରୀ ବନ୍ଧୁ ସ୍ୱାଇଁ। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୨୩୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ମଙ୍ଗଳବାର ପୂର୍ବାହ୍ନ ସମୟରେ ବାଉରୀବନ୍ଧୁ ଦିଘାଳ ଛକଠାରେ ଥିବା ଢାବାରେ ବସି ପେପର ପଢୁଥିଲେ। ସେହି ସମୟରେ ଉକ୍ତ ଗ୍ରାମର ଚାଇନ ସ୍ୱାଇଁ ସେଠାରେ ପହଞ୍ଚି ବାଉରୀବନ୍ଧୁଙ୍କୁ ଗାଳିଗୁଲଜ କରି ଏକ ଲୁହା ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବ୍ୟବହୃତ ଲୁହାରଡ୍‌କୁ ପୋଲିସ ଘଟଣାସ୍ଥଳରୁ ଜବତ କରିଛି।

### ଶିବିରରେ ୮୭ ରୋଗୀଙ୍କ ଚକ୍ଷୁ ପରୀକ୍ଷା

**କଣାସ,୬।୭(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ପାଣ୍ଡିଆକେରା ଗ୍ରାମପଞ୍ଚାୟତର ଗଡମାଟିଆପଡା ଗ୍ରାମରେ ବୁଧବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବୀର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ କଟକର ଜେ.ପି.ଏମ୍ ରୋଟାରି ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଆୟୋଜିତ ଶିବିରରେ ୮୭ଜଣ ଚକ୍ଷୁ ରୋଗୀଙ୍କ ପରୀକ୍ଷା କରାଯାଇଥିଲା। ୪୦ଜଣ ଅପରେଶନ୍ ପାଇଁ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ୩୭ଜଣଙ୍କୁ କଟକ ଜେ.ପି.ଏମ୍ ରୋଟାରି ଚକ୍ଷୁ ଚିକିତ୍ସାଳୟକୁ ଅପରେଶନ୍ ପାଇଁ ପଠାଯାଇଛି। ଜେ.ପି.ଏମ୍ ରୋଟାରି ଚକ୍ଷୁ ଚିକିତ୍ସାଳୟର ଡାକ୍ତରମାନେ ଏହି ଶିବିରରେ ଯୋଗଦେଇ ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବୀର ସାଂସ୍କୃତିକ ପରିଷଦର ସଭାପତି ତପନ ମହାନ୍ତି, ସମ୍ପାଦକ ନୀଳାଗ୍ରୀବ ଶ୍ରୀଚନ୍ଦନ ଏବଂ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

### ବୃକ୍ଷ ଆମ ପରିବାରର ସଦସ୍ୟ

**ଗୋପ,୬।୭(ଡି.ଏନ୍.ଏ.):** ବୃକ୍ଷ ଆମର ଜୀବନ, ଆମେ ବୃକ୍ଷକୁ ଆମ ପରିବାରର ସଦସ୍ୟ ଭଳି ଦେଖିବା ଉଚିତ୍। କାହିଁକି ନା ଆଜିର ଦିନରେ ବଡ଼ ବଡ଼ ବୃକ୍ଷଗୁଡ଼ିକୁ କାଟି ଦିଆଯାଉଛି। ଶ୍ରୀଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନ ଓ କୋଣାର୍କ ବନ ବିଭାଗ ମିଳିତ ଆନୁକୂଲ୍ୟରେ ୭୩ତମ ବନ ମହୋତ୍ସବ ବୁଧବାର ଗୋପ ବ୍ଲକ ଅନ୍ତର୍ଗତ ଗଡରୁପାସ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥାନର ସମ୍ପାଦକ ବିରଞ୍ଚି ନାରାୟଣ ରଥ ଯୋଗଦେଇ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସଂସ୍ଥାନର ସଭାପତି ଲିଙ୍ଗରାଜ ମିଶ୍ର, ସୁନିଲ ରଞ୍ଜନ ପଣ୍ଡା, ଅଶୋକ ରାୟ, ସଂଗ୍ରାମ କେଶରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରଘୁନାଥ ବେହେରା, ଅଜୟ ପାତ୍ର, ପ୍ରଦୀପ୍ତ ପାତ୍ର, କୈଳାସ କାଣ୍ଡି, ଅରୁ କାଣ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୪୫ ହଜାର ପିଲା କାହିଁକି ଅନୁପସ୍ଥିତ ରହିଲେ ସେମାନେ କହିବେ: ମନ୍ତ୍ରୀ

କଟକ ଅଫିସ, ୬।୭

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୪୫,୦୯୧ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ତେବେ କାହିଁକି ଅନୁପସ୍ଥିତ ରହିଲେ, ତାହା କେବଳ ସେମାନେ ହିଁ କହିପାରିବେ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବୁଧବାର ୨୦୨୧-୨୨ ଶିକ୍ଷାବର୍ଷର ପରୀକ୍ଷା ଫଳ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପ୍ରକାଶ ପାଇଛି। ଚଳିତ ବର୍ଷ ପାସ୍ ହାର ୯୦.୫୫ ପ୍ରତିଶତ ରହିଛି। ପରୀକ୍ଷା ପାଇଁ ସମୁଦାୟ ୫ ଲକ୍ଷ, ୭୧ ହଜାର ୯୦୯ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ଆଉ ସେଥିରୁ ୪୫ ହଜାର ୯୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନାହାନ୍ତି ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ମୟୂରଭଞ୍ଜ ଜିଲାରୁ ସର୍ବାଧିକ ୪,୪୯୪

### ସର୍ବାଧିକ ମୟୂରଭଞ୍ଜ ଜିଲାରୁ ଅନୁପସ୍ଥିତ

ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ସେହିପରି ଦ୍ୱିତୀୟରେ ଗଞ୍ଜାମରେ ୩,୩୩୨, ତୃତୀୟରେ ବଲାଙ୍ଗୀରରେ ୩,୨୧୮, ଚତୁର୍ଥରେ ବାଲେଶ୍ୱରରେ ୨,୮୦୩ ଏବଂ ପଞ୍ଚମରେ କେନ୍ଦୁଝରରେ ୨,୭୨୦ ପିଲା ରହିଛନ୍ତି। ହେଲେ ଏତେ ସଂଖ୍ୟକ ପିଲା କାହିଁକି ପରୀକ୍ଷା ଦେଇ ନାହାନ୍ତି ସେ ନେଇ କୌଣସି ଉତ୍ତର ଦେବାକୁ ମନ୍ତ୍ରୀ ମନା କରିଦେଇଛନ୍ତି।

ସୂଚନାଥାଉକି ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ସରିବା ପରେ ପ୍ରକୃତ କେତେ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ସେ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ପ୍ରକୃତ ତଥ୍ୟ ଆମ ନିକଟରେ ନାହିଁ ବୋଲି କହି ବୋର୍ଡ ଏହାକୁ ଏଡ଼ାଇ ଦେଇଥିଲା। ଏପରି କି ପରୀକ୍ଷା ଫଳ ବାହାରିବା ଦିନ ପ୍ରକୃତ ସଂଖ୍ୟା ଜଣା ପଡ଼ିବ ବୋଲି ବୋର୍ଡ ପକ୍ଷରୁ ପରେ କୁହାଯାଇଥିଲା। ତେବେ ଫଳ ବାହାରିବା ପରେ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର କାହିଁକି ଅନୁପସ୍ଥିତ ରହିଲେ ସେନେଇ ମନ୍ତ୍ରୀ କୌଣସି ମନ୍ତବ୍ୟ ଦେବାକୁ ମନା କରିବା ସହ ଏହି ପ୍ରଶ୍ନର ଉତ୍ତର ଏଠାରେ ଦେବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ତେବେ ଦୁଇ ବର୍ଷ ହେବ କୋଭିଡ୍ କାରଣରୁ ଅନେକ ପିଲା ଶିକ୍ଷା ଛାଡ଼ି ଅନେକ କାର୍ଯ୍ୟରେ ନିୟୋଜିତ ହେବା ସହ ଅନେକ ଦାଦନ ଖଟିବାକୁ ଚାଲିଯାଉଥିବା କୁହାଯାଉଛି।

## ଜୀବନରେ ରକ୍ତଦାନ ଜରୁରୀ

ପୁରୀ ଅଫିସ,୬।୭

ପଣ୍ଡିତ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜନ୍ମବାର୍ଷିକ ଉପଲକ୍ଷେ ନେହେରୁ ଯୁବ କେନ୍ଦ୍ର ପୁରୀ, ସମର୍ପଣ ଓ ଇଣ୍ଡିଆନ ରେଡ୍‌କ୍ରସ ସୋସାଇଟି ତରଫରୁ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ଶିବିର ବ୍ଲଡ୍ ବ୍ୟାଙ୍କଠାରେ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମର୍ପଣର ସମ୍ପାଦିକା ଜୟନ୍ତୀ ମହାପାତ୍ର ଓ ଶିବନାରାୟଣ ସେନାପତି ଏବଂ ଇଣ୍ଡିଆନ ରେଡ୍‌କ୍ରସ ସୋସାଇଟି ଡ. ବିନୟ ଭୂଷଣ ସାହୁ ଯୋଗଦେଇ ଜୀବନରେ ରକ୍ତଦାନ ଦେବା ଆବଶ୍ୟକ ବୋଲି କହିଥିଲେ। ନିବେଦିତା ସେନାପତି, ଈପ୍ସିତା ଜେନା, ସତ୍ୟକାମ ସାହୁ, କୃଷ୍ଣଚନ୍ଦ୍ର ସାହୁ, ବାସୁଦେବ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

## ସୁଜିତ ମହାପାତ୍ର ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି

ପୁରୀ ଅଫିସ,୬।୭

ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁମୋଦନକ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ପୁରୀ ଜିଲା କାର୍ଯ୍ୟକାରୀ ସଭାପତି ରୂପେ ସୁଜିତ ମହାପାତ୍ରଙ୍କୁ ମନୋନୀତ କରିଛନ୍ତି। ଜିଲାର ଜଣେ ପ୍ରତିଭାବାନ ଯୁବନେତା ମହାପାତ୍ର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ସାଧାରଣ ସମ୍ପାଦକ ରୂପେ ନିଜର ରାଜନୀତି ଜୀବନ ଆରମ୍ଭ କରି ଜିଲା ଛାତ୍ର କଂଗ୍ରେସ ସଭାପତି, ଯୁବ କଂଗ୍ରେସ ସଭାପତି, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା ଅଖିଳ ଭାରତୀୟ କଂଗ୍ରେସ କମିଟି ସଭ୍ୟ ରୂପେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ପେଟ୍ରୋଲ, ପ୍ରାକୃତିକ ଗ୍ୟାସ୍ ପାଇଁ ଖୁବ୍‌ଶୀଘ୍ର ଖନନ ଆରମ୍ଭ

ଗୋପ,୬।୭(ଡି.ଏନ୍.ଏ.)

ଅଏଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ଗୋପ ବ୍ଲକର ଚାଷ ଜମିରେ ଥିବା ପ୍ରାକୃତିକ ଗ୍ୟାସ ଏବଂ ପେଟ୍ରୋଲ ପାଇଁ ଖନନ କରାଯିବ। ଏଥିପାଇଁ ବୁଧବାର କମ୍ପାନୀର ମୁଖ୍ୟ ବି.ଏନ୍. ସାହୁଙ୍କ ନେତୃତ୍ୱରେ ଏକ ୪ ଜଣିଆ ପ୍ରତିନିଧି ଦଳ ଗୋପ ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି କୁଶୁପୁରୁ ଓ ଚିତ୍ରା ଗାଁର ଚାଷୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ କୁଶୁପୁରୁର ୩୭ ଜଣ ଓ ଚିତ୍ରାର ୧୦୪ ଜଣଙ୍କୁ ନେଇ ଜମିଜମା ବାବଦରେ କଥାବାର୍ତ୍ତା କରିଥିଲେ। ଜମି ମାଲିକମାନଙ୍କୁ ଗୁଣ୍ଠ ପିଛା ୧୭ ହଜାର ଟଙ୍କା ଲେଖାଏଁ ଦିଆଯିବ ବୋଲି ଜଣା ପଡିଥିବାବେଳେ ୧୫ ଏକର ଜମିରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଅୟଲ୍ ଇଣ୍ଡିଆ କମ୍ପାନୀର ମୁଖ୍ୟ କହିଛନ୍ତି। ଏଥିସହ ଚାଷୀମାନଙ୍କର ଆଧାର କାର୍ଡ, ପ୍ୟାନ୍ କାର୍ଡଗୁଡ଼ିକୁ ଅଧିକ

### ଚାଷୀଙ୍କୁ ଭେଟିଲେ ୪ ଜଣିଆ ଟିମ୍

ମାତ୍ରାରେ ଗୁରୁତ୍ୱ ଦିଆଯାଇ ଏହି କାର୍ଡ ମାଧ୍ୟମରେ ସମସ୍ତ ଅର୍ଥ ନେଣଦେଣ କରାଯିବ। ପେଟ୍ରୋଲ ଏବଂ ପ୍ରାକୃତିକ ଗ୍ୟାସ୍ ଏ ଅଞ୍ଚଳରୁ ବାହାରିଲେ ଗୋପ ବ୍ଲକର ନାଁ ବିଶ୍ୱ ଦରବାରରେ ଲିପିବଦ୍ଧ ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୯ରେ ପ୍ରଥମେ ଅଏଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ଏନେଇ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରାକୃତିକ ଗ୍ୟାସ ଏବଂ ପେଟ୍ରୋଲ ଥିବା ସର୍ଭେରୁ ଜଣାପଡ଼ିଥିଲା। ପରେ ଗୋପର କୁଶୁପୁରୁ ଓ ଚିତ୍ରା ଗାଁ ନିକଟରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଏବଂ ପ୍ରାକୃତିକ ଗ୍ୟାସ୍ ଥିବା ସୂଚନା ସାଟେଲାଇଟ୍ ମାଧ୍ୟମରେ ଜଣାପଡିଥିଲା।

## ଉଭାର ସମିତି ସଭାପତି ହେଲେ ପଞ୍ଚାନନ

ଗୋପ,୬।୭(ଡି.ଏନ୍.ଏ.)

ଗୋପ ବ୍ଲକ ଉଭାର ସମବାୟ ସମିତି ସଭାପତିଭାବରେ ପଞ୍ଚାନନ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏ ନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଚାଷୀମାନଙ୍କ ପକ୍ଷରୁ ସାଧୁବାଦ ଜଣାଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସ ବାତ୍ୟା ଓ ବନ୍ୟା ସମୟରେ ଉଭାର ଗାଁରେ ରହି ବିପନ୍ନଙ୍କ ମୁହଁରେ ଖାଦ୍ୟ, ବସ୍ତ୍ର ଦେଉଥିଲେ। ସେହି ମହାନ ପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଉଭାର ପଞ୍ଚାୟତରେ ସେବା କରିବି ବୋଲି ପଞ୍ଚାନନ କହିଛନ୍ତି।




ଶରଧାବାଲି ନିକଟରେ ଚାଲିଥିବା ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳାର ବୁଧବାର କ୍ରେତା ବିକ୍ରେତା ସମ୍ମିଳନୀରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରସ୍ତୁତ ସାମଗ୍ରୀକୁ ପ୍ରଦର୍ଶନୀ କରାଯାଉଛି।

## ରଥଯାତ୍ରା ପାଇଁ ଏନ୍ଏସ୍ଏସ୍‌ର ସ୍ୱତନ୍ତ୍ର ଶିବିର

ପୁରୀ ଅଫିସ,୬।୭

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଏନ୍ଏସ୍ଏସ୍ ୟୁନିଟ୍ ପକ୍ଷରୁ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ହୋଇଥିବା ଏହି ଶିବିରକୁ କଲେଜ ଅଧ୍ୟକ୍ଷ ଡା. ଜଗବନ୍ଧୁ ମିଶ୍ର ଅତିଥି ଭାବରେ ଯୋଗଦେଇ ବ୍ୟକ୍ତିତ୍ୱ ଗଠନରେ ଏନ୍ଏସ୍ଏସ୍ ଏକ ସ୍ୱତନ୍ତ୍ର ଭିତ୍ତିଭୂମି ନିର୍ମାଣ କରେ ବୋଲି ସ୍ୱେଚ୍ଛାସେବୀଙ୍କୁ କହିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡା.ହରପ୍ରିୟା ଦାଶଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଛି।

## ଶ୍ରୀମନ୍ଦିରରେ ମା'ଙ୍କୁ ମହାପ୍ରଭୁ ଦେଇଯାଇଛନ୍ତି ଶାଗ

ପୁରୀ ଅଫିସ,୬।୭

ଘୋଷଯାତ୍ରାରେ ବାହାରିଥିବା ଦାରୁବିଗ୍ରହ ଏବେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଥିବାବେଳେ ଏପଟେ ଶ୍ରୀମନ୍ଦିର ଖାଁ ଖାଁ। ମହାପ୍ରଭୁ ଶ୍ରୀମନ୍ଦିରରେ ନ ଥିବାରୁ ରନ୍ଧାଯାଉନି ଷାଠିଏ ପଉଟି। ଶ୍ରୀମନ୍ଦିର ଆନନ୍ଦ ବଜାର ଏବେ ଫାଙ୍କା। ଭଉଣୀଭାଇଙ୍କୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇଥିବାବେଳେ ଶ୍ରୀମନ୍ଦିରରେ ଛାଡ଼ି ଆସିଛନ୍ତି ନବବିବାହିତା ମା ଲକ୍ଷ୍ମୀ ବା ଶ୍ରୀଦେବୀଙ୍କୁ। ହେଲେ ମା ମହାଲକ୍ଷ୍ମୀଙ୍କ ଖାଇବା କଥା ବୁଝି ଯାଇଛନ୍ତି ମହାପ୍ରଭୁ। ମା ମହାଲକ୍ଷ୍ମୀଙ୍କ ଚଳିବା ପାଇଁ ଚାଙ୍ଗୁଡ଼ାରେ ଦେଇଯାଇଛନ୍ତି ଶାଗବିଡା, ନଡ଼ିଆ, ମୁଗ ଓ କିଛି ଚାଉଳ। ଶ୍ରୀଦେବୀ ୯ ଦିନ ଧରି ଏହାକୁ ରାନ୍ଧି ଖାଇବେ। ରଥଯାତ୍ରା ସହ ଯୋଡ଼ି ହୋଇରହିଛି ଏଭଳି ଏକ ନିଆରା ପରମ୍ପରା। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ସୌମ୍ୟ ପଣ୍ଡାଙ୍କ ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପରମ୍ପରାରେ ଦାରୁବିଗ୍ରହ ରଥଯାତ୍ରାରେ ଯିବା ପରେ ଶ୍ରୀମନ୍ଦିର ଜଗମୋହନରେ ଶ୍ରୀଦେବୀ, ଭୂଦେବୀ ଓ ମାଧବ ପୂଜା ପାଇଥାନ୍ତି। ତେଣୁ ଶ୍ରୀଦେବୀଙ୍କୁ ମହାପ୍ରଭୁ ଶାଗ, ନଡ଼ିଆ ଓ ଚାଉଳ ଦେଇଥାନ୍ତି। ମହାପ୍ରଭୁଙ୍କ ପାଖରେ ନ ପାଇ ଶ୍ରୀଦେବୀ ବିରହରେ ଅଛନ୍ତି। ରୁକ୍ମିଣୀ ହରଣ ଏକାଦଶୀରେ ମା ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ ରୁକ୍ମିଣୀ ଭାବେ ମହାପ୍ରଭୁଙ୍କୁ ବିବାହ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଗଇଣ୍ଠାଳ ଫିଟିନାହିଁ କି ବନ୍ଦାପନା ହୋଇ ନାହିଁ। ମହାପ୍ରଭୁଙ୍କ ପାଇଁ ଷାଠିଏ ପଉଟି ରାନ୍ଧୁଥିବା ମା' ବର୍ତ୍ତମାନ ନିଜ ପାଇଁ ରୋଷେଇ କରୁନାହାନ୍ତି। ସ୍ୱାଦିଷ୍ଟ ବ୍ୟଞ୍ଜନ ପରିତ୍ୟାଗ କରି ଶାଗ, ନଡ଼ିଆ ଓ ଚାଉଳରେ ଚଳାଉଛନ୍ତି। ତେଣୁ ମହାପ୍ରଭୁଙ୍କୁ ଶ୍ରୀମନ୍ଦିର ଫେରାଇ ଆଣିବା ସହ ମା ଶ୍ରୀଦେବୀ ହେରା ପଞ୍ଚମୀରେ ଶ୍ରୀଗୁଣ୍ଡିଚା ମନ୍ଦିର ବିଜେ କରି ନନ୍ଦିଘୋଷ ରଥ ଭାଙ୍ଗିବାର ବିଧି ରହିଛି।

# ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ଚାଲିଛି ପୋଡ଼ପିଠା



ସେବାୟତମାନେ ଠାକୁରଙ୍କ ପାଇଁ ପୋଡ଼ପିଠା ପ୍ରସ୍ତୁତ କରୁଛନ୍ତି।

ପୁରୀ ଅଫିସ,୬।୭

ଭୋଜନପ୍ରିୟ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରତିଦିନ ୬୦ ପଉଟି ଭୋଗ ଓ ୫୬ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରମୁଖ ପରମ୍ପରା ହେଉଛି ବାହୁଡାରେ ଦାରୁବିଗ୍ରହଙ୍କୁ ପୋଡପିଠ଼ା ଭୋଗ ମଣୋହୀ ହେବା। ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ସାରି ଶ୍ରୀମନ୍ଦିରକୁ ବାହୁଡା ବିଜେ କଲାବେଳେ ମାଉସୀ ମା ଭାବେ ପରିଚିତ ମା ଅର୍ଦ୍ଧଶୋଷିନୀ ମହାପ୍ରଭୁଙ୍କ ପାଇଁ ପୋଡ଼ପିଠା ପ୍ରସ୍ତୁତ କରିଥାନ୍ତି। ଗୁଣ୍ଡିଚା ମନ୍ଦିରରୁ ଫେରିବା ବେଳେ ବାହୁଡ଼ା ଯାତ୍ରାରେ ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ମାଉସୀ ମା' ମନ୍ଦିର ସମ୍ମୁଖରେ ପୋଡପିଠ଼ା ଭୋଗ କରାଯାଇଥାଏ। ବର୍ତ୍ତମାନର ମା'ଙ୍କ ମୁଖ୍ୟ ପୂଜକ ବିଶ୍ୱନାଥ ମିଶ୍ର ମହାପ୍ରଭୁଙ୍କ ନିମନ୍ତେ ପୋଡ଼ପିଠା ପ୍ରସ୍ତୁତ କରନ୍ତି। ତେବେ ଏହି ପୋଡପିଠ଼ା ପ୍ରସ୍ତୁତ ବେଳେ ପୋଡା ଯାଇ ନ ଥାଏ। ପାଣିର ବାଷ୍ପରେ ପୋଡପିଠ଼ା ପ୍ରସ୍ତୁତ ହୋଇଥାଏ। ଭଲ ଘିଅ, ଅଟା, ଅଳେଇଚ, ଗୁଜୁରାତି, ପିସ୍ତାବାଦାମ ପରି ବିଭିନ୍ନ ସୁସ୍ୱାଦୁ ପଦାର୍ଥ ପଡି ପୋଡ଼ପିଠା ତିଆରି ହୁଏ। ପୋଡ଼ପିଠା ପ୍ରସ୍ତୁତ ହେବା ପରେ ପିଠାକୁ ଥଣ୍ଡା କରି କଟାଯାଇ ଭଲ ଘିଆରେ ଛଣାଯାଏ। ପରେ ସେଗୁଡିକୁ ମାଟି କୁଡ଼ିଆରେ ରଖାଯାଏ।

## ଶ୍ରୀଜଗନ୍ନାଥଙ୍କ ରାସଲୀଳା ଆରମ୍ଭ

ପୁରୀ ଅଫିସ,୬।୭

ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ବଡ଼ ଠାକୁର ବଳଭଦ୍ର ଏବଂ ଭଉଣୀ ମା' ସୁଭଦ୍ରାଙ୍କୁ ସାଥିରେ ନେଇ ନବଦିନାତ୍ମକ ଯାତ୍ରାରେ ଆସି ଜନ୍ମବେଦୀ ଆଡପ ମଣ୍ଡପରେ ବିରାଜମାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସୁଅ ଛୁଟୁଛି। ତେବେ ଆଷାଢ ଶୁକ୍ଳ ସପ୍ତମୀ ତିଥି ବୁଧବାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆରମ୍ଭ ହୋଇଛି ତିନିଦିନିଆ ମହାପ୍ରଭୁଙ୍କ ରାସଲୀଳା। ମହାପ୍ରଭୁ ଶ୍ରୀଜଗନ୍ନାଥ ଗୋପୀମାନଙ୍କ ସହ ରାସଲୀଳା କରିବେ। ଦ୍ୱାପର ଯୁଗର ରସରାଜ ଭଗବାନ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହିତ ବୃନ୍ଦାବନରେ ରାସଲୀଳା କରୁଥିଲେ। ମହାପ୍ରଭୁ ପତିତପାବନ ଯାତ୍ରାରେ ଶ୍ରୀମନ୍ଦିରରୁ ଜନ୍ମବେଦୀଙ୍କୁ ୯ଦିନ ପାଇଁ ଯାତ୍ରା କରିଛନ୍ତି। ଜନ୍ମବେଦୀରେ ଦ୍ୱାପର ଯୁଗର ଗୋପୀଙ୍କ ସହ ମହାପ୍ରଭୁ ରାସରସରେ ମଗ୍ନ ରୁହନ୍ତି। ସେଥିପାଇଁ

### ନବମୀ ପର୍ଯ୍ୟନ୍ତ ଚାଲିବ ନୀତି

ମହାପ୍ରଭୁଙ୍କ ଯାତ୍ରାରେ ମହାଲକ୍ଷ୍ମୀଙ୍କୁ ସାଥୀରେ ଆଣି ନ ଥାନ୍ତି। ମାତ୍ର ରଥଯାତ୍ରାର ପଞ୍ଚମୀ ଦିନ ମହାପ୍ରଭୁଙ୍କ ଦର୍ଶନ ସହ ଶ୍ରୀମନ୍ଦିରକୁ ଫେରାଇ ନେବା ପାଇଁ ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆସିଥାନ୍ତି। ଦର୍ଶନ ପରେ ଆଜ୍ଞାମାଳ ପାଇ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥାନ୍ତି। ଏହାପରଠାରୁ ତିନିଦିନ ଧରି ଶ୍ରୀଗୁଣ୍ଡିଚା ମଣ୍ଡପରେ ମହାପ୍ରଭୁ ଗୋପୀଙ୍କ ସହିତ ରାସଲୀଳା ଅନୁଷ୍ଠିତ ହୋଇଥାଏ। ଏହି ତିନିଦିନ ପ୍ରତ୍ୟହ ସନ୍ଧ୍ୟାଧୂପ ବଢ଼ିଲେ ମଦନମୋହନ ଜଗମୋହନ ସିଂହାସନ ଉପରେ ବିଜେ କରନ୍ତି। ସେଠାରେ ସର୍କରା, କୋରା ଆଦି ଭୋଗ ପାମଣୋହୀ ହୋଇ ବନ୍ଦାପନା କରାଯାଏ। ଏହାକୁ ରାସନୀତି ବୋଲି କୁହାଯାଏ। ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ରାସଲୀଳା ନୀତି ଅନୁଷ୍ଠିତ ହୋଇଥିଲା।